

କ୍ରିକେଟ-ରାଜନୀତିର ମହାମିଳନ

ଜୀବନ ସାଥୀ ହେବେ ରିଙ୍କୁ-ପ୍ରିୟା

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-203 ◆BHUBANESWAR ◆SATURDAY ◆18 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୦୩ ◆ଭୁବନେଶ୍ୱର ◆ଶନିବାର ◆୧୮ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


**ତାମିଲନାଡୁରେ ଜଲ୍ଲିକଟ୍ଟୁ**

## ଦିନକରେ ୭ ମୃତ, ୪୦୦ ଆହତ



■ **ଚେନ୍ନଇ, ୧୭।୧ (ଏଜେନ୍ସି):** ପୋଙ୍ଗଲ ଅବସରରେ ଗୁରୁବାର ତାମିଲନାଡୁର ବିଭିନ୍ନ ସ୍ଥାନରେ ବିପଜ୍ଜନକ ଖେଳ ଜଲ୍ଲିକଟ୍ଟୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଷଣ୍ଢ ଆକ୍ରମଣରେ ମୁଦରାଇ ଏବଂ ଶିବଗଙ୍ଗା ଜିଲ୍ଲାରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ୪୦୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ୨ ଷଣ୍ଢ ମଧ୍ୟ ପ୍ରାଣ ହରାଇଛନ୍ତି। ତେବେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଧିକାଂଶ ଷଣ୍ଢର ମାଲିକ କିମ୍ବା ଦର୍ଶକ ସାମିଲ ଅଛନ୍ତି। କେବଳ ଜଣେ ଖେଳାଳି ଶିରବୟାୱଲ ମଞ୍ଜୁଭିରାଟୁଙ୍କ ମୃତ୍ୟୁ ହୋଇଛି। ସେ ଶିବଗଙ୍ଗା ଜିଲ୍ଲାର ବାସିନ୍ଦା ଥିଲେ। ଷଣ୍ଢ ଆକ୍ରମଣ ପରେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାମିଲନାଡୁ ପୁଲିସ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଗୁରୁବାର କାନ୍ନୁମ ପୋଙ୍ଗଲ ଥିଲା। ଏହି ଦିନ ପ୍ରାୟ ସବୁଠି ଜଲ୍ଲିକଟ୍ଟୁର ଆୟୋଜନ ▶ପୃଷ୍ଠା-୭

**ଜମି ଦୁର୍ନୀତି ମାମଲା**

## ଇମ୍ରାନ ଖାନ୍‌ଙ୍କୁ ୧୪ ବର୍ଷ ଜେଲ୍‌ଦଣ୍ଡ



**ପତ୍ନୀ ବୁଶରାଙ୍କୁ ୭ ବର୍ଷ**

■ **ଇସଲାମାବାଦ, ୧୭।୧ (ଏଜେନ୍ସି):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ (୭୨) ଏବଂ ତାଙ୍କ ପତ୍ନୀ ବୁଶରା ବିବି (୫୦) ଙ୍କ ସମସ୍ୟା କମ୍ ହେବାର ନା ଧରୁନି। ଦୁର୍ନୀତି ମାମଲାରେ ଦୀର୍ଘ ଦିନ ହେଲା ଜେଲ୍‌ରେ ଥିବା ଇମ୍ରାନଙ୍କୁ ଏବେ ଆଉ ଏକ କେସ୍‌ରେ ଦଣ୍ଡ ମିଳିଛି। ରାଷ୍ଟ୍ରୀୟ ପାଣ୍ଠିରୁ ୫୦ ବିଲିୟନ ପାକିସ୍ତାନୀ ଟଙ୍କା କ୍ଷତି କରିବା ସମ୍ବନ୍ଧିତ ଦୁର୍ନୀତି ମାମଲାରେ ଇମ୍ରାନଙ୍କୁ ୧୪ ବର୍ଷ ଏବଂ ବୁଶରାଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ ହୋଇଛି। ବୁଶରାଙ୍କ ଅଲ-କାଦିର ଟ୍ରଷ୍ଟ ପାଇଁ ଉଭୟେ ପାକିସ୍ତାନ ସରକାରଙ୍କ କୋଟି କୋଟି ଟଙ୍କାର ଜମିକୁ ଶସ୍ତାରେ ବିକ୍ରି କରିଦେଇଥିଲେ। ଏହି ମାମଲାରେ ୨୦୨୩ ମେ' ୯ରେ ଇମ୍ରାନଙ୍କୁ ଗିରଫ କରାଯାଇଥିଲା। ▶ପୃଷ୍ଠା-୭

**ଶ୍ରମିକଙ୍କ ସୁରକ୍ଷାକୁ ଡାଲମିଆ ସିମେଣ୍ଟ କମ୍ପାନୀର ଅଣଦେଖା**

# କୋଇଲା ପାହାଡ଼ ତଳେ ଏବେବି ଅନେକ ଶ୍ରମିକ



**କାରଖାନାର ବଏଲର ଓ ପାୱାର ପ୍ଲାଣ୍ଟ ବନ୍ଦ ପାଇଁ ନୋଟିସ**

**କାରଖାନା ଭିତରେ ଧସେଇ ପଶିଲେ ଉତ୍ତ୍ୟକ୍ତ ଶ୍ରମିକ, ସ୍ଥାନୀୟ ଲୋକ**

**ତିନିଜଣ ଶ୍ରମିକ ନିଖୋଜ ଥିବା ସୂଚନା ଦେଲେ କାରଖାନା କର୍ତ୍ତୃପକ୍ଷ**

■ **ରାଉରକେଲା, ୧୭।୧(ସମିସ):** ଗତକାଲି ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କାରଖାନାର କୋଇଲା ବଙ୍କର ଧସିବା ଘଟଣାର ୩୦ ଘଣ୍ଟା ବିତିଛି। ମାତ୍ର ଏହି ଘଟଣାରେ ବାସ୍ତବରେ କେତେ ଲୋକ ମୃତାହତ ହୋଇଛନ୍ତି, ତାହା ବିସ୍ତୃତ ତଥ୍ୟ ମିଳିନାହିଁ। କାରଖାନା କର୍ତ୍ତୃପକ୍ଷ କୋଇଲା ହପର୍ ଭୁଶୁଡ଼ିବା ଘଟଣାରେ ୩ ଜଣ ନିଖୋଜ ଥିବା ସୂଚନା ଦେଉଥିବାବେଳେ ବାସ୍ତବରେ କେତେଜଣ ନିଖୋଜ ହୋଇଛନ୍ତି, ତାହାର ପୂର୍ଣ୍ଣାଙ୍ଗ ତଥ୍ୟ ମିଳିପାରିନାହିଁ। ଅନ୍ୟପକ୍ଷରେ ଦୁର୍ଘଟଣା ବେଳେ ଅନେକ ଶ୍ରମିକ କାମ କରୁଥିଲେ ଓ ସେମାନଙ୍କ ପତ୍ତା ମିଳୁନାହିଁ ବୋଲି ଶ୍ରମିକ ସଙ୍ଗଠନ ଓ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ସ୍ଥାନୀୟ ପ୍ରଶାସନ କାରଖାନାର ବଏଲର ଓ ପାୱାର ପ୍ଲାଣ୍ଟ ବନ୍ଦ କରିବାକୁ ନୋଟିସ ଜାରି କରିଛନ୍ତି। ଏହା ସତ୍ତ୍ୱେ କାରଖାନା ବିରୋଧରେ ଲୋକଙ୍କ ରୋଷ କମିନାହିଁ। ଉତ୍ତ୍ୟକ୍ତ ଲୋକମାନେ କାରଖାନା ଭିତରକୁ ଧସେଇ ପଶି ନିଜ ସମ୍ପର୍କୀୟ ଓ ସାଥୀ ଶ୍ରମିକମାନଙ୍କୁ ଖୋଜିବାକୁ ଉଦ୍ୟମ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କାରଖାନାର ଲାଇନ-୨ ପାୱାର ପ୍ଲାଣ୍ଟରେ ଗତକାଲି କୋଇଲା ବଙ୍କର ଧସିବା ଘଟଣାର ଇତି ମଧ୍ୟରେ ୩୦ ଘଣ୍ଟା ଅତିକ୍ରାନ୍ତ ହୋଇଯାଇଛି। ୫ଶହ ଟନରୁ ଊର୍ଦ୍ଧ୍ୱ କୋଇଲା ଗଦାକୁ ▶ପୃଷ୍ଠା-୭

**ମଧ୍ୟାହ୍ନଭୋଜନରେ ପିଲାଙ୍କୁ କ୍ଷୀର ପ୍ରଦାନ ନିଷ୍ପତ୍ତି**

# ଏତେ କ୍ଷୀର ଆସିବ କେଉଁଠୁ ?



**ଦୈନିକ ଆବଶ୍ୟକ ହେବ ୧୦.୪ ଲକ୍ଷ ଲିଟର ଦୁଗ୍ଧ**

**ଦୁଗ୍ଧ ସହ ଅଣ୍ଡା ମିଳିବ କି ନାହିଁ ହୋଇନି ନିଷ୍ପତ୍ତି**

■ **ଭୁବନେଶ୍ୱର, ୧୭।୧ (ସମିସ):** ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କର ଆବଶ୍ୟକ ଖାଦ୍ୟ ପୋଷଣ ପୂରଣ ପାଇଁ ସପ୍ତାହରେ ପିଲାଙ୍କୁ ଦୁଇଥର ୨ଶହ ମିଲିଗ୍ରାମ୍ ଲେଖାଁଏ କ୍ଷୀର ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହା ସାରା ଓଡ଼ିଶାରେ ଲାଗୁ ହେବ ବୋଲି ପଶୁ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ସରକାରଙ୍କ ଏହି ଯୋଜନାକୁ ସବୁ ମହଲରେ ସ୍ୱାଗତ କରାଯାଉଛି। ମାତ୍ର ଏହାର ସଫଳ ରୂପାୟନକୁ ନେଇ ଉଠିଛି ପ୍ରଶ୍ନ। ରାଜ୍ୟରେ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଉଥିବା ପିଲାଙ୍କୁ କ୍ଷୀର ବଣ୍ଟନ ଯେତିକି ଆହ୍ୱାନପୂର୍ଣ୍ଣ, ଏତେ ପରିମାଣର କ୍ଷୀର କେଉଁଠୁ ଆସିବ ତାହା ସବୁଠାରୁ ବଡ଼ ପ୍ରଶ୍ନ।

ପରିସଂଖ୍ୟାନ ଅନୁସାରେ ଓଡ଼ିଶାରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଥିବା ପ୍ରଥମରୁ ୮ମ ଶ୍ରେଣୀ ପିଲାଙ୍କ ସଂଖ୍ୟା ପ୍ରାୟ ୫୨ ଲକ୍ଷ। ଏତେ ପରିମାଣ ପିଲାଙ୍କୁ ଗୋଟିଏ ଦିନ ୨୦୦ ମିଲିଲିଟର ଲେଖାଁଏ କ୍ଷୀର ଦେବା ନିମନ୍ତେ ଦୈନିକ ୧୦.୪ ଲକ୍ଷ ଲିଟର ଆବଶ୍ୟକ ପଡ଼ିବ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ୨୦୨୨ରେ ରାଜ୍ୟରେ ଦୈନିକ ୬୬ ଲକ୍ଷ ଲିଟର କ୍ଷୀର ଉତ୍ପାଦିତ ହେଉଛି ଓ ବର୍ତ୍ତମାନ ଏହି ପରମାଣ ୭୦ ଲକ୍ଷ ଅତିକ୍ରମ କରିଥିବା କୁହାଯାଉଛି। ମାତ୍ର ଏତିକି ପରିମାଣର କ୍ଷୀର ରାଜ୍ୟର ଚାହିଦା ପୂର୍ଣ୍ଣତଃ ଭରଣା କରିବାକୁ ସକ୍ଷମ ନୁହେଁ। ଅନ୍ୟାନ୍ୟ ରାଜ୍ୟରୁ ଗୁଣ୍ଡ ଦୁଗ୍ଧ ବ୍ୟତୀତ ଦୈନିକ ଆନ୍ଧ୍ରପ୍ରଦେଶରୁ ମଧ୍ୟ ବହୁ କ୍ଷୀର ଓଡ଼ିଶାକୁ ଆମଦାନୀ ହେଉଛି। ରାଜ୍ୟ ସରକାରଙ୍କ ପାଖରେ ଏହାର ସମ୍ପୂର୍ଣ୍ଣ ତଥ୍ୟ ଅଛି ଓ ବିଭାଗୀୟ ମନ୍ତ୍ରୀ ମଧ୍ୟ ସେ ସମ୍ପର୍କରେ ଅବଗତ ଥିବେ। ଏହା ସତ୍ତ୍ୱେ ମଧ୍ୟାହ୍ନ ଭୋଜନରେ କ୍ଷୀର ପ୍ରଦାନ ସଂକ୍ରାନ୍ତରେ ଘୋଷଣା ପଛରେ ଅନ୍ୟ କିଛି ଯୋଜନା ଥାଇପାରେ ବୋଲି କୁହାଯାଉଛି।

ଏବେ ଆମ ରାଜ୍ୟରେ ଦୈନିକ ୫୨ ଲକ୍ଷ ପିଲା ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ଏତିକି ସଂଖ୍ୟକ ପିଲାଙ୍କୁ ସପ୍ତାହକୁ ଦୁଇଥର କ୍ଷୀର ଯୋଗାଇ ଦେବା ପାଇଁ ମାସରେ ପ୍ରାୟ ୮୩ ଲକ୍ଷ ଲିଟର କ୍ଷୀର ଲୋଡ଼ା। ଆମ ରାଜ୍ୟରେ ଦୈନିକ ଉତ୍ପାଦିତ କ୍ଷୀରରୁ ୧୫ଲକ୍ଷ ଲିଟର ବିଭିନ୍ନ ଓମ୍‌ଫେଡ୍ ଭଳି ବିଭିନ୍ନ ଡାଏରୀ ଫାର୍ମ କିଣି ନେଉଛନ୍ତି। ବାକି ୫୫ ଲକ୍ଷ ଲିଟର କ୍ଷୀର ମଧ୍ୟରୁ ଚାଷୀମାନେ ବ୍ୟକ୍ତିଗତ ଉଦ୍ୟମରେ କିଛି କ୍ଷୀର ବିକ୍ରି କରୁଛନ୍ତି। ଅବଶିଷ୍ଟ କ୍ଷୀରରେ ଛେନା, ପନୀର୍, ଦହି, ଘିଅ ଆଦି ପ୍ରସ୍ତୁତ ହେଉଛି। ହଷ୍ଟେଲ୍, ହସ୍ପିଟାଲ୍ ଆଦିକୁ ଯୋଗାଣ ହେବା ସହ ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଲୋକମାନେ ସିଧାସଳଖ ଚାଷୀଠାରୁ କିଣି ବ୍ୟବହାର କରୁଛନ୍ତି। ତେବେ ମଧ୍ୟାହ୍ନ ଭୋଜନରେ କ୍ଷୀର ଯୋଗାଇ ଦେବା ନିମନ୍ତେ ଏତିକି ଉତ୍ପାଦିତ କ୍ଷୀର ଯଥେଷ୍ଟ ନୁହେଁ। ତେଣୁ ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ ଖୋଦ୍ ଦୁଗ୍ଧଚାଷୀମାନେ ସ୍ୱୀକାର ▶ପୃଷ୍ଠା-୭

## ମନୁ, ଗୁକେଶ, ହରମନ୍‌ପ୍ରୀତ ଓ ପ୍ରବୀଣଙ୍କୁ ଖେଳରତ୍ନ



■ **ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଦେଶ ପାଇଁ ଗୌରବ ଆଣିଦେଇଥିବା ୪ ଜଣ କ୍ରୀଡ଼ାବିତ୍‌ଙ୍କୁ ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖେଳରତ୍ନ ସମ୍ମାନ ସହ ୩୪ଜଣ ଖେଳାଳିଙ୍କୁ ଅର୍ଜ୍ଜୁନ ପୁରସ୍କାର ଓ ୫ ଜଣ ପ୍ରଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରିଛନ୍ତି। ବିଶ୍ୱର ସର୍ବକନିଷ୍ଠ ଚେସ୍ ଚାମ୍ପିଅନ ଡି ଗୁକେଶ, ପ୍ୟାରିସ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ମହିଳା ସୁଟର ମନୁ ଭାକର, ଅଲିମ୍ପିକ୍ସ କାଂସ୍ୟ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳ ଅଧିନାୟକ ହରମନପ୍ରୀତ ସିଂହ ଓ ପାରା ▶ପୃଷ୍ଠା-୭

## ୩୧ରୁ ସଂସଦର ବଜେଟ ଅଧିବେଶନ

**ଫେବୃଆରୀ ୧ରେ ବଜେଟ ଉପସ୍ଥାପନ**

■ **ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଜାନୁଆରୀ ୩୧ରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଏହା ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ସେହିଦିନ ହିଁ ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଏହାର ଦିନକ ପରେ ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଷ୍ଟମଥର ପାଇଁ ବଜେଟ ଉପସ୍ଥାପନ କରିବେ। ବଜେଟ ଆଗତ ପରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଉଭୟ ଗୃହରେ ଚର୍ଚ୍ଚା ହେବ। ଲୋକସଭା ଏବଂ ରାଜ୍ୟସଭାକୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ସହ ଏହି ଅଧିବେଶନ ଶେଷ ହେବ। ଫେବୃଆରୀ ୧୪ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ସଂସଦ ବନ୍ଦ ରହିବ। ପରେ ମାର୍ଚ୍ଚ ୧୦ରୁ ଦ୍ୱିତୀୟ ▶ପୃଷ୍ଠା-୭

**ଓଡିଶା-ସିଙ୍ଗାପୁର ମଧ୍ୟରେ ୮ ବୁଝାମଣାପତ୍ର ସ୍ୱାକ୍ଷରିତ**

## ଓଡ଼ିଶାର ଭିତ୍ତିଭୂମି ବିଶ୍ୱସ୍ତରୀୟ: ଶନ୍‌ମୁଗରତ୍ନମ୍



**ବିକଶିତ ଓଡିଶା ପାଇଁ ମାର୍ଗ ପ୍ରଶସ୍ତ ହେବ: ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର, ୧୭।୧ (ସମିସ):** ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ୬ ବର୍ଷ ଧରି ସହଯୋଗ କରି ଆସୁଥିବା ସିଙ୍ଗାପୁର ଏହି ଧାରାକୁ ବଜାୟ ରଖିବାର ପ୍ରତିଶ୍ରୁତିକୁ ପୁଣି ଦୋହରାଇଛି। ଏକ ସମୃଦ୍ଧ ଓଡିଶା ଗଠନରେ ପୂର୍ବ ସ୍ଥିରୀକୃତ ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ସରକାରଙ୍କ ଯୋଗଦାନକୁ ସ୍ୱୀକୃତି ମିଳିଛି। ଏହିକ୍ରମରେ ଶୁକ୍ରବାର ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ୍ ଶନ୍‌ମୁଗରତ୍ନମ୍‌ଙ୍କ ଉପସ୍ଥିତିରେ ଓଡ଼ିଶା ଓ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଓଡିଶାରେ ସ୍ଥାପନ ହୋଇଥିବା ବିଶ୍ୱସ୍ତରୀୟ ଭିତ୍ତିଭୂମି ବାସ୍ତବରେ ଅଭୂତପୂର୍ବ ବୋଲି ଶ୍ରୀ ଶନ୍‌ମୁଗରତ୍ନମ ଉଲ୍ଲେଖ କରି ଏକ ସୁଦକ୍ଷ ଓଡିଶା ଗଠନ ପାଇଁ ଏହା ବଳ ଯୋଗାଇବ ବୋଲି କହିଛନ୍ତି। ଆମେ ଦୀର୍ଘଦିନ ଧରି ଏହି ରାଜ୍ୟ ସହିତ କାର୍ଯ୍ୟ କରି ଆସୁଛୁ ଓ ଏହି ସମ୍ପର୍କକୁ ଆହୁରି ଆଗକୁ ବଢ଼ାଇବା ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ▶ପୃଷ୍ଠା-୭

## ସୁନ୍ଦରଗଡ଼ରେ ଲଜ୍ଜା!

**ଟୁସୁମେଳାରୁ ଟେକିନେଇ ନାବାଳିକାକୁ ଗଣଦୁଷ୍କର୍ମ**

**ଜିଲ୍ଲାରେ ବଢ଼ି ଚାଲିଛି ନାରୀବିରୋଧୀ ହିଂସା**

**୪ ମାସରେ କେବଳ ରାଉରକେଲାରେ ୧୨ ଦୁଷ୍କର୍ମ ମାମଲା**

■ **ରାଉରକେଲା, ୧୭।୧ (ସମିସ):** ଧନୁଯାତ୍ରା ଦେଖିବାକୁ ଯାଇଥିବା ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ ଅଭିଯୋଗରେ ବରଗଡ଼ ଜିଲ୍ଲା ଉଠୁଛି ପଡୁଛି। ଏପରି ସ୍ଥିତିରେ ଆଜି ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅଞ୍ଚଳରୁ ସମାନଧରଣର ଏକ ଅଭିଯୋଗ ଆସିବା ପରେ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ବିଶ୍ରା ଥାନା ଅଧୀନ ତେତରକେଲାରେ ଚାଲିଥିବା ଟୁସୁ ମେଳାରୁ ଜଣେ ନାବାଳିକାଙ୍କୁ ଟେକିନେଇ ଅନ୍ୟତ୍ର ଗଣଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ବିଶ୍ରା ପୁଲିସ୍ ଏନେଇ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ୫ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଜଣାଯାଇଛି।

ସୂଚନାନୁଯାୟୀ, ପ୍ରତିବର୍ଷ ପରି ଗତକାଲି ବିଶ୍ରା ଥାନା ଅଧୀନ ତେତରକେଲାରେ ମକର ସଂକ୍ରାନ୍ତି ପର୍ବ ପାଳନ ଅବସରରେ ଟୁସୁ ମେଳନ ପର୍ବ ଓ ନୃତ୍ୟଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମେଳା ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଶତାଧିକ ସଂଖ୍ୟାରେ ଲୋକ ସମାଗମ ହୋଇଥିଲେ। କେ. ବଲାଙ୍ଗ ଅଞ୍ଚଳରୁ ଜଣେ ନାବାଳିକା ଗତକାଲି ତେତରକେଲାରେ ଚାଲିଥିବା ଟୁସୁ ମେଳା ଦେଖିବାକୁ ଆସିଥିଲା। ତେବେ ୫ ଜଣ ଯୁବକ ▶ପୃଷ୍ଠା-୭

# ୨୦ରେ ଧାଡ଼ି ଦର୍ଶନକୁ ନେଇ ଅନିଶ୍ଚିତତା

## ଏଯାଏ ମିଳିନି ଶ୍ରୀମନ୍ଦିର ହୁଣ୍ଡି ସ୍ଥାନାନ୍ତର ଅନୁମତି



**ମାର୍ଚ୍ଚ ୧୬ ସୁଦ୍ଧା ରତ୍ନଭଣ୍ଡାର ମରାମତି ସାରିବାକୁ ଲକ୍ଷ୍ୟ**

■ **ପୁରୀ, ୧୭।୧ (ସମିସ):** ଶ୍ରୀମନ୍ଦିର ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ତାରିଖ ଗଡ଼ି ଚାଲିଛି। କେତେବେଳେ ଟ୍ରାଏଲ-ରନ୍ ପରେ ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି ତ ପୁଣି କେତେବେଳେ ବିନା ଟ୍ରାଏଲରେ ଏହା ଆରମ୍ଭ ହେବ ବୋଲି କୁହାଯାଉଛି। ଏହି ପ୍ରସଙ୍ଗରେ ଆଇନ ମନ୍ତ୍ରୀ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ କଥାରେ ତାଳମେଳ ରହୁନାହିଁ।

ନିକଟରେ ଆଇନ ମନ୍ତ୍ରୀ ବିନା ଟ୍ରାଏଲ-ରନ୍‌ରେ ଜାନୁଆରୀ ୨୦ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି କହିଥିଲେ। କିନ୍ତୁ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଏ ପର୍ଯ୍ୟନ୍ତ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର ନେଇ କୌଣସି ଅନୁମତି ଆସିନାହିଁ। ରାଜ୍ୟ ସରକାରଙ୍କ ଅନୁମତିକୁ ଅପେକ୍ଷା କରିଛୁ, ଯାହା ନିଷ୍ପତ୍ତି ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ। କେବେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ନାଟମଣ୍ଡପରେ ହୁଣ୍ଡି ସ୍ଥାନାନ୍ତର ପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ମାଗିଛୁ। ଶ୍ରୀମନ୍ଦିର ଆଇନରେ ଥିବା ପ୍ରାବଧାନ ଅନୁଯାୟୀ, ପରିଚାଳନା କମିଟିର ସୁପାରିସ ଆଧାରରେ ଅନୁମତି ମିଳିଥାଏ। ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରିଛୁ। ଜିଲ୍ଲାପାଳ, ମୁଖ୍ୟ ପ୍ରଶାସକ ଏବଂ ନୀତି ପ୍ରଶାସକଙ୍କ ସ୍ତରରେ ବିଭିନ୍ନ ସମୟରେ ଆଲୋଚନା, ପର୍ଯ୍ୟାଲୋଚନା କରାଯାଉଛି। ଯାହା ବି ନୂଆ ବ୍ୟବସ୍ଥା ହେବ, ତାହା ମହାପ୍ରଭୁଙ୍କ କୃପାରୁ ନିର୍ବିଘ୍ନରେ ହେଉ। ପରୀକ୍ଷାମୂଳକ ଭାବେ ଲାଗୁ କଲା ପରେ ନୀତିନିର୍ଘଣ୍ଟରେ ଯେପରି କୌଣସି ଅସୁବିଧା ନ ହେବ ତାହାକୁ ସର୍ବାଧିକ ଗୁରୁତ୍ୱ ଦେଉଛୁ। ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଆସିବା ପରେ କାର୍ଯ୍ୟକାରୀ ହେବ। ଟ୍ରାଏଲ-ରନ୍ ସମ୍ପର୍କରେ କିଛି କହିପାରିବି ନାହିଁ ବୋଲି କହିଥିଲେ ମୁଖ୍ୟ ପ୍ରଶାସକ।

ସେହିପରି ରତ୍ନଭଣ୍ଡାର ମରାମତି ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଥିଲେ, ରତ୍ନଭଣ୍ଡାରର ସଂରକ୍ଷଣ ଏବଂ ମରାମତି କାମ ଜାରି ରହିଛି। ମରାମତି ବେଳେ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନରେ ଯେପରି କୌଣସି ଅସୁବିଧା ନ ହୁଏ, ତାହାକୁ ନଜରରେ ରଖାଯାଇଛି। ନୀତି ବହୁଳ ଥିଲେ କମ୍ ସମୟ ମିଳୁଛି। ଏଏସ୍‌ଆଇ ଅଧିକାରୀ ଏଥିରେ ସହଯୋଗ କରୁଛନ୍ତି। ପ୍ରତିଦିନ ନିୟମିତ ଭାବେ କାମ ଚାଲିଛି। ମାର୍ଚ୍ଚ ୧୬ ସୁଦ୍ଧା ସେମାନେ କାମ ସାରିବେ ବୋଲି କହିଛନ୍ତି।

## ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କ ଅବସର



**ଜଷ୍ଟିସ୍ ଅରିନ୍ଦମ ସିହ୍ନା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି**

■ **କଟକ, ୧୭।୧ (ସମିସ):** ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ କାର୍ଯ୍ୟକାଳ ଆସନ୍ତା ୧୯ ତାରିଖରେ ଶେଷ ହେଉଛି। ତାଙ୍କ ସ୍ଥାନରେ ବରିଷ୍ଠ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନାଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇକୋର୍ଟରେ ଆଜି ଜଷ୍ଟିସ୍ ଶରଣ ସିଂହଙ୍କ ଶେଷ କାର୍ଯ୍ୟ ଦିବସ ଥିଲା। ଏହି ଉପଲକ୍ଷେ ହାଇକୋର୍ଟଙ୍କ ପୂର୍ଣ୍ଣ ପୀଠରେ ▶ପୃଷ୍ଠା-୭

## ୫ ହଜାର ଟଙ୍କା ବଢ଼ିଲା କନିଷ୍ଠ ଶିକ୍ଷକଙ୍କ ଦରମା

**ଉପକୃତ ହେବେ ୧୩, ୭୪୦ ଶିକ୍ଷକ**

**ଭୁବନେଶ୍ୱର, ୧୭ ।୧(ସମିସ):** କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ବଢ଼ିଲା ଦରମା । ପ୍ରାୟ ୫ ହଜାର ଟଙ୍କା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ପୂର୍ବରୁ ସେମାନେ ୧୧,୧୦୦ ଟଙ୍କା ପାଉଥିବା ବେଳେ ଏବେ ୧୬,୦୦୦ ଟଙ୍କା ପାଇବେ । ସେହିପରି ଇପିଏଫ୍ ଅନୁଦାନ ମଧ୍ୟ ବୃଦ୍ଧି ପାଇଛି । ଇପିଏଫ୍ ରାଶି ୧୪୪୩ ଟଙ୍କାରୁ ୧୯୫୦ ଟଙ୍କାକୁ ବଢ଼ିଛି । ଏହି ନିଷ୍ପତ୍ତି ପରେ ସରକାର ଶିକ୍ଷକଙ୍କ ପିଛା ପୂର୍ବରୁ ୧୨,୫୪୩ ଟଙ୍କା ପ୍ରଦାନ କରୁଥିବା ବେଳେ, ଏବେ ମାସକୁ ୧୭, ୯୫୦ ଟଙ୍କା ପ୍ରଦାନ କରିବେ । ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୧୩,୭୪୦ଜଣ ସ୍କିମାଟିକ୍ କନିଷ୍ଠ ଶିକ୍ଷକ ଉପକୃତ ହେବେ । ଏଥିପାଇଁ ବର୍ଷକୁ ଅତିରିକ୍ତ ଭାବେ ୮୯.୧୫ କୋଟି ଟଙ୍କା ଖର୍ଚ୍ଚ ହେବ । ଏହାକୁ ରାଜ୍ୟ ସରକାର ବହନ କରିବେ । ଏ ସମ୍ପର୍କିତ ପ୍ରସ୍ତାବକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିବା ସହ ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆସିବ ବୋଲି କହିଛନ୍ତି ।

# ବିହାରରେ ୪ ଓଡ଼ିଆ ଯୁବତୀ ପଣବନ୍ଦୀ

**ଭୁବନେଶ୍ୱରରେ କାମ ଦେବାକୁ କହି ବିହାରରେ ନଚାଉଛନ୍ତି**

**ରାଜନଗର, ୧୭ ।୧ (ସମିସ):** ଓଡ଼ିଶାର ୪ଜଣ ଯୁବତୀ ବିହାରରେ ଫସି ରହିଛନ୍ତି । ସେଠାରେ ସେମାନଙ୍କୁ ମାଡ଼ ମରାଯିବା ସହ ଅକଥନୀୟ ନିର୍ଯାତନା ଦିଆଯାଉଛି । ଭୁବନେଶ୍ୱରରେ ଏକ ବିସ୍କୁଟ୍ କମ୍ପାନୀରେ କାମ ଦେବାକୁ କହି ତାଙ୍କୁ ବିହାରରେ ଅର୍କେଷ୍ଟାରେ ନଚେଇବା ସହ ପଣବନ୍ଦୀ କରି ରଖାଯାଇଛି । ୩ଜଣ ଯୁବତୀ ସେମାନଙ୍କ କବଳରୁ କୌଶଳକ୍ରମେ ଖସି ଆସିଥିବା ବେଳେ ରାଜନଗର ଥାନା ଅଞ୍ଚଳର ଜଣେ ଯୁବତୀ ଓ ସାଲେପୁର ଅଞ୍ଚଳର ୩ଜଣ ଯୁବତୀ ଏବେ ବି ସେଠାରେ ଫସି ରହିଛନ୍ତି । ସେମାନଙ୍କୁ ପରିବାରଲୋକଙ୍କ ସହ କଥାବାର୍ତ୍ତା କରିବାକୁ ଦିଆଯାଉ ନଥିବା ବେଳେ ନିର୍ଯାତନା ଦିଆଯାଉଥିବା ପରିବାରଲୋକ ଅଭିଯୋଗ କରିଛନ୍ତି ।

ରାଜନଗର ବ୍ଲକ୍ ସାନବଡ଼ଗୋପାଳପୁର ପଞ୍ଚାୟତ ଅଞ୍ଚଳର ଶରତ ଚନ୍ଦ୍ର ଦାସଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଓ ଝିଆରୀ (ଉଭୟଙ୍କ ବୟସ ୧୯ବର୍ଷ)ଙ୍କୁ ଭୁବନେଶ୍ୱରରେ ଏକ ବିସ୍କୁଟ୍ କମ୍ପାନୀରେ କାମ ଦେବାକୁ କହି ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କାନପୁର ଗାଁର ଦଲାଲ ଶଙ୍କର ଭଞ୍ଜ ଗତ ଅକ୍ଟୋବରରେ ନେଇଥିଲେ । କହିବା ମୁତାବକ ଭୁବନେଶ୍ୱରର ଏକ ବିସ୍କୁଟ୍ ଫ୍ୟାକ୍ଟ୍ରିରେ ତିନିଦିନ କାମ କରାଇଥିଲେ । କିନ୍ତୁ ପରେ କମ୍ପାନୀର ନୂଆ ଫ୍ୟାକ୍ଟ୍ରିରେ କାମ କରିବାକୁ କହି ବିହାରକୁ ନେଇଯାଇଥିଲେ । ସେଠାରେ ସଞ୍ଜୟ ଭୁବନ ନାମକ ଜଣେ ବ୍ୟକ୍ତିଙ୍କ ନିକଟରେ ଝିଅ, ଝିଆରୀ ଓ ସାଲେପୁର ଅଞ୍ଚଳର ୪ ଜଣ ଯୁବତୀଙ୍କୁ ଛାଡ଼ି ଦେଇ ଚାଲିଆସିଥିଲା । ଶଙ୍କର ସେଠାରୁ ଚାଲି ଆସିବା ପରେ ବିହାରର ସଞ୍ଜୟ ଭୁବନ ସେମାନଙ୍କୁ ଅର୍କେଷ୍ଟା ପାର୍ଟିରେ ନିୟୋଜିତ କରିଥିଲା । ଯୁବତୀମାନେ ପ୍ରତିବାଦ କରିବା ସହ ଶଙ୍କରଙ୍କୁ ଏ ବାବଦରେ ଜଣାଇଥିଲେ ମଧ୍ୟ କିଛି ଲାଭ ହୋଇନଥିଲା । ତେଣୁ ବାଧ୍ୟ ହୋଇ ସେମାନେ ସେଠାରେ କାମ କରିଥିଲେ । ତେବେ ଅର୍କେଷ୍ଟାରେ ଗୀତ ଖୋଳିବାଠାରୁ ନାଚିବା ଯାଏଁ କାମରେ ଯୁବତୀମାନଙ୍କୁ ନିୟୋଜିତ କରାଯିବା ସହ ବିଭିନ୍ନ ପ୍ରକାର ନିର୍ଯାତନା ଦିଆଯାଉଛି । ସେମାନଙ୍କ ମୋବାଇଲ୍ ଛଡ଼ାଇନେବା ସହ ବାହାରକୁ ଛଡ଼ାଯାଉନାହିଁ । ସେମାନଙ୍କ ଉପରେ ୨୪ ଘଣ୍ଟିଆ ନଜର ରଖାଯାଉଛି ।

ତେବେ ୧୨ତାରିଖ ରାତିରେ ଦିନ ଶରତଙ୍କ ଝିଅ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଆସି ଟ୍ରେନ୍ ଯୋଗେ ଭୁବନେଶ୍ୱର ଆସିଥିଲେ । ଗତକାଲି ଭୁବନେଶ୍ୱରରେ ପହଞ୍ଚିବା ପରେ ପରିବାରଲୋକେ ସେଠାରୁ ତାଙ୍କୁ ଘରକୁ ଆଣିଥିଲେ । ତାଙ୍କ ସହ ଆଉ ୨ଜଣ ଖସି ଆସିଥିବା ବେଳେ ଭଉଣୀ ଓ ସାଲେପୁର ଅଞ୍ଚଳର ୩ଜଣ ଯୁବତୀଙ୍କୁ ସେଠାରେ ପଣବନ୍ଦୀ କରି ରଖାଯାଇଛି । ଏନେଇ ଶରତ ରାଜନଗର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ । ମାତ୍ର ପୁଲିସ୍ ତାଙ୍କ ଅଭିଯୋଗକୁ ଗ୍ରହଣ ନକରି ଫେରାଇ ଦେଇଥିଲା । ଘଟଣା ବିହାରରେ ଘଟିଥିବା କହି ପୁଲିସ୍ ଏତଲା ରଖିନଥିବା ଶରତ କହିଛନ୍ତି । ଆଜି ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା ଅଭିଯୋଗକାରୀଙ୍କୁ ଡକାଇ ଏତଲା ଗ୍ରହଣ କରିବା ସହ ନିର୍ଯାତିତ ଓ ଏକପ୍ରକାର ବନ୍ଦୀ ହୋଇ ଥିବା ଯୁବତୀମାନଙ୍କୁ ଫେରାଇ ଆଣିବା ପାଇଁ ତଦନ୍ତ ଆରମ୍ଭ କରିଛନ୍ତି । ଶରତ ଜଣେ ଗରିବ ଦଳିତ ସମ୍ପ୍ରଦାୟର ହୋଇଥିବାରୁ ଝିଆରୀକୁ ଫେରାଇ ଆଣିବା ପାଇଁ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି ।

## ତାମିଲନାଡୁରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବଲାଙ୍ଗିର, ୧୭ ।୧(ସମିସ):** ତାମିଲନାଡୁରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ବଲାଙ୍ଗିର ସହର ଉପକଣ୍ଠ ବିଜାଖମନ ଅଞ୍ଚଳର ଝସକେତନ ମାଝୀ(୨୧) ।



ମାସେ ତଳେ ଝସକେତନଙ୍କୁ ଖପ୍ରାଖୋଲ ଅଞ୍ଚଳର ଦାଦନ ସର୍ଦ୍ଦାର ତାମିଲନାଡୁ ନେଇ ଯାଇଥିଲା । ସେଠାରେ ସବୁ କିଛି ଠିକ୍ ଠାକ୍ ଚାଲିଥିବା ବେଳେ ଶୁକ୍ରବାର ହଠାତ୍ ତାଙ୍କର ମୃତ୍ୟୁ ଖବର ପହଞ୍ଚିଛି । ଏହାକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି । ଝସକେତନଙ୍କୁ ସେଠାରେ ହତ୍ୟା କରାଯାଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି । ଖବର ପାଇ ଟାଉନ୍ ଥାନା ପୁଲିସ୍, ଶ୍ରମିକ କାର୍ଯ୍ୟାଳୟ ଅଧିକାରୀ ଓ ଆଦିବାସୀ ନେତା ମୃତ ଶ୍ରମିକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ, ଗତ ୪ ଦିନ ମଧ୍ୟରେ ତାମିଲନାଡୁରେ ବଲାଙ୍ଗିର ସହରର ତିନିଜଣ ଯୁବକଙ୍କ ମୃତ୍ୟୁ ହୋଇସାରିଲାଣି ।

# ନବୀନଙ୍କ କୃତୀ ମୋହନ ସରକାରଙ୍କୁ ଆଗକୁ ନେଉଛି: ବିଜେଡି

**ସିଙ୍ଗାପୁରରେ ଓଡିଆ ପିଲାଙ୍କ ପ୍ରଶିକ୍ଷଣ ପାଇଁ ପୂର୍ବ ସରକାର ନେଇଥିଲା ପଦକ୍ଷେପ**

**ଭୁବନେଶ୍ୱର,୧୭ ।୧(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ପାଇଁ ଆଜି ଓଡିଶାର ବିଶ୍ୱସ୍ତରୀୟ ଭିତ୍ତିଭୂମି ବିଶ୍ୱ ସମୁଦାୟକୁ ଆକୃଷ୍ଟ କରିଛି । ଆଜି ସିଙ୍ଗାପୁର ସରକାରଙ୍କ ସହିତ ଯେଉଁ ବୁଝାମଣା ପତ୍ର ସ୍ୱାକ୍ଷର ହେଉଛି ତାହାର ମୂଳଦୁଆ ନବୀନ ବାବୁ ପକାଇଥିଲେ । ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ଭୁବନେଶ୍ୱରରେ ୧୨୦୦ କୋଟି ଟଙ୍କା ବ୍ୟୟରେ ବିଶ୍ୱ ଦକ୍ଷତା କେନ୍ଦ୍ର ନିର୍ମାଣ ହୋଇଥିଲା, ଓଡିଶା ଓ ସିଙ୍ଗାପୁର ଭିତରେ ଦକ୍ଷତା ବିକାଶ ପାଇଁ ଗଠବନ୍ଧନ ହୋଇଥିଲା । ଆଜି ରାଜ୍ୟ ସରକାର ଏହି ଅଭିଯାନର ନବୀକରଣ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଗତ ୨୪ ବର୍ଷ ଭିତରେ ଓଡିଶାରେ କିଛି ହୋଇନାହିଁ ବୋଲି କହୁଥିବା ବିଜେପି ଏବେ ଜାଣିଯିବା ଦରକାର ନବୀନଙ୍କ ପାଇଁ ଆଜି ସିଙ୍ଗାପୁର ସହିତ ଓଡିଶାର ସହଭାଗିତା ଆଗକୁ ଯାଉଛି ବୋଲି ବିଜେଡି କହିଛି । ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ଼ ଲେନିନ୍ ମହାନ୍ତି କହିଛନ୍ତି, ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡିଶା ଆଗମନ ଏବଂ ବୁଝାମଣାପତ୍ର ସ୍ୱାକ୍ଷର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ନବୀନଙ୍କ ଚବିଶ ବର୍ଷର ଶାସନ କାଳରେ ଓଡ଼ିଶାରେ କିଛି ହୋଇନାହିଁ ବୋଲି କହୁଥିବା ବିଜେପି

**ବିଜେଡି ସରକାର ନିଜ ଖର୍ଚ୍ଚରେ ନିର୍ମାଣ କରିଥିଲେ ବିଶ୍ୱ ଦକ୍ଷତା କେନ୍ଦ୍ର**

**କେବଳ ରଙ୍ଗ ମାରି ବାହା ବାଃ ନେଉଛନ୍ତି ଡବଲ ଇଞ୍ଜିନ୍ ସରକାର**

ବାସ୍ତବରେ କେବଳ ନବୀନଙ୍କ କାମକୁ ରଙ୍ଗ ଦେଇ ନିଜର କହି ବାହାଦୁରି ନେବାକୁ ଚେଷ୍ଟା କରୁଛି ।

ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଆଗମନକୁ ନେଇ ବିଜେପି ତରଫରୁ ଦିଆଯାଇଥିବା ବିଜ୍ଞାପନକୁ ଦେଖାଇ ଡ଼ ମହାନ୍ତି କହିଥିଲେ, ଏହି ବିଜ୍ଞାପନ ଅଧା ଅଛି । ବିଜ୍ଞାପନରେ ଏକ ନୂତନ ଯାତ୍ରାର ଆରମ୍ଭ ବୋଲି କୁହାଯାଇଛି । କିନ୍ତୁ ବାସ୍ତବରେ ଏହା ନବୀନଙ୍କ ଦ୍ୱାରା ପ୍ରସ୍ତୁତ ରାସ୍ତାରେ ଏହି ନୂତନ ଯାତ୍ରାର ଆରମ୍ଭ । ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ଓଡିଶା ଓ ସିଙ୍ଗାପୁର ଭିତରେ ଦକ୍ଷତା ବିକାଶ ପାଇଁ ଏମଓୟୁ ସ୍ୱାକ୍ଷର ହୋଇଥିଲା । କେନ୍ଦ୍ର ସରକାର ଏଥିପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିନାହାନ୍ତି । କେବଳ ସେତିକି ନୁହେଁ, ରାଜ୍ୟର ଆଇଟିଆଇ ଗୁଡିକର ଅଧକ୍ଷ ଓ ଅଧିକାରୀ ମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯାହା ଫଳରେ ବିଶ୍ୱର ଶ୍ରେଷ୍ଠ ଦଶଟି ଆଇଟିଆଇ ଭିତରେ, କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ଆଇଟିଆଇ ସ୍ଥାନ ପାଇପାରିଛନ୍ତି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଭାରତ ବାୟୋଟେକ ଭାକସିନ୍ ପ୍ରମୁଖ ସ୍ଥାନ ରହିଛି । ଏହି ଦୁଇଟି କୃତୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ହୋଇଥିଲା । ଡବଲ୍ ଇଞ୍ଜିନ ଡବଲ ବିକାଶର ନାରା ଏବେ ଡବଲ୍ ଧୋକାରେ ପରିଣତ ହୋଇଛି । ଡବଲ୍ ଇଞ୍ଜିନ୍ ସରକାରଙ୍କ ଦ୍ୱାରା ଏ ପର୍ଯ୍ୟନ୍ତ ଗୋଟିଏ କାର୍ଯ୍ୟ କରାଯାଇ ନାହିଁ । କେବଳ ନବୀନ ସରକାରଙ୍କ ସମୟର କାମକୁ ରଙ୍ଗ ବଦଳେଇ ନିଜର କାମ ବୋଲି କୁହାଯାଉଛି । ଡବଲ୍ ଡେକର ବସ୍ ପ୍ରଥମ ଦିନରୁ ହିଁ ଧୋକାରେ ପରିଣତ ହୋଇଛି । ଡବଲ୍ ଇଞ୍ଜିନ୍ ଫେଲ ହେଲା ପରି ଡବଲ୍ ଡେକର ବସ୍ ମଧ୍ୟ ମୁହଁମାଡି ପଡିଛି ବୋଲି ଡ଼ ମହାନ୍ତି କହିଛନ୍ତି ।

## ଟ୍ୟାକ୍ସ ଫାଙ୍କିଥିବା ପାନମସଲା ଗାଡ଼ି ଜବତ

**୬.୩୪ ଲକ୍ଷ ଟଙ୍କା ଜରିମାନା**

**ବେତନଟୀ, ୧୭।୧(ସମିସ):** ଶୁକ୍ରବାର ଅପରାହ୍ଣରେ ବେତନଟୀ ଥାନା ଛକରେ ଯାଞ୍ଚ ଚାଲିଥିବା ବେଳେ ପୁଲିସ ଏକ ପାନ ମସଲା ବୋଝେଇ ଗାଡ଼ିକୁ ଅଟକ ରଖିଥିଲା । ପରେ ଗାଡ଼ିକୁ ସିଟି ଏଣ୍ଡ ଜିଏସଟି ଡିପାର୍ଟମେଣ୍ଟକୁ ହସ୍ତାନ୍ତର କରିବା ପରେ ଏକ ୪ ଜଣିଆ ଟିମ୍ ଯାଞ୍ଚ କରିଥିଲେ; ହେଲେ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ୬ଲକ୍ଷ ୩୪ ହଜାର ଟଙ୍କା ଜରିମାନା କରାଯାଇଛି । ବେତନଟୀ ଥାନା ଛକରେ ଯାଞ୍ଚ ଚାଲିଥିବା ବେଳେ ଏକ ପାନ ମସଲା ବୋଝେଇ ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲା ପୁଲିସ । ତେବେ ପାନମସଲା ପରିବହନ ନେଇ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ୍ ଗାଡ଼ିକୁ ଥାନାକୁ ଆଣି ସିଟି ଏଣ୍ଡ ଜିଏସଟି ବିଭାଗକୁ ଖବର ଦେଇଥିଲା ।

# ଅକ୍ଷୟ ଶକ୍ତି ବିକାଶରେ ନେତୃତ୍ୱ ନେବ ଓଡ଼ିଶା



**ଭୁବନେଶ୍ୱର, ୧୭ ।୧(ସମିସ):** ନୂତନ ଏବଂ ଅକ୍ଷୟ ଶକ୍ତି ସମ୍ବନ୍ଧୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ଶକ୍ତି ବିଭାଗ, ସିଙ୍ଗାପୁରସ୍ଥିତ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟି (ଏନ୍‌ଟିୟୁ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ସହିତ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମ୍ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଅକ୍ଷୟ ଶକ୍ତି ବିକାଶରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ ହେବା ସହ ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ

**ଏନ୍‌ଟିୟୁ ଓ ଆଇଆଇଟି ସହ ଏମ୍‌ଓୟୁ କଲେ ରାଜ୍ୟ ସରକାର**

ଓଡ଼ିଶା ନେତୃତ୍ୱ ନେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ଓଡ଼ିଶାକୁ କାର୍ବନ ମୁକ୍ତ କରି ୨୦୭୦ ମସିହା ସୁଦ୍ଧା ଦେଶର ନେଟ୍-ଜିରୋ କାର୍ବନ ଲକ୍ଷ୍ୟ ହାସଲ ହେବ । ଅକ୍ଷୟ ଶକ୍ତିରେ କୁଶଳୀ ମାନବ ସମ୍ବଳ ଓ ବିଶେଷଜ୍ଞ ସୃଷ୍ଟି କରିବ । "ବିକଶିତ ଓଡ଼ିଶା' ଗଠନରେ ଏମ୍‌ଓୟୁ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି । ସେହିପରି ସୌର, ପବନ, ଜଳ ବିଦ୍ୟୁତ ଏବଂ ଜୈବିକ ଶକ୍ତି ଆଦି କ୍ଷେତ୍ରରେ ଆବଶ୍ୟକ ପ୍ରଯୁକ୍ତିବିଦ୍ୟାରେ ଅଗ୍ରଗତି ଆଣି ସ୍ଥାୟୀ ଶକ୍ତି ସମାଧାନ କରିବା । ଶିଳ୍ପ ସମେତ ଦୈନନ୍ଦିନ ଜୀବନରେ ସୁରକ୍ଷା, ଦକ୍ଷତା ଏବଂ ବାସ୍ତବ ପ୍ରୟୋଗ ଉପରେ ଧ୍ୟାନ ଦେଇ ବ୍ୟାଟେରୀ ଶକ୍ତି ଷ୍ଟୋରେଜ୍ ସିଷ୍ଟମ୍ (ବିଇଏସ୍‌ଏସ୍), ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ (ପିଏସପି) ଏବଂ ହାଇଡ୍ରୋଜେନ୍ ଟେକ୍ନୋଲୋଜି ଷ୍ଟୋରେଜ୍ ଭଳି ନୂତନ ତଥା ସୃଜନାତ୍ମକ ଦିଗର ବିକାଶରେ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସିଙ୍ଗାପୁରର ଉପ-ଅର୍ଥମନ୍ତ୍ରୀ ଚି ହଙ୍ଗ୍ ଟାଟ୍, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସହ ଏନଟିୟୁ ଆଇଆଇଟି ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସାହାଲାରେ ଝାଡ଼ାବାନ୍ତି; ୩୦ ଆକ୍ରାନ୍ତ

**ଢେଙ୍କାନାଳ/କାମାକ୍ଷାନଗର, ୧୭ ।୧(ସମିସ):** ଢେଙ୍କାନାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ସାହାଲା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି । ଗତ ୨ ଦିନରେ ଗ୍ରାମର ୨୦ ପରିବାରର ୩୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଗ୍ରାମର ୩ ସାହି ମଧ୍ୟରୁ ୨ଟି ସାହିରେ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିଛି । ଖବର ପାଇ ସିଡିଏମ୍‌ଓଙ୍କ ନିର୍ଦ୍ଦେଶରେ ବିରାଶାଳ ମେଡିକାଲର ଏକ ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି । ଆକ୍ରାନ୍ତଙ୍କୁ ଔଷଧ ସହ ଓଆରଏସ୍ ଆଦି ପ୍ରଦାନ କରାଯାଇଛି । ପାଣି ଫୁଟାଇ ପିଇବାକୁ ଲୋକଙ୍କୁ ସଚେତନ କରାଯାଇଛି । ସାହିରେ ବ୍ଲିଚିଂ ପାଉଡର ପକାଇ ପରିଷ୍କାର ପରିଚ୍ଛନ୍ନ କରାଯାଇଛି ।



**ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପକ୍ଷରୁ ଚିକିତ୍ସା ଜାରି**

**ପାନୀୟଜଳ ଯୋଗୁଁ ସଂକ୍ରମଣ ଆଶଙ୍କା**

ସୂଚନାନୁସାରେ, ଗ୍ରାମରେ ମକର ସଂକ୍ରାନ୍ତି ଅବସରରେ ଘରେଘରେ ଜାଉ ହୋଇଥିବା ବେଳେ ମକର ଚାଉଳ ସହିତ ବିଭିନ୍ନ ସ୍ଥାନରେ ଭୋଜିଭାତ ଆୟୋଜନ ହୋଇଥିଲା । ଏହାକୁ ଖାଇବା ପରେ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଇଛି । ସେହିପରି ଓଭରହେଡ୍ ଟାଙ୍କିରୁ ଗ୍ରାମକୁ ସଂଯୋଗ କରାଯାଇଥିବା ପାଇପ୍ ବିଭିନ୍ନ ସ୍ଥାନରେ ଫାଟିଥିବା ବେଳେ ଷ୍ଟାଣ୍ଡପୋଷ୍ଟ ଚାରିପାଖ ଅପରିଷ୍କାର ରହିଛି । ତେଣୁ ଲୋକେ ଦୂଷିତ ପାଣି ପିଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ମଧ୍ୟ ଡାକ୍ତରୀ ଟିମ୍ ସନ୍ଦେହ କରିଛନ୍ତି । ଗ୍ରାମରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି । ଏକ ଡାକ୍ତରୀ ଟିମ୍ ଗ୍ରାମରେ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା କରୁଛନ୍ତି । ଆକ୍ରାନ୍ତ ବ୍ୟକ୍ତିଙ୍କ ଝାଡ଼ା, ପରିସ୍ରା ନମୁନା ମଧ୍ୟ ସଂଗ୍ରହ କରାଯାଇ ଜିଲ୍ଲା ପରୀକ୍ଷାଗାରକୁ ପଠାଯାଇଛି ।

## ପ୍ରେମିକ ସମର୍ଥନରେ ସାକ୍ଷୀ ନ ଯିବାରୁ କୋର୍ଟ ପରିସରରେ ବିଷ ପିଇଲେ ନାବାଳିକା

**ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି**

**କେନ୍ଦ୍ରାପଡ଼ା, ୧୭।୧ (ସମିସ):** ପ୍ରେମିକ ସମର୍ଥନରେ ସାକ୍ଷୀ ନ ଯିବାରୁ ଜଣେ ନାବାଳିକା ଆଜି ପକ୍ସୋ କୋର୍ଟ ସମ୍ମୁଖରେ ବିଷ ପିଇ ଜୀବନ ହାରିବାକୁ ଚେଷ୍ଟା କରିଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ମିଳିଥିବା ସୂଚନାନୁଯାୟୀ, ଜମ୍ବୁ ମେରାଇନ୍ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ପ୍ରେମ ସଂପର୍କ ଥିଲା । ତେବେ, ନାବାଳିକାଙ୍କୁ ଉକ୍ତ ଯୁବକ ଦୁଷ୍କର୍ମ କରିଥିବା ନେଇ ନାବାଳିକାର ପରିବାରଲୋକ ଅଭିଯୋଗ କରିବାରୁ ପୁଲିସ୍ ସଂପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏନେଇ ପକ୍ସୋ ଆକ୍ଟରେ କେନ୍ଦ୍ରାପଡ଼ା କୋର୍ଟରେ ମାମଲା ଚାଲିଥିଲା । ତେବେ ଏହି ମାମଲାର ଆପୋଷ ସମାଧାନ ପାଇଁ ନାବାଳିକା ଏବଂ ତାଙ୍କ ପ୍ରେମିକଙ୍କୁ ଡକାଯାଇଥିଲା । ସଂପୃକ୍ତ ଯୁବକଙ୍କ ବିରୋଧରେ କୋର୍ଟରେ କୌଣସି ସାକ୍ଷୀ ଦିଆଯିବ ନାହିଁ ଏବଂ ତାଙ୍କ ସହ ନାବାଳିକାଙ୍କ ବିବାହ କରାଯିବ ବୋଲି ବୁଝାମଣା ହୋଇଥିଲା । କିନ୍ତୁ ଆଜି କୋର୍ଟରେ ଯୁବକଙ୍କ ବିରୋଧରେ ସାକ୍ଷୀ ଦିଆଯିବାରୁ ନାବାଳିକାଜଣଙ୍କ କୋର୍ଟ ପରିସରରେ ହିଁ ବିଷ ପିଇ ଦେଇଥିଲେ ବୋଲି ସରକାରୀ ଆଇନଜୀବୀ ସଞ୍ଜୟ ଜେନା ସୂଚନା ଦେଇଛନ୍ତି । ନାବାଳିକାଙ୍କ ପାଟିରୁ ଗରଳ ଭଳି ବାହାରିବାରୁ ସ୍ଥାନୀୟ କର୍ମଚାରୀ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ।

## ଭୁବନେଶ୍ୱରରେ ହେବ କେନ୍ଦ୍ରୀୟ ଭୂତାତ୍ତ୍ୱିକ ପ୍ରୋଗ୍ରାମିଂ ବୋର୍ଡ ବୈଠକ

**ଭୁବନେଶ୍ୱର,୧୭।୧(ସମିସ):** ଆସନ୍ତା ୧୯ ତାରିଖରେ ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ୬୪ତମ କେନ୍ଦ୍ରୀୟ ଭୂତାତ୍ତ୍ୱିକ ପ୍ରୋଗ୍ରାମିଂ ବୋର୍ଡ (ସିଜିପିବି) ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ଖଣି ମନ୍ତ୍ରଣାଳୟ ସଚିବ ଭିଏଲ କାନ୍ତ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଅନୁସନ୍ଧାନୀ, ଗବେଷକ ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଭାଗ ନେବେ । ଏଥିରେ ଭୂବୈଜ୍ଞାନିକ ଉନ୍ନତି, ଖଣିଜ ଅନୁସନ୍ଧାନ ରଣନୀତି ଏବଂ ସ୍ୱଚ୍ଛ ଶକ୍ତି, ଭୂ-ବିପର୍ଯ୍ୟୟ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ନୂତନ ପଦକ୍ଷେପ ସମେତ ଆହ୍ୱାନର ସମାଧାନ ଉପରେ ଆଲୋଚନା ହେବ । ଏହି ବୈଠକରେ ଦେଶର ଖଣିଜ କ୍ଷେତ୍ର ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ।

## ତାପମାତ୍ରା

ଡିଗ୍ରୀ ସେଲସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୭.୦ | ୧୩.୩ |
| ଚାନ୍ଦବାଲି | ୨୫.୬ | ୧୩.୫ |
| କଟକ | ୨୫.୨ | ୧୨.୪ |
| ପାରାଦୀପ | ୨୭.୫ | ୧୪.୪ |
| ଭୁବନେଶ୍ୱର | ୨୭.୪ | ୧୨.୩ |
| ଗୋପାଳପୁର | ୨୫.୬ | ୧୫.୪ |
| ପୁରୀ | ୨୬.୮ | ୧୬.୪ |
| ଅନୁଗୋଳ | ୨୬.୭ | ୧୦.୬ |
| ବାରିପଦା | ୨୫.୦ | ୧୨.୪ |
| ଝାରସୁଗୁଡ଼ା | ୨୯.୨ | ୧୨.୧ |
| କେନ୍ଦୁଝରଗଡ଼ | ୨୫.୦ | ୧୦.୪ |
| ସମ୍ବଲପୁର | ୨୯.୧ | ୧୫.୦ |
| ସୁନ୍ଦରଗଡ଼ | ୨୭.୯ | ୧୩.୫ |
| ହୀରାକୁଦ | ୨୮.୦ | ୧୪.୫ |
| ତାଳଚେର | ୨୭.୬ | ୧୩.୨ |
| ଭବାନୀପାଟଣା | ୨୭.୫ | ୧୧.୦ |
| ବଲାଙ୍ଗିର | ୨୭.୫ | - |
| କୋରାପୁଟ | ୨୬.୦ | ୧୧.୮ |
| ଫୁଲବାଣୀ | ୨୫.୩ | ୮.୫ |
| ଟିଟିଲାଗଡ଼ | ୨୭.୫ | ୧୪.୪ |
| ମାଲକାନଗିରି | ୨୯.୭ | ୧୪.୧ |
| ସୋନପୁର | ୨୮.୨ | ୧୩.୪ |
| ଦାରିଙ୍ଗବାଡ଼ି | ୨୩.୫ | ୯.୦ |
| ନୟାଗଡ଼ | - | ୧୨.୮ |
| ବୌଦ୍ଧ | ୨୮.୫ | ୧୫.୫ |
| ଛତ୍ରପୁର | ୨୬.୫ | ୧୫.୯ |
| ପାରଳାଖେମୁଣ୍ଡି | ୨୯.୦ | ୧୫.୦ |
| ରାୟଗଡ଼ା | ୨୭.୬ | ୧୩.୪ |
| ଭଦ୍ରକ | ୨୬.୭ | - |
| ଯାଜପୁର | ୨୬.୮ | ୧୨.୨ |
| ଢେଙ୍କାନାଳ | ୨୭.୪ | ୧୧.୭ |
| ବରଗଡ଼ | ୨୮.୬ | ୧୪.୨ |
| ଦେଓଗଡ଼ | ୨୮.୦ | ୧୪.୨ |
| ନୂଆପଡ଼ା | ୩୦.୪ | ୧୩.୪ |
| ନବରଙ୍ଗପୁର | ୨୭.୮ | ୧୩.୫ |
| ଖୋର୍ଦ୍ଧା | ୨୮.୦ | - |
| ଜଗତସିଂହପୁର | ୨୮.୦ | ୧୪.୦ |
| କେନ୍ଦ୍ରାପଡ଼ା | ୨୮.୦ | ୧୪.୨ |
| ରାଉରକେଲା | ୨୬.୯ | ୧୨.୦ |

## ପାହାଡ଼ ଟାପୁରୁ ଯୁବକଙ୍କ ଶବ ଠାବ

**ରାୟଗଡ଼ା, ୧୭।୧ (ସମିସ):** ରାୟଗଡ଼ା ସହର ଉପକଣ୍ଠସ୍ଥିତ ବାଇସିଂ ପଞ୍ଚାୟତ ଧୁମାଗୁଡ଼ା ଗ୍ରାମ ନିକଟସ୍ଥ ରାସ୍ତାକଡ଼ରେ ଥିବା ଏକ ପାହାଡ଼ ଟାପୁରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି । ମୃତ ଯୁବକ ହେଲେ, କାଶୀପୁର ବ୍ଲକ ରେଙ୍ଗା ପଞ୍ଚାୟତ ପଟାମୁଣ୍ଡା ଗ୍ରାମର ପବିତ୍ର ନାଏକ(୨୨) । ଶବ ନିକଟରେ ମଦବୋତଲ, କୀଟନାଶକ ପଡ଼ିଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି । ରାୟଗଡ଼ା ଟାଉନ୍ ଥାନା ଆଇଆଇସି କମଳାକାନ୍ତ ବସନ୍ତ କୁମାର କହଁରଙ୍କ ନେତୃତ୍ୱରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ତଦନ୍ତ ବେଳେ ମୃତଦେହ ନିକଟରୁ ମଦ ବୋତଲ, କପା ଔଷଧ ସମେତ ମୋବାଇଲ ଓ କିଛି ଟଙ୍କା ଜବତ ହୋଇଥିବା ଶ୍ରୀ କହଁର ସୂଚନା ଦେଇଛନ୍ତି । ପୁଲିସ୍ ସବୁ ଦିଗକୁ ଅନୁଧ୍ୟାନ କରି ତଦନ୍ତ କରୁଛି ବୋଲି ସେ କହିଛନ୍ତି । ପବିତ୍ରଙ୍କ ବାପା-ମା'ଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ସେ ରାୟଗଡ଼ାର ଗୋଟିଏ ହୋଟେଲରେ ରହି କାମ କରୁଥିଲେ । ପବିତ୍ର ବିବାହିତ, ତାଙ୍କ ପତ୍ନୀ ବାଲିଗୁଡ଼ାରେ ରହୁଛନ୍ତି ।

# ସୁନିଶ୍ଚିତ ହୋଇପାରୁନି ଶିମିଳିପାଳ ସୁରକ୍ଷା

**ଭୁବନେଶ୍ୱର,୧୭।୧(ସମିସ):** ପୁଣି ଥରେ ଶିମିଳିପାଳରେ ଦେଖା ଦେଇଛି ଶିକାରିଙ୍କ ପ୍ରାଦୁର୍ଭାବ । ଶିମିଳିପାଳର କୋର୍ ଏରିଆ ଭିତରେ ବିରଳ କଳା ବାଘ ଶିକାର ସହ ଶିକାରୀମାନେ ନିଜର ଦୃଢ଼ ଉପସ୍ଥିତି ଜାହିର କରିଛନ୍ତି । ଯଦିଓ ଏହି ଘଟଣାରେ ବନ ବିଭାଗ ବର୍ତ୍ତମାନ ସୁଦ୍ଧା ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ହେଲେ ଏହି ଘଟଣାରେ ମାଷ୍ଟରମାଇଣ୍ଡ ଏବେ ବି ଫେରାର୍ ଅଛି । ବଡ଼ କଥା ହେଉଛି, ଡିସେମ୍ବର ମାସରେ ବାଲେଶ୍ୱରରେ ଜବତ ହୋଇଥିବା ମହାବଳ ବାଘ ଛାଲ ଓ କଳାବାଘ ଶିକାର ଘଟଣାରେ ଏହି ଗିରଫ ଶିକାରୀମାନଙ୍କ ସମ୍ପୃକ୍ତି ରହିଛି । ୨ଟି ବାଘ ଶିକାର ଘଟଣାରେ ଏମାନଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ଶିମିଳିପାଳରେ ବଡ଼ ଶିକାରୀ ଗ୍ୟାଙ୍ଗ ସକ୍ରିୟ ଥିବା ଅନୁମାନ କରାଯାଉଛି । ଅନ୍ୟପଟେ ୨ ମାସ ତଳୁ ଏହି କଳା ବାଘକୁ ଶିକାର କରାଯାଇଥିବା ବେଳେ ବନ ବିଭାଗ କାହିଁକି ଏହି ଘଟଣାକୁ ଲୁଚାଇ ରଖିଥିଲା, ଏହା ପଛର କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଶିମିଳିପାଳର ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ କାହିଁକି ଏହି ଅଭୟାରଣ୍ୟର ସୁରକ୍ଷା ସୁନିଶ୍ଚିତ ହୋଇପାରୁନି ତାକୁ ନେଇ ପ୍ରଶ୍ନ ଉଠିଛି ।

୨୦୨୩ ମସିହାରେ ଶିମିଳିପାଳରେ ଶିକାରୀଙ୍କ ପ୍ରବଳ ପ୍ରାଦୁର୍ଭାବ ଦେଖା ଦେଇଥିଲା । ହାତୀ ଶିକାରଠାରୁ ଆରମ୍ଭ କରି ବାଘ ଓ ପରବର୍ତ୍ତୀ ସମୟରେ ଦୁଇ ଜଣ ବନ କର୍ମଚାରୀଙ୍କ ଜୀବନ ନେବାକୁ ମଧ୍ୟ ସେମାନେ ପଛାଇ ନ ଥିଲେ । ଶିକାରୀଙ୍କ ଗୁଳିରେ ଦୁଇ ବନ କର୍ମଚାରୀଙ୍କ ମୃତ୍ୟୁ ପରେ ତତ୍କାଳୀନ ସରକାର ତତ୍ପର ହୋଇଥିଲେ । ସେ ସମୟରେ ନିଜେ ମୁଖ୍ୟ ଶାସନ ସଚିବ ଏହି ଘଟଣାରେ ସମୀକ୍ଷା କରିବା ସହିତ ପୁଲିସ ଡିଜି ଘଟଣାରେ ପ୍ରତ୍ୟକ୍ଷ ଭାବେ ଅନ୍ତର୍ଭୁକ୍ତ ହୋଇଥିଲେ । ଏହାପରେ ଶିମିଳିପାଳ ସୁରକ୍ଷା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇ ଏକ ଯୁଗ୍ମ ଟାସ୍କ ଫୋର୍ସ (ଜେଟିଏଫ୍) ଗଠନ ହୋଇଥିଲା । ଏଥିରେ ୧୦୦ ଜଣ ସଶସ୍ତ୍ର ପୁଲିସ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଥିବା ବେଳେ ବନ ବିଭାଗର ୩ ଜଣ ରେଞ୍ଜ ଅଫିସ୍‌ର, ୬ ଜଣ ଫରେଷ୍ଟର ଓ ୮୧ଜଣ ଫରେଷ୍ଟ ଗାର୍ଡ ସାମିଲ ହୋଇଥିଲେ । ରାଜ୍ୟ ପୁଲିସ ବିଭାଗ ଏହି କନଷ୍ଟେବଲମାନଙ୍କୁ ଏଠାରେ ନିୟୋଜିତ କରିଥିଲା । ଏହି ଜେଟିଏଫ୍ ସ୍ଥାନୀୟ ଅଞ୍ଚଳରେ ଗୁଇନ୍ଦା ବ୍ୟବସ୍ଥା ସୁଦୃଢ଼ କରିବା ସହିତ ବେଆଇନ୍ ଅସ୍ତ୍ର ଶସ୍ତ୍ର ନିର୍ମାଣ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା । ନିୟମିତ ପାଟ୍ରୋଲିଂ ସହିତ ଶିକାର ପ୍ରତିରୋଧୀ ଶିବିର କରି ଶିମିଳିପାଳକୁ ଶିକାରୀମୁକ୍ତ କରିବା ଦିଗରେ ପ୍ରାୟ ସଫଳ ହୋଇଥିଲା । ପରିଣାମ ସ୍ୱରୂପ, ଗତ ବର୍ଷ ୯୬ ଜଣ ଦୁର୍ଦ୍ଦାନ୍ତ ଶିକାରୀଙ୍କୁ ଗିରଫ କରାଯିବା ସହିତ ୧୩୦ରୁ ଅଧିକ ଦେଶୀ ବନ୍ଧୁକ ଜବତ କରାଯାଇଥିଲା । ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ କିଛି ମାସ ତଳେ ଏହି ଶସସ୍ତ୍ର ପୁଲିସ ବାହିନୀଙ୍କୁ ଏଠାରୁ ପ୍ରତ୍ୟାହାର କରି ନିଆଯାଇଥିଲା । ଏହାପରେ ପାଟ୍ରୋଲିଂ ସ୍ଥିତି ଧିମେଇବା ସହ ପୁଣି ଥରେ ଶିକାରୀମାନେ ସକ୍ରିୟ ହୋଇଥିଲେ । ଯାହାଦ୍ୱାରା ଗତ ମାସକ ମଧ୍ୟରେ ୨ଟି ବିରଳ ବାଘ ଶିକାର କରିବାକୁ ସେମାନେ ସଫଳ ହୋଇଛନ୍ତି । ଏହି ଘଟଣା ପରେ ସକାର ଚେତିବା ସହି ପୁନର୍ବାର ଶିମିଳିପାଳରେ ଶସସ୍ତ୍ର ପୁଲିସବାହିନୀଙ୍କୁ ନିୟୋଜିତ କରିଛନ୍ତି । ଏବେ ୨ ପ୍ଲାଟୁନ୍ ପୁଲିସ ସେଠାରେ ନିୟୋଜିତ ହୋଇ ପାଟ୍ରୋଲିଂକୁ ଜୋର୍‌ଦାର କରିଛନ୍ତି ।

**ସଶସ୍ତ୍ର ପୁଲିସ ବାହୀନିକୁ ହଟାଇଥିଲେ ନୂଆ ସରକାର**

**ବାଘ ଶିକାର ପରେ ଚେତିଲେ, ପୁଣି କଲେ ନିୟୋଜିତ**

**ଫେଲ୍ ମାରୁଛି ଗୁଇନ୍ଦା ବ୍ୟବସ୍ଥା ସାଙ୍ଗକୁ ଶିକାରୀ ଦମନ**

ଶିମିଳିପାଳରେ ବର୍ତ୍ତମାନ ମାଳମାଳ କ୍ୟାମେରା ଲାଗିଛି । ଏହା ବ୍ୟତୀତ କଳା ବାଘ ଶିକାର ଘଟଣାରେ ଜଣେ ଅଭିଯୁକ୍ତ କୋର୍ ଏରିଆ ଭିତରକୁ ପ୍ରବେଶ ଉଦ୍ୟମ କରି ଏକାଧିକବାର ଗିରଫ ମଧ୍ୟ ହୋଇଛି । ମାତ୍ର ବନ ବିଭାଗ ଏହି ଅଭିଯୁକ୍ତଙ୍କୁ ଟ୍ରାପ୍ କରିବାରେ ବିଫଳ ହୋଇଥିବା ପ୍ରମାଣିତ ହୋଇଛି । ଯାହାର ପରିଣାମ ସ୍ୱରୂପ ଅଭିଯୁକ୍ତ ଜଣଙ୍କ ବାଘ ଶିକାର କରିବାରେ ସଫଳ ମଧ୍ୟ ହୋଇଛି । ଅନ୍ୟପଟେ ଏବେ ବି ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ନାୟକ ଫେରାର୍ ଥିବା ବେଳେ ବନ ବିଭାଗ ତାକୁ ଗିରଫ କରିବାରେ ବିଫଳ ହୋଇଛି ।

DSPL - 329

ODISHA
NEW OPPORTUNITIES

Confederation of Indian Industry

# MAKE IT GROW

## Accelerate Industries and Innovations in Odisha

From Tech to Textiles, and beyond, the **Utkarsh Odisha - Make in Odisha Conclave 2025** will showcase the state's industrial prowess and future-ready, pro-business initiatives and microclimate.
Come, let's huddle together, network and collaborate, to create an Odisha that will be a force multiplier of economic and sustained growth and unbounded prosperity for all sections of society.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




### Join The Incubation, Skilling And Start-up Ecosystem With:

Start-up Odisha | Women Entrepreneurship enable by SUBHADRA | Countries-of-Focus Session | Skilled in Odisha

**BECOME A PART OF THE "VIKSIT ODISHA 2036" JOURNEY**

# INVEST IN ODISHA, INVEST IN FUTURE

Networking Opportunities -B2G MEETINGS | Gala Cultural Events | 6 Thematic Sessions | Grand Make In Odisha Expo | 12 Sectoral Sessions | Vision Viksit Odisha 2036 Showcase

**REGISTER NOW**

Scan to Register

Visit us at https://mio.investodisha.gov.in

OIPR-14005/13/0025/2425

# ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଚୋରି

- ଶ୍ରୀଜିଉଙ୍କ ତିନିଟି ସୁବର୍ଣ୍ଣ ଚିତା ସହ ହୁଣ୍ଡି ଭାଙ୍ଗି ଲୁଟ୍
- ମନ୍ଦିର ସମ୍ମୁଖରେ ଜଗନ୍ନାଥପ୍ରେମୀଙ୍କ ନାରାବାଜି





ଅନୁଗୋଳ,୧୭ ।୧(ସମିସ): ଗୁରୁବାର ବିଳମ୍ବିତ ରାତିରେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଛି। ଅନୁଗୋଳସ୍ଥିତ ଏହି ପ୍ରସିଦ୍ଧ ମନ୍ଦିରରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ନେଇଯିବା ସହ ଶ୍ରୀଜିଉଙ୍କ ତିନିଟି ସୁବର୍ଣ୍ଣ ଚିତା ମଧ୍ୟ ଚୋରାଇ ନେଇଛନ୍ତି। ଶୁକ୍ରବାର ସକାଳେ ଦ୍ୱାରଫିଟା ନୀତି ବେଳେ ସେବାୟତ ଏହା ଜାଣି ମନ୍ଦିର ପରିଚାଳନା କମିଟିକୁ ଅବଗତ କରାଇଥିଲେ। ପରିଚାଳନା କମିଟି କର୍ମକର୍ତ୍ତା ପହଞ୍ଚି ଅନୁଧ୍ୟାନ କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏସପି ରାହୁଲ ଜୈନ, ପୁଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ ଜାରି ରଖିଛନ୍ତି। ତେବେ ମନ୍ଦିରରେ ୩ ବର୍ଷ ହେବ ସିସିଟିଭି ଅଚଳ ଥିବା ଜଣାଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମନ୍ଦିରରେ ପହଞ୍ଚି ଏସପିଙ୍କ ସହ କଥା ହୋଇଛନ୍ତି। ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏପରି ହୋଇଥିବା ବେଳେ ଆଗକୁ ମନ୍ଦିରର ସୁରକ୍ଷା ଦିଗରେ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବେ ବୋଲି ବିଧାୟକ ପ୍ରଧାନ କହିଥିଲେ। ଅନ୍ୟପଟେ ଶୈଳଶ୍ରୀକ୍ଷେତ୍ରରେ ଚୋରି ଘଟଣାରେ ମନ୍ଦିର ପ୍ରଶାସନକୁ ଦାୟୀ କରି ଅନୁଗୋଳ ଜିଲ୍ଲା ସ୍ୱେଚ୍ଛାସେବୀ ସଂଘ ତଥା ବିଭିନ୍ନ ସଂଗଠନ ଓ ଜଗନ୍ନାଥପ୍ରେମୀ ସକାଳୁ ମନ୍ଦିର ସମ୍ମୁଖରେ ନାରାବାଜି କରିଥିଲେ।

## ■ ଅନୁଗୋଳ ଜିଲ୍ଲାରେ ପୁଣି ହାତୀ ଉପଦ୍ରବ
# କାଙ୍ଗୁଲା ଗ୍ରାମରେ ଦନ୍ତା; ଚିନ୍ତାରେ ଚାଷୀ

ଅନୁଗୋଳ,୧୭ ।୧(ସମିସ): ଅନୁଗୋଳ ଜିଲ୍ଲାରେ ପୁଣି ହାତୀ ଉପଦ୍ରବ ଆରମ୍ଭ ହୋଇଯାଇଛି। ଶୁକ୍ରବାର ସକାଳେ କାଙ୍ଗୁଲା ଗ୍ରାମ ନିକଟରେ ଗୋଟିକିଆ ଦନ୍ତା ହାତୀ ଦେଖିବାକୁ ମିଳିଛି। ଫଳରେ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ଦନ୍ତାହାତୀ ଫସଲ ନଷ୍ଟ କରିବା ଆଶଙ୍କାରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସ୍ଥାନୀୟ ଅଞ୍ଚଳର ଲୋକେ ସାଧାରଣତଃ ଚାଷ କରି ଜୀବିକା ନିର୍ବାହ କରନ୍ତି। ଧାନ ସହ ବିଭିନ୍ନ ପନିପରିବା ଚାଷ ଏମାନଙ୍କ ପରିବାର ପ୍ରତିପୋଷଣର ଏକମାତ୍ର ମାଧ୍ୟମ। ଏଭଳି ସ୍ଥିତିରେ ଅଞ୍ଚଳକୁ ହାତୀ ଆସିବା ସେମାନଙ୍କ ଫସଲ ପ୍ରତି ବିପଦ ସୃଷ୍ଟି କରିଛି। ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ହାତୀ ଜମିରେ ପଶି ଫସଲ ଖାଇବା ସହ ବ୍ୟାପକ ନଷ୍ଟ କରିଥାନ୍ତି। ଏବେ ପୁଣି ହାତୀ ଦେଖିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ■ ସବିର ମେମୋରିଆଲ କପ୍ କ୍ରିକେଟ୍
# ହିମିତିରାକୁ ହରାଇ ହଣ୍ଡପା ଚାମ୍ପିଅନ

କିଶୋରନଗର,୧୭ ।୧(ସମିସ): କିଶୋରନଗର ବ୍ଲକ ହିମିତିରା ଖେଳପଡ଼ିଆରେ ଚାଲିଥିବା ସବିର ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଆୟୋଜକ ହିମିତିରା ଓ ହଣ୍ଡପା ଦଳ ମଧ୍ୟରେ ଖେଳାଯାଇଥିଲା। ହଣ୍ଡପା ଦଳ ୫ ୱିକେଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଅମ୍ପାୟାର ବିଶ୍ୱରଞ୍ଜନ ପ୍ରଧାନ, ଜେଭିନ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶିକ୍ଷକ ବିନାୟକ ଦେହୁରୀ ଓ ଦେବାଶିଷ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଆଥଲେଟିକ ଆସୋସିଏସନ ସଭାପତି ରଙ୍ଗାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ଥାନା ଆଇଆଇସି ବିଭୂତି ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ସୁଜିତ ଭୋଇ, ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ଅଧ୍ୟାପକ ତରଣୀସେନ ସାହୁ, ପ୍ରସନ୍ନ ନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କଲେଜରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର



କିଶୋରନଗର,୧୭ ।୧(ସମିସ): କିଶୋରନଗର +୨ କଲେଜରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। କଲେଜର ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଥାନା ଆଇଆଇସି ବିଭୂତି ପ୍ରଧାନ ଯୋଗଦେଇ ବାଳିକାମାନେ ଆତ୍ମରକ୍ଷା କୌଶଳ ହାସଲ କରି ନିଜେ ସୁରକ୍ଷିତ ରହିବା ସହ ସୁରକ୍ଷିତ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସୁନେଲିକା ଖମାରୀ, ଐଶ୍ୱର୍ଯ୍ୟା ମିଶ୍ର, ପ୍ରିୟଦର୍ଶିନୀ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

● କଣିହାଁ: କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ଜଗମୋହନ ପ୍ରଧାନ ଯୋଗଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ୮ଦିନ ଧରି ଚାଲିଥିବା ଏହି ଶିବିରରେ କଲେଜର ୯୮ ଛାତ୍ରୀ ତାଲିମ ନେଇଥିଲେ। ପ୍ରଶିକ୍ଷିକା ପି. ଚିନ୍ମୟୀ ପ୍ରଶିକ୍ଷଣ ଦେଇଥିଲେ। ଡେମୋନଷ୍ଟ୍ରେଟର ବିଷ୍ଣୁଚରଣ ନାୟକ ଶିବିର ପରିଚାଳନା କରିଥିଲେ। ଅଧ୍ୟାପକ ଭଗବାନ ସାହୁ, ସୌଦାମିନୀ ଦାସ, ନିରଞ୍ଜନ ପ୍ରଧାନ, ଅରୁଣ କୁମାର ନାୟକ, ନିରଞ୍ଜନ ସ୍ୱାଇଁ, ଡେମୋନଷ୍ଟ୍ରେଟର ସଞ୍ଜୟ କୁମାର ପ୍ରଧାନ, ଖେଳ ଶିକ୍ଷକ ବଂଶୀଧର ସାହୁ, ଡାଟା ଏଣ୍ଟ୍ରି ଅପେରେଟର କମଳାକାନ୍ତ ବିଶି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉପାଧ୍ୟକ୍ଷ ଇନ୍ଦ୍ରମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ■ କଟନିଛଟନି
# ମଣ୍ଡିରୁ ଉଠୁନି ଧାନ; ଚାଷୀଙ୍କ ରାସ୍ତା ଅବରୋଧ



କିଶୋରନଗର,୧୭ ।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ମାଧପୁର ଓ କନ୍ଧପଡ଼ାରେ କଟନି ଛଟନିକୁ ନେଇ ମଣ୍ଡିରୁ ଧାନ ଉଠିପାରୁନି। କ୍ୱିଣ୍ଟାଲ ପିଛା ୩ କିଲୋ କଟାଯିବାକୁ ନେଇ ବିଭାଗୀୟ ଅଧିକାରୀ ଓ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଆଠମଲ୍ଲିକ ବିଡିଓ, ଏସିଏସ୍‌ଓ ଓ ତହସିଲଦାର ପହଞ୍ଚି ଚାଷୀ ୩ କିଲୋ ଧାନ କଟାଯିବ ବୋଲି କହିବାରୁ ଚାଷୀ ରାଜିହୋଇ ନ ଥିଲେ। ବିନା କଟନି ଛଟନିରେ ଧାନ ଉଠାଇବାକୁ ଚାଷୀମାନେ ଦାବି କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଏହାର ପ୍ରତିବାଦରେ ଗୁରୁବାର ଚାଷୀମାନେ ମାଧପୁର ଓ କନ୍ଧପଡ଼ା ବନ୍ଦ ଡାକରା ଦେବା ସହ ଆଠମଲ୍ଲିକରୁ ବୌଦ୍ଧକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଥିଲେ।

## ବ୍ଲକ କୃଷକସାଥୀ ସଂଘର ବନ୍ଧୁମିଳନ

କଶୋରନଗର,୧୭ ।୧(ସମିସ): କିଶୋରନଗର ବ୍ଲକ ଆମ୍ରପାଳଠାରେ ବ୍ଲକ କୃଷକସାଥୀ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ପବିତ୍ର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରିଣୀ ଦୀପ୍ତିମୟୀ ସିଂହ, ଆତ୍ମା ଅଧ୍ୟକ୍ଷ ତପନ ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ଭିଏଡବ୍ଲ୍ୟୁ, କୃଷକସାଥୀ ଯୋଗଦେଇଥିଲେ।

## ମାଧପୁର-ଆଠମଲ୍ଲିକ ରାଜ୍ୟ ରାଜପଥ ଶୋଚନୀୟ



କିଶୋରନଗର,୧୭ ।୧(ସମିସ): ରାଜ୍ୟ ସରକାର ଲୋକଙ୍କ ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରି ରାଜପଥ ନିର୍ମାଣ କରୁଛନ୍ତି। ପୂର୍ତ୍ତ ବିଭାଗ ଦ୍ୱାରା କିଛିବର୍ଷ ତଳେ କୋଟି କୋଟି ଟଙ୍କା ବ୍ୟୟ କରି ଅନୁଗୋଳ ଜିଲ୍ଲା ମାଧପୁର-ଆଠମଲ୍ଲିକ ରାଜ୍ୟ ରାଜପଥ ନିର୍ମାଣ କରାଯାଇଛି। ହେଲେ ମରାମତି ଅଭାବରୁ ଏହି ୧୫ କିମି ଦୀର୍ଘ ରାସ୍ତାର ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ମରଣଯନ୍ତା ପାଲଟିବାକୁ ବସିଲାଣି। ରାସ୍ତା ମଝିରେ ଥିବା ଖାଲଖମାଗୁଡ଼ିକୁ ମରାମତି କରା ନ ଯିବା ଫଳରେ ବିଶେଷକରି ୨ଚକିଆ ଯାନଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଯନ୍ତ୍ରୀ ଦେଖି ନ ଦେଖିଲା ପରି ରହିଥିବା ଅଭିଯୋଗ ହେଉଛି। ତୁରନ୍ତ ଏହି ରାଜ୍ୟ ରାଜପଥର ଦୁରବସ୍ଥା ପ୍ରତି ପୂର୍ତ୍ତ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟିଦେଇ ମରାମତି କରିବାକୁ ଦାବି ହେଉଛି।

## କଣିହାଁ ପଞ୍ଚାୟତ ସମିତି ବୈଠକ
# ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ



କଣିହାଁ,୧୭ ।୧(ସମିସ): କଣିହାଁ ପଞ୍ଚାୟତ ସମିତିର ୫ମ ବୈଠକ ବୁଧବାର ପବିତ୍ର ମୋହନ ସଭାଗୃହରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ସମିତି ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ, ଗଦଶିଳା ସମିତି ସଭ୍ୟ ଦିବ୍ୟଜ୍ୟୋତି ପ୍ରଧାନ ପ୍ରମୁଖ କଣିହାଁ ଅଞ୍ଚଳରେ ରାସ୍ତାର ଦୁରବସ୍ଥା, ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଜାମ୍ ହେଉଥିବାରୁ ଏହାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ନୋ-ଏଣ୍ଟ୍ରି ଲାଗୁ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏନ୍‌ଆରଇଜିଏସ କାମରେ ସମିତି ସଭ୍ୟମାନେ ସିଧାସଳଖ ଫାଇଲ ଖୋଲିବା ପାଇଁ ଅଡ଼ି ବସିଥିଲେ। ଏଥିପାଇଁ ଗ୍ରାମସଭାରେ ପ୍ରକଳ୍ପ ଅନୁମୋଦନ କରି ବ୍ଲକରେ ଖୋଲିବା ପାଇଁ ସହମତି ହୋଇଥଲା। ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ଜିପିଓ ବିଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ୮୦ବର୍ଷରୁ ଅଧିକ ବୟସ୍କ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଥିଲା।

## ■ ୨୫ତମ ପାଲଲହଡ଼ା କପ୍
# ସେମିଫାଇନାଲରେ ଏସିସି ଅନୁଗୋଳ



ପାଲଲହଡ଼ା,୧୭ ।୧(ସମିସ): ପାଲଲହଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ ବ୍ଲୁ ଡାଏମଣ୍ଡ ସମ୍ବଲପୁର ଓ ଏସିସି ଅନଗୁଳ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏସିସି ଅନୁଗୋଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏସିସି ଅନୁଗୋଳ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ସମ୍ବଲପୁର ଦଳ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରେଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ଏସିସି ଅନୁଗୋଳ ୨୪.୫ ଓଭରରେ ୫ ଉଇକେଟ ହରାଇ ୧୮୧ ରନ କରି ବିଜୟୀ ହେବା ସହ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି। ପୂର୍ବରୁ କେନ୍ଦୁଝର ଦଳ ସେମିରେ ପ୍ରବେଶ କରିଥିଲା। ଏସିସି ଅନୁଗୋଳ ଦଳର ସୌମ୍ୟ ସିଂ ଧୂଆଁଧାର ବ୍ୟାଟିଂ କରି ୭୩ ବଲରେ ୯୧ ରନ କରିବା ସହ ୫ ଓଭର୍ ବୋଲିଂ କରି ୨୯ ରନ୍ ବିନିମୟରେ ୨ ୱିକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଅମ୍ପାୟର ପ୍ରଶାନ୍ତ ଦାସ ଓ ସଞ୍ଜୀବ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

## ସୁଶାନ୍ତ କୁମାର ସାମଲଙ୍କୁ ସମ୍ବର୍ଦ୍ଧନା

କଣିହାଁ,୧୭ ।୧(ସମିସ): ଅନୁଗୋଳ ଜିଲ୍ଲା ତାଳଚେର ଉପଖଣ୍ଡ କଣିହାଁ ବ୍ଲକ ବିଜେପି ମଣ୍ଡଳ ନୂତନ ସଭାପତି ସୁଶାନ୍ତ କୁମାର ସାମଲଙ୍କୁ ସୋମବାର ଅପରାହ୍ନରେ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜରଡ଼ା ପଞ୍ଚାୟତର ବୁଥ୍‌ସ୍ତରୀୟ ସଭାପତି ଡମ୍ବରୁଧର ସାମଲ, ସମ୍ପାଦକ ଅମୂଲ୍ୟ ସାମଲ, ପଞ୍ଚାୟତର ପ୍ରାକ୍ତନ ସଭାପତି ସତ୍ୟାନନ୍ଦ ସାମଲ, ଗୁରୁ ସାମଲ, କଳାକାର ସାମଲ, ଚିକୁ ଭୁତିଆ ଓ ତାପସ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁଜାଙ୍ଗୁଲି ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ତାଳଚେରସଦର,୧୭ ।୧(ସମିସ): ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ସେବା ସମବାୟ ସମିତି ପକ୍ଷରୁ ସମିତି ସଭାପତି ଅର୍ଜୁନ ମହାନ୍ତିଙ୍କ ସଭାପତିତ୍ୱରେ ଧାନମଣ୍ଡି ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗୁରୁଜାଙ୍ଗୁଲି ସରପଞ୍ଚ ଲିନା ସାହୁ, ସମିତିସଭ୍ୟା ରୁନୁ ସିଂହ, ସନ୍ଥପଡ଼ା ସରପଞ୍ଚ ସହଦେବ ସାହୁ, ସମିତି ସଭ୍ୟା ବୈଜୟନ୍ତୀ ମହାନ୍ତି, ଆରଏମସିର ଯଦୁମଣି ନାୟକ, ପୁଷ୍ପରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀମାନେ ନିଜ ଉତ୍ପାଦିତ ଧାନ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରିଥିଲେ। ଅନୁଗୋଳ କିଷ୍ଟା ରାଇସ ମିଲ୍ ସହାୟତାରେ ୨୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି।

## ନୂତନ ପୂର୍ତ୍ତ ଏସ୍‌ଡିଓଙ୍କ ଯୋଗଦାନ

କିଶୋରନଗର,୧୭ ।୧(ସମିସ): ବଇଣ୍ଡା ପୂର୍ତ୍ତ ବିଭାଗ ଏସଡିଓ ଭାବେ ସହରାଇ ସିଂହ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱରସ୍ଥିତ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟରେ ଏସଡିଓ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ପୂର୍ବରୁ ଥିବା ଏସଡିଓ ରମେଶ ଚନ୍ଦ୍ର ସ୍ୱାଇଁଙ୍କର କଟକକୁ ବଦଳି ହୋଇଛି।

# ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ

ତାଳଚେରସଦର,୧୭ ।୧(ସମିସ): ତାଳଚେର ବ୍ଲକ ସଭାଗୃହରେ ଓଡ଼ିଶା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ଏହି ହିତାଧିକାରୀଙ୍କୁ ୩ ହଜାର ୫ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଛି। ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୪୬୨ ଜଣଙ୍କୁ ଓ ନଗଦ ୩୮୧ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

■ ଛେଣ୍ଡିପଦା: ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଶିମିଳିପାଳ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ସରପଞ୍ଚ ଗିରୀଶ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା (ମାସିକ ୩୫୦୦ ଟଙ୍କା) ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଯୁବ ସମାଜସେବୀ ରଣଜିତ୍ କୁମାର ମାଝୀ, କାଠପାଳ ଓ ସାପୋଇନାଳୀ ଜୋନ୍ ବିଜେପି ସଭାପତି କଲ୍ୟାଣ ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ



ଅନୁଗୋଳ,୧୭ ।୧(ସମିସ): ଜିଲ୍ଲା ସାହିତ୍ୟ ସଂସଦ, ଜିଲ୍ଲା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପାଠାଗାରରେ ସଭାପତି ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲ ଯୋଗଦେଇ ଭାଷା ସାହିତ୍ୟକୁ ବ୍ୟାସକବିଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ୟାସକବି ସମାଜରେ ଅସଂଗତି ଦୂର କରିବା ପାଇଁ ଲେଖନୀ ମାଧ୍ୟମରେ ସର୍ବଦା ଚେଷ୍ଟା କରିଥିବା ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ବ୍ୟାସକବିଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ସମୟରେ ବାସ୍ତବିକ ସାହିତ୍ୟ ସୃଷ୍ଟି କରିଲେ ବ୍ୟାସକବିଙ୍କ ପାଇଁ ତାହା ଉଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସାହୁ କହିଥିଲେ। ଏହି ଅବସରସରେ ବ୍ୟାସକବିଙ୍କ ଜୀବନୀ ଓ କୃତି ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯିଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ରାଧାକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିବରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଇଣ୍ଡା,୧୭ ।୧(ସମିସ): ପ୍ରତ୍ୟେକ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କରିଛନ୍ତି। ହେଲେ ଅନେକ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳକୁ ଗମନାଗମନ ପାଇଁ ପିଚୁ ରାସ୍ତା ନିର୍ମାଣ କରାଯାଇ ପାରିନାହିଁ। ଫଳରେ ଲୋକେ କଚ୍ଚା ରାସ୍ତାରେ ଯାତାୟାତ କରୁଛନ୍ତି। ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଶିବ ମନ୍ଦିରଠାରୁ ଦାମୋଦରପୁର ଦେଇ ଧଉରାଗୋଠ ପର୍ଯ୍ୟନ୍ତ ମାଟିରାସ୍ତା ଏହାର ଜ୍ୱଳନ୍ତ ଉଦାହରଣ। ଏହାକୁ ତୁରନ୍ତ ପକ୍କା ସଡ଼କ କରିବା ପାଇଁ ୫ ଗ୍ରାମର ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଡାକ ଯୋଗେ ବୁଧବାର ଦାବିପତ୍ର ପଠାଇଛନ୍ତି। ଏହାର ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ସାନହୁଲାଠାରୁ ଧଉରାଗୋଠ ପର୍ଯ୍ୟନ୍ତ ୮ କିମି ମାଟି ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ୨୦୦୦ ମସିହା ଠାରୁ ଦାବି ହୋଇଆସୁଛି। ଏହି ରାସ୍ତା ହେଲେ କିଶୋରନଗର ବ୍ଲକକୁ ସହଜରେ ସଂଯୋଗ ହୋଇପାରିବ। ଏହି ରାସ୍ତା ଉପରେ ସାନହୁଲା, କୁରୁମଟାପ, ବିଲେଇନାଳୀ ପଞ୍ଚାୟତର ସାନହୁଲା, ଦାମୋଦରପୁର, ମନ୍ଦରବାହାଳ, କିସାନସାହି, ଧଉରାଗୋଠ, କରଡ଼ାବାହାଲୀ ଓ ଆଖପାଖ ୧୫ଟି ଗ୍ରାମବାସୀ ନିର୍ଭରଶୀଳ। ଏବେ ମାଟିରାସ୍ତା ଥିବା ବେଳେ ଖାଲଖମାରେ ପରିପୂର୍ଣ୍ଣ ରହିଛି। ବିଶେଷକରି ରାସ୍ତାରେ ଏକ ନାଳ ପଡୁଥିବା ବେଳେ ବ୍ରିଜ ନିର୍ମାଣ ହେଉନାହିଁ। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଅଞ୍ଚଳବାସୀ ଯାତାୟାତ କରୁଥିଲେ ମଧ୍ୟ ବର୍ଷା ସମୟରେ ୮ କିମି ଦେଇ ମନ୍ଦରବାହାଲ ଦେଇ ଆସିବାକୁ ପଡୁଛି। ବର୍ଷା ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡୁଛି। ଅନ୍ୟ ଦିନଗୁଡ଼ିକରେ ଆଠମଲ୍ଲିକ ଅଞ୍ଚଳରେ ଥିବା କଲେଜ, ତହସିଲ ଓ ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟକୁ ଯିବାଆସିବା ପାଇଁ ଏହି ରାସ୍ତା ଉପରେ ଲୋକେ ନିର୍ଭର କରନ୍ତି। ରାସ୍ତା ନିର୍ମାଣ ହେଲେ କିଶୋରନଗର ବ୍ଲକକୁ ଯାତାୟାତ ସୁଗମ ହେବା ସହ ଅଞ୍ଚଳର ବିକାଶ ହୋଇପାରିବ। ପିଚୁ ରାସ୍ତା ନ ଥିବାରୁ କୌଣସି ସରକାରୀ ଅଧିକାରୀ ସଠିକ ଭାବେ ଗ୍ରାମଗୁଡ଼ିକୁ ଯାଇପାରୁ ନ ଥିବା ବେଳେ ସରକାରୀ ଯୋଜନା ମଧ୍ୟ ସଠିକ ଭାବେ ପହଞ୍ଚି ପାରୁନାହିଁ। ଏପରିକି କଚ୍ଚା ରାସ୍ତାରେ ବୃଦ୍ଧାବୃଦ୍ଧମାନେ ପଞ୍ଚାୟତକୁ ରାସନ ସାମଗ୍ରୀ ସହ ଭତ୍ତା ନେବା ପାଇଁ ଯାତାୟାତରେ ଅସୁବିଧା ଭୋଗିଆସୁଛନ୍ତି। ଏହାକୁ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମର ସାମାଜିକ କର୍ମୀ ଦିଲେଶ୍ୱର ନାୟକ ଜୁଲାଇ ୧୫ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଦିଲେଶ୍ୱର ପୁଣି ଡିସେମ୍ବର ୩୦ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ତୁରନ୍ତ ଉକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଦାବି କରିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳର ମୋହନ କୁମାର ସାହୁ, କାହ୍ନୁଚରଣ ନାୟକ, ଗିରୀଶ ନାୟକ, ସୁରେଶ ରାଉତ, ସୁନିତା ଭୋଇ, କାଞ୍ଚନ ନାୟକ, ସୁମନ କୁଦେଇ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ; ୨ ଗାଈ ଗୁରୁତର



**ଡେରାବିଶ, ୧୭।୧(ସମିସ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନୁଆପଡ଼ା ଗ୍ରାମରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ଦୁଇବଖରା ଘର ଭସ୍ମୀଭୂତ ହେବା ସହିତ ଗୁହାଳରେ ଥିବା ଦୁଇଟି ଗାଈ ପୋଡ଼ି ଗୁରୁତର ହୋଇଯାଇଛନ୍ତି। ସୂଚନାରୁ ପ୍ରକାଶ ଅନୁଆପଡ଼ା ଗ୍ରାମର ହୃଶିକେଶ ସାହୁଙ୍କର ଚାଳ ଘରେ ଆଜି ରାତିରେ କୌଣସି କାରଣରୁ ହଠାତ ନିଆଁ ଲାଗିଯାଇଥିଲା। ପରିବାର ଲୋକ ଓ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ଗ୍ରାମବାସୀ ଜଳୁଥିବା ଘରୁ ଦୁଇଟି ଗାଈଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେମାନେ ଗୁରୁତର ହୋଇ ପଡ଼ିଛନ୍ତି। ପରେ ଡେରାବିଶ ଓ ନିଶ୍ଚିନ୍ତକୋଇଲିରୁ ଦୁଇଟି ଅଗ୍ନିଶମ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ହୃଷିକେଶଙ୍କର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା।

# ଜବରଦଖଲରେ ଗୋବରୀ ନଦୀ ବାଇପାସ୍ ଫୁଟ୍‌ପାଥ

**କେନ୍ଦ୍ରାପଡ଼ା,୧୭।୧(ସମିସ)**



- ପାଣିରେ ପଡ଼ିଲା ଏକ କୋଟି
- ଦୋକାନ, କବାଡ଼ିଆଙ୍କ ବେପାର ସ୍ଥଳୀ

ଗୋବରୀ ନଦୀ ବାଇପାସ୍ ଫୁଟପାଥ ଏବେ ଜବରଦଖଲରେ । ଫୁଟପାଥରେ ଦୋକାନ, କବାଡିଆଙ୍କ ବ୍ୟବସାୟିକ କେନ୍ଦ୍ରସ୍ଥଳ ପାଲଟିଛି। ସହରର ଗୋବରୀ ନଦୀ ବାଇପାସ୍ ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ପ୍ରାୟ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଜବରଦଖଲ ଯୋଗୁଁ ସୋନ୍ଦର୍ଯ୍ୟକରଣ ଆଜି ନଷ୍ଟ ହୋଇଯାଉଛି ।କେତେଜଣ ଦୁଇଚକିଆ ଗାଡି ଗ୍ୟାରେଜ ବାଲା ଏହି ଫୁଟ୍‌ପାଥ ଉପରେ ଭଙ୍ଗାଦଦରା ଗାଡି ସବୁ ଗଦେଇ ରଖିଥିବା ବେଳେ ଅନ୍ୟ କେତେକ କବାଡ଼ିଆ ବେପାରୀ ଏଠାରେ ବିଭିନ୍ନ ପ୍ରକାରର ସାମଗ୍ରୀ ଗଦା କରି ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ଏହି ଅଞ୍ଚଳର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନଷ୍ଟ ହୋଇଯାଉଛି। ସେହିପରି ଫୁଟ୍‌ପାଥରେ ଲୋକମାନେ ଚାଲି ଚାଲି ଯିବା ଆସିବା କରିବା ସହ ଅବସର ବିନୋଦନ ପାଇଁ ବ୍ୟବସ୍ଥା ହୋଇଥିଲା। ହେଲେ ଫୁଟ୍‌ପାଥରେ କବାଡିଆ ବେପାରୀ ବିଭିନ୍ନ ପ୍ରକାରର ସାମଗ୍ରୀ ଗଦା କରି ରଖିଥିବାରୁ ଯିବା ଆସିବା କରିବା ସମ୍ଭବପର ହେଉନାହିଁ। ଫଳରେ ସରକାରୀ ଅର୍ଥ ପାଣିରେ ପଡିଲା ବୋଲି ଅଭିଯୋଗ ହୋଇଛି। ସୂଚନା ଥାଉକି ଦୁଇ ବର୍ଷ ତଳେ ଏକ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗୋବରୀ ନଦୀର ଗୋଟିଏ ପାଶ୍ୱର୍କୁ ପୂର୍ତ୍ତ ବିଭାଗ ପକ୍ଷରୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଏହି ଅର୍ଥରେ ନଦୀ ପାଶ୍ୱର୍ରେ ଫେବର ବ୍ଲକ ଫୁଟ୍‌ପାଥ ନିର୍ମାଣ କରାଯାଇଥିଲା। ଏଥିସହ ସୁନ୍ଦର ଆଲୋକୀକରଣ ମଧ୍ୟ କରାଯାଇଥିଲା। ଲକ୍ଷ୍ୟ ରହିଥିଲା ସହରବାସୀ ସନ୍ଧ୍ୟା ସମୟରେ ଗୋବରୀ ନଦୀ କୂଳରେ ବୁଲାବୁଲି କଲେ ସେମାନଙ୍କ ମାନସିକ ଅବସ୍ଥାରେ ଉନ୍ନତି ଘଟିବ। ଲୋକେ ନଦୀକୂଳରେ କିଛି ସମୟ ବିତାଇଲେ ସେମାନଙ୍କ ମନ ହାଲୁକା ହେବ। ପୌରପାଳିକାର ରକ୍ଷଣାବେକ୍ଷଣା ଦାୟିତ୍ୱରେ ଏହା ରହିଥିଲା । କିନ୍ତୁ ଏବେ ସୌନ୍ଦର୍ଯ୍ୟକରଣ ସ୍ଥାନକୁ କେତେକ ବ୍ୟବସାୟୀ ଜବରଦଖଲ କରି ରଖିଛନ୍ତି। ଏ ନେଇ ପୌରପାଳିକା ପକ୍ଷରୁ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହା ଫଳରେ ନିର୍ଭୟରେ ବ୍ୟବସାୟୀମାନେ ସରକାରୀ ଜାଗାକୁ ଜବରଦଖଲ କରିଛନ୍ତି। ଏହାଦ୍ୱାରା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନଷ୍ଟ ହେବାରେ ଲାଗିଛି। ଏ ଦିଗରେ ପୌରପାଳିକା କଠୋର ଆଭିମୁଖ୍ୟ ଗ୍ରହଣ କରିବା ଉଚିତ ବୋଲି ଦାବି ହୋଇଛି।

---

**● କାମରେ ଲାଗୁନି ସଦାନନ୍ଦପୁର ହାଟପିଣ୍ଡି**

## ପାଲଟିଛି ବାଲି ଷ୍ଟକ୍‌ରୁମ୍, ହୀନସ୍ତା ହେଉଛନ୍ତି ବେପାରୀ



**ପଞ୍ଚୁପାଣ୍ଡବ,୧୭।୧(ସମିସ):**ଡେରାବିଶ ବ୍ଲକ୍ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ହାଟ ପିଣ୍ଡି କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ପ୍ରାୟ ବର୍ଷେରୁ ଅଧିକ ଦିନ ପୂର୍ବରୁ ହାଟ ପିଣ୍ଡି ନିର୍ମାଣ ହୋଇଥିଲେ ମଧ୍ୟ ଦିନେ ହେଲେବି ବେପାରୀ ବ୍ୟବହାର କରି ନ ଥିବା କେତେକ ବେପାରୀ କହିଛନ୍ତି। ଆଗରୁ ବେପାରୀମାନେ ବାଉଁଶ ଖୁଣ୍ଟ ଓ ତାଳ ବଡରାରେ ପଲା ତିଆରି କରି ବେପାର କରୁଥିଲେ। ପୂର୍ବ ସରକାରଙ୍କ ଦ୍ୱାରା ବେପାରୀଙ୍କ ସୁବିଧା ପାଇଁ ହାଟ ପିଣ୍ଡିର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏଠି ଅଲଗା ଦେଖିବାକୁ ମିଳୁଛି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ବେପାରୀ ଖରା ଦିନରେ ବାହାରେ ବସୁଥିବାବେଳେ ବର୍ଷା ଦିନରେ ବର୍ଷାରେ ଭିଜି ବେପାର କରୁଥିବା ଦେଖିବାକୁ ମିଳୁଛି। ଏହି ହାଟ ପିଣ୍ଡି ନିର୍ମାଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ବେପାରୀମାନେ ବ୍ୟବହାର ନ କରିବାରୁ କିଛି ଲୋକ ବାଲି ଷ୍ଟକ୍ ରୁମ୍ ଭାବେ ବ୍ୟବହାର କରୁଥିବାବେଳେ ମଦୁଆଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ସଦାନନ୍ଦପୁର ହାଟ ବେପାରୀଙ୍କ ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରତାଦିଆ ଖଣ୍ଡସାହି ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଡେରାବିଶ, ୧୭।୧(ସମିସ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ସମବାୟ ସମିତି ପରିସରରେ ଖୋଲିଥିବା ଧାନ ମଣ୍ଡିକୁ ଜିଲ୍ଲା ସମବାୟ ଉପନିବନ୍ଧକ ସନ୍ତୋଷ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟିର ସଭାପତି ବିମଳକାନ୍ତ ତ୍ରିପାଠୀ, ଉପସଭାପତି ସୁନିତା ବଳ, ନୋଡାଲ ଅଫିସର ଅଜୟ କୁମାର ରାଉତ, ରାଜସ୍ୱ ନିରୀକ୍ଷକ ବିଜୟ କୁମାର ଯେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ କର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସରପଞ୍ଚ ଶିଶିର କୁମାର ସାମଲ, ମଦନ ମୋହନ ସାହୁ, ସରୋଜକାନ୍ତ ଦାସ, ପ୍ରମୋଦ କୁମାର ଭଦ୍ର, ଧ୍ରୁବ ଚରଣ ବାରିକ, ପ୍ରଶାନ୍ତ କୁମାର ଭଦ୍ର, ଶୁଭେନ୍ଦୁ ଭଦ୍ର, ତାପସ ଭଦ୍ର, ରାଜେନ୍ଦ୍ର ଦାସ, ଅଭିରାମ ଭଦ୍ର, ରତ୍ନାକର ସାହୁ, ମନୋରଞ୍ଜନ ସ୍ୱାଇଁ ଓ ଟୁନିପ୍ରଭା ଭଦ୍ର ପ୍ରମୁଖ ଚାଷୀ ଉପସ୍ଥିତ ରହିଥିଲେ। ଶେଷରେ ସମିତିର ସମ୍ପାଦକ ଶୁଭେନ୍ଦୁ କୁମାର ଲେଙ୍କା ସରକାରୀ ନିୟମ ଅନୁଯାୟୀ ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବା ସହିତ ଧାନ ଆରମ୍ଭ ହେଲା ବୋଲି ସୂଚନା ଦେଇଥିଲେ।



## ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନର ଆଲୋଚନାଚକ୍ର

**ପଟ୍ଟାମୁଣ୍ଡାଇ,୧୭ ।୧(ସମିସ):** ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ 'ଇର୍ମର୍ଜିଙ୍ଗ ଟ୍ରେଣ୍ଡସ ଇନ ହାଇ ଏନେର୍ଜି ଫିଜକସ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ମଧ୍ୟପ୍ରଦେଶ ଇନ୍ଦୋର ଆଇଆଇଟିର ପଦାର୍ଥ ବିଜ୍ଞାନ ପ୍ରଫେସର ରଘୁନାଥ ସାହୁ, ଇଟାଲୀ ଆଇ ଏନଏଫଏନ ବୋଲୋଗ୍ନା ସହକାରୀ ପ୍ରଫେସର ଡ଼ ଅରବିନ୍ଦ ଖୁଣ୍ଟିଆ ଯୋଗ ଦେଇ ଆଲୋଚନା କରିଥିଲେ। ଜଗତସିଂହପୁର ଏସଭିଏମ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅନନ୍ତରାମ ପଣ୍ଡା ଆଲୋଚନାରେ ଭାଗ ନେଇ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନ ମୁଖ୍ୟ ଡ଼ ରମେଶ ସାହୁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ କଲେଜ ପଦାର୍ଥବିଜ୍ଞାନ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଏଥିରେ ପ୍ରାଧ୍ୟାପକ ରାମଚନ୍ଦ୍ର ପାତ୍ର, ଡ଼ ଅଟଳ ବିହାରୀ ପଣ୍ଡା, ପ୍ରଭାତ ରଞ୍ଜନ ଲେଙ୍କା, ଦୀପକ ସିଂହ, ଶାନ୍ତନୁ ଲେଙ୍କା, ମନୋରଞ୍ଜନ ସେଠୀ, ଆବେଦିନ ଖାଁ, ଜ୍ୟୋତିପୁଷ୍ପା ବେହୁରା, ଅବିନାଶ ପାତ୍ର, ଚିତ୍ତ ରଞ୍ଜନ ସ୍ୱାଇଁ, ବିଷ୍ଣୁପଦ ରାୟ, ଦୋଳଗୋବିନ୍ଦ ଚୌଧୁରୀ, ମୋନାଲିସା ଖଟୁଆ, ରାକେଶ ପ୍ରଧାନ, ନିମାଇଁ ପତି, ପ୍ରତାପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଡ଼ ବୈକୁଣ୍ଠ ରାଉଳ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଅମିତ ସାହୁ, ଡେମନଷ୍ଟ୍ରେଟର ସତ୍ୟବ୍ରତ ବିଶ୍ୱାଳ, ଅଭିମନ୍ୟୁ ମହାନ୍ତି, ପଣ୍ଟୁ ଜେନା,ଚନ୍ଦ୍ରମଣି ଜେନା ପ୍ରମୁଖ ପରିଚାଳନା କରିଥିଲେ।

**● ପୁଣି ଚୋରା କୋଇଲା ଚାଲାଣ**

## ପିକ୍‌ଅପ୍ ଓଲଟିବା ପରେ ଚର୍ଚ୍ଚା

**ରାଜକନିକା,୧୭।୧(ସମିସ):**ଦିନ ରାତି ଧାମରା ବନ୍ଦରରୁ ବେଆଇନ ଭାବରେ କୋଇଲା ଚୋରା ଚାଲାଣ ଦୀର୍ଘ ଦୁଇ ମାସ ହେବ ବନ୍ଦ ରହିଥିଲା ।ମାତ୍ର ଗତକାଲି ରାତିରେ ଚନ୍ଦନ ପୋଖରୀ ଜୟନଗର ରାସ୍ତାର ଚେରଣ୍ଟପଡାର ବାଙ୍କ ରାସ୍ତା ବୁଲିବା ବେଳେ ଭାରସାମ୍ୟ ହରାଇ ଓଡି ୨୨ ୱାଇ ୭୩୧୪ ନମ୍ବର କୋଇଲା ବ୍ୟାଗ ବୋଝେଇ ପିକଅପ ଭ୍ୟାନ ରାସ୍ତା ତଳକୁ ଓଲଟି ପଡିବାରୁ ପୁଣି ଚୋରା କୋଇଲା ଚାଲାଣ ସକ୍ରିୟ ହୋଇଥିବା ନେଇ ଲୋକଙ୍କ ମଧ୍ୟରେ ଧାରଣା ସୃଷ୍ଟି ହୋଇଛି। ଏହାକୁ ନେଇ ସଚେତନ ନାଗରିକ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରାୟ ଦଶନ୍ଧି ଧରି ଧାମରା ବନ୍ଦରରୁ ଅଷ୍ଟ୍ରେଲିଆରୁ ଆମଦାନୀ ହେଉଥିବା କୋଇଲାକୁ ଟ୍ରେନ୍‌ରୁ କାଢି ତାକୁ ବସ୍ତାରେ ଭର୍ତ୍ତି କରି ଇଟା ପୋଡିବା ପାଇଁ ଭାଟି ମାଲିକଙ୍କୁ ଯୋଗାଇ ଦେବା ଧାରାରେ ବହୁ ବିରୋଧ ଓ ପୁଲିସର ହସ୍ତକ୍ଷେପ ବଳରେ ରୋକ ଲାଗିଥିଲା। ଦୁଇ ମାସ ଧରି ଏଭଳି ଚୋରା ଚାଲାଣ ବନ୍ଦ ଥିବାବେଳେ ଉଭୟ ଚାନ୍ଦବାଲି ଓ ରାଜକନିକା ପୁଲିସ ଏନେଇ ସତର୍କ ଥିବା ଅନୁସନ୍ଧାନରୁ ଜଣାପଡ଼ିଥିଲା। ମାତ୍ର ଗତକାଲି ରାତିରେ ଚୋରା କୋଇଲା ଭର୍ତ୍ତି ଗାଡି ରାସ୍ତା ତଳକୁ ଓଲଟି ପଡିବା ପରେ ପୁଣି ମାଫିଆ ଚୋରା ଚାଲାଣ କରିବାରେ ସଫଳ ହୋଇଥିବା ଜଣାପଡିଛି। ବେଆଇନ ଭାବେ ପୁଣିଥରେ କୋଇଲା ଚୋରା ଚାଲାଣ ବଳବତ୍ତର ହେବା ଖବର ଜଣାପଡିବା ପରେ ଏଥିରେ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯିବା ପରେ ସେ ଏସବୁ ଉପରେ କଡ଼ା ଆଭିମୁଖ୍ୟ ନେବେ ବୋଲି କହିଛନ୍ତି।



---

## ପୂର୍ତ୍ତ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ମିଛ ରିପୋର୍ଟ ପ୍ରଦାନ ଅଭିଯୋଗ

**ପଟ୍ଟାମୁଣ୍ଡାଇ/ମାଳିପୁର,୧୭।୧(ସମିସ):** ନିଜ ଦୋଷ ତ୍ରୁଟି ଘୋଡାଇବା ପାଇଁ ପୂର୍ତ୍ତ ବିଭାଗ ଜିଲ୍ଲାପାଳଙ୍କୁ ମିଛ ରିପୋର୍ଟ ପ୍ରଦାନ କରିଥିବା ନେଇ ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କୁ ମଧ୍ୟ ଭୁଲ ତଥ୍ୟ ଦେଇ ପୂର୍ତ୍ତ ବିଭାଗ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ପ୍ରକାଶ ଯେ, ୨୨ କୋଟି ଟଙ୍କା ବ୍ୟୟ ଅଟକଳରେ ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟା ବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ବର୍ତ୍ତମାନ ଅଞ୍ଚଳରେ ଆଲୋଚ୍ୟ ବିଷୟ ପାଲଟିଛି।

ନିମ୍ନ ମାନର କାର୍ଯ୍ୟ ହେତୁ ରାସ୍ତା ନିର୍ମାଣ ସରିବାର ମାତ୍ର ବର୍ଷକ ମଧ୍ୟରେ ସମଗ୍ର ରାସ୍ତା ନଷ୍ଟ ହୋଇ କ୍ଷତିଗ୍ରସ୍ତ ହୋଇଛି। ରାସ୍ତା ମରାମତି ପାଇଁ ଉତିକଣ ସଂଗ୍ରାମ ପରିଷଦର ସଦସ୍ୟ ମଦନ ମୋହନ ମଲିକ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ମଧ୍ୟ ଉକ୍ତ ଅଭିଯୋଗ ପତ୍ରକୁ ଅନଲାଇନରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗର ନଂ-୧ ଡିଭିଜନକୁ ପଠାଇ ଦେଇଥିଲେ। ଏହାର ଉତ୍ତରରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ତରଫରୁ ଯେଉଁ ଚିଠି ମାଧ୍ୟମରେ ଜିଲ୍ଲାପାଳଙ୍କୁ ଉତ୍ତର ଦିଆଯାଇଛି ସେଥିରେ ସମ୍ପୂର୍ଣ୍ଣ ଭୁଲ ତଥ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗକାରୀ ଶ୍ରୀ ମଲିକ କହିଛନ୍ତି। ବିଭ୍ରାନ୍ତିକର ତଥ୍ୟ ଦିଆଯାଇ ଜିଲ୍ଲାପାଳଙ୍କୁ ଭ୍ରମରେ ରଖା ଯାଇଛି ବୋଲି ଶ୍ରୀ ମଲିକ ଗୁରୁତର ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟାବନ୍ଧ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାର ତାରିଖ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଏବଂ ଜିଲ୍ଲାପାଳଙ୍କୁ ପୂର୍ତ୍ତ ବିଭାଗ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଥିବା ତାରିଖ ସମ୍ପୂର୍ଣ୍ଣ ଭୁଲ ଥିବା ଜଣାଯାଇଛି। ତତ୍ ସହିତ ଉକ୍ତ ରିପୋର୍ଟରେ ରାସ୍ତା ମରାମତି ହୋଇ ବର୍ତ୍ତମାନ ଗମନା ଗମନ ଉପଯୋଗୀ ହୋଇ ସାରିଛି ବୋଲି ସମ୍ପୂର୍ଣ୍ଣ ଭୁଲ ତଥ୍ୟ ପ୍ରଦାନ କରାଯାଇଛି। ସବୁଠାରୁ କୌତୁହଳର ବିଷୟ ହେଉଛି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଉଥିବା ଚିଠିରେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କର ଦସ୍ତଖତ ସହିତ ଅଫିସ ଷ୍ଟାମ୍ପ ବ୍ୟବହାର କରାଯାଇ ନାହିଁ। ଉକ୍ତ ରିପୋର୍ଟରେ ପୂର୍ତ୍ତ ବିଭାଗର କୌଣସି ଅଧିକାରୀଙ୍କ ଦସ୍ତଖତ, ପଦବୀ କିମ୍ବା ଅଫିସ ଷ୍ଟାମ୍ପ କିଛି ମଧ୍ୟ ବ୍ୟବହାର କରାଯାଇ ନଥିବା ଜଣାଯାଇଛି। ତେଣୁ ପୂର୍ତ୍ତ ବିଭାଗର ଏଭଳି ଠକାମି ବିରୁଦ୍ଧରେ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ଶ୍ରୀ ମଲିକଙ୍କ ସହିତ ଉତିକଣ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି, ରମାକାନ୍ତ ଦାସ, ତୀର୍ଥ ପରିଡ଼ା, ଆଶିଷ ମଲିକ, ରଞ୍ଜନ ରାଉତ, ବୃନ୍ଦାବନ ପରିଡ଼ା, ନିରଞ୍ଜନ ଦାସ, ପ୍ରଦୀପ ପଣ୍ଡା, ବିଚିତ୍ର ସେନାପତି, ପ୍ରଶାନ୍ତ ସାହୁ ପ୍ରମୁଖ ଦାବି କରିଛନ୍ତି।

## ଜିଲ୍ଲା ଚାଷୀ ଶ୍ରମିକ ସଂଘର ବନ୍ଧୁମିଳନ



**ଡେରାବିଶ, ୧୭।୧(ସମିସ):** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥିତ ଛତାବଟ ମହାପୁରୁଷଙ୍କ ପ୍ରଶଙ୍ଗଣରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଡେରାବିଶ ବିଡ଼ିଓ ନମିତା ବାରିକ ଓ ସମ୍ମାନିତ ଡେରାବିଶର ଅତିରିକ୍ତ ତହସିଲଦାର ବିଶ୍ୱରଞ୍ଜନ ମହାନ୍ତି ଯୋଗଦେଇ ଏହି ସଂଘ ଡେରାବିଶ ତଥା ଜିଲ୍ଲାର ଚାଷୀମାନଙ୍କ ସ୍ୱାର୍ଥ ପାଇଁ ଯେଉଁ ବଳିଷ୍ଠ ପଦକ୍ଷେପ ମାନ ନେଉଛି ତାହାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସଂଘର ସମ୍ପାଦକ କୃତିବାସ ଦାସ ଉପସ୍ଥିତ ସଂଘର ସମସ୍ତ ସଦସ୍ୟ ଓ ଚାଷୀମାନଙ୍କୁ ଇଂରାଜୀ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ଚଳିତ ବର୍ଷ ଏହି ସଂଘ ଚାଷୀମାନଙ୍କ ଉନ୍ନତି ତଥା ଚାଷୀମାନଙ୍କ ସ୍ୱାର୍ଥ ନିମନ୍ତେ ସମସ୍ତ ଉଦ୍ୟମ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜକାନ୍ତ ସାହୁ, ମହେନ୍ଦ୍ର ସିଂ, ଶରତ ମଳିକ, କମଳାକାନ୍ତ ମହାନ୍ତି, ମଦନ ମହାନ୍ତି, ଅନନ୍ତ ଭୂୟା, ନିରଞ୍ଜନ କର, ତ୍ରିଲୋଚନ ରାଉତ, ଅରକ୍ଷିତ କାଣ୍ଡି, ଅଞ୍ଜନ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ପରିଡ଼ା ସ୍ମୃତି ପରିଷଦ ଗଠିତ

**ଡେରାବିଶ, ୧୭।୧(ସମିସ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ସଲାର ମଠ ପରିସରରେ କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ଉତ୍କଳ ପରିଡ଼ାଙ୍କ ସ୍ମୃତିରେ 'ଉତ୍କଳ ପରିଡ଼ା ସ୍ମୃତି ପରିଷଦ' ଗଠନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖମୋଳ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଗୌତମ ପରିଡ଼ାଙ୍କ ଆବାହକତ୍ୱରେ ଆହୁତ ଏହି ବୈଠକରେ ସିଚିଦାନନ୍ଦ ରଥ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଡେରାବିଶ, ଗରଦପୁର ଓ କେନ୍ଦ୍ରାପଡ଼ା ବ୍ଲକର ସ୍ୱର୍ଗତ ପରିଡ଼ାଙ୍କର ଶୁଭେଚ୍ଛୁ ଓ ବନ୍ଧୁମାନେ ଉପସ୍ଥିତ ରହିଥିଲେ। ସ୍ୱର୍ଗତ ପରିଡ଼ା ଜଣେ ସୁସଂଗଠକ ଓ ସମାଜସେବୀ ଭାବରେ ଗ୍ରାମାଞ୍ଚଳରେ ନିଜର ଦକ୍ଷତା ବଳରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ଅଧୁରା କାମକୁ ସ୍ମୃତି ପରିଷଦ ପୂରଣ କରିବା ପାଇଁ ଏହି ଅନୁଷ୍ଠାନର ଲକ୍ଷ୍ୟ ହେବ ବୋଲି ଆବାହକ ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ। ତେବେ ପ୍ରଥମ କାର୍ଯ୍ୟକ୍ରମ ଚଳିତ ମାସ ୨୪ ତାରିଖ ସ୍ୱର୍ଗତ ଉତ୍କଳ ପରିଡ଼ାଙ୍କ ଜନ୍ମ ଦିବସ ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଅନୁଷ୍ଠାନ ପଞ୍ଜିକରଣ ହେବ ଓ ଏକ ଅଗ୍ରଣୀ ପରିଷଦ ଭାବରେ ସୁନାମ ଅର୍ଜନ କରିବ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ପ୍ରକାଶ କରିଥିଲେ। ଶେଷରେ ଶିକ୍ଷାବିତ ସୁବୋଧ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଡେରାବିଶର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ମହେନ୍ଦ୍ର ସିଂ, ଅମ୍ବିକା ପ୍ରସାଦ ରଥ, ରାଜେଶ ଦାସ, ରଞ୍ଜନ କୁମାର ସ୍ୱାଇଁ, ଅଜୟ ମଲ୍ଲ, ମନୀନ୍ଦ୍ର ପ୍ରସାଦ ରଥ, କୃଷ୍ଣଚନ୍ଦ୍ର ବଳ ପ୍ରମୁଖ ଶତାଧିକ ବ୍ୟକ୍ତି ଉପସ୍ଥିତ ରହିଥିଲେ।

---

**ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍**

# ପରିଚ୍ଛନ୍ନତା ଓ ତଦାରଖ ପରେ ଦେଲେ ସାବାସୀ

**ରାଜନଗର,୧୭ ।୧(ସମିସ)**




କାୟାକଳ୍ପ ଟିମ୍ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ତଦାରଖ କରି ମୂଲ୍ୟାଙ୍କନ କରିଛନ୍ତି। କାୟାକଳ୍ପ ଟିମ୍‌ର ଶୁଭାଶୀଷ ମହାନ୍ତି, ପ୍ରାଣ ଗୋପାଳ ଦାସ, ଦେବଜ୍ୟୋତି ମହାପାତ୍ର ପ୍ରମୁଖ ୩ ଜଣିଆ ଟିମ୍ ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୁଖ୍ୟ ଚିକିତ୍ସାଧିକାରୀ ଡଃ. ରଶ୍ମୀରଞ୍ଜନ ମହାନ୍ତିଙ୍କ ସହ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥିଲେ। କେତେ ଡାକ୍ତର ପଦବୀ ରହିଛି, କେତେ ଜଣ ଡାକ୍ତର ଅଛନ୍ତି, ଷ୍ଟାଫ ପୋଜିସନ ଓ କେଉଁ ଧରଣର ରୋଗୀ ଅଧିକ ଆସୁଛନ୍ତି ସେ ନେଇ ପଚାରି ବୁଝିଥିଲେ। ଏହାପରେ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରିସର ବୁଲି ଦେଖିଥିଲେ। ଚିକିତ୍ସାଳୟର ପରିଚ୍ଛନ୍ନତା, ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ, ଲେବର ରୁମ, ଓପିଡି, ଟୀକାକରଣ ଗୃହ, ବିଭିନ୍ନ ପାଇଖାନା, ଗାର୍ଡେନ, ପାର୍କିଂସ୍ଥଳ, କ୍ୟାଣ୍ଟିନ, ଚିଲଡ୍ରେନ ପାର୍କ, ଓପନ ଜିମ, ଅଫିସ, ଡ୍ୟୁଟି ରୁମ ବୁଲି ଦେଖିଥିଲେ। ବୁଲିବା ସମୟରେ ଷ୍ଟାଫ ନର୍ସ, ଆଟେଣ୍ଡାଣ୍ଟଙ୍କ ସହ ସେମାନେ କିପରି କାର୍ଯ୍ୟ କରୁଛନ୍ତି ଓ ତାର ମେଥଡ ସମ୍ପର୍କରେ ପଚାରି ବୁଝିଥିଲେ। ସଫେଇ କର୍ମଚାରୀଙ୍କ ସହ କଥା ହେବା ସହ କିପରି ସଫେଇ କରୁଛନ୍ତି, ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଚ୍ଛନ୍ନ ରଖିବା ପାଇଁ କି କି ଉପାୟ ଅବଲମ୍ବନ କରୁଛନ୍ତି ସେ ନେଇ ସ୍ପଷ୍ଟ ଭାବେ ବୁଝିଥିଲେ। ଡାକ୍ତରଙ୍କ ସହ କଥା ହେବା ବେଳେ ବାହାର ମେଡିସିନ ଲେଖୁଛନ୍ତି ନାଁ ନାହିଁ, ଆଣ୍ଟି ବାୟୋଟିକ ଲେଖୁଛନ୍ତି ନାଁ ନାହିଁ, ପ୍ରେସକ୍ରିପସନ ପରେ ଷ୍ଟାମ୍ପିଂ ହେଉଛି ନାଁ ନାହିଁ ପଚାରି ବୁଝିଥିଲେ। ବାହାର ମେଡିସିନ ନଲେଖିବାକୁ କହିଥିଲେ। ଆଉଟଡୋର ଓ ଇନଡୋରରେ ଥିବା ରୋଗୀଙ୍କ ସହ କଥା ହୋଇଥିଲେ। ଡାକ୍ତରଖାନାରେ କି କି ସୁବିଧା ମିଳୁଛି। ମାଗଣା ମେଡିସିନ ମିଳୁଛି ନାଁ ନାହିଁ, ଡାକ୍ତରମାନେ ବାହାର ମେଡିସିନ ଲେଖୁଛନ୍ତି କି ଏବଂ ଡାକ୍ତରମାନେ ପଇସା ମାଗୁଛନ୍ତି କି, ସେ ନେଇ ପଚାରିଥିଲେ। ଡାକ୍ତରମାନେ ପଇସା ମାଗୁନଥିବା ଓ ନିରାମୟରେ ମେଡିସିନ ଦେଉଥିବା ଏବଂ ଡାକ୍ତର ଓ କର୍ମଚାରୀଙ୍କ ବ୍ୟବହାର ଉତ୍ତମ ବୋଲି ରୋଗୀମାନେ କହିଥିଲେ। ଇନଡୋରରେ ଥିବା ରୋଗୀଙ୍କୁ କଥା ହେବା ବେଳେ କଣ କଣ ଖାଦ୍ୟ ମିଳୁଛି, ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଥିଲେ। ପରିଦର୍ଶନ ପରେ ବିଭିନ୍ନ ରେକର୍ଡ ଯାଞ୍ଚ କରିଥିଲେ। ସମସ୍ତ କାର୍ଯ୍ୟ ପରେ ଯେତେ ମେଡିକାଲ ବୁଲିଛନ୍ତି, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିବେଶ, ପରିଚ୍ଛନ୍ନତା ଉତ୍ତମ। କର୍ମଚାରୀ ଓ ଡାକ୍ତର ରୋଗୀଙ୍କ ସହ ଉତ୍ତମ ବ୍ୟବହାର କରୁଛନ୍ତି। ସବୁ ଦୃଷ୍ଟିରୁ ରାଜନଗର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଉତ୍‌ତମ ବୋଲି କହିଥିବା ଜଣାପଡିଛି। ରାଜନଗର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଡାଃ. ଆଦିତ୍ୟ କୁମାର ପ୍ରଧାନ, ଡା. ମନୋରଞ୍ଜନ ନାଥ, ଡା ରୁଦ୍ରପ୍ରସନ୍ନ ରାୟ, ନୀଳାଦ୍ରି ପଣ୍ଡା, ଡା. ବିଶ୍ୱଜ୍ୟୋତି ବେହେରା, ଡା ଲଳିତ ମୋହନ ରଥ, ଡା ଟିଟି ମିଶ୍ର, ଡା. ପୁଷ୍ପାଞ୍ଜଳି ମହାପାତ୍ର ଓ ଫାରମାସିଷ୍ଟ ଅମରେନ୍ଦ୍ର ମହାନ୍ତିଙ୍କ ସହିତ ଆଲୋଚନା କରିଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



**ଡେରାବିଶ, ୧୭।୧(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବମ୍ଫୁ ସ୍ଥିତ ଡେଲଟା ଜୁନିୟର କଲେଜରେ ଆଠଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଡଃ ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ ସଭାରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ସୁବ୍ରତ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଅଶୋକ ଦାସ ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ପ୍ରଶିକ୍ଷିକା ରୋଜାଲିନ ସ୍ୱାଇଁ ଶିବିରାର୍ଥୀମାନଙ୍କୁ ଶିଖାଇଥିବା ଆତ୍ମରକ୍ଷାର କିଛି କୌଶଳ ଶିବିରାର୍ଥୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଅଧ୍ୟାପକ ବିକ୍ରମ ବିଶ୍ୱାଳ, ବିକାଶ ସ୍ୱାଇଁ, ପ୍ରଦୀପ ଜେନା, ମହେଶ ଶତପଥୀ, ଅଧ୍ୟାପିକା ମମତା ପ୍ରଧାନ, ମମତା ପଲାଇ, ଅଧ୍ୟାପକ ବିଭୂତି ଦାସ ପ୍ରମୁଖ ଯୋଗଦେଇଥିଲେ। ଶିବିରାର୍ଥୀଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ କ୍ରୀଡ଼ା ପ୍ରଶିକ୍ଷକ ସୁରେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



### ସରକାରୀ ଚାକିରି ପାଇବା ପରେ

## ସ୍ୱାମୀଙ୍କ ସହ ରହିବାକୁ କୋଟିଏ ଟଙ୍କା ମାଗିଲେ ପତ୍ନୀ



ଲକ୍ଷ୍ନୌ, ୧୭।୧ (ଏଜେନ୍ସି):ଉତ୍ତରପ୍ରଦେଶର କାନପୁରରୁ ବିଚଳିତ କରିବା ଭଳି ଖବର ସାମ୍ନାକୁ ଆସିଛି। ଏଠାକାର ଜଣେ ମହିଳା ସରକାରୀ ଚାକିରି ପାଇଛନ୍ତି। ଚାକିରି ପାଇବା ପରେ ମହିଳାଙ୍କଠାରେ ଅନେକ ପରିବର୍ତ୍ତନ ଆସିଛି। ସେ ଶଶୁର ଘରକୁ ଆସିବାକୁ ମନା କରିଦେଇଛନ୍ତି। ପତ୍ନୀଙ୍କୁ ବୁଝାଇସୁଝାଇ ଘରକୁ ଆଣିବା ପାଇଁ ସ୍ୱାମୀ କରୁଥିବା ପ୍ରୟାସ ମଧ୍ୟ ବିଫଳ ହୋଇଛି। ଯେତେ ବୁଝାଇଲେ ବୁଝିବାକୁ ନାରାଜ ପତ୍ନୀ ସ୍ୱାମୀଙ୍କ ସାମ୍ନାରେ ଅଜବ ଦାବି ରଖିଛନ୍ତି। ଏହା ଶୁଣିବା ପରେ ସ୍ୱାମୀଙ୍କ ହୋସ୍ ଉଡ଼ି ଯାଇଛି। ମହିଳା ଏକାଠି ରହିବା ପାଇଁ ସ୍ୱାମୀଙ୍କୁ କୋଟିଏ ଟଙ୍କା ମାଗିଛନ୍ତି। ସ୍ତ୍ରୀକୁ ପଢ଼ାରେ ସହଯୋଗ କରିବା ପାଇଁ କାନାଡ଼ାରୁ ଭଲ ଚାକିରି ଛାଡ଼ି ଆସିଥିବା ସ୍ୱାମୀ ଏହା ଶୁଣି ସ୍ତବ୍ଧ ରହିଯାଇଛନ୍ତି। ସେ କୌଣସି ଉପାୟ ନ ପାଇ ଶେଷରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପତ୍ନୀ ଲକ୍ଷିତା ସିଂହ ଅପମାନିତ କରିଥିବା ସ୍ୱାମୀ ବଜରଙ୍ଗ ଭଦୋରିଆ ଅଭିଯୋଗ କରିଛନ୍ତି। ସେ କାନପୁରର ନୌବସ୍ତା ଥାନାରେ ଏକ ମାମଲା ମଧ୍ୟ ରୁଜୁ କରିଛନ୍ତି। ଏହି ଘଟଣାକୁ ସାରା ଦେଶରେ ଚର୍ଚ୍ଚା ଜୋର୍ ଧରିଛି। ପୁଲିସ୍ ଏତଲା ରୁଜୁ ତଦନ୍ତ ଆରମ୍ଭ କରିଛି। ଅଭିଯୋଗକାରୀ ପତ୍ନୀଙ୍କ ସମେତ ଶାଶୂ ଓ ଶଶୁରଙ୍କୁ ମଧ୍ୟ ଦାୟୀ କରିଛନ୍ତି।

ଭଦୋରିଆ କହିଛନ୍ତି ଯେ ସେ ଲକ୍ଷିତାଙ୍କୁ ବାହା ହେବାକୁ କାନାଡ଼ାରୁ ଚାକିରି ଛାଡ଼ି କାନପୁରରେ ଆସି ରହିଲେ। ସରକାରୀ ଚାକିରି କରିବା ପାଇଁ ସବୁ ପ୍ରକାରର ସହଯୋଗ କଲେ। ମାତ୍ର ପତ୍ନୀ ଏପରି କାହିଁକି କରୁଛନ୍ତି ସେ ବୁଝି ପାରୁନାହାନ୍ତି। ଲକ୍ଷିତା ତାଙ୍କ ସହ ଏପରି କାହିଁକି କଲେ ସେ ଜାଣିପାରୁନାହାନ୍ତି।

## ସଡ଼କ ଦୁର୍ଘଟଣାରେ ୯ ମୃତ



ପୁନେ, ୧୭।୧ (ଏଜେନ୍ସି): ମହାରାଷ୍ଟ୍ର ପୁନେର ନାରାୟଣଗାଁଓ ଅନ୍ତର୍ଗତ ନାସିକ ହାଇୱେରେ ଶୁକ୍ରବାର ସକାଳେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ମିନିଭ୍ୟାନକୁ ପଛପଟୁ ଟ୍ରକ୍ ଧକ୍କା ଦେବାରୁ ଏହା ଆଗରେ ଥିବା ଆଉ ଏକ ବସ୍ ସହ ମାଡ଼ ହୋଇଛି। ଏହି ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଚାରି ଜଣ ମହିଳା, ଚାରି ଜଣ ପୁରୁଷ ଏବଂ ଜଣେ ଶିଶୁ ସାମିଲ ଅଛନ୍ତି। ତିନି ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏହାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି।


### 'ମୁଡା' ଦୁର୍ନୀତି ମାମଲା

## ସିଦ୍ଧରମୈୟାଙ୍କ ୩୦୦ କୋଟିର ସମ୍ପତ୍ତି ଜବତ

ବେଙ୍ଗାଲୁରୁ, ୧୭।୧ (ଏଜେନ୍ସି): ମହୀଶୁର ଡେଭଲପମେଣ୍ଟ ଅଥରିଟି (ମୁଡା) ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସିଦ୍ଧରମୈୟାଙ୍କ ସହିତ ଅନ୍ୟମାନଙ୍କ ୩୦୦ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଜବତ କରିଛି। କେନ୍ଦ୍ରୀୟ ଏଜେନ୍ସି ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ମନି ଲଣ୍ଡରିଂ ଆଇନ ଅଧିନରେ ଏହି ଲୋକଙ୍କ ୧୪୨ ସମ୍ପତ୍ତି ଜବତ କରାଯାଇଛି। ଏହି ସମ୍ପତ୍ତି ରିୟଲ ଇଷ୍ଟେଟ ବ୍ୟବସାୟୀ ଏବଂ ଏଜେଣ୍ଟ ଭାବେ କାମ କରୁଥିବା ଲୋକଙ୍କ ନାମରେ ରହିଛି। ଉଲ୍ଲେଖଯୋଗ୍ୟ ଯେ ମୁଡା ଅଧିନରେ ଅନେକ ଲୋକଙ୍କୁ କମ୍ ମୂଲ୍ୟରେ ସମ୍ପତ୍ତି ଦିଆଯାଇଥିଲା। ଏମାନଙ୍କ ମଧ୍ୟରେ ସିଦ୍ଧରମୈୟାଙ୍କ ପତ୍ନୀ ପାର୍ବତୀ ମଧ୍ୟ ସାମିଲ ଅଛନ୍ତି। ତାଙ୍କୁ ମହୀଶୁରର ପସ୍ ଅଞ୍ଚଳରେ ୧୪ଟି ସାଇଟ୍ ଦିଆଯାଇଥିଲା। ବିବାଦ ସାମ୍ନାକୁ ଆସିବା ପରେ ସେ ଏହାକୁ ଫେରାଇ ଦେଇଥିଲେ।

### କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କ ଟିପ୍ପଣୀ

## ଖରାପ ରାସ୍ତା ନିର୍ମାଣ ଜାମିନ ବିହୀନ ଅପରାଧ ହେବା ଉଚିତ



**ଦୁର୍ଘଟଣା ପାଇଁ ଠିକାଦାର, ଇଞ୍ଜିନିୟରଙ୍କୁ ଦାୟୀ କରି ଜେଲ୍ ପଠାଇବା ଆବଶ୍ୟକ**

ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): ଖରାପ ରାସ୍ତା ନିର୍ମାଣକୁ ଜାମିନ ବିହୀନ ଅପରାଧ ଶ୍ରେଣୀଭୁକ୍ତ କରାଯିବା ଉଚିତ। ସଡ଼କ ଦୁର୍ଘଟଣା ପାଇଁ ରାସ୍ତାର ଠିକାଦାର ଏବଂ ଇଞ୍ଜିନିୟରଙ୍କୁ ଦାୟୀ କରାଯିବା ଆବଶ୍ୟକ। ଏମାନଙ୍କୁ ଜେଲ୍ ପଠାଯିବା ଉଚିତ ବୋଲି କେନ୍ଦ୍ର ସଡ଼କ ପରିବହନମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି। ସେ ଗୁରୁବାର ସିଆଇଆଇ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ମନ୍ତବ୍ୟ ଦେଇଥିଲେ। ଗଡକରୀ କହିଥିଲେ ଯେ ସଡ଼କ ଦୁର୍ଘଟଣାରେ ଭାରତ ବିଶ୍ୱରେ ଏକ ନମ୍ବର ସ୍ଥାନରେ ରହିଛି। ୨୦୩୦ ସୁଦ୍ଧା ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଲୋକଙ୍କ ସଂଖ୍ୟା ଅଧା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ୨୦୨୩ରେ ୫ ଲକ୍ଷ ସଡ଼କ ଦୁର୍ଘଟଣା ହୋଇଥିଲା। ଏଥିରେ ୧.୭୨ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା। ଏଥିରୁ ୬୪ ପ୍ରତିଶତ ଅର୍ଥାତ୍ ୧.୧୪ ଲକ୍ଷ ଲୋକ ୧୮ ରୁ ୪୫ ବର୍ଷର ଥିଲେ। ୧୦ ହଜାର ଶିଶୁ ମଧ୍ୟ ସାମିଲ ରହିଥିଲେ। ହେଲ୍‌ମେଟ୍ ନ ପିନ୍ଧିବା କାରଣରୁ ୫୫ ହଜାର ଏବଂ ସିଟ୍ ବେଲ୍ଟ ନ ଲଗାଇ ଥିବାରୁ ୩୦ ହଜାର ପ୍ରାଣ ହରାଇ ଥିଲେ। ଗଡକରୀ କହିଛନ୍ତି ଯେ ହାଇୱେରେ ଥିବା ବ୍ଲାକ୍ ସ୍ପଟ (ଦୁର୍ଘଟଣା ପ୍ରବଣ ଅଞ୍ଚଳ) ହଟାଇବାକୁ ୪୦ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛି। ସରକାରଙ୍କ ସହ ମିଶି ଡ୍ରାଇଭର ପ୍ରଶିକ୍ଷଣ ଏବଂ ଫିଟନେସ ସେଣ୍ଟର ନିର୍ମାଣ କରିବାକୁ ସେ ଏହି କ୍ଷେତ୍ର ଅନ୍ୟ ଅଂଶଧାରକମାନଙ୍କୁ ନିବେଦନ କରିଛନ୍ତି। ଏହା ଦ୍ୱାରା ଡ୍ରାଇଭର ଅଭାବକୁ ହ୍ରାସ କରାଯାଇପାରିବ।

### ବିଦେଶ ମନ୍ତ୍ରାଳୟର ସୂଚନା


## ୟୁକ୍ରେନ-ରୁଷ୍ ଯୁଦ୍ଧରେ ୧୨ ଭାରତୀୟଙ୍କ ମୃତ୍ୟୁ

**୧୬ ଭାରତୀୟ ନିଖୋଜ**

**ଯୁଦ୍ଧରେ ସାମିଲ ହୋଇଥିଲେ ୧୨୬ ଜଣ**

**ଫେରି ଆସିଲେଣି ୯୬ ନାଗରିକ**

**ଫସିଥିବା ଭାରତୀୟଙ୍କୁ ଆଣିବାକୁ ପ୍ରୟାସ ଜାରି**




ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): ୟୁକ୍ରେନ୍‌ରେ ରୁଷ୍ ଆକ୍ରମଣକୁ ଏ ପର୍ଯ୍ୟନ୍ତ ଭାରତ ବିରୋଧ କରିନାହିଁ। ଏଥିପାଇଁ ଆମେରିକା ଭଳି ୟୁରୋପୀୟ ରାଷ୍ଟ୍ର ଭାରତ ଉପରେ ଚାପ ପକାଇ ଚାଲିଛନ୍ତି। ଏହା ସତ୍ତ୍ୱେ ଭାରତ ରୁଷ୍‌କୁ ସମର୍ଥନ ଦେଇଚାଲିଛି। ଆମେରିକା କଟକଣା ଲଗାଇଥିବାବେଳେ ଭାରତ ରୁଷ୍‌ରୁ ଅଶୋଧିତ ତୈଳ ଆଣୁଛି। ମାତ୍ର ବନ୍ଧୁ ରାଷ୍ଟ୍ର ରୁଷ୍ ଭାରତକୁ ଧୋକା ଦେଇ ଭାରତୀୟଙ୍କୁ ଯୁଦ୍ଧରେ ସାମିଲ କରୁଛି। ବିଭିନ୍ନ କମ୍ପାନୀ ମାଧ୍ୟମରେ ଅଧିକ ଦରମାର ଲୋଭ ଦେଖାଇ ଭାରତୀୟଙ୍କୁ ରୁଷ୍ ସେନାରେ ସାମିଲ କରାଯାଉଛି। ଭାରତର ପ୍ରତିବାଦ ସତ୍ତ୍ୱେ ଏ ପର୍ଯ୍ୟନ୍ତ ରୁଷ୍ ସମସ୍ତ ଭାରତୀୟ ନାଗରିକଙ୍କୁ ଛାଡ଼ି ନାହିଁ। ନିଜ ସେନାରେ ସାମିଲ ଭାରତୀୟଙ୍କୁ ୟୁକ୍ରେନ ସହ ସମ୍ମୁଖ ଯୁଦ୍ଧରେ ଲଢ଼ିବା ପାଇଁ ବାଧ କରାଯାଉଛି। ଏ ପର୍ଯ୍ୟନ୍ତ ରୁଷ୍ ପାଇଁ ଲଢ଼ି ୧୨ ଭାରତୀୟ ନାଗରିକ ୟୁକ୍ରେନରେ ପ୍ରାଣ ହରାଇଲେଣି ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ ଶୁକ୍ରବାର ଏହି ସୂଚନା ଦେଇ କହିଛନ୍ତି ଯେ ଏବେ ସୁଦ୍ଧା ୧୨୬ ଭାରତୀୟ ରୁଷ୍ ସେନାରେ ସାମିଲ ହୋଇଥିବା ସୂଚନା ମିଳିଛି। ଏମାନଙ୍କ ମଧ୍ୟରୁ ୯୬ ଜଣ ଭାରତ ଫେରି ଆସିଲେଣି। ଆଉ ୧୮ ଜଣ ରୁଷ୍‌ରେ ଫସି ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୬ ଜଣ ନିଖୋଜ ଅଛନ୍ତି। ତାଙ୍କର କୌଣସି ଖୋଜ୍‌ଖବର ମିଳିପାରି ନାହିଁ। ଏହି ନାଗରିକଙ୍କୁ ଫେରାଇ ଆଣିବା ଲାଗି ପ୍ରୟାସ କରାଯାଉଛି। ୨୦୨୨ ଫେବୃଆରୀ ୨୪ରୁ ରୁଷ୍-ୟୁକ୍ରେନ ଯୁଦ୍ଧ ଜାରି ରହିଛି। ୟୁକ୍ରେନ ଆକ୍ରମଣରେ ରୁଷ୍‌ର ଅନେକ ଯବାନ ପ୍ରାଣ ହରାଇଛନ୍ତି। ତେଣୁ ଏହି କ୍ଷତି ଭରଣା ଲାଗି ରୁଷ୍ ଯୁଦ୍ଧରେ ସାମିଲ କରିବାକୁ ଭଡ଼ାରେ ଲୋକଙ୍କୁ ନିଯୁକ୍ତି କରୁଛି। ଅନ୍ୟ ଦେଶର କିଛି ଲୋକଙ୍କୁ ଜୋରଜବରଦସ୍ତି ଯୁଦ୍ଧକୁ ଠେଲି ଦିଆଯାଉଛି। ଏମାନଙ୍କ ମଧ୍ୟରେ ଅନେକ ଭାରତୀୟ ସାମିଲ ଅଛନ୍ତି। ଅଧିକାଂଶ ଚାକିରି କରିବାକୁ ରୁଷ୍ ଯାଇ ସେଠାରେ ଫସି ରହିଥିଲେ।

କିଛି ଦିନ ତଳେ କେରଳ ତ୍ରିଶୁରର ବିନିଲ ବାବୁ ରୁଷ୍ ଯୁଦ୍ଧରେ ପ୍ରାଣ ହରାଇଥିଲେ। ତାଙ୍କର ଜଣେ ସମ୍ପର୍କୀୟ ଜୈନ ଟି କୁରିୟନ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହାକୁ ନେଇ ଜୟସ୍ୱାଲ କହିଛନ୍ତି ଯେ ବିନିଲଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଘଟଣା। ତାଙ୍କ ପରିବାର ସହ ଆଲୋଚନା କରାଯାଇଛି। ଏ ନେଇ ରୁଷ୍ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଉଛି। ଖୁବ୍‌ଶୀଘ୍ର ବିନିଲଙ୍କ ମୃତଦେହ ଭାରତ ଅଣାଯିବ। ସେହିପରି ଏବେ କୁରିୟନଙ୍କ ଚିକିତ୍ସା ଜାରି ରହିଛି। ଭାରତୀୟ ଦୂତାବାସ ତାଙ୍କ ସହ ଯୋଗାଯୋଗ କରିଛି। ଦେହ ଭଲ ହେବା ପରେ ତାଙ୍କୁ ଫେରାଇ ଅଣାଯିବ। ସୂଚନାଯୋଗ୍ୟ ଯେ ୩୨ ବର୍ଷୀୟ ବିନିଲ ଅନେକ ମାସ ହେଲା ଭାରତ ଫେରିବାକୁ ନିବେଦନ କରୁଥିଲେ। ମାତ୍ର ରୁଷ୍ ଅଧିକାରୀ ତାଙ୍କୁ ଫେରିବାକୁ ଦେଉ ନ ଥିଲେ। ବାଧ କରି ସମ୍ମୁଖ ଯୁଦ୍ଧକୁ ପଠାଇ ଦେଇଥିଲେ।

### ହ୍ୱାଇଟ୍ ହାଉସ୍ ଉପରେ ଆକ୍ରମଣ ମାମଲା

## ଭାରତୀୟ ଯୁବକଙ୍କୁ ୮ ବର୍ଷ ଜେଲ୍



ୱାଶିଂଟନ, ୧୭।୧ (ଏଜେନ୍ସି): ଆମରିକା ରାଷ୍ଟ୍ରପତି ଭବନ ହ୍ୱାଇଟ ହାଉସ୍‌ରେ ଆକ୍ରମଣ ଉଦ୍ୟମ ମାମଲାରେ ଭାରତୀୟ ନାଗରିକ ସାଇ ବର୍ସିଥ୍ କାଣ୍ଡୁଲା (୨୦)ଙ୍କୁ ୮ ବର୍ଷ ଜେଲଦଣ୍ଡ ହୋଇଛି। ସେ ୨୦୨୩ ମସିହା ମେ' ୨୨ରେ ଭଡ଼ାରେ ଟ୍ରକ ନେଇ ହ୍ୱାଇଟ୍ ହାଉସରେ ଆକ୍ରମଣ ଯୋଜନା କରିଥିଲେ। ଗତ ବର୍ଷ ମେ' ୧୩ ତାରିଖରେ ଜାଣିଶୁଣି ସମ୍ପତ୍ତି କ୍ଷତି କରିବା ଅଭିଯୋଗରେ ଆମେରିକା କୋର୍ଟ କାଣ୍ଡୁଲାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ନାଜି ଚିନ୍ତାଧାରାରେ ପ୍ରଭାବିତ ହୋଇ ଏକଛତ୍ରବାଦୀ ଶାସନ ସ୍ଥାପନ କରିବା ପାଇଁ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ଆମେରିକୀୟ ସରକାରଙ୍କୁ ହଟାଇବାକୁ ସେ ଲକ୍ଷ୍ୟ ରଖିଥିଲା। ଭାରତର ଚନ୍ଦନଗରରେ ଜନ୍ମିତଏହି ଯୁବକ ଗ୍ରୀନ୍ କାର୍ଡ ସହିତ ଆମେରିକାର ସ୍ଥାୟୀ ବାସିନ୍ଦା ଥିଲା। କୋର୍ଟଙ୍କ ସୂଚନା ଅନୁଯାୟୀ ସେ ୨୦୨୩ ମେ' ୨୨ରେ ସେଣ୍ଟ ଲୁଇସରୁ ୱାଶିଂଟନ ଯାଇ ସନ୍ଧ୍ୟା ପ୍ରାୟ ୫ଟା ୨୦ ସମୟରେ ଡଲ୍ସ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ସନ୍ଧ୍ୟା ୬.୩୦ ରେ ଏକ ଟ୍ରକ୍ ଭଡ଼ା ହ୍ୱାଇଟ ହାଉସ ଉପରେ ଆକ୍ରମଣ କରିଥିଲା।

### ଦିଲ୍ଲୀ ଏମ୍ସ ବାହାରେ ଶୋଇଥିବା ରୋଗୀଙ୍କୁ ଭେଟିଲେ ରାହୁଲ

## ସୁବିଧା ଦେବାରେ ବିଫଳ ଦିଲ୍ଲୀ ଓ କେନ୍ଦ୍ର ସରକାର




ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଗୁରୁବାର ବିଳମ୍ବିତ ରାତିରେ ଦିଲ୍ଲୀ ଏମ୍ସ ବାହାରେ ରୋଗୀଙ୍କୁ ଭେଟିଛନ୍ତି। ସେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ସ୍ୱାସ୍ଥ୍ୟାବସ୍ଥା ଏବଂ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ପଚାରି ବୁଝିଛନ୍ତି। ରାହୁଲ ଏହାର ଫଟୋ ସେୟାର କରିଛନ୍ତି। ଏଥିରେ ରୋଗୀ ଅସହ୍ୟ ଶୀତରେ ଭୋକଉପାସରେ ହସ୍ପିଟାଲ ବାହାରେ ଶୋଉଥିବା ଦେଖାଯାଉଛି। ଦେଶର ଏତେ ବଡ଼ ହସ୍ପିଟାଲରେ ଏଭଳି ଅବ୍ୟବସ୍ଥାକୁ ନେଇ ରାହୁଲ ଅସନ୍ତୋଷ ପ୍ରକାଶ କରିଛନ୍ତି। ବହୁ ଦୂରରୁ ଡାକ୍ତରଙ୍କୁ ଦେଖାଇବାକୁ ଆସିଥିବା ଏହି ରୋଗୀଙ୍କ ପ୍ରତି ସରକାରଙ୍କ ସମ୍ବେଦନହୀନତାକୁ ସମାଲୋଚନା କରିଛନ୍ତି। ଜନତାଙ୍କ ପ୍ରତି ନିଜ ଉତ୍ତରଦାୟିତ୍ୱ ନିର୍ବାହ କରିବାରେ କେନ୍ଦ୍ର ଏବଂ ଦିଲ୍ଲୀ ସରକାର ବିଫଳ ହୋଇଛନ୍ତି ବୋଲି ରାହୁଲ କହିଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ଏହି ଭିଡିଓ ଜାରି କରି କୁହାଯାଇଛି ଯେ ଦିଲ୍ଲୀ ଏମ୍ସରେ ରୋଗୀଙ୍କୁ ମାସ ମାସ ଧରି ସ୍ୱାସ୍ଥ୍ୟସେବା ମିଳୁନାହିଁ। ରୋଗୀସେବା ବିନା ଲୋକେ ହନ୍ତସନ୍ତ ହେଉଛନ୍ତି।କେନ୍ଦ୍ର ଏବଂ ଦିଲ୍ଲୀ ସରକାର ରୋଗୀଙ୍କ ସମସ୍ୟା ବୁଝିବା ବଦଳରେ ଅସହାୟ ଅବସ୍ଥାରେ ଛାଡ଼ି ଦେଉଛନ୍ତି।

## ତାମିଲନାଡୁ ରାଜ୍ୟପାଳ ଓ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ

ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): ତାମିଲନାଡୁ ରାଜ୍ୟପାଳ ଆରଏନ ରବି ଏବଂ କ୍ଷମତାସୀନ ଡିଏମ୍‌କେ ମଧ୍ୟରେ ଚାଲିଥିବା ବିବାଦ ଉପରେ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ବିବାଦର ଶୀଘ୍ର ସମାଧାନ କରିବାକୁ ସୁପ୍ରିମକୋର୍ଟ ଉଭୟ ପକ୍ଷଙ୍କୁ ଚେତାବନୀ ଦେଇଛନ୍ତି। ଯଦି ଉଭୟ ପକ୍ଷ ଆସନ୍ତା ଶୁଣାଣି ସୁଦ୍ଧା ସମାଧାନ ପାଇଁ ପଦକ୍ଷେପ ନ ନିଅନ୍ତି ତେବେ କୋର୍ଟ ହସ୍ତକ୍ଷେପ କରିବେ। ମାମଲାର ଫଇସଲା କରିଦେବେ ବୋଲି କହିଛନ୍ତି। ରାଜ୍ୟ ୟୁନିଭର୍ସିଟିରେ କୁଳପତି ନିଯୁକ୍ତି ମାମଲାରେ ଶୀଘ୍ର ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳ ଏବଂ ସରକାରଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ବିବାଦ ଚାଲିଥିବାବେଳେ ଶୁକ୍ରବାର ମାମଲାର ଶୁଣାଣି କରି ଜଷ୍ଟିସ ଏସବି ପାଦ୍ରୀୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ପୂର୍ବରୁ କୋର୍ଟ ରାଜ୍ୟପାଳଙ୍କୁ ଚେତାବନୀ ଦେଇଥିଲେ। ତେବେ ଏହା ସତ୍ତ୍ୱେ ବିବାଦର ସମାଧାନ ହୋଇନାହିଁ। ବିଧାନସଭାରେ ପାରିତ ବିଲ୍‌କୁ ରାଜ୍ୟପାଳ ଅଟକାଇ ରଖିଛନ୍ତି।

## ମହାକୁମ୍ଭରେ ରୁଷର ୭ ଫୁଟର 'ମସ୍‌କ୍ୟୁଲାର ବାବା'



ପ୍ରୟାଗରାଜ,୧୭।୧(ଏଜେନ୍ସି): ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳାରେ ଅଂଶଗ୍ରହଣ କରିବା ପାଇଁ ସାରା ବିଶ୍ୱରୁ ଲକ୍ଷ ଲକ୍ଷ ଲୋକ ପହଞ୍ଚୁଛନ୍ତି। ଭାରତ ବ୍ୟତୀତ ବିଦେଶରୁ ମଧ୍ୟ ତୀର୍ଥଯାତ୍ରୀ ଏବଂ ସନ୍ଥମାନେ ଏଠାକୁ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପ୍ରମୁଖ ସନ୍ଥ ହେଉଛନ୍ତି ଆତ୍ମା ପ୍ରେମ ଗିରି ମହାରାଜ। ଏହି ସନ୍ଥ ତାଙ୍କ ଉଚ୍ଚତା ଯୋଗୁଁ 'ମସ୍‌କ୍ୟୁଲାର ବାବା' ଭାବରେ ମଧ୍ୟ ବେଶ ଜଣାଶୁଣା। ତାଙ୍କର ଉଚ୍ଚତା ୭ ଫୁଟ ଉଚ୍ଚ ଏବଂ ସେ ... ପୋଷାକ ପିନ୍ଧନ୍ତି। ସେ ତାଙ୍କ ଶରୀରରେ 'ରୁଦ୍ରାକ୍ଷ ମାଳା' ପିନ୍ଧିଛନ୍ତି। ମହାକୁମ୍ଭ ମେଳାରେ ତାଙ୍କର ଆଗମନ ଲୋକଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରିଛି। ଅନେକ ଲୋକ ତାଙ୍କୁ ଭଗବାନ ପର୍ଶୁରାମଙ୍କ ଆଧୁନିକ ରୂପ ବୋଲି ମାନିଥାନ୍ତି। ସୂଚନାଯୋଗ୍ୟ ଯେ, ପର୍ଶୁରାମଙ୍କୁ ଜଣେ ଯୋଦ୍ଧା ଭାବରେ ପୂଜା କରାଯାଏ। ସେ ଭଗବାନ ବିଷ୍ଣୁଙ୍କ ଦଶାବତାର ମଧ୍ୟରୁ ଜଣେ।ପ୍ରେମ ଗିରି ମହାରାଜ ମୂଳତଃ ରୁଷର। ପ୍ରେମ ଗିରି ମହାରାଜ ୩୦ ବର୍ଷ ପୂର୍ବେ ସନାତନ ଧର୍ମ ଗ୍ରହଣ କରିଥିଲେ। ସେବେଠାରୁ ସେ ସନାତନର ପ୍ରଚାର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ପୂର୍ବରୁ ସେ ଜଣେ ଶିକ୍ଷକ ଥିଲେ, କିନ୍ତୁ ପରେ ସେ ତାଙ୍କର ବୃତ୍ତିଗତ କ୍ୟାରିଅର ଛାଡି ଏକ ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ନେପାଳରେ ରହୁଛନ୍ତି ଏବଂ ହିନ୍ଦୁ ଧର୍ମର ପ୍ରଚାର କରନ୍ତି। ସେ ହିନ୍ଦୁ ସନ୍ଥମାନଙ୍କ ଏକ ପ୍ରମୁଖ ସଂଗଠନ ଜୁନା ଆଖଡାର ମଧ୍ୟ ସଦସ୍ୟ। 'ମସ୍‌କ୍ୟୁଲାର ବାବା'ଙ୍କୁ ନେଇ ଇନଷ୍ଟାଗ୍ରାମ୍‌ରେ ଜଣେ ୟୁଜର ଆତ୍ମା ପ୍ରେମ ଗିରି ମହାରାଜଙ୍କ ଏକ ଫଟୋ ସେୟାର କରିଛନ୍ତି, ଯାହାକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା।

**ମଲ୍ଲଯୋଦ୍ଧା ପରି ଶରୀର, ବେକରେ 'ରୁଦ୍ରାକ୍ଷ ମାଳା**

## ସୈଫଙ୍କୁ ହୋଇଥାନ୍ତା ପକ୍ଷାଘାତ!

ମୁମ୍ବାଇ, ୧୭।୧ (ଏଜେନ୍ସି): ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ହୋଇଥିବା ଆକ୍ରମଣ ସମଗ୍ର ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଲିସ ଏହି ମାମଲାରେ ଜଣଙ୍କୁ ଗିରଫ କରି ଛାଡ଼ି ଦେଇଛି। ଜେରା ପରେ ସେ ଆକ୍ରମଣକାରୀ ନୁହେଁ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଚିକିତ୍ସା ପରେ ସୈଫଙ୍କୁ ଆଇସିୟୁରୁ ୱାର୍ଡକୁ ସିଫ୍ଟ କରାଯାଇଛି। ସୈଫଙ୍କ ଡାକ୍ତରଙ୍କ କହିବାନୁଯାୟୀ, ଯଦି ଛୁରୀଟି ଅଧିକ ଭିତରକୁ ପଶିଯାଇଥାନ୍ତା ତେବେ ଏହା ଅଭିନେତାଙ୍କ ପାଇଁ ଏକ ବଡ଼ ବିପଦ ହୋଇପାରିଥାନ୍ତା। ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ହୋଇଥିବା ୬ଟି ଆକ୍ରମଣ ମଧ୍ୟରୁ ଗୋଟିଏ ମେରୁଦଣ୍ଡ ପାଖରେ ଲାଗିଥିଲା। ଯଦି ମେରୁଦଣ୍ଡ ହାଡ଼ ପାଖରେ ତଥା ୨ ମିମି. ଅଧିକ ଗଭୀର ଆଘାତ ଲାଗିଥାନ୍ତା ତେବେ ତାଙ୍କୁ ପକ୍ଷାଘାତ ହୋଇଯାଇଥାନ୍ତା। ଲୀଳାବତୀ ହସ୍ପିଟାଲର ନ୍ୟୁରୋସର୍ଜନ ଡାକ୍ତର ନୀତିନ ଡାଙ୍ଗେ ଅଭିନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ଦେଇ ଏଭଳି କହିଥିଲେ।

## ମହାକୁମ୍ଭକୁ ସର୍ବାଧିକ ସର୍ଚ୍ଚ କରୁଛି ପାକିସ୍ତାନ

ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): ପ୍ରୟାଗରାଜରେ ମହାକୁମ୍ଭ ପାଇଁ ଦିବ୍ୟ ଆୟୋଜନ ହୋଇଛି। ଦେଶ ବିଦେଶର କୋଟି କୋଟି ଶ୍ରଦ୍ଧାଳୁ ଆସି ମହାକୁମ୍ଭରେ ବୁଡ଼ ପକାଉଛନ୍ତି। ଏହି ସମୟରେ ଗୁଗଲରେ ମହାକୁମ୍ଭକୁ ସବୁଠୁ ଅଧିକ ସର୍ଚ୍ଚ କରାଯାଉଛି। ଗୁଗୁଲ ଟ୍ରେଣ୍ଡ ଅନୁସାରେ ଗତ ୧୫ ଦିନ ମଧ୍ୟରେ ସାରା ବିଶ୍ୱରେ ମହାକୁମ୍ଭ, କୁମ୍ଭ, ପ୍ରୟାଗରାଜ ଭଳି ଶବ୍ଦ ବହୁ ମାତ୍ରାରେ ସର୍ଚ୍ଚ କରାଯାଇଛି। ଏଥିରେ ମୁସଲିମ ବହୁଳ ଦେଶମାନେ ଆଗରେ ଅଛନ୍ତି। ପାକିସ୍ତାନ ଓ ଆରବ ସମେତ ଇସଲାମିକ ଦେଶରେ ମହାକୁମ୍ଭକୁ ସବୁଠୁ ଅଧିକ ସର୍ଚ୍ଚ କରାଯାଉଛି। ଏଥିରେ ପାକିସ୍ତାନ ସବୁ ଦେଶଠାରୁ ଆଗରେ ରହିଛି। ଏହା ପଛକୁ କାତାର, ୟୁଏଇ ଓ ବାହାରିନ ଭଳି ଦେଶ ଅଛନ୍ତି। ଏହା ବ୍ୟତୀତ ନେପାଳ, ସିଙ୍ଗାପୁର, ଅଷ୍ଟ୍ରେଲିଆ, କାନାଡା, ଆୟରଲ୍ୟାଣ୍ଡ, ବ୍ରିଟେନ ଥାଇଲ୍ୟାଣ୍ଡ ଓ ଆମେରିକା ଭଳି ଦେଶର ଲୋକମାନେ ମଧ୍ୟ ମହାକୁମ୍ଭକୁ ସର୍ଚ୍ଚ କରୁଥିବା ଜଣାପଡିଛି। ମହାକୁମ୍ଭ କେବଳ ଭାରତୀୟଙ୍କ ପର୍ବ ହୋଇ ନାହିଁ। ଏହା ଏକ ବୈଶ୍ୱିକ ପର୍ବରେ ପରିଣତ ହୋଇଯାଇଛି। ଅନେକ ବିଦେଶୀ ଆସି ଏଠାରେ ବୁଡ ପକାଉଛନ୍ତି। ବ୍ରାଜିଲ, ଜର୍ମାନୀ, ଜାପାନ, ଇଂଲଣ୍ଡ, ଆମେରିକା ଓ ସ୍ପେନ ପରି ଦେଶରୁ ଅନେକ ଶ୍ରଦ୍ଧାଳୁ ଆସୁଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ କଥା ମାନୁନି ନିଜ ଦଳ

## ମାଗଣା ଘୋଷଣାକୁ ମୋଦୀଙ୍କ ବିରୋଧ; ବିଜେପିର ସମର୍ଥନ



**ଆପ୍, କଂଗ୍ରେସଠୁ ବଳିଗଲା ବିଜେପିର ଘୋଷଣା**

**ଦିଲ୍ଲୀ ନିର୍ବାଚନ ପାଇଁ ମାଗଣା ପ୍ରତିଶ୍ରୁତିର ବର୍ଷା କଲା ବିଜେପି**

**ଗ୍ୟାସ୍ ସିଲିଣ୍ଡରରେ ୫୦୦ ଟଙ୍କା ରିଆତି; ଦୀପାବଳି-ହୋଲିରେ ମାଗଣା**

**ମହିଳାଙ୍କୁ ମାସକୁ ୨୫୦୦ ଟଙ୍କା; ଗର୍ଭବତୀଙ୍କୁ ୨୧୦୦୦ ଟଙ୍କା**



ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): ଭାରତରେ ବର୍ଷକୁ କେଉଁଠି ନା କେଉଁଠି ନିର୍ବାଚନ ହେଉଛି। ଏହି ନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ରାଜନୈତିକ ଦଳଗୁଡିକ ମାଗଣା ଘୋଷଣା କରିଚାଲିଛନ୍ତି। ମାତ୍ର କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏଭଳି ଘୋଷଣା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ସେ ଭୋଟ୍ ପାଇଁ ଫ୍ରିବିଜ୍ ତଥା ମାଗଣା ଘୋଷଣା (ରେଭଡି) ସବୁଠୁ ବିପଜ୍ଜନକ ବୋଲି କହିଆସୁଛନ୍ତି। ଏଭଳି ଘୋଷଣାରୁ ଦୂରେଇ ରହିବାକୁ ସେ ରାଜ୍ୟମାନଙ୍କୁ ପରାମର୍ଶ ମଧ୍ୟ ଦେଉଛନ୍ତି। ଏହାକୁ ନେଇ ମୋଦୀ ବିରୋଧୀଦଳଗୁଡିକୁ ମଧ୍ୟ ସମାଲୋଚନା କରିଛନ୍ତି। ମାଗଣାରେ ଦେଇ ଟିକସଦାତାଙ୍କ ଅର୍ଥକୁ ନଷ୍ଟ କରାଯାଉଛି। ଏହା ଦେଖି ଟିକସଦାତା ଦୁଃଖିତ ହେଉଛନ୍ତି ବୋଲି ମୋଦୀ ପୂର୍ବରୁ କହିଥିଲେ। କିନ୍ତୁ ଦୁଃଖର ବିଷୟ ଏହି କି ଯେ ପ୍ରଧାନମନ୍ତ୍ରୀ ମାଗଣା ଦେବାକୁ ନେଇ ବିରୋଧୀଦଳଙ୍କୁ ସମାଲୋଚନା କରୁଥିଲାବେଳେ ତାଙ୍କ ନିଜ ଦଳ ବିଜେପି ଏହା ପାଳନ କରୁନାହିଁ। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ନ ମାନି ଗୋଟିଏ ପରେ ଗୋଟିଏ ବିଜେପି ଶାସିତ ରାଜ୍ୟ ଏଭଳି ଘୋଷଣା କରିଚାଲିଛନ୍ତି। ପୂର୍ବରୁ ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ମହାରାଷ୍ଟ୍ରରେ ଏପରି ଦେଖିବାକୁ ମିଳିଥିବାବେଳେ ଶୁକ୍ରବାର ଦିଲ୍ଲୀ ନିର୍ବାଚନ ପାଇଁ ବିଜେପି ଜାରି କରିଥିବା ଇସ୍ତାହାରରେ ମାଗଣା ପ୍ରତିଶ୍ରୁତିର ବର୍ଷା କରିଯାଇଛି। ଏ ସବୁ ଦେଖିଲେ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଥା ନିଜ ଦଳ ବିଜେପି ମାନୁନାହିଁ ବୋଲି ସ୍ପଷ୍ଟ ହେଉଛି। ଆଜି ବିଜେପି କରିଥିବା ଘୋଷଣା ଆମ୍ ଆଦମୀ ପାର୍ଟି (ଆପ୍) ଏବଂ କଂଗ୍ରେସଠାରୁ ବି ବଳି ଯାଇଛି ବୋଲି କୁହାଯାଉଛି।

ଦିଲ୍ଲୀ ବିଧାନସଭା ପାଇଁ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ନିର୍ବାଚନୀ ଇସ୍ତାହାର ଜାରି କରି କହିଛନ୍ତି ଯେ ଦିଲ୍ଲୀରେ ବିଜେପି ସରକାର ଗଠନ କଲେ ମହିଳା ସମୃଦ୍ଧି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ମାସକୁ ୨୫୦୦ ଟଙ୍କା ଦିଆଯିବ। ପ୍ରଥମ କ୍ୟାବିନେଟ ବୈଠକରେ ଏହା ଉପରେ ମୋହର ବାଜିବ। ତେବେ ପୂର୍ବରୁ ଆପ୍ ମହିଳାଙ୍କୁ ମାସକୁ ୨୧୦୦ ଟଙ୍କା, କଂଗ୍ରେସ 'ପ୍ୟାରୀ ଦିଦି ଯୋଜନା'ରେ ୨୫୦୦ ଟଙ୍କା ଦେବାକୁ ଘୋଷଣା କରିଥିଲା। ସେହିପରି ବିଜେପି ଗର୍ଭବତୀଙ୍କୁ ଏକକାଳୀନ ୨୧ ହଜାର ଟଙ୍କା, ୬ଟି ପୁଷ୍ଟିକର କିଟ୍, ପିଏମ୍ ମାତୃତ୍ୱ ବନ୍ଦନ ଯୋଜନାରେ ପ୍ରଥମ ସନ୍ତାନ ପାଇଁ ୫୦୦୦ ଟଙ୍କା ଏବଂ ଦ୍ୱିତୀୟ ସନ୍ତାନ ବେଳକୁ ୬୦୦୦ ଟଙ୍କା ଦେବାକୁ ଦଳ ଘୋଷଣା କରିଛି। ଦିଲ୍ଲୀର ଗରିବ ମହିଳାଙ୍କୁ ୫୦୦ ଟଙ୍କା ରିଆତିରେ ଏଲ୍ପିଜି ସିଲିଣ୍ଡର ଯୋଗାଇ ଦିଆଯିବ। ହୋଲି ଏବଂ ଦୀପାବଳିରେ ଗୋଟିଏ ଲେଖାଏଁ ସିଲିଣ୍ଡର ମଧ୍ୟ ମାଗଣାରେ ଦିଆଯିବ। ଦିଲ୍ଲୀରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ସହିତ ବରିଷ୍ଠ ନାଗରିକମାନଙ୍କୁ (୭୦ ବର୍ଷରୁ ଅଧିକ) ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରାଯିବ। ସେହିପରି ୬୦-୭୦ ବର୍ଷର ଲୋକଙ୍କୁ ମାସକୁ ୨୫୦୦ ଟଙ୍କା, ୭୦ ବର୍ଷରୁ ଉର୍ଦ୍ଧ୍ୱ, ବିଧବା ଏବଂ ଦିବ୍ୟାଙ୍ଗଙ୍କୁ ୩୦୦୦ ଟଙ୍କା ଭତ୍ତା ଦିଆଯିବ। ଦିଲ୍ଲୀର ବସ୍ତି ଅଞ୍ଚଳରେ ଅଟଳ କ୍ୟାଣ୍ଟିନ ଖୋଲି ୫ ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯିବ। ଏହା ସହିତ ଏବେ ଦିଲ୍ଲୀରେ ଚାଲିଥିବା ସମସ୍ତ ଯୋଜନାଗୁଡିକ ଆଗାମୀ ଦିନରେ ଜାରି ରଖାଯିବ ବୋଲି ନଡ୍ଡା କହିଛନ୍ତି। ସୂଚନାଯୋଗ୍ୟ ଯେ ଦିଲ୍ଲୀରେ ଫେବୃଆରୀ ୫ରେ ମତଦାନ ହେବ। ଏହାର ଦୁଇ ଦିନ ପରେ ୮ରେ ଫଳାଫଳ ଘୋଷଣା କରାଯିବ।

### ବଢ଼ିଲା ହଂସିତାଙ୍କ ଅଡୁଆ

## ଇନ୍‌ଫୋସିଟି ଥାନାରେ ରୁଜୁ ହେଲା ଆଉ ଏକ ମାମଲା

**ପାସ୍‌ପୋର୍ଟ ପାଇଁ ନିଜ ନାମ ଜାଲିଆତି କରିଥିଲେ**

**ଆଜି ଦୁଇଟି ମାମଲାର ଜାମିନ୍ ଆବେଦନର ଶୁଣାଣି**

**ସ୍ୱାମୀଙ୍କ ମେଡିକାଲ ଆଳ ଦେଖାଇ ଜାମିନ୍ ଆବେଦନ**

ଭୁବନେଶ୍ୱର,୧୭ ।୧(ସମିସ): ହଂସିତା ଅଭିଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦଙ୍କ ପାଇଁ ବଢ଼ିଲା ଅଡୁଆ। ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ତାଙ୍କ ନାମରେ ଆଉ ଏକ ନୂଆ ମାମଲା (୧୧/୨୦୨୫) ରୁଜୁ ହୋଇଛି। ୨୦୧୭ ମେ ୧ତାରିଖରେ ତାଙ୍କ ନାମରେ ବଡ଼ଗଡ଼ ଥାନାରେ କେସ୍ ନଂ-୧୦୦/୨୦୧୭ରେ ଏସ୍‌ଟି/ଏସ୍‌ସି ଆକ୍ଟରେ ମାମଲା ରହିଥିଲା। ଏଥିରେ ତାଙ୍କ ଅସଲ ନାମ ବିଷ୍ଣୁପ୍ରିୟା ଚାନ୍ଦ ବୋଲି ଉଲ୍ଲେଖ ରହିଛି। ତାଙ୍କ ନାମରେ ମାମଲା ଥିବାରୁ ପାସ୍‌ପୋର୍ଟ ପାଇବା ପାଇଁ ସେ ତାଙ୍କ ପୂର୍ବ ନାମ ବଦଳାଇ ହଂସିତା ଅଭିଲିପ୍‌ସା ରଖିଥିଲେ। ଏନେଇ ପାସ୍‌ପୋର୍ଟ ଅଧିକାରୀଙ୍କୁ ସେ ଜଣାଇ ନ ଥିଲେ। ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଇନ୍ସପେକ୍ଟର ମାନସ ସ୍ୱାଇଁ ତଦନ୍ତ କରିବା ପରେ ଏଭଳି ଜାଲିଆତି ଜାଣି ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଯାହା ଆଧାରରେ ହଂସିତାଙ୍କ ନାମରେ ମାମଲା ରୁଜୁ କରାଯାଇଛି। ପୁରୁଣା ମାମଲା ସହ ଏହି ମାମଲାକୁ ଯୋଡ଼ି ଦିଆଯାଇଛି। ଆଜି ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ କୋର୍ଟରେ ହାଜର ହୋଇଥିଲେ ହଂସିତା। କୋର୍ଟରେ ହଂସିତାଙ୍କୁ ପାସ୍‌ପୋର୍ଟ ଜାଲିଆତି ମାମଲା ସମ୍ବନ୍ଧରେ ଅବଗତ କରାଯାଇଛି। ଆସନ୍ତାକାଲି ଏହି ଦୁଇଟି ମାମଲାର ଜାମିନ୍ ଆବେଦନର ଶୁଣାଣି ରହିଛି।

ପୂର୍ବରୁ ଏହି ମାମଲାରେ ହଂସିତା ଜାମିନ ଆବେଦନ କରିଥିଲେ ଏବଂ ପୁଲିସ କେସ୍ ଡାଏରୀ ଦାଖଲ କରି ନ ଥିବାରୁ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଥିଲା। ଅନ୍ୟପଟେ, ଅନୀଲ୍‌ଙ୍କ ବିରୋଧରେ ଠକେଇ ଅଭିଯୋଗ ନ ଥିବା ଦର୍ଶାଇ ତାଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି। କିନ୍ତୁ ହଂସିତା ତାଙ୍କ ପ୍ରଥମ ସ୍ୱାମୀଙ୍କୁ ଢାଲ କରିଛନ୍ତି। ଦୀର୍ଘ ଦିନ ଅସୁସ୍ଥ ଥିବା ପ୍ରଥମ ସ୍ୱାମୀ ସରୋଜ ସାହୁଙ୍କ ଚିକିତ୍ସା ପାଇଁ ସେ ଜାମିନ ଆବେଦନ କରିଛନ୍ତି, ଯାହାର ଶୁଣାଣି ଶନିବାର ରହିଛି।

## ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର / ଭତ୍ତା ପ୍ରତ୍ୟାଖ୍ୟାନ କଲେ ହିତାଧିକାରୀ

**ସରକାରଙ୍କ ପାତରଅନ୍ତର ନୀତିକୁ ନିନ୍ଦା**



କୁକୁଡ଼ାଖଣ୍ଡି, ୧୭ ।୧(ସମିସ): ଗତ ଦୁଇ ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନକ୍ଷମ ଓ ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉଛି। ଏହି କ୍ରମରେ ଶୁକ୍ରବାର କୁକୁଡ଼ାଖଣ୍ଡି ବ୍ଲକ ମୁଖ୍ୟାଳୟ ତଥା କୁକୁଡ଼ାଖଣ୍ଡି ପଞ୍ଚାୟତରେ ଭତ୍ତା ବଣ୍ଟନ ପାଇଁ ଧାର୍ଯ୍ୟ ହୋଇଥିଲା। ବୟସ୍କ ବ୍ୟକ୍ତିମାନେ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଭତ୍ତା ବୃଦ୍ଧି ନିମନ୍ତେ ଦାବି କରି ବିକ୍ଷୋଭ କରିଥିଲେ। ଏହି ବିକ୍ଷୋଭ ଗଞ୍ଜାମ ଜିଲ୍ଲା ଭିନ୍ନକ୍ଷମ ନେତା କେ ମଣିବାବୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

ନିର୍ବାଚନ ପୂର୍ବରୁ ରାଜ୍ୟର ସମସ୍ତ ଭତ୍ତା ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ତାହା ପୂରଣ କରାଯାଉନଥିବା ଅଭିଯୋଗ ହୋଇଛି। ବର୍ଦ୍ଧିତ ଭତ୍ତା କେବଳ ଭିନ୍ନକ୍ଷମ ଓ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଛି ବୋଲି ମଣିବାବୁ ଅଭିଯୋଗ କରିଥିଲେ। ସେହିପରି ନିର୍ବାଚନ ବେଳେ ବିଜେପି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରି ନ ଥିବା କହିଛନ୍ତି ବୟସ୍କ ବ୍ୟକ୍ତି ରାମକୃଷ୍ଣ ମିଶ୍ର। ଘଟଣାସ୍ଥଳରେ ସଦର ଥାନା ପୁଲିସ ଓ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ପହଞ୍ଚି ହିତାଧିକାରୀଙ୍କୁ ବୁଝାଇଥିଲେ ମଧ୍ୟ ବିଫଳ ହୋଇଥିଲେ। ଭତ୍ତା ୩ ହଜାରକୁ ବୃଦ୍ଧି ନ ହେଲା ପର୍ଯ୍ୟନ୍ତ ଗ୍ରାମର କୌଣସି ହିତାଧିକାରୀ ଭତ୍ତା ନେବେ ନାହିଁ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉଲା ବେହେରା, ଉଲା ସେଠୀ, ବିପିନ ଦାସ, ଆର୍ ନରସିଂହ, ପାଣ କୋଠିଆ, ନରସିଂହ ଡାକୁଆ ତ୍ରିବେନ୍ଦ୍ର ଦାସଙ୍କ ସମେତ ଶତାଧିକ ବୃଦ୍ଧବୃଦ୍ଧା ଉପସ୍ଥିତ ଥିଲେ।

### ନବ ଦାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ମାମଲା

କଟକ, ୧୭ ।୧(ସମିସ): ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣାର ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ସିବିଆଇ, କ୍ରାଇମବ୍ରାଞ୍ଚ ଓ ଡିଜିପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଏହି ଘଟଣାର ଦୁଇ ବର୍ଷ ପୂରଣ ହେବାକୁ ଯାଉଥିଲେ ବି ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ତଦନ୍ତରୁ ସୁଫଳ ମିଳିନାହିଁ। ଏହି ତଦନ୍ତ ଭାର ସିବିଆଇକୁ ପ୍ରଦାନ କରାଗଲେ, ଏହାର ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରନ୍ତା ବୋଲି ଆବେଦନରେ ଦର୍ଶାଯାଇଛି।

## ଆତ୍ମହତ୍ୟା ଧମକ ପରେ ଉଠିଲା ଧାନ



ବୁଗୁଡ଼ା, ୧୭ ।୧(ସମିସ): ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଖୋଳଖାଲି ଧାନମଣ୍ଡି ବୁରୁଝୋଳା ଟୋଟାରେ ଖୋଲା ଯାଇଛି। ସେଠାରେ ପଞ୍ଚାୟତର ଚାଷୀମାନେ ଦୀର୍ଘ ୪ ଦିନ ହେଲା ମଣ୍ଡିରେ ଧାନ ରଖି ରାତି ଅନିଦ୍ରା ହୋଇ ଜଗି ରହିଥିଲେ ହେଁ ଧାନ ଉଠାଉ ନଥିଲେ। କଟନୀ-ଛଟନୀ କରି ଧାନ ନେବା ପାଇଁ ଯୋଜନା ଚାଲିଥିଲା। ହେଲେ ଚାଷୀଙ୍କ ଏକା ଜିଦ୍ ଥିଲା, ଏଫ୍‌ଏକ୍ୟୁ ମାନ ଯାଞ୍ଚ କରି ଧାନ ନିଅ ନହେଲେ ଆମେ ଧାନ ଦେବୁନୁ। ଏହା ପରେ ଗତକାଲି ଆରଏମ୍‌ସି ଅଧିକାରୀ ଓ ଯାଞ୍ଚ କର୍ମଚାରୀ ପହଞ୍ଚି ଧାନର ମାନ ଯାଞ୍ଚ କରି ଏଫଏକ୍ୟୁ ମାନର ଧାନ ବୋଲି ରିପୋର୍ଟ ଦେଇଥିଲେ। ହେଲେ ଧାନ ଉଠି ନଥିଲା। ଏନେଇ ଚାଷୀମାନେ ହୋ-ହଲ୍ଲା କରିବା ପରେ ପୁଣି ମାନ ଯାଞ୍ଚ କରାଯିବ ବୋଲି ବାହାନା ଦେଖାଇଥିଲେ ସୋସାଇଟି କର୍ତ୍ତୃପକ୍ଷ। ଫଳରେ ୪ଦିନ ହେଲା ଅଖିଆ ଅପିଆ ହୋଇ ଧାନ କେବେ ଉଠିବ ବୋଲି ଆତୁର ହୋଇ ବସିଥିବା ଚାଷୀ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ। ଧାନ ଉଠୁ ନଥିବାରୁ ନିରାଶ ହୋଇ ଚାଷୀ ସୌମେନ୍ଦ୍ର ସ୍ୱାଇଁ ଆଜି ଧାନ ନ ଉଠିଲେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବା ପାଇଁ ଧମକ ଦେବା ପରେ ଏମଆଇ ଚମ୍ପାଇ ମାରାଣ୍ଡି ଓ ଆରଏମସି ଅଧିକାରୀ ପହଞ୍ଚି ଧାନ ଉଠାଇବା ପ୍ରକ୍ରିୟା ଆରମ୍ଭ କରିଥିଲେ। ଖୋଳଖାଳି ପଞ୍ଚାୟତର କୌଣସି ଚାଷୀ କଟନୀ ଛଟନିକୁ ରାଜି ନ ହୋଇ ମାନ ଯାଞ୍ଚ କରି ଧାନ ଉଠାଯାଇ ଠିକ ଅର୍ଥ ପୈଠ କରିବା ପାଇଁ ଏକଜୁଟ ହେବା ଫଳରେ ଧାନ ଉଠା ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ଡାକ୍ତର ଏ. ବାଲକୃଷ୍ଣ

ବ୍ରହ୍ମପୁର, ୧୭ ।୧(ସମିସ): ଗାନ୍ଧୀନଗର ୭ମ ଲାଇନ୍ ନିବାସୀ ଡାକ୍ତର ଏ. ବାଲକୃଷ୍ଣ(୬୪) ସର୍ବାଧିକ ସମୟ ପର୍ଯ୍ୟନ୍ତ ଶୀର୍ଷାସନ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି।



ଡାକ୍ତର ବାଲକୃଷ୍ଣ ୪୦ ମିନିଟ୍ ଧରି ଶୀର୍ଷାସନ କରିବା ସହ ସମାନ୍ତରାଳ ଭାବେ ଏକାଧିକଥର ପଦ୍ମାସନ ମଧ୍ୟ କରିଥିଲେ। ୫ ମିନିଟ୍‌ରେ ମୋଟ ୭୪ଥର ପଦ୍ମାସନ କରି ରେକର୍ଡ ସୃଷ୍ଟି କରିଥିଲେ। ଡାକ୍ତର ବାଲକୃଷ୍ଣ ନିୟମିତ ଭାବେ ପୂର୍ବାହ୍ନରେ ଜୁମ ମିଟ୍ ଜରିଆରେ ଯୋଗଶିକ୍ଷା ପ୍ରଦାନ କରୁଛନ୍ତି। ଅନ୍ୟପକ୍ଷରେ ଘରେ ସୋଲାର ସିଷ୍ଟମ ବ୍ୟବହାର କରି ବିଦ୍ୟୁତ୍ ସଞ୍ଚୟ କରି ଉଦାହରଣ ସୃଷ୍ଟି କରିଥିବାରୁ ତାଙ୍କୁ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ପରେଡ୍‌ରେ ଅତିଥି ଭାବେ ଯୋଗଦେବାକୁ ସୌରଶକ୍ତି ବିଭାଗ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଜିଲ୍ଲା ଆୟୁର୍ବେଦ ଚିକିତ୍ସକ ପଦବୀରୁ ଅବସର ଗ୍ରହଣ ପରେ ମାଗଣା ପ୍ରାକୃତିକ ଚିକିତ୍ସା କରି ଲୋକଙ୍କୁ ଆରୋଗ୍ୟ ହେବାରେ ସହାୟକ ହେଉଛନ୍ତି।


**AFFIDAVIT**

I, **Tusharakant Satapathy,** S/o.: Manmath Nath Satapathy, resident of At: NA -501, Neelachakra Appt, Lal Bahadur Sastri Lane, Old Station Bazar, P.S.: Laxmisagar, Bhubaneswar, Dist.: Khordha, PIN-751006, Odisha, declare by this affidavit No.: 19, dated-13/12/2024, that now onwards I shall be known as **TUSARKANTA SATAPATHY** for all future purposes.

**AFFIDAVIT**

I ,Resma Parbeen , W/o-Shaikh Sahabuddin, Resident of Fazalpur, P.o/P.s -Korai, Dist-Jajpur, Pin- 755022, Odisha declare by this affidavit No-317, Dated-15-01-2025 that my name is wrongly mentioned in my Husbands Passport as Reshma Parbeen and now onwards. I shall be known as RESMA PARBEEN for all future Purposes.

**AFFIDAVIT**

By virtue of an Affidavit sworn before the Executive Magistrate, Kujanga, Dated 03.12.2024, I **Bira Kishore Mohapatra**, Address At- Sandhakuda, Po-Paradeep, Ps.- Jatadhari Muhana, Dist- Jagatsinghpur, Pin-754142 declare that I have changed my name from **BIRAJ KUMAR MOHAPATRA** to **BIRA KISHORE MOHAPATRA**. Henceforth I shall be known as **Bira Kishore Mohapatra** for all purposes.

**AFFIDAVIT**

I, Smarajeet Pritiranjan Swain, S/o- Pradesh Kumar Swain, resident of Plot No-597/2036 /2797, Asutosh Nagar, Kesora, Po- Bankual, Ps-Badagada, Bhubaneswar, Dist-Khordha, Pin-751002, Odisha declare by this affidavit No.5, dated- 16/01/2024 that now onwards I shall be known as **S P SWAIN** for all future purposes.

**LOST**

By virtue of an affidavit, I Annapurna Patra, aged about 58 yrs, W/o. Harendra Patra, resident of DE-195, Baramunda H.B.Colony, Baramunda, Bhubaneswar, Dist-Khurda, Odisha-751003, do hereby solemnly affirm and state that, I am the legal owner of the property in Mouza - Arisal, Vide Khata No. 113/296, Plot No. 155/613, Area A0.0270 dec. and was issued an original R.O.R. in my name in this regard which is under Tahasil Jatni. That, I have lost the above said R.O.R. on dtd. 14.01.2025 at about 9.00 AM when I am going in my Motorcycle from my own house to CRP Square, Bhubaneswar and inspite of my best efforts I could not trace out the same. If found by anybody kindly contact in the above address.

**AFFIDAVIT**

I, Pramoda Rath, W/o-Hrushikesha Rath, resident At-Baramasidanda, Po-Lenkudipada, Ps-Nayagarh, Dist-Nayagarh, Pin- 752070, Odisha declare by this affidavit No. C.F No-1/3, dtd. 07/01/2025 that now onwards I shall be known as **PRAMADA RATH** for all future purposes.

**AFFIDAVIT**

By Virtue of an affidavit sworn Before The Executive Magistrate, Bhubaneswar dated: 15/01/2025, I Chhabi Muduli aged about 46 yrs, S/o- Late Chowdhuri Muduli, Permanent resident of At-Baradandi, PS-Bolagarh, Dist-Khordha, Odisha have changed my Son's name from Sudhakar Muduli to Sonu Muduli. Henceforth he shall be known as **SONU MUDULI** for all future Purposes.


### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିନକରେ ୭ ମୃତ...


ହୋଇଥିଲା। ଏହି ଅବସରରେ ଷଣ୍ଢକୁ ମଝିରେ ଛାଡି ତାକୁ ଆୟତ୍ତ କରିବାକୁ ପ୍ରୟାସ କରାଯାଇଥାଏ। ଏହି ସମୟରେ ମଦୁରାଇ ଜିଲ୍ଲାରେ ଷଣ୍ଢ ଆକ୍ରମଣରେ ଜଣେ ଦର୍ଶକ, ତାମିଲନାଡୁର ସେଣ୍ଟ୍ରାଲ ଜିଲ୍ଲାର ୨ ଜଣ, ସେଲମ ଜିଲ୍ଲାର ଜଣେ ଯୁବକ ପ୍ରାଣ ହରାଇ ଥିଲେ।


### ଇମ୍ରାନ ଖାନ୍‌ଙ୍କୁ...

ଏହା ପରେ ସାରା ଦେଶରେ ଥିବା ସେନା ଠିକଣାରେ ଆକ୍ରମଣ କରାଯାଇଥିଲା। ଅଲ-କାଦିର ଟ୍ରଷ୍ଟ ମାମଲାରେ ପାକିସ୍ତାନର ନ୍ୟାସନାଲ ଆକାଉଣ୍ଟାବିଲିଟି ବ୍ୟୁରୋ (ଏନଏବି) ୨୦୨୩ ଡିସେମ୍ବରରେ ଇମ୍ରାନ, ବୁଶରା, ଅରବ ପତି ତଥା ଜମି ମାଫିଆ ମଲିକ ରିଆଜ, ବୁଶରାଙ୍କ ସାଙ୍ଗ ଫରାହ ଗୋଗୀ ଏବଂ ଅନ୍ୟ ୪ ଜଣଙ୍କ ବିରୋଧରେ ଏତଲା ରୁଜୁ କରିଥିଲା। ତେବେ ଏହି ମାମଲା ରୁଜୁ ହେବା ପୂର୍ବରୁ ଇମ୍ରାନ ତୋଶାଖାନା ମାମଲାରେ ଅଡିୟାଲା ଜେଲ୍‌ରେ ବନ୍ଦୀ ଥିଲେ। ତାଙ୍କୁ ଦଣ୍ଡ ଶୁଣାଇବା ପାଇଁ ଆଜି ଜେଲ୍‌ରେ ଅସ୍ଥାୟୀ କୋର୍ଟ ବସିଥିଲା।

### କୋଇଲା ପାହାଡ଼...

ହଟାଇ ନିଖୋଜ ଶ୍ରମିକଙ୍କୁ ଠାବ କରିବାକୁ ୨ଟି ଜେସିବି, କ୍ରେନ୍ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମଧୁସୂଦନ କଲୋନୀ ନିବାସୀ ମେକାନିକାଲ ଫିଟର୍ ରଞ୍ଜିତ ଭୋଳ, ଆଇଟି କଲୋନୀ ନିବାସୀ ଦଶରଥ ପାତ୍ର ଓ ବଏଲର ଅପରେଟର୍ ସୁଶାନ୍ତ ରାଉତ ନାମକ ତିନି ଶ୍ରମିକ କୋଇଲା ଗଦା ତଳେ ଥିବା କୁହାଯାଉଥିଲେ ହେଁ ଏମାନଙ୍କ ସଂଖ୍ୟା ଆହୁରି ଅଧିକ ହେବ ବୋଲି ସନ୍ଦେହ କରାଯାଉଛି। ଦୀର୍ଘଦିନ ଧରି ବଏଲର ପ୍ଲାଣ୍ଟ, ପାୱାର ପ୍ଲାଣ୍ଟ, କୋଇଲା ବଙ୍କରଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିଲା ବୋଲି କହିଛନ୍ତି ବିଭାଗୀୟ ଉପନିର୍ଦ୍ଦେଶକ ଇଂ. ବିଭୁ ପ୍ରସାଦ। ବଏଲର ଏବଂ ପାୱାର ପ୍ଲାଣ୍ଟରେ ବ୍ୟବହାର ପାଇଁ ସେଠାରେ ଥିବା ଏକ ବଙ୍କରରେ ୫୦୦ ଟନରୁ ଅଧିକ କୋଇଲା ମହଜୁଦ ରଖାଯାଇଥିଲା। ଯାହାକି କାର୍ଯ୍ୟରତ ଶ୍ରମିକଙ୍କ ଉପରେ ଧସି ଯାଇଥିଲା। ଏପରି କାହିଁକି ହେଲା, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି। ସୂଚନାନୁଯାୟୀ, ଲାଇନ୍-୨ରେ ଥିବା ୨୭ ମେଗାୱାଟ୍ ପ୍ଲାଣ୍ଟର ୧୨୫ ଟିପିଏଚ୍ ସିଏଫ୍‌ବି ବଏଲର୍‌ର ଏକ କୋଇଲା ବଙ୍କର୍ ଭାଙ୍ଗିଯିବାରୁ ପ୍ରାୟ ୫୦୦ ଟନ୍ କୋଇଲା ଗୁଣ୍ଡର ଏକ କୃତ୍ରିମ ପାହାଡ଼ ଧସିଯାଇଥିଲା। ଫଳରେ ସେଠାରେ କାର୍ଯ୍ୟରତ ଶ୍ରମିକମାନେ କୋଇଲା ଗଦା ତଳେ ଚାପି ହୋଇଯାଇଥିଲେ। ରାଜଗାଙ୍ଗପୁର ଏସ୍‌ଡିପିଓ, ତହସିଲଦାର ଓ ସୁନ୍ଦରଗଡ଼ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସେପଟେ ଡାଲମିଆ ସିମେଣ୍ଟ ପ୍ଲାଣ୍ଟରେ କୋଇଲା ତଳେ ଚାପି ହୋଇ ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଇ ପାରିନଥିବାରୁ ସ୍ଥାନୀୟ ଲୋକ ଏବଂ ପରିବାରବର୍ଗଙ୍କ ମଧ୍ୟରେ ଆଜି ଅସନ୍ତୋଷ ଦେଖାଦେଇଥିଲା। ଉତ୍ତେଜିତ ଲୋକମାନେ ସ୍ଥିତି ଜାଣିବା ପାଇଁ ପ୍ଲାଣ୍ଟ ଭିତରକୁ ଧସେଇ ପଶିଥିଲେ। କିଛି ସମୟ ପାଇଁ ସିମେଣ୍ଟ ପ୍ଲାଣ୍ଟ ଭିତରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥଲା। ଉଦ୍ଧାର କାର୍ଯ୍ୟ ବାବଦରେ ପ୍ଲାଣ୍ଟ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ସ୍ପଷ୍ଟୀକରଣ ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗତକାଲି ରାତିରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସୁନ୍ଦରଗଡ଼ ଏସପି ଓ ସ୍ଥାନୀୟ ତହସିଲଦାର, ଅନ୍ୟ ସରକାରୀ ଅଧିକାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଚାପା ଉତ୍ତେଜନାକୁ ନେଇ ପ୍ଲାଣ୍ଟ ନିକଟରେ ପୁଲିସ ଫୋର୍ସ ମୁତୟନ କାରଖାନା ଭିତରେ ଆବଶ୍ୟକ ସୁରକ୍ଷାକୁ କାରଖାନା କର୍ତ୍ତୃପକ୍ଷ ଖୋଲାଖୋଲି ଉଲ୍ଲଙ୍ଘନ କରିଆସୁଛନ୍ତି। ଫଳରେ ବାରମ୍ବାର କାରଖାନା ମଧ୍ୟରେ ଦୁର୍ଘଟଣା ଘଟି ଶ୍ରମିକ କର୍ମଚାରୀଙ୍କ ଜୀବନ ଯାଉଛି ବୋଲି ଶ୍ରମିକ ସଙ୍ଗଠନଗୁଡ଼ିକ ଅଭିଯୋଗ କରିଛନ୍ତି।

### ଏତେ କ୍ଷୀର...

କରିପାରୁନାହାନ୍ତି। ଦୁଗ୍ଧ ଚାଷୀ ମହାସଂଘର ଅଧ୍ୟକ୍ଷ ରବି ବେହେରା କହିଛନ୍ତି, ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀମାନଙ୍କୁ କ୍ଷୀର ଯୋଗାଇ ଦେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ସରକାର କେବଳ ଯୋଜନା ପ୍ରଣୟନ କରି ଚୁପ୍ ବସିଗଲେ ହେବ ନାହିଁ। ଏହାର କାର୍ଯ୍ୟକାରିତା ପାଇଁ ଚେଷ୍ଟା କରିବା ଆବଶ୍ୟକ। ବର୍ତ୍ତମାନ ଆମ ରାଜ୍ୟରେ ଯେତିକି କ୍ଷୀର ଉତ୍ପାଦନ ହେଉଛି, ସେଥିରେ ଲୋକମାନଙ୍କର ଦୈନିକ ଆବଶ୍ୟକତା ପୂରଣ ହୋଇପାରୁନି। ତେଣୁ ଛାତ୍ରଛାତ୍ରୀମାନେ କେମିତି ପୋଷଣ ଯୁକ୍ତ କ୍ଷୀର ପାଇବେ। ଏଥିପାଇଁ ସରକାର ଗ୍ରାମାଞ୍ଚଳରେ ଥିବା ବେକାର ଯୁବକ/ଯୁବତୀମାନଙ୍କୁ ଡାଏରୀ ଫାର୍ମ କରିବା ପାଇଁ ବିନା ସୁଧରେ ଋଣ ଯୋଗାଇ ଦିଅନ୍ତୁ। କୃଷି ପାଇଁ ସରକାର ବିନା ସୁଧରେ ଋଣ ଯୋଗାଇ ଦେଉଥିବାବେଳେ ଗୋପାଳନ ପାଇଁ ବ୍ୟାଙ୍କମାନେ ୧୨ରୁ ୧୪ ପ୍ରତିଶତ ସୁଧ ନେଉଛନ୍ତି। ଫଳରେ ଇଚ୍ଛା ଥିଲେ ବି ଯୁବବର୍ଗ ଗୋପାଳନ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଆମ ରାଜ୍ୟରେ କ୍ଷୀରର ଉପଯୁକ୍ତ ମୂଲ୍ୟ ମିଳୁନି। ଘାସ ଚାଷ ଉପରେ ସରକାରଙ୍କ ଗୁରୁତ୍ୱ ନାହିଁ। ଗୋ-ଖାଦ୍ୟର ଦାମ୍ ଅନିୟନ୍ତ୍ରିତ ଭାବେ ବଢ଼ି ବଢ଼ି ଚାଲିଛି। ତେଣୁ ଏସବୁ ଉପରେ ସରକାର ଦୃଷ୍ଟି ଦେଇ ଏହି କ୍ଷେତ୍ର ସଶକ୍ତ କରିପାରିଲେ, ଏହି ଯୋଜନା ସଫଳ ହୋଇପାରିବ ବୋଲି ଶ୍ରୀ ବେହେରା କହିଛନ୍ତି।

### ମନୁ, ଗୁକେଶ...

ହାଇଜମ୍ପର ପ୍ରବୀଣ କୁମାରଙ୍କୁ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପ୍ୟାରିସ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଜାଭେଲିନ ଫିଙ୍ଗାଳୀ ନବଦୀପଙ୍କ ସମେତ ୧୭ ଜଣ ପାରା ଆଥଲେଟ୍‌ଙ୍କୁ ମଧ୍ୟ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଛି।

### ୩୧ରୁ ସଂସଦର...

ପର୍ଯ୍ୟାୟ ବଜେଟ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ ୪ରେ ଶେଷହେବ।

ଏହି ବଜେଟ କେନ୍ଦ୍ର ସରକାରଙ୍କ ତୃତୀୟ କାର୍ଯ୍ୟକାଳର ଦ୍ୱିତୀୟ ସମ୍ପୂର୍ଣ୍ଣ ବଜେଟ ହେବ। ଏହି ସମୟରେ ଦରଦାମ ବୃଦ୍ଧି, ଚାଷୀ ଆନ୍ଦୋଳନ, ଆଦାନୀ ପ୍ରସଙ୍ଗ ଆଦିକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ପ୍ରୟାସ କରିବେ। ସୂଚନାଯୋଗ୍ୟ ଯେ ଗତ ଶୀତ ଅଧିବେଶନ ହଙ୍ଗାମାର ସହ ଶେଷ ହୋଇଥିଲା। ଅଧିବେଶନ ଶେଷ ହେବାର ଦୁଇ ଦିନ ପୂର୍ବରୁ ସଂସଦ ବାହାରେ ଅପ୍ରୀତିକର ଘଟଣା ଘଟିଥିଲା। ବିଜେପି ଏବଂ କଂଗ୍ରେସ ସାଂସଦଙ୍କ ଧସ୍ତାଧସ୍ତି ହୋଇଥିଲେ।

### ଓଡ଼ିଶାର ଭିତ୍ତିଭୂମି...

ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସିଙ୍ଗାପୁର ରାଷ୍ଟ୍ରପତି ବିଶ୍ୱ ଦକ୍ଷତା କେନ୍ଦ୍ରରେ ଭର୍ଟିକାଲ ଟ୍ରାନ୍ସପୋର୍ଟ ଲ୍ୟାବ୍ ଓ ଟ୍ରାଭେଲେଟର ଲ୍ୟାବ୍ ପରିଦର୍ଶନ କରିଛନ୍ତି। ବୈଷୟିକ ଶିକ୍ଷା ଓ ନବସୃଜନ ପାଇଁ ଓଡିଶାର ପ୍ରତିବଦ୍ଧତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ସହିତ ସେ ଆଲୋଚନା କରିବା ଅବସରରେ ବିକାଶ ଓ ନବସୃଜନକୁ ପ୍ରୋତ୍ସାହିତ କରିବାରେ ଓଡିଶାର ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି। ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡିଶା ବିକାଶରେ ସିଙ୍ଗାପୁର ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। କେବଳ ଦକ୍ଷତା ବିକାଶ କିମ୍ବା ଭିତ୍ତିଭୂମି ନୁହେଁ ବରଂ ଭବିଷ୍ୟତରେ ପୁଞ୍ଜିନିବେଶ ପାଇଁ ଏହା ପଥ ପ୍ରସ୍ତୁତ କରିବ। ଗତ ନଭେମ୍ବର ମାସରେ ମୋ ନେତୃତ୍ୱରେ ସିଙ୍ଗାପୁର ଯାଇଥିବା ରାଜ୍ୟ ସରକାରଙ୍କ ପ୍ରତିନିଧି ଦଳ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ଓଡିଶା ଆସିବା ପାଇଁ ନିମନ୍ତ୍ରଣ କରିଥିଲୁ। ସେହିପରି ସେଠାକାର ବହୁ ନିବେଶକଙ୍କ ସହିତ ମଧ୍ୟ ଆମର ଆଲୋଚନା ହୋଇଥିଲା। ଉତ୍କର୍ଷ ଓଡିଶାର ସଫଳତାରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ। ଆଜି ୮ଟି ଏମ୍‌ଓୟୁ ହୋଇଛି ଓ ଆଗକୁ ଅଧିକ ଏମ୍‌ଓୟୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜି ଦକ୍ଷତା ବିକାଶ, ଶିଳ୍ପ ପାର୍କ, ନୂତନ ନଗର ପ୍ରତିଷ୍ଠା, ବନ୍ଦର, ଅକ୍ଷୟଶକ୍ତି, ସେମିକଣ୍ଡକ୍ଟର, ସୂଚନା ପ୍ରଯୁକ୍ତିବିଦ୍ୟା, ତଥ୍ୟ କେନ୍ଦ୍ର, ସଂସ୍କୃତି ଓ ସଂଯୋଗୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସିଙ୍ଗାପୁର ସହ ଓଡିଶାର ସମ୍ପର୍କ ନିବିଡ ପାଇଁ ମୁଖ୍ୟ ସଚିବ ମନୋଜ ଆହୁଜା ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅକ୍ଷୟ ଶକ୍ତି ଜ୍ଞାନକୌଶଳ ସମ୍ପର୍କରେ ଗବେଷଣା ପାଇଁ ଶକ୍ତି ବିଭାଗ, ଆଇଆଇଟି ଭୁବନେଶ୍ୱର ଏବଂ ସିଙ୍ଗାପୁର ସ୍ଥିତ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ସହିତ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ସେହିପରି ଇଣ୍ଡଷ୍ଟ୍ରିଆଲ ପାର୍କ ପାଇଁ ଇଡ୍‌କୋ ଓ ସେମ୍ବକର୍ପ କମ୍ପାନୀ, ନୂଆ ସହର ବିକାଶ ପାଇଁ ବିଡିଏ ଓ ସୁବର୍ଣ୍ଣୋ ଜୁରୋଙ୍ଗ, ଗ୍ରୀନ୍ ହାଇଡ୍ରୋଜେନ୍ କରିଡର ପାଇଁ ଇପିକଲ ଓ ସେମ୍ବକର୍ପ ସହିତ ଏମ୍‌ଓୟୁ ହୋଇଛି। ପେଟ୍ରୋଲିୟମ୍, ପେଟ୍ରୋକେମିକାଲ୍ସ ନିବେଶ କ୍ଷେତ୍ର (ପିସିପିଆଇଆର) ପାଇ ଇଡ୍‌କୋ ଓ ସୁବର୍ଣ୍ଣୋ ଜୁରୋଙ୍ଗ ମଧ୍ୟରେ ବୁଝାମଣା ହୋଇଥିଲା। ଓଡିଶାରେ ଆର୍ଥିକ ପ୍ରଯୁକ୍ତିଗତ (ଫିନ୍‌ଟେକ୍) ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ପ୍ରଯୁକ୍ତି ବିଦ୍ୟା ବିଭାଗ ଓ ଡିଏଫ୍‌ଟିଏନ୍ ମଧ୍ୟରେ ବୁଝାମଣା ହୋଇଛି। ଭବିଷ୍ୟତ ପାଇଁ ଦକ୍ଷ ମାନବସମ୍ବଳ ସୃଷ୍ଟି ପାଇଁ ଦକ୍ଷତା ବିକାଶ ବିଭାଗ ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ସିଙ୍ଗାପୁର ସ୍ଥିତ ଆଇଟିଇଏସ୍ ମଧ୍ୟରେ ଆଜି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି।

### ସୁନ୍ଦରଗଡ଼ରେ ଲଜ୍ଜା!...

ଉକ୍ତ ଯୁବତୀଙ୍କୁ କୌଣସି ବାହାନା ଦେଖାଇ ପାଖକୁ ଡାକିଥିଲେ। ଏହାପରେ ତାକୁ ଟେକି ନେଇ ଅନ୍ୟତ୍ର ନେଇ ଯାଇଥିଲେ। ସେଠାରେ ସେମାନେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ।

ଗତ କିଛି ମାସ ହେବ ରାଉରକେଲା ସହରକୁ ମିଶାଇ ସୁନ୍ଦରଗଡ଼ ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ବଢ଼ିବାରେ ଲାଗିଛି। କେବଳ ରାଉରକେଲା ସହରରେ ଗତ ସେପ୍ଟେମ୍ବରରୁ ଆଜି ପର୍ଯ୍ୟନ୍ତ ୧୨ଟି ନାବାଳିକା ଦୁଷ୍କର୍ମ ମାମଲା ଘଟିଯାଇଛି। ଏହା ରାଉରକେଲା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି ହୋଇଛି। ଗତ ନଭେମ୍ବର ମାସରେ ୩ଜଣ ନାବାଳିକାଙ୍କୁ ଗଣଦୁଷ୍କର୍ମ, ଏକ ସ୍କୁଲରେ ଜଣେ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ହୋଇଥିଲା। ସେହିପରି ଜଣେ ଜନ୍ମ କଲା ବାପା ଦୀର୍ଘ ୪ ବର୍ଷ ହେଲା ୧୩ ବର୍ଷୀୟା ଝିଅକୁ ଦୁଷ୍କର୍ମ କରିବା ଘଟଣା ସେକ୍ଟର-୧୫ ଥାନାରେ ବିଚାରାଧୀନ ରହିଛି। ସେହିପରି ଗତ ନଭେମ୍ବର ୫ ତାରିଖରେ ନିଶା ଦେଇ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ଥାନା ପୁଲିସ ଅଭିଯୁକ୍ତ ଶଶାଙ୍କ ଶେଖର ପ୍ରଧାନ(୫୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ଡିସେମ୍ବର ୫ ତାରିଖରେ ୨୬ ଜଣେ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଝିରପାଣି ଥାନାରେ ଅଭିଯୋଗ ହୋଇଥିଲା। ଡିସେମ୍ବର ୧୯ ତାରିଖରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଉଦିତନଗର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାନୁଆରୀ ୯ ତାରିଖ ଦିନ ରଘୁନାଥପାଲି ଥାନା ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁକନ୍ୟାକୁ ଜୋର ଜବରଦସ୍ତ ଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରିବା ଅଭିଯୋଗରେ ପଡ଼ୋଶୀକୁ ଗିରଫ କରିଥିଲା ପୁଲିସ। ସେହିପରି ଗତ ଜାନୁଆରୀ ୧୪ ତାରିଖରେ ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ଅଞ୍ଚଳରେ ୨୧ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ପୁଲିସ ତଦନ୍ତ ଚଳାଇଛି।

### ଜଷ୍ଟିସ ଚକ୍ରଧାରୀ...

ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୧୯୬୩ ଜାନୁଆରୀ ୨୦ରେ ବିହାରରେ ଜନ୍ମ ଗ୍ରହଣ କରିଥିବା ଜଷ୍ଟିସ୍ ଶରଣସିଂହ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଶିକ୍ଷା ସମାପ୍ତ କରି ୧୯୯୦ ଅକ୍ଟୋବର ୩୦ରେ ଓକିଲାତି ପେସାରେ ଯୋଗ ଦେଇଥିଲେ। ୨୦୧୦ ସେପ୍ଟେମ୍ବର୧୮ ରେ ତାଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା ମିଳିଥିଲା। ସେ ବିହାରର ଅତିରିକ୍ତ ଆଡଭୋକେଟ୍ ଜେନେରାଲ ଭାବେ କାର୍ଯ୍ୟରତ ଥିଲେ। ଜଷ୍ଟିସ ଶରଣସିଂହଙ୍କୁ ଗତ ୨୦୧୨ ଏପ୍ରିଲ ୫ରେ ପାଟନା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ୨୦୨୩ ଫେବ୍ରୁଆରୀ ୬ରୁ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ସେ ପାଟନା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱ ତୁଲାଇଥିଲେ। ୨୦୨୪ ଫେବ୍ରୁଆରୀ ୭ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ। ଅନ୍ୟପକ୍ଷରେ ଜଷ୍ଟିସ ସିହ୍ନା ଆସନ୍ତା ୨୦ ତାରିଖରୁ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିବେ। ଜଷ୍ଟିସ ସିହ୍ନା ୧୯୬୫ ସେପ୍ଟେମ୍ବର ୨୨ରେ ଜନ୍ମ ଗ୍ରହଣ କରିଥିଲେ। ୧୯୯୧ ମାର୍ଚ୍ଚ ୧୧ରେ ଓକିଲାତି ପେସାରେ ଯୋଗ ଦେଇଥିଲେ। କୋଲକାତା ହାଇକୋର୍ଟରେ ୨୨ବର୍ଷ ପ୍ରାକ୍ଟିସ୍ ପରେ ୨୦୧୩ ଅକ୍ଟୋବର ୩୦ରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୬ ମାର୍ଚ୍ଚ ୧୪ରେ କୋଲକାତା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା। କୋଲକାତା ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ୍ ସିହ୍ନା ବଦଳି ହୋଇ ଗତ ୨୦୨୧ ଅକ୍ଟୋବର ୮ରୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି।


**OFFICE OF THE JOINT DIRECTOR-CUM-SUPERINTENDENT**

E.S.I HOSPITAL: KANSBAHAL : DIST.- SUNDARGARH (ODISHA)

TENDER CALL NOTICE NO.: 60 / ESIH:KBL. DATED 10.01.2025

Sealed Tenders are invited from the eligible Contractors having valid documents like GST/PF/ESI etc. for engagement of one Electrician and one Plumber-cum-Workman in E.S.I. Hospital, Kansbahal for the purpose of day-to-day maintenance of electrical, water and sanitary installations. The tenure of engagement will be for one year on daily wage basis as per the prevailing Govt. Norm. Hence interested candidates are hereby requested to submit their tender papers in a sealed envelope quoting the rate of payment of the employees concerned within seven days from the date of issue of this notice. The payment regarding the workmen will be made to the selected bidder by E.S.I. Corporation through the Branch Manager, ESIC Branch Office, Rajagangpur.

Chairman, HDC-cum-Joint Director-cum-Supdt.
E.S.I. Hospital, Kansbahal

**ZILLA SWASTHYA SAMITI, BOUDH** E-681

Notification No. 145 DATE : 16.01.2025

Tender Call Notice

FOR SUPPLY OF IEC & PRINTING MATERIALS

Sealed tenders are invited from interested parties / firms / companies for supply of JEC and Printing Materials under NHM, O/o-CDM & PHO, Boudh. The interested bidders may download tender papers along with terms & conditions from the district web portal i.e. **www.boudh.nic.in.**

OIPR-10107/11/0014/2425 Sd/- CDM & PHO-cum-DMD, Boudh

**PUBLIC NOTICE**

It is declared that the property/ies, Mutation Khata No.1057/2559, Plot No.622, Extent of A0.322dec., Mutation Khata No.1057/2154, Plot No.710/4280, Extent of A0.007dec., Plot no.622/2468/4281, Extent of A0.002dec. total A0.009dec., Mutation Khata No.1057/1256, Plot No.710/3435,, Extent of A0.079dec., Plot No.622/2468/3436, Extent of A0.007dec. total A0.086dec., Mutation Khata No.1057/1257, Plot No.710, Extent of A0.064dec., Plot No.622/2468, Extent of A0.111dec. total A0.175dec., MOUZA/VILLAGE: Bhubaneswar Sahara Unit no.32, Govinda Prasad, P.S.: New-Capital, P.S. No. 46, TAHASIL: Bhubaneswar, TAHASIL No.244, DIST: Khurda, in respect of Project named and styled as "KHUSHI ALTAIR" belongs to the developer M/s. KHUSHI REALCON PVT. LTD. a Company, having its office at Plot No.S-2/A, Mancheswar Industrial Estate, Bhubaneswar, Odisha represented by its Director Sri Pradeep Thacker, PAN: AAECK8235G, CIN. U45201OR2012PTC015524, Attorney Holder of Mr. Aditya Patra, Mrs. Sanjeeta Pattnaik & Mr. Surendra Nath Pattnaik vide regd. G.P.A. vide No. 11081914031 dt.17.12.2019, No.11081914033 dt.17.12.2019 & No.11081914032 dt. 17.12.2019 availing the project construction Loan and has been Equitably mortgaged with DCB Bank Ltd., Chandrasekharpur Branch, Bhubaneswar, Dist. Khurda. Any person/s having objection may contact Sri Parthendu Ray, Advocate, Mob: 9776328828 within 15 days.

# ସମ୍ପାଦକୀୟ



ମୋ ମତରେ ସର୍ବସାଧାରଣ ହିତର ସୁରକ୍ଷା ପାଇଁ ସାମାଜିକ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ଜରୁରୀ ହୋଇପଡ଼ିଛି ।
-ଏଲୋନ ମସ୍କ

ସକାଳ
THE SAKALA

## ଗଣତନ୍ତ୍ରରେ ବିଲକ୍ଷଣ

ଜନଗଣଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଏବଂ ସେମାନଙ୍କ ଆଶା-ଆକାଂକ୍ଷା ପ୍ରତିଫଳନ ଭିତ୍ତିକ ଶାସନ ବ୍ୟବସ୍ଥା ରୂପେ 'ଗଣତନ୍ତ୍ର'କୁ ସମଗ୍ର ବିଶ୍ୱ ସ୍ୱୀକୃତି ଦେଇଆସିଛି । କିନ୍ତୁ ସାମ୍ପ୍ରତିକ ଘଟଣାବଳୀର ତର୍ଜମା କଲେ ଗଣତନ୍ତ୍ରର ସପକ୍ଷବାଦୀ ସର୍ବସ୍ୱୀକୃତ ଚିନ୍ତାନାୟକ ତଥା ଦାର୍ଶନିକମାନେ ଦେଇଥିବା ମତ ଓ ମନ୍ତବ୍ୟ ପ୍ରତି ଏକ ହତାଶା ଓ ନିରାଶା ଭାବ ସୃଷ୍ଟି ହୁଏ । ବିପୁଳ ଜନାଦେଶ ଯଦି ମାନବ କଲ୍ୟାଣରେ ଉପଯୋଗ ହେବା ପରିବର୍ତ୍ତେ କ୍ଷମତା ଲାଳସାକୁ ଚରିତାର୍ଥ କରିବାର ସୁଯୋଗ ରୂପେ ବ୍ୟବହୃତ ହୁଏ, ତେବେ ସ୍ୱାଭାବିକ ଭାବେ ଗଣତନ୍ତ୍ରରୁ ଆକାଂକ୍ଷିତ ସଫଳତା ମିଳେ ନାହିଁ । ସେହିପରି କ୍ଷମତାରେ ଥିବା ଦଳ ଯଦି ଶାସନତନ୍ତ୍ରର ଦୁରୁପଯୋଗ କରେ, ତେବେ ବହୁମତରେ ନିର୍ବାଚିତ ସରକାର ନିର୍ଦ୍ଧାରିତ ମିଆଦ ପୂରଣ କରିବା ପୂର୍ବରୁ ଜନଆକ୍ରୋଶ ଓ ବିଦ୍ରୋହର ସମ୍ମୁଖୀନ ହୁଏ । ନିକଟ ଅତୀତରେ ଶ୍ରୀଲଙ୍କା ଓ ବାଂଲାଦେଶରେ ଏହା ପ୍ରମାଣିତ ହୋଇଥିବା ବେଳେ ଏହାର ସଦ୍ୟତମ ଉଦାହରଣ ରୂପେ ଦକ୍ଷିଣ କୋରିଆକୁ ନିଆଯାଇପାରେ । ସେଠାକାର ରାଷ୍ଟ୍ରପତି ୟୁନ ସୁକ୍ ୟୋଲଙ୍କୁ ଯେଉଁ ଢଙ୍ଗରେ ଗିରଫ କରାଗଲା, ତାହାର ଔଚିତ୍ୟ ତର୍ଜମା କଲା ବେଳେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ ଗଣତନ୍ତ୍ରଠାରୁ ଆହୁରି ଏକ ଉଦାର ଶାସନ ବ୍ୟବସ୍ଥାର ବିକଳ୍ପ ଆବଶ୍ୟକତା ରହିଛି କି? ପୁଣି ପ୍ରଶ୍ନ ଉଠେ ଯେ ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅପରିହାର୍ଯ୍ୟ? ଏହି ପୃଷ୍ଠଭୂମିରେ ବିଶ୍ୱ ଗଣତାନ୍ତ୍ରିକ ବ୍ୟବସ୍ଥାର ସର୍ବମାନ୍ୟ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିବା ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନଙ୍କ ବିଦାୟୀ ଭାଷଣରେ ଯଥାର୍ଥତା ଅନୁରଣିତ ହେଉଛି ।

ଜୋ ବାଇଡେନ୍ ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ କରିଛନ୍ତି ତାହା କେବଳ ଆମେରିକା ନୁହେଁ ବିଶ୍ୱବାସୀଙ୍କ ପାଇଁ ଏକ ଚେତାବନୀ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିଲକ୍ଷିତ ବିଲକ୍ଷଣ ଓ ବିରୋଧାଭାସ ପ୍ରାୟ ଅଧିକାଂଶ ରାଷ୍ଟ୍ରରେ ପରିଲକ୍ଷିତ ହେଉଛି । ଟ୍ରମ୍ପଙ୍କୁ ଇଙ୍ଗିତ କରି ବାଇଡେନ୍ ଚେତାବନୀ ଦେଇଛନ୍ତି ଯେ ଶାସନତନ୍ତ୍ରରେ ପୁଞ୍ଜିପତିଙ୍କ ଅଖଣ୍ଡ ପ୍ରଭାବ ସମୟକ୍ରମେ ଆମେରିକାର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ । କ୍ରମେ ପୁଞ୍ଜିପତିଙ୍କ ସ୍ୱାର୍ଥ ଶାସନ ବ୍ୟବସ୍ଥାରେ ଅଗ୍ରାଧିକାର ପାଇବ ଏବଂ ତାହାର ପ୍ରତିକୂଳ ପ୍ରଭାବ ଭୋଗିବେ ଦେଶବାସୀ । ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ସକାଶେ ଯେଉଁ ରାଷ୍ଟ୍ର ସମଗ୍ର ବିଶ୍ୱର ନେତୃତ୍ୱ ନେଉଥିଲା, ସେଠାରେ ଗଣତନ୍ତ୍ରର ଏହି ବିକଳ ଅବସ୍ଥା ଦେଖିଲେ ମନରେ କେବଳ କ୍ଷୋଭ ସୃଷ୍ଟି ହେଉନି, ତାହାର ପ୍ରତିକୂଳ ପ୍ରଭାବ ଅନ୍ୟତ୍ର ଅନୁଭୂତ ହେବାର ଆଶଙ୍କା ସୃଷ୍ଟି ହେଉଛି । ଆମେରିକା ଭଳି ତଥ୍ୟ ଯାଞ୍ଚ ବ୍ୟବସ୍ଥାର ବିପୁଳ ସୁବିଧା ସୁଯୋଗ ରହିଥିବା ଗଣତାନ୍ତ୍ରିକ ରାଷ୍ଟ୍ରରେ ଯଦି ମତଦାତାଙ୍କୁ ବିଭ୍ରାନ୍ତ ଓ ପ୍ରଭାବିତ କରାଯାଇପାରିଲା, ତା'ଠାରୁ ବଳି ଚିନ୍ତାର ବିଷୟ ଆଉ କ'ଣ ହୋଇପାରେ?

ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିକ୍ଷୋଭ ଓ ବିଦ୍ରୋହର ସୁଯୋଗ ଥିଲେ ମଧ୍ୟ ତାହାର ସଠିକ୍ ମୁକାବିଲା କରି ନ ପାରି ରାଷ୍ଟ୍ରପତି ୟୁନ୍ ଦେଶରେ ସାମରିକ ଶାସନ ଜାରି କଲେ । ପରିସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ପାର୍ଲାମେଣ୍ଟରେ ସେ ମହାଭିଯୋଗ ପ୍ରସ୍ତାବର ସମ୍ମୁଖୀନ ହେଲେ । ପ୍ରସ୍ତାବ ବହୁମତରେ ଗୃହୀତ ହୋଇଥିଲେ ମଧ୍ୟ ସେଠାକାର ବ୍ୟବସ୍ଥା ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନୁମୋଦନ ବିନା ନିର୍ବାଚିତ ରାଷ୍ଟ୍ରପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବନି । ତେବେ ଗଣବିଦ୍ରୋହର ଗତି ଓ ପ୍ରକୃତି ଯାହା, ସେଥିରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସ୍ଥିତି ଶ୍ରୀଲଙ୍କା କିମ୍ବା ବାଂଲାଦେଶ ଅନୁରୂପ ଅଧିକ ବିଗିଡ଼ିଯିବା ଆଶଙ୍କା ଥିବାରୁ ୟୁନ୍‌ଙ୍କୁ ତଦନ୍ତର ସମ୍ମୁଖୀନ ହେବାକୁ ବାଧ୍ୟ କରାଯାଇଥିଲା । ସେ କିନ୍ତୁ ରାଷ୍ଟ୍ରପତି ସୁରକ୍ଷାବାହିନୀ ବଳୟରେ ରହି ପରିସ୍ଥିତିର ମୁକାବିଲା କରିବାକୁ ଚାହିଁଲେ । ପରିସ୍ଥିତି କ୍ରମେ ଅଣାୟତ୍ତ ହେଉଥିବା ଜାଣି ମଧ୍ୟ ନିଜ ବାସଭବନରେ କଠୋର ସୁରକ୍ଷା ବଳୟ ମଧ୍ୟରେ ରହିଲେ । ଶେଷରେ ଗତ ବୁଧବାର ୟୁନ୍‌ଙ୍କ ବାସଭବନରେ ପ୍ରବେଶ କରିଥିଲେ ଏକ ହଜାରରୁ ଊର୍ଦ୍ଧ୍ୱ ନିରାପତ୍ତା ବାହିନୀ ସଦସ୍ୟ । ପ୍ରାୟ ୫ ଘଣ୍ଟା ଧରି ଚାଲିଥିଲା ଏହି ଗିରଫ ଅଭିଯାନ । ଦକ୍ଷିଣ କୋରିଆ ଇତିହାସରେ ରାଷ୍ଟ୍ରପତି ପଦରେ ଥାଇ ଗିରଫ ହେବା ଏହା ଘଟଣା ପ୍ରଥମ । ସେହିପରି ଆସନ୍ତା ୨୦ ତାରିଖରେ ରିପବ୍ଲିକାନ ପାର୍ଟି ନେତା ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ । ତାଙ୍କ ସପକ୍ଷରେ ବିପୁଳ ଜନମତ ଥିବା ନିର୍ବାଚନ ଫଳରୁ ସ୍ପଷ୍ଟ ହୋଇଛି । କିନ୍ତୁ ତାଙ୍କଠାରେ ଯେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଆସ୍ଥା ଓ ବିଶ୍ୱାସ ନଥିଲା ତାହା ୨୦୨୦ ନିର୍ବାଚନ ପରାଜୟ ବେଳେ ସ୍ପଷ୍ଟ ହୋଇଥିଲା । ଟ୍ରମ୍ପ ହ୍ୱାଇଟ୍ ହାଉସ୍‌କୁ ଛାଡ଼ିବାକୁ ନାରାଜ ହୋଇଥିଲେ ଏବଂ ତାଙ୍କ ସମର୍ଥକମାନେ କ୍ୟାପିଟାଲ ହିଲ୍‌ସରେ ପ୍ରବେଶ କରି ବ୍ୟାପକ ଭଙ୍ଗାରୁଜା କରିଥିଲେ ।

ଏଠାରେ ଲକ୍ଷ୍ୟ କରିବାର କଥା ଯେ ନିର୍ବାଚନରେ ଜନମତକୁ ପ୍ରଭାବିତ କରିବା ପାଇଁ ପ୍ରଚାରତନ୍ତ୍ରର ଦୁରୁପଯୋଗ ଅଭିଯୋଗ ଉଭୟ ଆମେରିକା ଓ ଦକ୍ଷିଣ କୋରିଆରେ ହୋଇଛି । ଟିକସ ଫାଙ୍କିରୁ ଆରମ୍ଭ କରି ଯୌନ ବ୍ୟଭିଚାର ପର୍ଯ୍ୟନ୍ତ ବହୁ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ମଧ୍ୟ ନିର୍ବାଚିତ ରାଷ୍ଟ୍ରପତି ହିସାବରେ ଟ୍ରମ୍ପ ଦୋଷମୁକ୍ତ ହୋଇଛନ୍ତି । ଅନ୍ୟପକ୍ଷରେ ୟୁନ୍‌ଙ୍କ ବିରୋଧରେ ଥିବା ଅଭିଯୋଗ ଏପର୍ଯ୍ୟନ୍ତ ପ୍ରମାଣିତ ହୋଇ ନ ଥିଲେ ମଧ୍ୟ ସେ ଗିରଫ ହୋଇଛନ୍ତି । ଏହି ଦୁଇଟି ଘଟଣାକୁ ତୁଳନାତ୍ମକ ବିଶ୍ଳେଷଣ କଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରୁ କ୍ରମେ ଭରସା ତୁଟିବା ସ୍ୱାଭାବିକ । ବିଶ୍ୱରେ ଏଭଳି ବହୁରାଷ୍ଟ୍ର ଅଛନ୍ତି, ଯେଉଁଠି ଏକଦଳୀୟ ଶାସନ ଚାଲିଛି । ବ୍ୟବସ୍ଥାର ବିରୋଧ କରୁଥିବା ନେତାଙ୍କୁ ବିଭିନ୍ନ ଉପାୟରେ ହତ୍ୟା କରାଯାଇଛି କିମ୍ବା କେଉଁ କାଳଗୃହକୁ ନିକ୍ଷେପ କରାଯାଉଛି । ତଥାପି ନିୟମିତ ବ୍ୟବଧାନରେ ନିର୍ବାଚନ କରାଇ ନିଜକୁ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ସେମାନେ ଦାବି କରୁଛନ୍ତି । ଏଥିରେ ଗଣତନ୍ତ୍ର ଉପହସିତ ହେଉ ନାହିଁ କି?

ଏକଥା ସତ ଯେ ଗଣତନ୍ତ୍ରର ଯଥୋଚିତ ବିକଳ୍ପ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ । ସମ୍ପ୍ରତି ଏହି ଶାସନ ତନ୍ତ୍ରରେ ଯେଉଁ ବିଲକ୍ଷଣ ଓ ବିରୋଧାଭାସ ପରିଲକ୍ଷିତ ହେଉଛି ତାହା ପଛରେ ରହିଛି ନିର୍ବାଚନକୁ କ୍ଷମତା ହାସଲର ହତିଆର ରୂପେ ବ୍ୟବହାର କରିବାର ଅଭିସନ୍ଧି । ବ୍ୟବସ୍ଥାର ସବୁ ବିଭବକୁ ଅକ୍ଷୁଣ୍ଣ ରଖିବା ଓ ଦେଶବାସୀଙ୍କ ନିକଟରେ ଉତ୍ତରଦାୟୀ ହେବା ଗଣତନ୍ତ୍ରର ପ୍ରମୁଖ ଅଙ୍ଗ । ଏହାର ବ୍ୟତିକ୍ରମର ପରିଣାମ କ'ଣ ହୋଇପାରେ ତାହା ଏବେ ଦକ୍ଷିଣ କୋରିଆ ସମେତ ବିଶ୍ୱର ଆଉ କେତେକ ଦେଶର ଶାସନ ବ୍ୟବସ୍ଥାରେ ପରିଦୃଷ୍ଟ । କ୍ଷମତା ଅଭିଲିପ୍‌ସାର ପରିବେଶରେ ଗଣତାନ୍ତ୍ରିକ ବିଲକ୍ଷଣର ଯେଉଁ ଭୂତାଣୁ ସୃଷ୍ଟି ହୋଇଛି, ତାହା ଯଦି ମହାମାରୀର ରୂପ ନିଏ ତେବେ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ବିଶ୍ୱ ମାନବାଧିକାର ପ୍ରତି ବିପଦ ନିଶ୍ଚୟ । ତେଣୁ ଏହା ଅଧିକ ସଂକ୍ରମିତ ହେବା ପୂର୍ବରୁ ଉଭୟ ଶାସକ ଓ ଶାସିତ ସଜାଗ ରହିବା ଉଚିତ ।

## ସ୍ପେଡେକ୍ସ ମିଶନ: ମହାକାଶ ବିଜ୍ଞାନରେ ବିପ୍ଳବ

ମହାକାଶ କ୍ଷେତ୍ରରେ ଭାରତକୁ ଐତିହାସିକ ସଫଳତା ମିଳିଛି । ୧୬ ଜାନୁଆରୀ ୨୦୨୫ ତାରିଖ ଭାରତ ପାଇଁ ସ୍ମରଣୀୟ ହୋଇଯିବ । ଏହି ଦିନରେ ଭାରତର ପ୍ରଥମ ମହାକାଶ ଡକିଂ ପ୍ରୟୋଗ (ସ୍ପେଡେକ୍ସ) ମିଶନ ସଫଳତାର ସହିତ ସମ୍ପୂର୍ଣ୍ଣ ହୋଇଛି । ଏହା ମାଧ୍ୟମରେ ଭାରତ ମହାକାଶରେ ଦୁଇଟି ଉପଗ୍ରହକୁ ପରସ୍ପର ସହ ଡକିଂ ବା ସଂଯୋଗ କରିଛି । ଏହି ଉପଲବ୍ଧି ସହ ମହାକାଶ ଡକିଂ ପରିଚାଳନା କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସାମିଲ ହୋଇପାରିଛି । ଭାରତ ଏହି ବୈଷୟିକ ସଫଳତା ହାସଲ କରିବାରେ ବିଶ୍ୱର ଚତୁର୍ଥ ଦେଶ ହୋଇପାରିଛି । ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାର ସତୀଶ ଧୱନ ମହାକାଶ କେନ୍ଦ୍ରରୁ ପୋଲାର ସାଟେଲାଇଟ୍ ଉତକ୍ଷେପଣ ଯାନ (ପିଏସଏଲଭି)-ସି୬୦ ବ୍ୟବହାର କରି ସ୍ପେଡେକ୍ସ ମହାକାଶ ଯାନର ସଫଳ ଉତକ୍ଷେପଣ ସହିତ ୩୦ ଡିସେମ୍ବର ୨୦୨୪ରେ ଇସ୍ରୋର ଏହି ଅଭିଯାନ ଆରମ୍ଭ ହୋଇଥିଲା । ଉପଗ୍ରହ ସେବା, ମହାକାଶ ଷ୍ଟେସନ ପରିଚାଳନା ଏବଂ ଆନ୍ତଃଗ୍ରହ ଅନ୍ୱେଷଣ ଭଳି ଭବିଷ୍ୟତର ପ୍ରଗତି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାମର୍ଥ୍ୟ । ମହାକାଶଯାନ ବିଲୟ, ଡକିଂ ଏବଂ ଅନଡକିଂରେ ଭାରତର ବୈଷୟିକ ଦକ୍ଷତାକୁ ପ୍ରଦର୍ଶନ କରିବା ଏହି ଯୁଗାନ୍ତକାରୀ ମିଶନର ଉଦ୍ଦେଶ୍ୟ । ଭାରତୀୟ ମହାକାଶ ବିଜ୍ଞାନର ଏହି ବିରଳ ସଫଳତା ପରେ ଇସ୍ରୋ ବୈଜ୍ଞାନିକ ଏବଂ ମହାକାଶ କ୍ଷେତ୍ର ସହ ଜଡ଼ିତ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇବା ସହିତ ଭବିଷ୍ୟତରେ ଭାରତର ମହତ୍ୱାକାଂକ୍ଷୀ ମହାକାଶ ମିଶନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଅଭିହିତ କରିଛନ୍ତି ।

ଡକିଂ ପ୍ରକ୍ରିୟାକୁ ଅସାଧାରଣ ସଠିକତା ସହ କାର୍ଯ୍ୟକାରୀ କରାଯାଇଥିଲା । ମହାକାଶଯାନଟି ୧୫-ମିଟରରୁ ୩-ମିଟର ହୋଲ୍ଡ ପଏଣ୍ଟ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଘୂରି ବୁଲିଥିଲା ଏବଂ ସଠିକତା ସହିତ ଡକିଂ ଆରମ୍ଭ କରି ସଫଳ ମହାକାଶଯାନ କ୍ୟାପଚର୍ କରିଥିଲା । ଏହାପରେ ପ୍ରତ୍ୟାବର୍ତ୍ତନ ସହଜ ଭାବରେ ସମାପ୍ତ ହୋଇଥିଲା ଏବଂ ସ୍ଥିରତା ପାଇଁ ଏହାର କଠୋରକରଣ କରାଯାଇଥିଲା । ଡକିଙ୍ଗ୍ ପରେ ଦୁଇଟି ଉପଗ୍ରହକୁ ଗୋଟିଏ ବସ୍ତୁ ଭାବେ ସମନ୍ୱିତ ନିୟନ୍ତ୍ରଣ ସଫଳତାର ସହ ହାସଲ କରାଯାଇଛି, ଯାହା ଭାରତର ବୈଷୟିକ ବିଶେଷଜ୍ଞତାକୁ ପ୍ରଦର୍ଶିତ କରୁଛି । ଆଗାମୀ ଦିନରେ ସିଷ୍ଟମର କାର୍ଯ୍ୟଦକ୍ଷତାକୁ ଆହୁରି ବୈଧ କରିବା ପାଇଁ ଅନଡକିଂ ଅପରେସନ ଏବଂ ପାୱାର ଟ୍ରାନ୍ସଫର ଚେକ୍ ଧାର୍ଯ୍ୟ କରାଯାଇଛି ।

ଇସ୍ରୋ ପକ୍ଷରୁ କୁହାଯାଇଛି, 'ଭାରତ ମହାକାଶ ଇତିହାସରେ ନିଜ ନାମକୁ ସଫଳତାର ସହିତ ଡକିଂ କରିପାରିଛି!.... ଇସ୍ରୋର ସ୍ପେଡେକ୍ସ ମିଶନ ଐତିହାସିକ ଡକିଂରେ ସଫଳତା ହାସଲ କରିଛି । ଏହି ମୁହୂର୍ତ୍ତ ଅତି ଗୌରବର ବିଷୟ ।

୬୨ତମ ପିଏସଏଲଭି ଉଡ଼ାଣ ଦ୍ୱାରା ଉତକ୍ଷେପଣ କରାଯାଇଥିବା ଦୁଇଟି ଛୋଟ ମହାକାଶଯାନ ବ୍ୟବହାର କରି ମହାକାଶରେ ଡକିଂ ପ୍ରଦର୍ଶନ କରିବା ପାଇଁ ପରିକଳ୍ପିତ ସ୍ପେଡେକ୍ସ ହେଉଛି ଏକ ବ୍ୟୟବହୁଳ ପ୍ରଯୁକ୍ତି ପ୍ରଦର୍ଶନ ମିଶନ । ଚନ୍ଦ୍ର ଅଭିଯାନ, ସାମ୍ପୁଲ ପ୍ରତ୍ୟାବର୍ତ୍ତନ ଏବଂ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ (ବିଏଏସ)ର ବିକାଶ ସମେତ ଭବିଷ୍ୟତରେ ଭାରତର ମହତ୍ୱାକାଂକ୍ଷୀ ମହାକାଶ ଅଭିଯାନ ପାଇଁ ଏହି ମିଶନ ଗୁରୁତ୍ୱପୂର୍ଣ୍ଣ ।

ସ୍ପେଡେକ୍ସ ମିଶନର ମୂଳ ଲକ୍ଷ୍ୟ ହେଉଛି, ଦୁଇଟି ଛୋଟ ମହାକାଶଯାନ ବ୍ୟବହାର କରି ସାକ୍ଷାତ ଏବଂ ଡକିଂ ପାଇଁ ଟେକ୍ନୋଲୋଜିର ବିକାଶ ଏବଂ ପ୍ରଦର୍ଶନ ସହିତ ଡକ୍ ହୋଇଥିବା ଅବସ୍ଥାରେ ନିୟନ୍ତ୍ରଣ କ୍ଷମତା ପ୍ରଦର୍ଶନ କରିବା । ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ମହାକାଶଯାନର ଜୀବନକାଳ ବୃଦ୍ଧି କରିବାର ସମ୍ଭାବନା ପ୍ରଦର୍ଶନ କରିବା ସହିତ ଡକ୍ ହୋଇଥିବା ମହାକାଶଯାନ ମଧ୍ୟରେ ଶକ୍ତି ସ୍ଥାନାନ୍ତର ପରୀକ୍ଷା କରିବା ।

ଏହି ମିଶନ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟାରେ ଭାରତର ବର୍ଦ୍ଧିତ ଆତ୍ମନିର୍ଭରଶୀଳତାକୁ ଦର୍ଶାଉଛି ଏବଂ ମହାକାଶ ଅନୁସନ୍ଧାନର ଦ୍ରୁତ ଗତିରେ ବିକଶିତ କ୍ଷେତ୍ରରେ ଭବିଷ୍ୟତର ଆହ୍ୱାନର ମୁକାବିଲା ପାଇଁ ଏହାର କ୍ଷମତାକୁ ଆଗକୁ ବଢ଼ାଇବା ନିମନ୍ତେ ଇସ୍ରୋର ଅଙ୍ଗୀକାରବଦ୍ଧତାକୁ ଦୋହରାଇଛି ।

ସ୍ପେଡେକ୍ସ ଅଭିଯାନରେ ଦୁଇଟି ଛୋଟ ଉପଗ୍ରହ, ଏସଡିଏକ୍ସ-୦୧ ବା ଚେଜର ଏବଂ ଏସଡିଏକ୍ସ-୦୨ ବା ଟାର୍ଗେଟ୍‌କୁ ସାମିଲ କରାଯାଇଥିଲା । ପ୍ରତ୍ୟେକଟିର ଓଜନ ପ୍ରାୟ ୨୨୦ କିଲୋଗ୍ରାମ । ଏହି ମହାକାଶଯାନଗୁଡ଼ିକ ଆଣ୍ଡ୍ରୋଜିନସ୍ ପ୍ରକୃତିର, ଅର୍ଥାତ୍ ଡକିଂ ସମୟରେ କୌଣସି ଗୋଟିଏ ମହାକାଶଯାନ ଚେଜର (ସକ୍ରିୟ ମହାକାଶଯାନ) ଭାବେ କାର୍ଯ୍ୟ କରିପାରିବ । ସେଗୁଡ଼ିକ ସୌର ପ୍ୟାନେଲ, ଲିଥିୟମ-ଆୟନ ବ୍ୟାଟେରୀ ଏବଂ ଏକ ସୁଦୃଢ଼ ଶକ୍ତି ପରିଚାଳନା ବ୍ୟବସ୍ଥାରେ ସଜ୍ଜିତ । ଆଟିଚ୍ୟୁଡ୍ ଆଣ୍ଡ ଅର୍ବିଟ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଏ.ଓ.ସି.ଏସ୍.) ରେ ଷ୍ଟାର୍ ସେନ୍ସର୍, ସୋଲାର ସେନ୍ସର୍, ମ୍ୟାଗ୍ନେଟୋମିଟର ଏବଂ ରିଆକ୍ସନ୍ ହୁଇଲ୍, ମ୍ୟାଗ୍ନେଟିକ୍ ଟର୍କର୍ ଏବଂ ଥ୍ରଷ୍ଟର୍ ପରି ଆକ୍ୟୁଏଟର୍ ପରି ସେନ୍ସର୍ ଅନ୍ତର୍ଭୁକ୍ତ ।

କକ୍ଷପଥରେ ଡକିଂ ପ୍ରକ୍ରିୟାକୁ ପ୍ରଦର୍ଶନ କରିବା ପାଇଁ ଉପଗ୍ରହଗୁଡ଼ିକ ଏକାଧିକ ଜଟିଳ କୌଶଳ ପ୍ରୟୋଗ କରିବେ । ଡକିଂ ପରେ, ଦୁଇଟି ଉପଗ୍ରହ ଗୋଟିଏ ମହାକାଶଯାନ ଭାବରେ କାର୍ଯ୍ୟ କରିବ । ଡକିଂର ସଫଳତାକୁ ସୁନିଶ୍ଚିତ କରିବା ପାଇଁ ଗୋଟିଏ ଉପଗ୍ରହରୁ ଅନ୍ୟ ଉପଗ୍ରହକୁ ବିଦ୍ୟୁତ ଶକ୍ତି ହସ୍ତାନ୍ତର କରାଯିବ । ସଫଳ ଡକିଂ ଓ ଅନଡକିଂ ପରେ, ମହାକାଶଯାନ ଅଲଗା ହେବ ଏବଂ ପ୍ରୟୋଗ ମିଶନ ପାଇଁ ବ୍ୟବହୃତ ହେବ । ଅନଡକିଂ ସମୟରେ, ପୃଥକ ଭାବେ ପେଲୋଡ ଅପରେସନ ଆରମ୍ଭ କରିବା ପାଇଁ ମହାକାଶଯାନ ଅଲଗା ହେବ । ଏହି ପେଲୋଡ ଉଚ୍ଚ ରିଜୋଲ୍ୟୁସନ୍ ଫଟୋଚିତ୍ର, ପ୍ରାକୃତିକ ସମ୍ବଳ ଅନୁଧ୍ୟାନ, ଉଦ୍ଭିଦ ଅଧ୍ୟୟନ ଏବଂ କକ୍ଷପଥ ବିକିରଣ ପରିବେଶ ମାପ ପ୍ରଦାନ କରିବ ଯାହା ଅନେକ ପ୍ରୟୋଗ ଖୋଜିବ ।

ସ୍ପେଡେକ୍ସ ମିଶନରେ କାର୍ଯ୍ୟକାରୀ ହୋଇଥିବା ସ୍ୱଦେଶୀ ପ୍ରଯୁକ୍ତି ମଧ୍ୟରେ ଡକିଂ ମେକାନିଜମ, ଚାରିଟି ରେଣ୍ଡେଜଭସ୍ ଓ ଡକିଂ ସେନ୍ସରର ଗୋଟିଏ ସୁଟ୍, ଶକ୍ତି ହସ୍ତାନ୍ତର ପ୍ରଯୁକ୍ତି ଆଦି ରହିଛି । ସ୍ୱଦେଶୀ ନୋଭେଲ୍ ଅଟୋନମସ୍ ରେଣ୍ଡେଜଭଲ ଓ ଡକିଂ ଷ୍ଟ୍ରାଟେଜି । ମହାକାଶଯାନ ମଧ୍ୟରେ ସ୍ୱୟଂଶାସିତ ଯୋଗାଯୋଗ ପାଇଁ ଆନ୍ତଃ-ଉପଗ୍ରହ ଯୋଗାଯୋଗ ସଂଯୋଗ (ଆଇଏସ୍‌ଏଲ), ଅନ୍ୟ ମହାକାଶଯାନର ସ୍ଥିତି ଜାଣିବା ପାଇଁ ଆନ୍ତଃନିର୍ମିତ ଇଣ୍ଟେଲିଜେନ୍ସ ସହିତ ଅନ୍ତର୍ଭୁକ୍ତ । ଅନ୍ୟ ମହାକାଶଯାନର ଆପେକ୍ଷିକ ସ୍ଥିତି ଏବଂ ବେଗ ନିର୍ଦ୍ଧାରଣ କରିବା ପାଇଁ ଜିଏନଏସଏସ ଆଧାରିତ ନୋଭେଲ୍ ରିଲେଟିଭ୍ ଅର୍ବିଟ୍ ଡିଟର୍ମିନେସନ୍ ଆଣ୍ଡ ପ୍ରୋପାଗେସନ୍ (ଆରଓଡିପି) ପ୍ରୋସେସର ଏବଂ ଉଭୟ ହାର୍ଡୱେର୍ ଓ ସଫ୍ଟୱେର୍ ଡିଜାଇନ୍ ବୈଧିକରଣ ଓ ପରୀକ୍ଷା ପାଇଁ ସିମୁଲେସନ୍ ପରୀକ୍ଷା ଶଯ୍ୟା ଆଦି ପ୍ରଯୁକ୍ତି ଏଥିରେ ସାମିଲ ରହିଛି ।

ସ୍ପେଡେକ୍ସ ଅଭିଯାନ ଭାରତର ମହାକାଶ କ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ପ୍ରତିନିଧିତ୍ୱ କରେ, ଯାହା ଭବିଷ୍ୟତରେ ଅଧିକ ଜଟିଳ ଓ ଉଚ୍ଚାଭିଳାଷୀ ମହାକାଶ ପ୍ରୟାସ ପାଇଁ ଇସ୍ରୋକୁ ସ୍ଥାନିତ କରେ । ଏହି ସଫଳତାର ଗୁରୁତ୍ୱ ଉପରେ ଆଲୋକପାତ କରି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି ଯେ ସ୍ପେଡେକ୍ସ ଭାରତକୁ ମହାକାଶ ଡକିଂ ଟେକ୍ନୋଲୋଜିରେ ଏକ ବିଶ୍ୱସ୍ତରୀୟ ନେତା ଭାବେ ପ୍ରତିଷ୍ଠିତ କରିଛି । ମହାକାଶରେ ଜୀବବିଜ୍ଞାନର ପ୍ରୟୋଗର ଅନ୍ୱେଷଣ ପାଇଁ ବାୟୋଟେକ୍ନୋଲୋଜି ବିଭାଗ ଏବଂ ଇସ୍ରୋ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ଶ୍ରୀସିଂ ଡକିଂ ପରୀକ୍ଷଣ ପାଇଁ ବ୍ୟବହୃତ ସ୍ୱଦେଶୀ 'ଭାରତୀୟ ଡକିଂ ସିଷ୍ଟମ'ର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ । ଏହି ମାଇଲଖୁଣ୍ଟ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ, ଚନ୍ଦ୍ରଯାନ ୪ ଏବଂ ଗଗନଯାନ ସମେତ ଭବିଷ୍ୟତର ଉଚ୍ଚାଭିଳାଷୀ ମିଶନର ସୁଗମ ପରିଚାଳନା ପାଇଁ ପଥ ପରିଷ୍କାର କରିଛି ।

ଚନ୍ଦ୍ର ଅନ୍ୱେଷଣ ଏବଂ ମହାକାଶ ଷ୍ଟେସନର ପରିଚାଳନା ଭଳି ଆଗାମୀ ମହାକାଶ ଅଭିଯାନ ପାଇଁ ମହାକାଶ ଡକିଂ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକ୍-ଆବଶ୍ୟକତା । ଏହି ଅଭିଯାନକୁ ସଫଳତାର ସହ କାର୍ଯ୍ୟକାରୀ କରି, ଚନ୍ଦ୍ରଯାନ-୪ ଭଳି ଭବିଷ୍ୟତର ଅଭିଯାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷମତାର ମୂଳଦୁଆ ପଡ଼ିଛି । ଏହାବ୍ୟତୀତ, ଗଗନଯାନ ମିଶନରେ ଜଣେ ଭାରତୀୟ ମହାକାଶଚାରୀଙ୍କୁ ଚନ୍ଦ୍ରକୁ ପଠାଇବା ଏବଂ ଭାରତ ମହାକାଶ ମହାକାଶ କେନ୍ଦ୍ର ପ୍ରତିଷ୍ଠା ଭଳି ଭାରତର ମହତ୍ୱାକାଂକ୍ଷୀ ମହାକାଶ ଲକ୍ଷ୍ୟକୁ ସମର୍ଥନ କରିବାରେ ସ୍ପେଡେକ୍ସ ମିଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏହି ବୈଷୟିକ ପ୍ରଗତି କେବଳ ମହାକାଶ କ୍ଷେତ୍ରରେ ଭାରତର ପ୍ରଗତି ଉପରେ ଆଲୋକପାତ କରେ ନାହିଁ ବରଂ ଅଧିକ ଜଟିଳ ମିଶନ ପାଇଁ ନୂତନ ସୁଯୋଗ ଲାଗି ମାର୍ଗପ୍ରଶସ୍ତ କରିଥାଏ । ବିଶ୍ୱ ମହାକାଶ ସମ୍ପ୍ରଦାୟରେ ଏକ ପ୍ରମୁଖ ରାଷ୍ଟ୍ରର ଭାବରେ ଏହା ଭାରତର ସ୍ଥିତିକୁ ମଜବୁତ କରିଥାଏ । ସ୍ପେଡେକ୍ସ ହେଉଛି ସ୍ୱଦେଶୀ ନବସୃଜନ କ୍ଷେତ୍ରରେ ଭାରତର ଅଗ୍ରଗତିର ଏକ ପ୍ରମାଣ, ଯାହା ବିଶ୍ୱ ମହାକାଶ ଜଗତରେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି ।

(ପିଆଇବି,ଭୁବନେଶ୍ୱର)

## ଏଚ୍‌ଏମ୍‌ପିଭି: ନୂତନ ଆଗନ୍ତୁକର ଭୟ

ଡ. ନିତ୍ୟାନନ୍ଦ ସ୍ୱାଇଁ

ଆପଣମାନେ ଏବେ ବିଭିନ୍ନ ଖବରକାଗଜରୁ ଏଚ୍‌ଏମ୍‌ପିଭି ନାମକ ଏକ ଭୂତାଣୁ ସଂକ୍ରମଣ ବିଷୟରେ ପଢୁଥିବେ । ଏଚ୍‌ଏମ୍‌ପିଭିର ସମ୍ପୂର୍ଣ୍ଣ ନାମ ହେଉଛି ହ୍ୟୁମ୍ୟାନ ମେଟାନିଉମୋ ଭାଇରସ୍ । ଏହି ନୂତନ ଭୂତାଣୁଟି ବି କୋଭିଡ୍-୧୯ ଭଳି ଆସିଛି ଚୀନ୍‌ରୁ । ଆମ ଦେଶର ବିଭିନ୍ନ ସହରରେ ଏହାଦ୍ୱାରା ସଂକ୍ରମିତ ରୋଗୀଙ୍କର ସନ୍ଧାନ ମିଳିସାରିଛି ଏବଂ ସଂଖ୍ୟା କ୍ରମେ ବୃଦ୍ଧି ପାଉଛି । ପ୍ରଥମ ରୋଗୀଟି ଚିହ୍ନଟ ହୋଇଛି ଆସାମରେ । ସଂକ୍ରମିତ ହୋଇଛନ୍ତି ଶିଶୁମାନେ । ଏହାପରେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଲାଣି ନାନା ବିଭ୍ରାନ୍ତିକର ତଥ୍ୟ- ଯେପରିକି ପୁଣି ଆରମ୍ଭ ହୋଇଯିବ କରୋନା ସମୟର କଡ଼ା କଟକଣା, ଲକ୍‌ଡାଉନ୍ ଇତ୍ୟାଦି । ସତରେ କ'ଣ ଏଥିପାଇଁ ଭୟ କରିବାର କୌଣସି କାରଣ ନାହିଁ? ଭୂତାଣୁଟି କ'ଣ ସତରେ ଆସିଛି ଚୀନ୍‌ରୁ? ଏ ବିଷୟରେ ଚିକିତ୍ସାବିଜ୍ଞାନୀମାନଙ୍କ ମତ କ'ଣ? ସେ ବିଷୟରେ କିଞ୍ଚିତ ଆଲୋଚନା କରିବା ।

ଏଚ୍‌ଏମ୍‌ପିଭି ହେଉଛି ଫ୍ଲୁ ଜାତୀୟ ଏକ ଭୂତାଣୁ । ଏହାର ସର୍ବପ୍ରଥମ ସନ୍ଧାନ ମିଳିଥିଲା ନେଦରଲ୍ୟାଣ୍ଡରେ, ୨୦୦୧ ମସିହାରେ । ଏହି ଭୂତାଣୁ ସଂକ୍ରମଣରେ ସର୍ଦ୍ଦି, କାଶ, ଜ୍ୱର ଓ ଦୁର୍ବଳତା ଭଳି ସାଧାରଣ ଲକ୍ଷଣ ଦେଖାଦିଏ; ପୁଣି ଅଳ୍ପ କେଇଟା ଦିନ ଭିତରେ ଲକ୍ଷଣମାନ ଦୂର ହୋଇ ରୋଗୀ ଆରୋଗ୍ୟ ହୋଇଯାଏ । ତେଣୁ ସର୍ଦ୍ଦି, କାଶ, ଜ୍ୱରର ଲକ୍ଷଣ ପ୍ରକାଶ ପାଉଥିବା ରୋଗୀଠାରେ ଏହି ଭୂତାଣୁଟି ଥାଇପାରେ । କିନ୍ତୁ ଏହା ଗୁରୁତର ଅବସ୍ଥା ଧାରଣ କରି ନଥାଏ ଏବଂ ତେଣୁ ବିଶେଷ ପରୀକ୍ଷାନିରୀକ୍ଷା କରିବାର ଆବଶ୍ୟକତା ପଡ଼ି ନ ଥାଏ । ଏହାର ପରୀକ୍ଷା ମଧ୍ୟ ବ୍ୟୟବହୁଳ । ଏହି ଭୂତାଣୁ ସଂକ୍ରମିତଙ୍କ ମୃତ୍ୟୁ ଘଟଣା ବିରଳ । ମୋଟ ଭୂତାଣୁ ସଂକ୍ରମଣର ମାତ୍ର ୫ ଶତାଂଶର କାରଣ ହୋଇପାରେ ଏଚ୍‌ଏମ୍‌ପିଭି । ଜନସାଧାରଣଙ୍କ ଶରୀରରେ ଭୂତାଣୁଟି ବିରୁଦ୍ଧରେ ପ୍ରତିରୋଧ କରିବାର କ୍ଷମତା ରହିଛି । ତେଣୁ ଭୂତାଣୁ ତା'ର ଚରିତ୍ର ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଆତଙ୍କିତ ହେବାର କାରଣ ନାହିଁ । ଚରିତ୍ର ପରିବର୍ତ୍ତନ କଲେ ଯାଇ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ।

ଭୂତାଣୁ ଉତ୍ପତ୍ତି ସ୍ଥଳ ଚୀନ୍ - ଏ ତଥ୍ୟ ବର୍ତ୍ତମାନ ଉପଲବ୍ଧ ନୁହେଁ । ତେଣୁ ଭୂତାଣୁର ଚରିତ୍ରରେ ପରିବର୍ତ୍ତନ ଘଟିଛି କି ନାହିଁ ତାହାର ସୂଚନା ମଧ୍ୟ ଚୀନ୍‌ରୁ ମିଳିବାର ଆଶା ନାହିଁ । କାରଣ କୋଭିଡ୍ ୧୯ ସମୟରେ ମଧ୍ୟ ଚୀନ୍‌ର ଆଭିମୁଖ୍ୟ ସ୍ୱଚ୍ଛ ନ ଥିଲା । ସମ୍ପ୍ରତି ଚୀନ୍‌ରେ ଆରମ୍ଭ ହୋଇଛି ନୂତନ ବର୍ଷ । ନବବର୍ଷ ପାଳନ ପାଇଁ ପ୍ରବାସୀ ଚୀନାମାନେ ଦେଶାଭିମୁଖୀ । ସେମାନେ କିଛିଦିନ ଚୀନ୍‌ରେ କଟେଇ ପୁନର୍ବାର ନିଜ ନିଜ କର୍ମସ୍ଥଳଗୁଡ଼ିକୁ ଫେରିଯିବେ । ଏହା ଫଳରେ ବିଭିନ୍ନ ଦେଶରେ ସଂକ୍ରମଣ ପ୍ରସରିବା ସୁଗମ ହୋଇଯିବ କି ନା, ଏଥିପ୍ରତି ନଜର ରଖିବାର ଆବଶ୍ୟକତା ରହିଛି । କାରଣ କରୋନା ତଥା ଅନ୍ୟ ଫ୍ଲୁ ଜାତୀୟ ଭୂତାଣୁ ଭଳି ଏଚ୍‌ଏମ୍‌ପିଭି ସଂକ୍ରମଣ ପ୍ରସାର ଲାଭ କରେ ଡ୍ରପ୍‌ଲେଟ୍ ବା ବିନ୍ଦୁ ସଂକ୍ରମଣ ମାଧ୍ୟମରେ । ରୋଗୀର କାଶ, ଛିଙ୍କ ଇତ୍ୟାଦିର ସଂସ୍ପର୍ଶରେ ଆସିଲେ ଓ ରୋଗୀ ବ୍ୟବହାର କରିଥିବା ଦ୍ରବ୍ୟଗୁଡ଼ିକରେ ହାତ ଲାଗିଲେ, ସେଥିରୁ ରୋଗ ଡିଏଁ ସୁସ୍ଥଲୋକକୁ ।

ଯେକୌଣସି ସଂକ୍ରମଣର ତୀବ୍ରତା ନିର୍ଭର କରେ ଭୂତାଣୁର ଚରିତ୍ର ଉପରେ ଏବଂ ସଂକ୍ରମିତ ହୋଇଥିବା ବ୍ୟକ୍ତିଟି ଉପରେ । ବରିଷ୍ଠ ନାଗରିକ, ଶିଶୁ ଏବଂ ଅନ୍ୟ କୌଣସି ବ୍ୟାଧିପୀଡ଼ିତ (କୋମରବିଡିଟି) ବ୍ୟକ୍ତିଙ୍କ କ୍ଷେତ୍ରରେ ସଂକ୍ରମଣ ଗୁରୁତର ରୂପ ଧାରଣ କରେ । କୋଭିଡ୍ ସମୟରେ ମଧ୍ୟ ସମାନ କଥା ପରିଲକ୍ଷିତ ହୋଇଥିଲା । ଶିଶୁରୋଗ ବିଶେଷଜ୍ଞଙ୍କ ମତରେ ଶିଶୁମାନଙ୍କଠାରେ ଫୁସ୍‌ଫୁସ୍‌ର ଆକାର ଛୋଟ ଓ ଫୁସ୍‌ଫୁସ୍‌ରେ ଥିବା ନଳୀମାନ ମଧ୍ୟ ଛୋଟ ଓ ସରୁ । ତେଣୁ ଶିଶୁ ସଂକ୍ରମିତ ହେଲେ ଶିଶୁର ଶ୍ୱାସପଥ ଅବରୋଧ ହୋଇପଡ଼ିବାର ଆଶଙ୍କା ଅଧିକ । ବିଶେଷକରି ଭୂତାଣୁ ଫୁସ୍‌ଫୁସ୍‌ରେ ପହଞ୍ଚିଗଲେ ବାୟୁରୁ ଅମ୍ଳଜାନ ଗ୍ରହଣ ଓ ରକ୍ତମଧ୍ୟକୁ ଅମ୍ଳଜାନର ପ୍ରେରଣ ହ୍ରାସପାଏ । ଏହି କାରଣରୁ କୌଣସି ଶିଶୁଠାରେ ଜନ୍ମଗତ ଭାବରେ ଫୁସ୍‌ଫୁସ୍ ଦୁର୍ବଳ ଥିଲେ, ତା' କ୍ଷେତ୍ରରେ ବେଶୀ ସାବଧାନତା ଲୋଡ଼ା ।

ସାଧାରଣ ସର୍ଦ୍ଦିକାଶର ଉପସର୍ଗ ଥିଲେ ସ୍ୱାବ ପରୀକ୍ଷାରୁ ହୁଏତ ଏଚ୍‌ଏମ୍‌ପିଭି ଧରାପଡ଼ିପାରେ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏପରି ପରୀକ୍ଷାର କୌଣସି ପ୍ରୟୋଜନ ନାହିଁ । ତେବେ ଶିଶୁମାନଙ୍କଠାରେ ବେଶୀ ଜ୍ୱର ହେଲେ, ଶ୍ୱାସକ୍ରିୟା ଦ୍ରୁତତର ହେଲେ, କ୍ଷୁଧା ହ୍ରାସ ପାଇଗଲେ, ଶ୍ୱାସତନ୍ତ୍ର ବେଶୀ ପ୍ରଭାବିତ ହୋଇଥିବାର ଆଶଙ୍କା ଅଧିକ । ଏ କ୍ଷେତ୍ରରେ ଡାକ୍ତର ପରୀକ୍ଷା କରେଇବା ପାଇଁ ପରାମର୍ଶ ଦେଇପାରନ୍ତି । ଉପରୋକ୍ତ ଏହି ତିନିଟି ଉପସର୍ଗ ନ ଥିଲେ ଆତଙ୍କିତ ହେବାର କୌଣସି କାରଣ ନାହିଁ ।

ଫୁସ୍‌ଫୁସ୍ ରୋଗ ବିଶେଷଜ୍ଞଙ୍କ ମତରେ, ଯେଉଁମାନଙ୍କର ବୟସ ୬୫ ବର୍ଷରୁ ବେଶୀ ଏବଂ ଯେଉଁମାନଙ୍କରଠାରେ ମଧୁମେହ, ଉଚ୍ଚରକ୍ତଚାପ, ବୃକ୍କ ଓ କର୍କଟ ଭଳି ଅନ୍ୟ ରୋଗ ଅଛି, ସେମାନଙ୍କର ରୋଗ ପ୍ରତିରୋଧ କ୍ଷମତା କମ୍ । ତେଣୁ ସେମାନଙ୍କଠାରେ ସଂକ୍ରମଣର ଭୟ ବେଶୀ । କାରଣ ଏମାନଙ୍କ କ୍ଷେତ୍ରରେ ଏଚ୍‌ଏମ୍‌ପିଭି ସଂକ୍ରମଣ ନିଉମୋନିଆ ଜାତ କରେଇବାର ଆଶଙ୍କା ଅଧିକ । ସେଥିପାଇଁ ସଂକ୍ରମଣ ହୋଇଥିବାର ସନ୍ଦେହ ହେଲେ ରୋଗୀ କାଳବିଳମ୍ବ ନ କରି ଚିକିତ୍ସକଙ୍କ ସହିତ ପରାମର୍ଶ କରିବା ଉଚିତ ।

ଶୀତଋତୁରେ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟା ଥିବା ରୋଗୀଙ୍କ ସଂଖ୍ୟା ସାଧାରଣତଃ ବଢ଼ିଥାଏ । ସହରାଞ୍ଚଳର ପ୍ରଦୂଷଣ ମୁଖ୍ୟତଃ ଏଥିପାଇଁ ଦାୟୀ । ତେଣୁ ନିବାରଣମୂଳକ ବ୍ୟବସ୍ଥା ସ୍ୱରୂପ-ବାହାରକୁ ଯିବା ଦରକାର ପଡ଼ିଲେ ମାସ୍କ ପିନ୍ଧି ଘରୁ ବାହାରନ୍ତୁ । ଏହାଫଳରେ କାଶ, ଛିଙ୍କ ଭଳି ଡ୍ରପଲେଟ୍ ମାଧ୍ୟମରେ ସଂକ୍ରମଣ ବହୁଳାଂଶରେ ନିବାରିତ ହୋଇଯାଏ । ମାସ୍କ ପିନ୍ଧି ନଥିଲେ କାଶିବେ କିମ୍ବା ଛିଙ୍କିବା ବେଳେ ମୁହଁରେ ରୁମାଲ ରଖିବାର ଆବଶ୍ୟକତା ରହିଛି । ହାତକୁ ଜୀବାଣୁ-ଭୂତାଣୁମୁକ୍ତ ରଖିବା ପାଇଁ ସାନିଟାଇଜର ବା ବିଶୋଧକ ବ୍ୟବହାର କରିବେ କିମ୍ବା ସାବୁନ୍‌ରେ ହାତ ଧୋଇବେ । ଜନ ସମାଗମ ସ୍ଥାନରୁ ଏବଂ ସଂକ୍ରମିତ ବ୍ୟକ୍ତିଠାରୁ ଯଥାସମ୍ଭବ ଦୂରେଇ ରହିବେ ।

କଟକ, ମୋ: ୯୪୩୭୭୬୬୧୧୭

## ଆ-କା-ମା-ବୈ: ଆମେରିକାରୁ ବୋର୍ଣ୍ଣିଓ

ସତ୍ୟଜ୍ୟୋତି

### ସାତଦରିଆପାରେ

ପୂର୍ବପ୍ରକାଶିତ ଉତ୍ତାରୁ...

ଯେଉଁ ମାର୍ମିକ ଉତ୍ସୁକତା ସହିତ ଗତ ଅଧ୍ୟାୟରେ ଆମେ ଉପସଂହାରରେ ପହଞ୍ଚିଥିଲେ, ତାହା ଥିଲା - ହିନ୍ଦୁମାନଙ୍କର ଆମେରିକା ଆବିଷ୍କାର ଶ୍ରେୟର ହକ୍‌ଦାର କେବଳ କଳିଙ୍ଗ ସାଧବ ନା ସେଥିରେ ଆଉ କିଏ ଭାଗିଦାର ଥିଲେ? ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଚମନ୍‌ଲାଲ୍ ଯେଉଁ ହିନ୍ଦୁ ବା ଭାରତୀୟମାନଙ୍କ ଜୟଗାଥା ଉଲ୍ଲେଖ କରିଛନ୍ତି ତାହାର ହକ୍‌ଦାର ଭାବେ କଳିଙ୍ଗ ସାଧବ ସହିତ ଅନ୍ୟ ଭାରତୀୟଙ୍କୁ ଯୋଡ଼ିଛନ୍ତି । କିନ୍ତୁ କଳିଙ୍ଗ ସାଧବମାନେ ଯେ ନେତୃତ୍ୱ ନେଇଛନ୍ତି ବା ପଥପ୍ରଦର୍ଶକର ଭୂମିକା ନିର୍ବାହ କରିଛନ୍ତି ତାହା ଅସ୍ୱୀକାର କରିହେବ ନାହିଁ । ଏ ସମ୍ପର୍କରେ କେତେକ ତଥ୍ୟର ତାର୍କିକ ଉପସ୍ଥାପନା ପୂର୍ବରୁ ଆଉ କେତେକ ଉପାଦେୟ ସୂଚନାର ଅବତାରଣା ସମୀଚୀନ ହେବ ।

ଜଳପଥରେ ଆମେରିକା ଛୁଇଁବା ପାଇଁ ଭାରତୀୟମାନେ ବ୍ୟବହାର କରିଥିବା ଦୁଇଟି ଯାକ ଜଳପଥରେ ଉଭୟ ଆହ୍ୱାନ ଓ ସୁବିଧା ଥିଲା । ଆଟ୍‌ଲାଣ୍ଟିକ ମହାସାଗର ତୁଳନାରେ ପ୍ରଶାନ୍ତ ମହାସାଗରରେ ବିପଦ ଆଶଙ୍କା କମ୍ ଥିଲେ ମଧ୍ୟ ଅବିଶ୍ରାନ୍ତ ଯାତ୍ରା କରିବାକୁ ପଡୁଥିଲା । ଅପରପକ୍ଷରେ ଆଟ୍‌ଲାଣ୍ଟିକ୍ ମହାସାଗର ବିପଦପୂର୍ଣ୍ଣ ଥିଲେ ମଧ୍ୟ ମଝିରେ ଥିବା ଅନେକ ଦ୍ୱୀପପୁଞ୍ଜରେ କିଛିଦିନର ବିଶ୍ରାମ ନେଇ ପୁଣି ଯାତ୍ରା କରିବାର ସୁବିଧା ଥିଲା । ସମ୍ପୂର୍ଣ୍ଣ ବିପରୀତମୁଖୀ ଏହି ଯାତ୍ରାପଥ ଗୋଟିଏ କାଳଖଣ୍ଡରେ ସୀମିତ ନଥିଲା । ହୁଏତ ସେହି କାଳଖଣ୍ଡର ଅବଧି ଶତାବ୍ଦୀବ୍ୟାପୀ ହୋଇପାରେ । ଏହି ଦୀର୍ଘ ଯାତ୍ରା କାଳରେ, ବିଶେଷକରି ଆଟ୍‌ଲାଣ୍ଟିକ୍ ମହାସାଗର ଦେଇ ଆମେରିକା ଯିବା ବାଟରେ, ସମୁଦ୍ର ସହିତ ନଦୀ, ହ୍ରଦ ଓ ପ୍ରାକୃତିକ କେନାଲ୍ ଆଦି ସହାୟକ ହେଉଥିଲା । ଏଥିପାଇଁ ଗୋଟିଏ ଧରଣର ନୌପୋତ ବା ଜାହାଜ ଉପଯୁକ୍ତ ନଥିଲା । ଭୌଗୋଳିକ ଅବସ୍ଥିତି, ଜଳବାୟୁର ପରିସ୍ଥିତି ଅନୁଯାୟୀ ସାଧବମାନେ ବିଭିନ୍ନ ଧରଣର ଓ ଆକୃତିର ନୌପୋତ ବ୍ୟବହାର କରୁଥିଲେ । ସେଥିପାଇଁ ସାଧବମାନଙ୍କ ସାଙ୍ଗରେ ଥିଲେ ପ୍ରବୀଣ କୁଶଳୀ ନୌଭେଳା କାରିଗରମାନେ । ସେମାନେ ଗୋଟିଏ ଦ୍ୱୀପ କିମ୍ବା ଉପଦ୍ୱୀପରେ ପହଞ୍ଚିବା ପରେ ସେଠାକାର ଭୌଗୋଳିକ ସ୍ଥିତି ଏବଂ ସମ୍ଭାବ୍ୟ ଜଳପଥକୁ ଦୃଷ୍ଟିରେ ରଖି ସେଠାରୁ ହିଁ କଞ୍ଚାମାଲ୍ ସଂଗ୍ରହ କରି ଭିନ୍ନ ଧରଣର ନୌପୋତ ନିର୍ମାଣ କରୁଥିଲେ । ନୌପୋତ ନିର୍ମାଣ ପାଇଁ ବୈଦିକ ଶାସ୍ତ୍ର ବିଜ୍ଞାନରୁ ଉଦ୍ଧୃତ ଓ ସଂକଳିତ 'ଯୁକ୍ତିକଳ୍ପତରୁ' ଗ୍ରନ୍ଥକୁ ଅନୁସରଣ କରାଯାଉଥିବା ଜଣାଯାଏ । ଏହି ଗ୍ରନ୍ଥର ଉଲ୍ଲେଖ ଅନୁଯାୟୀ, ନଦୀପଥ ପାଇଁ ନୌପୋତଗୁଡ଼ିକୁ 'ସାମାନ୍ୟ' ଓ ସାମୁଦ୍ରିକ ପଥ ପାଇଁ 'ବିସେସ' ଏଭଳି ଦୁଇଭାଗରେ ବିଭକ୍ତ କରାଯାଇଥିଲା । ଭିନ୍ନ ଧରଣର ନୌପୋତ ପାଇଁ ଭିନ୍ନ ଧରଣର କାଠ ବା ବୃକ୍ଷ ବିଷୟରେ ଶାସ୍ତ୍ରରେ ଉଲ୍ଲେଖ ରହିଛି । ସାଧାରଣ ବା ତୁଳନାତ୍ମକ ଭାବେ ନାତିଦୀର୍ଘ ସାମୁଦ୍ରିକ ପଥ ଅତିକ୍ରମ ପାଇଁ 'କ୍ଷୁଦ୍ର', 'ମଧ୍ୟମ', 'ଭୀମ', 'ଚପଳ', 'ପାଟଳ', 'ଭୟ', 'ଦୀର୍ଘ', 'ଗର୍ଭରା', 'ମନ୍ଥରା' ଆଦି ନୌପୋତ ବ୍ୟବହାର କରଯାଉଥିବା ବେଳେ ଦୀର୍ଘ ସାମୁଦ୍ରିକ ପଥ ପାଇଁ ବ୍ୟବହୃତ ନୌପୋତଗୁଡ଼ିକ ପ୍ରକାର, ଆକାରଭେଦ ଓ ପଣ୍ୟବାହୀ କ୍ଷମତା ଅନୁଯାୟୀ 'ଦୀର୍ଘିକା', 'ତରଣୀ', 'ଜାମିନି', 'ତରି', 'ପଲ୍ଲବିନୀ', 'ଧରଣୀ', 'ବେଗିନୀ' ନାମରେ ଚିହ୍ନିତ ହେଉଥିଲା । ନୌପୋତର ଅଗ୍ରଭାଗକୁ ବ୍ୟାଘ୍ର, ହସ୍ତୀ, ସିଂହ, ସର୍ପ, ବତକ, ପାରା, ଶୁଆର ମୁଖଆକୃତିରେ ନିର୍ମାଣ କରାଯାଉଥିଲା । ଯେଉଁ ନୌପୋତ ସମ୍ପୂର୍ଣ୍ଣ ରୂପେ ସବାରୀ(କ୍ୟାବିନ୍) ଦ୍ୱାରା ଆଚ୍ଛାଦିତ ଥିଲା ତା'କୁ 'ସର୍ବମନ୍ଦିର', ମଝିରେ କ୍ୟାବିନ୍ ଥିବା ନୌପୋତକୁ 'ମଧ୍ୟମନ୍ଦିର' ଏବଂ ଯାହାର କେବଳ ଆଗରେ କ୍ୟାବିନ୍ ଥିଲା ତାହାକୁ 'ଅଗ୍ରମନ୍ଦିର' କୁହାଯାଉଥିଲା । ଗୋଟିଏ ଗୋଟିଏ ଜାହାଜରେ ଏକ ସମ୍ପୂର୍ଣ୍ଣ ଗ୍ରାମ ସମାହିତ ହୋଇପାରିବାର କ୍ଷମତା ଥିଲା, ଯେଉଁଥିରେ ହାତୀ, ଘୋଡ଼ା, ବଣ୍ୟପ୍ରାଣୀଙ୍କୁ ଆମଦାନୀ ଓ ରପ୍ତାନୀ କରାଯାଉଥିଲା । ଦୀର୍ଘ ସମୁଦ୍ରଯାତ୍ରାରେ ଦିଗ ନିର୍ଣ୍ଣୟ ପାଇଁ ରାତିରେ ଧ୍ରୁବତାରା ଓ ଦିନରେ 'ମତ୍ସ୍ୟଯନ୍ତ୍ର' ନାମକ ଦିଗବାରେଣୀ ଯନ୍ତ୍ର ବ୍ୟବହୃତ ହେଉଥିଲା ।

ତେଣୁ କଳିଙ୍ଗ ସାଧବର ଆମେରିକା ଯାତ୍ରା ଉପପାଦ୍ୟକୁ ପ୍ରମାଣ କରିବା ପୂର୍ବରୁ 'କେମିତି?', 'ଅବାନ୍ତର', 'କପୋଳକଳ୍ପିତ' ପରି ସ୍ୱତଃ ଓ ସହସା ଜନ୍ମନେଉଥିବା ଯେଉଁ ଶବ୍ଦଗୁଡ଼ିକ ଆମ ଅବଚେତନାକୁ ଆନ୍ଦୋଳିତ କରୁଛି, ଗ୍ରହଣୀୟତାକୁ ବିଳମ୍ବିତ କରୁଛି ଏବଂ ବୈଚାରିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି, ଉପରୋକ୍ତ କିଞ୍ଚିତ ସୂଚନା ଦ୍ୱାରା ତାହା କିଛି ପରିମାଣରେ ଦୂର କରିବାରେ ସାମୟିକ ସହାୟକ ହେବ ବୋଲି ଆଶା । (କ୍ରମଶଃ...)

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

## ଶିରିଡ଼ି ଓ ନାସିକ ଗଲେ ୮୦୦ ବରିଷ୍ଠ ନାଗରିକ



**ଭୁବନେଶ୍ୱର, ୧୭ ।୧(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ୮୦୦ଜଣ ବରିଷ୍ଠ ନାଗରିକ ଆଜି ଭୁବନେଶ୍ୱରରୁ ମହାରାଷ୍ଟ୍ରର ପ୍ରସିଦ୍ଧ ତୀର୍ଥସ୍ଥଳୀ ଶିରିଡ଼ି ଓ ନାସିକ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି। ଭୁବନେଶ୍ୱର ରେଳ ଷ୍ଟେସନ୍‌ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଟ୍ରେନ୍ ଭିତରେ ବୁଲି ତୀର୍ଥଯାତ୍ରୀଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେଉଁଭଳି ଭାବେ ସମସ୍ତେ ଖୁସି ମନରେ ତୀର୍ଥଯାତ୍ରା କରିବାକୁ ଯାଉଛନ୍ତି, ସେହିଭଳି ସୁସ୍ଥ ଓ ନିରାପଦ ଭାବେ ଅଶେଷ ପୁଣ୍ୟ ଅର୍ଜନ କରି ଫେରନ୍ତୁ।

ଚଳିତ ବର୍ଷ ରାଜ୍ୟର ୮୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ୧୦ଟି ପର୍ଯ୍ୟାୟରେ ଶିରିଡି, ନାସିକ, କୋଲକାତା ଦକ୍ଷିଣକାଳୀ, କାମାକ୍ଷା, ଅଯୋଧ୍ୟା, ବାରଣାସୀ ଆଦି ତୀର୍ଥସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାୟଗଡ଼ା ଓ ବାଲେଶ୍ୱର ଷ୍ଟେସନରୁ ଦୁଇଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଟ୍ରେନ୍ ଚଳାଚଳ କରିବ।

ଆଜିର ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ପ୍ରଶାନ୍ତ ଜଗଦେବ, ଅମରେନ୍ଦ୍ର ଦାସ, ଉପାସନା ମହାପାତ୍ରଙ୍କ ସମେତ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ଶ୍ରୀମନ୍ଦିରରେ ପଞ୍ଚସୂତ୍ରୀ ମାର୍ଗଦର୍ଶିକା ଲାଗୁ



**ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ: ମୁଖ୍ୟ ପ୍ରଶାସକ**

**ମହାପ୍ରଭୁଙ୍କ ଭୂସମ୍ପତ୍ତି ଡିଜିଟାଇଜେସନ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ**

**ପୁରୀ, ୧୭।୧(ସମିସ):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଞ୍ଚସୂତ୍ରୀ ମାର୍ଗଦର୍ଶିକା ଶୁକ୍ରବାରଠାରୁ ଲାଗୁ ହୋଇଛି। ମାସର ତୃତୀୟ ଶୁକ୍ରବାର ଅର୍ଥାତ୍ ଆଜି ଶ୍ରୀମନ୍ଦିର ପ୍ରଶାସନର ଆନୁଷଙ୍ଗିକ ସମସ୍ତ ଉପବିଭାଗକୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ଲାଗୁ କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ଶ୍ରୀମନ୍ଦିର ପ୍ରଶାସନର ପଞ୍ଚସୂତ୍ରୀ କାର୍ଯ୍ୟାବଳୀ ଅନୁପାଳନ ଲାଗି ଶୁକ୍ରବାର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଥିଲେ ଯେ ଏହି ପଞ୍ଚସୂତ୍ରୀ କାର୍ଯ୍ୟାବଳୀରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ କିଛି ନିର୍ଦ୍ଦେଶ ଏବଂ ଅନୁରୋଧ ରହିଛି। ଶ୍ରୀମନ୍ଦିର ଭିତରେ ଏବଂ କାର୍ଯ୍ୟାଳୟରେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ମାଦକଦ୍ରବ୍ୟ ବ୍ୟବହାର କରିପାରିବେ ନାହିଁ। ସମସ୍ତେ ତାଙ୍କର ସମ୍ପତ୍ତି ତାଲିକା ଦାଖଲ କରିବେ। ଯଦି କେହି ଅବମାନନା କରନ୍ତି, ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିରରେ କେହି ମୋବାଇଲ ବ୍ୟବହାର କରିପାରିବେ ନାହିଁ। ଯଦି ଜରୁରୀ ଥାଏ ତେବେ ସଂଯତ ଭାବେ ବ୍ୟବହାର କରିବେ। ପ୍ରତ୍ୟେକ ଶୁକ୍ରବାର ଅଧିକାରୀ ଏବଂ କର୍ମଚାରୀ ହସ୍ତତନ୍ତ ଲୁଗା (ଖଦି କିମ୍ବା ଓଡ଼ିଶାର ହସ୍ତତନ୍ତ) ପିନ୍ଧିପାରିବେ। ନୀତି ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସମସ୍ତ ନିଯୋଗର ସେବାୟତ ସହଯୋଗ କରୁଛନ୍ତି। ଯଦି କେହି କୌଣସି ତ୍ରୁଟିବିଚ୍ୟୁତି ବିଶୃଙ୍ଖଳା କରୁଛନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କାର୍ଯ୍ୟାଳୟରେ କୌଣସି ବିଶୃଙ୍ଖଳା ବା ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ରୋକ୍‌ଠୋକ ଶୁଣାଇ ଦିଆଯାଇଛି। କାହା ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଲେଏ ତାହାର ତଦନ୍ତ କରାଯିବ। ଯଦି ଏଥିରେ କେହି ସମ୍ପୃକ୍ତି ଥିବା ଜଣାପଡ଼େ, ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି, ଜଣେ କର୍ମଚାରୀଙ୍କୁ ସେବାରୁ ନିବୃତ୍ତ କରାଯାଇଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

ଏତଦ୍‌ବ୍ୟତୀତ ବୈଠକରେ ବଜେଟ୍ ଏବଂ ଖର୍ଚ୍ଚ ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଛି। ସେହିପରି ରାଜସ୍ୱ, ଭୂସମ୍ପତ୍ତି ଓ ମହାପ୍ରଭୁଙ୍କ ଜମିଜମା ସମସ୍ୟା, ଭକ୍ତଙ୍କ ଦାନ, ଖଣିଖାଦାନରୁ ରାଜସ୍ୱ ବୃଦ୍ଧି ଓ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ସ୍ୱଚ୍ଛତା ରକ୍ଷା ଉପରେ ଆଲୋଚନା ହୋଇଛି। କମ୍ପ୍ୟୁଟରୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ମହାପ୍ରଭୁଙ୍କ ସମସ୍ତ ଭୂସମ୍ପତ୍ତିର ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସମସ୍ତ ବିଭାଗର ଫାଇଲ କାର୍ଯ୍ୟ କମ୍ପ୍ୟୁଟରୀକରଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ଜେଲ୍ ଗଲେ ପୂର୍ବତନ ବିଶ୍ରା ବିଡିଓ



**ସୁନ୍ଦରଗଡ଼, ୧୭।୧(ସମିସ):** ସୁନ୍ଦରଗଡ଼ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଅଦାଲତର ବିଚାରପତି ସସ୍ମିତା ପରହି ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ପ୍ରଶାନ୍ତ କୁମାର ରାଉତଙ୍କୁ ୪ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ଶ୍ରୀ ଜେନା ବିଶ୍ରା ବିଡିଓ ଭାବେ କାର୍ଯ୍ୟରତ ଥିବା ସମୟରେ ଚତୁର୍ଥ ରାଜ୍ୟ ଅର୍ଥ କମିଶନ୍ ଓ ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥ କମିଶନ ଅନୁଦାନରେ ବିଶ୍ରା ପଞ୍ଚାୟତ ପାଇଁ ମଞ୍ଜୁରୀପ୍ରାପ୍ତ ୪ଟି ଉନ୍ନୟନ ପ୍ରକଳ୍ପର ବ୍ୟୟଅଟକଳ ବୈଷୟିକ ଅନୁମୋଦନ ସକାଶେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏକ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହା ବିରୋଧରେ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଜେନା ଦୁର୍ନୀତି ନିବାରଣ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଦେବଗଡ଼ର ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପ୍ରସାଦ ପଟେଲ ଘଟଣା ତଦନ୍ତ କରି ଅଦାଲତରେ ଚାର୍ଜସିଟ ଦାଖଲ କରିବା ପରେ ଏହାର ଶୁଣାଣି ହୋଇଥିଲା। ସ୍ୱତନ୍ତ୍ର ପିପି ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ। ରାୟ ପ୍ରକାଶ ପରେ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି।

**■ ବଉଳା କୁମ୍ଭୀର ଗଣନା ପାଇଁ ପ୍ରଶିକ୍ଷଣ ଶିବିର**

## ଦିନରେ ପଲିଗନ୍ ସର୍ଚ୍ଚ ଆପ୍; ରାତିରେ ପାରମ୍ପରିକ ପଦ୍ଧତି



**ରାଜନଗର, ୧୭।୧(ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ଓ ଉଦ୍ୟାନ ବାହାରେ ପ୍ରବାହିତ ନଦୀ ଓ ନାଳରେ ଥିବା ବଉଳା କୁମ୍ଭୀରଙ୍କ ଗଣନା ପାଇଁ ଆଜି ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ୨୦ରୁ ୨୨ ତାରିଖ ଯାଏଁ କୁମ୍ଭୀର ଗଣନା କରାଯିବ। ସେଥିପାଇଁ ଜାନୁଆରୀ ୧୪ରୁ ୨୨ ତାରିଖ ଯାଏଁ ୯ ଦିନ ଧରି ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ପ୍ରତିବର୍ଷ କୁମ୍ଭୀର ଗଣନା ହେଉଥିବା ପାରମ୍ପରିକ ପଦ୍ଧତି ସହ ପଲିଗନ୍ ସର୍ଚ୍ଚ ମୋବାଇଲ ଆପ୍‌ରେ କୁମ୍ଭୀର ଗଣନା କରାଯିବାକୁ ସ୍ଥିର କରାଯାଇଛି। ଦିନରେ ପଲିଗନ ସର୍ଚ୍ଚ ଆପ୍ ଓ ରାତିରେ ପାରମ୍ପରିକ ପଦ୍ଧତିରେ କୁମ୍ଭୀର ଗଣନା କରାଯିବ। ଦିନରେ ଖରା ପୁଇଁବା ଅବସ୍ଥାରେ ବଡ଼ କୁମ୍ଭୀର ଓ ରାତିରେ ସ୍ପଷ୍ଟ ଲାଇଟ୍ ମାଧ୍ୟମରେ ଛୋଟ କୁମ୍ଭୀର ଗଣନା କରାଯାଉଥିଲା। ଗତ ୩ବର୍ଷ ହେଲା ପଲିଗନ ସର୍ଚ୍ଚ ମାଧ୍ୟମରେ କୁମ୍ଭୀର ଗଣନା କରାଯାଉଛି।

ଚଳିତ ବର୍ଷ କୁମ୍ଭୀର ଗଣନା ପାଇଁ ୨୨ଟି ଟିମ ଗଠନ କରାଯାଇଛି। ପ୍ରତି ଟିମ୍‌ରେ ୪ଜଣ ଲେଖାଏଁ ବନ କର୍ମଚାରୀ ସାମିଲ ହୋଇଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ୧୭ଟି ଟିମ୍ ଓ ଜାତୀୟ ଉଦ୍ୟାନ ବାହାରେ ୫ଟି ଟିମ କୁମ୍ଭୀର ଗଣନା କରିବେ।

ଆଜି ଡାଙ୍ଗମାଳଠାରେ କୁମ୍ଭୀର ଗଣନାକାରୀ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, କୁମ୍ଭୀର ବିଶାରଦ ଡଃ ସୁଧାକର କର, ଡିସିଏଫ୍ ସମ୍ୟକ ସମାନ୍ତରାୟ, ଏସିଏଫ୍ ଗଗନ ବିହାରୀ ମଲ୍ଲିକ, ଏସିଏଫ୍ ପୁନମହୀରା ହାଁସଦା, ଏସିଏଫ୍ ମାନସ ଦାସ, ପ୍ରାଣୀ ବିଜ୍ଞାନୀ ଶିବପ୍ରସାଦ ପରିଡ଼ା ଓ ପ୍ରସନ୍ନ କୁମାର ପରିଡ଼ା ଏବଂ ଚାନ୍ଦବାଲି ଏସିଏଫ ସୁମିତ ମହାନ୍ତି ପ୍ରମୁଖ ଗଣନାକାରୀଙ୍କୁ କିପରି କୁମ୍ଭୀର ଗଣନା କରାଯିବ, ସେନେଇ ପ୍ରଶିକ୍ଷଣ ଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ କୁମ୍ଭୀର ଗଣନା ରିପୋର୍ଟ ଅନୁଯାୟୀ ଭିତରକନିକାରେ ୧୮୧୧ଟି କୁମ୍ଭୀର ରହିଛନ୍ତି।

## ପତ୍ନୀହନ୍ତାକୁ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍

**ଓଡ଼ଗାଁ, ୧୭।୧ (ସମିସ):** ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଆଜି ଏକ ହତ୍ୟା ମାମଲାର ଶୁଣାଣି କରି ପତ୍ନୀହନ୍ତାକୁ ମୃତ୍ୟୁ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଦୋଷୀଜଣଙ୍କ ହେଲା, କେଶରପୁର ଗାଁର ଅନୀଲ କୁମାର ଜେନା। ହତ୍ୟାକାଣ୍ଡ ପରଠାରୁ ସେ ବିଚାର ବିଭାଗୀୟ ହାଜତରେ ଥିଲା। ସେହିପରି ଏହି ମାମଲାରେ ଅନୀଲର ଦୁଇ ସହଯୋଗୀ ଜାମିନରେ ଥିବା ବେଳେ ସେମାନଙ୍କର ବିଚାର ପ୍ରକ୍ରିୟା ଚାଲୁ ରହିଛି। ସେମାନେ ହେଲେ, ଜଗଦୀଶ ଦୋରା ଓ ବାନା ବେହେରା।

ସୂଚନାନୁସାରେ, ଅନୀଲ କନ୍ଧମାଳ ଜିଲ୍ଲା ଅଷ୍ଟମ ବାଟାଲିୟନରେ ହାବିଲଦାର ଭାବେ କାର୍ଯ୍ୟ କରୁଥିଲା। ଅନ୍ୟ ଜଣେ ଯୁବତୀଙ୍କ ସହ ତା'ର ପ୍ରେମ ସମ୍ପର୍କ ଥିବା ଜାଣିବା ପରେ ସ୍ତ୍ରୀ ସୁଭଦ୍ରା ସ୍ୱାଇଁ ଏହାକୁ ବିରୋଧ କରିଆସୁଥିଲେ। ଏହି ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଶେଷରେ ୨ ସହଯୋଗୀଙ୍କ ସହାୟତାରେ ସୁଭଦ୍ରାଙ୍କୁ ହତ୍ୟା କରି ଜାମୁଝୋଲା କଣ୍ଟାବଣିଆ ରାସ୍ତାରେ ଫୋପାଡ଼ି ଦେଇଥିଲା ଅନୀଲ। କିନ୍ତୁ ଏହାକୁ ସେ ଡକାୟତି ଓ ହତ୍ୟାକାଣ୍ଡର ରୂପ ଦେବାକୁ ଚେଷ୍ଟା କରିଥିଲା। ଡକାୟତମାନେ ବାଇକ୍ ଅଟକାଇ ତାକୁ ମାରଧର କରି ଗଛରେ ବାନ୍ଧି ଦେଇଥିବା ଓ ସ୍ତ୍ରୀ ସୁଭଦ୍ରାର ସୁନାଗହଣା ଲୁଟିବା ପରେ ହତ୍ୟା କରିଥିବା ନେଇ ଶରଣକୁଳ ଥାନାରେ ସେ ଅଭିଯୋଗ କରିଥିଲା। ସୁଭଦ୍ରାଙ୍କ ପରିବାରଲୋକଙ୍କ ଅଭିଯୋଗ ଅନୁସାରେ ତତ୍କାଳୀନ ଥାନା ଅଧିକାରୀ ମାମଲାର ତଦନ୍ତ କରିଥିଲେ। ସ୍ୱାମୀ ଅନୀଲର ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଥିଲା। ଅନୀଲ ତା'ର ୨ ସହଯୋଗୀଙ୍କ ସହାୟତାରେ ସୁଭଦ୍ରାକୁ ହତ୍ୟା କରିଥିବା ଜଣାପଡ଼ିବା ପରେ ପୁଲିସ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା।

**■ ଯୌତୁକ ନିଷେଧ ଆଇନ ୧୯୬୧ ଉପଜିଲ୍ଲାପାଳ ସମ୍ମିଳନୀ**

## ଯୌତୁକମୁକ୍ତ ହେବ ଓଡ଼ିଶା: ପ୍ରଭାତୀ



**ଭୁବନେଶ୍ୱର, ୧୭ ।୧(ସମିସ):** ଯୌତୁକ ଏକ ପରମ୍ପରା ନୁହେଁ, ସଂସ୍କୃତି ନୁହେଁ କି ବ୍ୟକ୍ତିଗତ ବ୍ୟାପାର ନୁହେଁ। ଏହା ଏକ ସାମାଜିକ ବ୍ୟାଧି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନର କନଭେନସେନ୍ ସେଣ୍ଟର୍‌ରେ ଆୟୋଜିତ ଏକଦିବସୀୟ ଯୌତୁକ ନିଷେଧ ଆଇନ-୧୯୬୧ ଉପଜିଲ୍ଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଏହା କହିଛନ୍ତି। ଓଡ଼ିଶାକୁ ଯୌତୁକମୁକ୍ତ ରାଜ୍ୟ କରିବା ପାଇଁ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ତୃଣମୂଳସ୍ତରରେ ଏହି ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ଆଲୋଚନା ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଉପ-ଜିଲ୍ଲାପାଳ ଭାବେ ଏହି ଯୌତୁକ ନିଷେଧ ଅଧିନିୟମ-୧୯୬୧ ଆଇନକୁ କଡାକଡ଼ି ଭାବେ କାର୍ଯ୍ୟକାରୀ କରିବା ସହ ଏହି ଆଇନର ଦୁରୁପୋଯୋଗକୁ ରୋକିବାରେ ଉପଜିଲ୍ଲାପାଳଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିର ଡିଜିଟାଲ ଯୁଗରେ ସୋସିଆଲ ମିଡିଆ ମାଧ୍ୟମରେ ଯୌତୁକ ଆଇନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ସେ ଉପଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଆଇନଜୀବୀ, ଉଚ୍ଚନ୍ୟାୟାଳୟ ଦୀପକ ନରେନ୍ଦ୍ରଙ୍କ ସମେତ ୩୦ଟି ଜିଲ୍ଲାର ଉପ ଜିଲ୍ଲାପାଳ ଉପସ୍ଥିତ ଥିଲେ।

**■ ପାଟଣାଗଡ଼ ନିର୍ବାଚନୀ ଅନିୟମିତତା ମାମଲା**

## ପ୍ରତିପକ୍ଷ ବିଧାୟକଙ୍କ ଅନ୍ତରୀଣ ଆବେଦନ ଖାରଜ

**କଟକ, ୧୭।୧(ସମିସ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବିଧାନସଭା ନିର୍ବାଚନ ଅନିୟମିତତା ତଥା ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ନିର୍ବାଚନ ସଂକ୍ରାନ୍ତୀୟ ଦସ୍ତାବିଜ୍ ପ୍ରଦାନ ନିମନ୍ତେ ବଲାଙ୍ଗିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ପ୍ରାର୍ଥନା କରି ମୂଳ ନିର୍ବାଚନୀ ମାମଲାର ପ୍ରତିପକ୍ଷ ତଥା ବିଧାୟକ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯେହେତୁ ଜିଲ୍ଲାପାଳ ଏହି ନିର୍ବାଚନୀ ମକଦ୍ଦମାରେ ପକ୍ଷ ନାହାନ୍ତି, ତେଣୁ ତାଙ୍କୁ ନିର୍ଦ୍ଦେଶ ଦେଇ ହେବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଲିଖିତ ଜବାବ ଦାଖଲ ପାଇଁ ଆବେଦନକାରୀ ଓ ତାଙ୍କର ନାମାଙ୍କନ ପତ୍ରର ପ୍ରମାଣୀକୃତ କପି ପ୍ରଦାନ ପ୍ରସଙ୍ଗରେ ଶ୍ରୀ ସିଂହଦେଓ ଏହି ଅନ୍ତରୀଣ ଆବେଦନ କରିଥିଲେ।

ମାମଲାରୁ ପ୍ରକାଶ ଯେ ପରାଜିତ ବିଜେଡି ପ୍ରାର୍ଥୀ ସରୋଜ କୁମାର ମେହେରଙ୍କ ପକ୍ଷରୁ ଜନପ୍ରତିନିଧି ଆଇନ ଅନୁସାରେ ବିଜୟୀ ବିଧାୟକ ଶ୍ରୀ ସିଂହ ଦେଓଙ୍କର ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ହାଇକୋର୍ଟରେ ମୂଳ ନିର୍ବାଚନୀ ମାମଲା ଦାୟର ହୋଇଛି।

## ପ୍ରଜାକୋର୍ଟରେ ଜଣଙ୍କୁ ହତ୍ୟା କଲେ ମାଓବାଦୀ


**ମାଲକାନଗିରି, ୧୭ ।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଜଣେ ଗ୍ରାମବାସୀଙ୍କୁ ପୁଲିସ୍ ସୂଚନାଦାତା ଅଭିଯୋଗରେ ପ୍ରଜାକୋର୍ଟ କରି ହତ୍ୟା କରିଛନ୍ତି ମାଓବାଦୀ। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ମିରତୁର ଥାନା ଅଞ୍ଚଳର ହଲ୍ଲୁର ଗ୍ରାମର ୪୮ ବର୍ଷୀୟ ସୁକୁ ହାପକାଙ୍କୁ ମାଓବାଦୀମାନେ ଫାଶୀ ଦେଇ ହତ୍ୟା କରିଛନ୍ତି। କିଛି ସଶସ୍ତ୍ର ମାଓବାଦୀମାନେ ତାଙ୍କୁ ଘରୁ ଉଠାଇନେଇ ନିକଟସ୍ଥ ଜଙ୍ଗଲରେ ପ୍ରଜାକୋର୍ଟ କରିଥିଲେ। ସେଠାରେ ସୁକୁ ଜଣେ ପୁଲିସ ସୂଚନାଦାତା ଭାବେ କାର୍ଯ୍ୟ କରୁଥିବା ମାଓ ସଙ୍ଗଠନ ପକ୍ଷରୁ କୁହାଯିବା ସହ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ଘଟଣାସ୍ଥଳରେ ମାଓବାଦୀମାନେ ଏକ ହାତଲେଖା ପୋଷ୍ଟର୍ ଛାଡ଼ିଯାଇଛନ୍ତି। ଏନେଇ ଅତିରିକ୍ତ ଏସ୍‌ପି ଚନ୍ଦ୍ରକାନ୍ତ ଗୋବର୍ଦ୍ଧ କହିଛନ୍ତି ଯେ, ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି।

## ଜାନୁଆରୀ ଶେଷରେ 'ସୁଭଦ୍ରା' ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା

**କେୱାଇସି ଅପଡେଟ୍ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ନିବେଦନ**

**ଭୁବନେଶ୍ୱର, ୧୭ ।୧(ସମିସ):** ଚଳିତ ମାସ ଶେଷ ସୁଦ୍ଧା 'ସୁଭଦ୍ରା' ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ଅପ୍ଟ-ଆଉଟ୍ ହୋଇଯାଇଥିବା ମୋଟ ୩୧ ହଜାର ହିତାଧିକାରୀଙ୍କ ମଧ୍ୟରୁ ୧୭ ହଜାର ହିତାଧିକାରୀ ପୁଣିଥରେ ଯୋଜନାରେ ଯୋଡ଼ି ହେଲେଣି। ବାକି ୧୪ ହଜାର ମହିଳା ଅପ୍ଟ-ଇନ୍ କରିନାହାନ୍ତି। ସେମାନେ ଆୟକରବର୍ଗର ହୋଇଥାଇ ପାରନ୍ତି କିମ୍ବା ତାଙ୍କ ପରିବାରରୁ କିଏ ସରକାରୀ ଚାକିରି କରିଥାଇପାରନ୍ତି। ସେହିପରି ଏଯାବତ୍ ୨ ଲକ୍ଷରୁ ଅଧିକ କେୱାଇସି ଅପଡେଟ୍ କରିନାହାନ୍ତି। ଜାନୁଆରୀ ଶେଷରେ ଚତୁର୍ଥ ପର୍ଯ୍ୟାୟ ପୂର୍ବରୁ କେୱାଇସି ଅପଡେଟ୍ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୌଣସି ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରେ ବାଦ୍ ନପଡ଼ନ୍ତି, ସେ ଦିଗରେ ସରକାର କାମ କରୁଛନ୍ତି। ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବା ପରେ ମଧ୍ୟ କେୱାଇସି ଅପଡେଟ୍ କଲେ କିମ୍ବା ଅପ୍ଟ-ଇନ୍ କଲେ ହିତାଧିକାରୀ ଯୋଜନାରେ ସାମିଲ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## କୋଟାରେ ମୟୂରଭଞ୍ଜ ଛାତ୍ରଙ୍କ ଆତ୍ମହତ୍ୟା



ଫାଇଲ୍ ଫଟୋ

**ବାରିପଦା, ୧୭ ।୧(ସମିସ):** ଇଞ୍ଜିନିୟରିଂ ପଢ଼ିବା ପାଇଁ ରାଜସ୍ଥାନର କୋଟାରେ କୋଚିଂ ନେଉଥିବା ମୟୂରଭଞ୍ଜର ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଛାତ୍ରଜଣଙ୍କ ହେଲେ, ଖୁଣ୍ଟା ଥାନା ଟିଟିଆ ଗ୍ରାମର କୁଶ ଗିରିଙ୍କ ଏକମାତ୍ର ପୁଅ ଅଭିଜିତ (୧୮)। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଭିଜିତ ୨୦୨୩ରୁ କୋଟାରେ ଜେଇଇ କୋଚିଂ ନେଉଥିଲେ। କୋଟାର ବିଜ୍ଞାନ ନଗର ଥାନା ଆମ୍ବେଦକର କଲୋନୀରେ ରହି ଆସୁଥିବା ବେଳେ ଗୁରୁବାର କୋଠରି ମଧ୍ୟରେ ସେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ସେଠାକାର ପୁଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ବ୍ୟବଚ୍ଛେଦ ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

## ଚରିତ୍ର ଉପରେ ସ୍ୱାମୀ ସନ୍ଦେହ କଲେ ଏକତ୍ର ରହିବା ପାଇଁ ପତ୍ନୀଙ୍କ ପ୍ରତ୍ୟାଖ୍ୟାନ ସ୍ୱାଭାବିକ

**କଟକ, ୧୭ ।୧(ସମିସ):** ପ୍ରମାଣ ନଥାଇ ସ୍ତ୍ରୀର ଚରିତ୍ର ଉପରେ ସ୍ୱାମୀ ଆପତ୍ତି ଉଠାଇଲେ ସ୍ତ୍ରୀ ଅଲଗା ହୋଇ ରହିବାର ଯଥେଷ୍ଟ କାରଣ ବୋଲି ଧରାଯିବ। ଅନ୍ୟପଟରେ ସିଆରପିସିର ଧାରା ୧୨୫(୪)ରେ ତାଙ୍କୁ ରକ୍ଷଣାବେକ୍ଷଣ ଦାବିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏକ ବୈବାହିକ ବିବାଦ ତଥା ଭରଣପୋଷଣ ମାମଲାରେ ପରିବାର ଅଦାଲତଙ୍କ ଆଦେଶକୁ କାଏମ ରଖିବା ସହ ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ରାୟ ଦେଇଛନ୍ତି। ଜଣେ ପତ୍ନୀଙ୍କ ପବିତ୍ରତା ହେଉଛି ଅମୂଲ୍ୟ ସମ୍ପତ୍ତି। ଏହା ଉପରେ ଯଦି ସ୍ୱାମୀ ସନ୍ଦେହ କରିଥାଏ, ତାହେଲେ ପତ୍ନୀ ଏକାଠି ରହିବା ପାଇଁ ପ୍ରତ୍ୟାଖ୍ୟାନ କରିବା ସ୍ୱାଭାବିକ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସ୍ୱାମୀ ଓ ପ୍ରତିପକ୍ଷ ପତ୍ନୀଙ୍କ ମଧ୍ୟରେ ଗତ ୨୦୨୧ରେ ବିବାହ ହୋଇଥିଲା। ତେବେ କିଛି ମାସ ଏକତ୍ର ରହିବା ପରେ ଉଭୟଙ୍କ ମଧ୍ୟରେ ମତଭେଦ ପାଇଁ ପତ୍ନୀ ଅଲଗା ରହିଥିଲେ। ଏପରିକି, ସିଆରପିସି ଧାରା ୧୨୫ ଅନୁସାରେ ଭରଣପୋଷଣ ଦାବି କରିଥିଲେ। ପତ୍ନୀଙ୍କ ଅଭିଯୋଗକୁ ସ୍ୱାମୀ ଅସ୍ୱୀକାର କରିଥିଲେ ବରଂ ପତ୍ନୀଙ୍କ ଚରିତ୍ର ଉପରେ ଆପତ୍ତି ଉଠାଇଥିଲେ। ପତ୍ନୀ ଅଲଗା ରହୁଥିବାରୁ ବାରିପଦା ପରିବାର ଅଦାଲତରେ ସ୍ୱାମୀଙ୍କଠାରୁ ମାସିକ ଭରଣପୋଷଣ ଅର୍ଥ ଦାବି କରି ମାମଲା କରିଥିଲେ। ଏହି ମାମଲାର ଶୁଣାଣି କରି ପରିବାର ଅଦାଲତ ଗତ ୨୦୨୩ ସେପ୍ଟେମ୍ବର ୨୭ରେ ମାସିକ ୩ ହଜାର ଟଙ୍କା ଭରଣପୋଷଣ ବାଦ ଅର୍ଥ ରାଶି ପଇଠ କରିବା ପାଇଁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ସ୍ୱାମୀ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଏହି ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

**ଧାନ କିଣା ଯନ୍ତ୍ରଣା**

## ପଞ୍ଜୀକରଣ ଅନୁସାରେ ମିଳୁନି ଟୋକନ୍

**ଜିଲ୍ଲାବ୍ୟାପୀ ଚାଷୀ ଅସନ୍ତୋଷ**

**ବାଲେଶ୍ୱର, ୧୭।୧(ସମିସ):** ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗର ଅଜବ ନୀତି। ଚାଷୀ ପଞ୍ଜୀକରଣ କରିଥିବା ଜମିର ପରିମାଣ ଅନୁସାରେ ମଣ୍ଡିରେ ଧାନ ଦେବା ପାଇଁ ଚାଷୀଙ୍କୁ ମିଳୁନାହିଁ ଟୋକନ। ଏହି ସମସ୍ୟାକୁ ନେଇ ଜିଲ୍ଲାର ଅନେକ ଚାଷୀଙ୍କ ମଧ୍ୟରେ କୁହୁଳୁଛି ଅସନ୍ତୋଷ। ସରକାରୀ ନିୟମାନୁସାରେ ଜଣେ ଚାଷୀ ଯଦି ଏକ ଏକର ଜଳସେଚିତ ଜମି ପଞ୍ଜୀକରଣ କରିଥିବେ, ତାହେଲେ ସମ୍ପୃକ୍ତ ଚାଷୀଙ୍କଠାରୁ ୧୯ କୁଇଣ୍ଟାଲ ଧାନ କ୍ରୟ କରାଯିବ। ସେହିଭଳି ଯଦି ଜଣେ ଚାଷୀ ଏକ ଏକର ଅଣ ଜଳସେଚିତ ଜମି ପଞ୍ଜୀକରଣ କରିଥିବେ, ସେହି ଚାଷୀଙ୍କଠାରୁ ୧୩ କୁଇଣ୍ଟାଲ ଧାନ କ୍ରୟ କରାଯିବ। ସରକାରଙ୍କ ଏହି ନିୟମାନୁସାରେ ଖାଦ୍ୟ ଯୋଗାଣ ବିଭାଗ ଚାଷୀଙ୍କୁ ଟୋକନ ଦେବା କଥା। ମାତ୍ର ବାଲେଶ୍ୱର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜମି ପଞ୍ଜୀକରଣ ଅନୁସାରେ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କୁ ଟୋକନ ଦିଆଯାଇ ନଥିବା ଅଭିଯୋଗ ହେଉଛି। ଏହିଭଳି ଅଭିଯୋଗ ଜିଲ୍ଲାର ବିଭିନ୍ନ ବ୍ଲକର ଚାଷୀ କରୁଥିଲା ବେଳେ ରେମୁଣା ବ୍ଲକ ଅନ୍ତର୍ଗତ ବରୁଣସିଂ ଗ୍ରାମର ଚାଷୀ ଶରତ ଚନ୍ଦ୍ର ବେହେରା ଜିଲ୍ଲା ସମବାୟ ସମିତି ସମୂହର ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି।

ଚାଷୀ ଶ୍ରୀ ବେହେରାଙ୍କ ଅଭିଯୋଗ ଅନୁସାରେ, ସେ ତାଙ୍କ ନିକଟସ୍ଥ ସମବାୟ ସଂସ୍ଥା କାର୍ଯ୍ୟାଳୟରେ ଦୁଇ ଏକର ଅଣ ଜଳସେଚିତ ଜମି ପଞ୍ଜୀକରଣ କରିଥିଲେ। ତାଙ୍କୁ ୨୬ କୁଇଣ୍ଟାଲ ଧାନ ବିକ୍ରି କରିବାର ଟୋକନ ମିଳିବା କଥା। ହେଲେ ତାଙ୍କୁ ଯେଉଁ ଟୋକନ ମିଳିଛି, ସେଥିରେ ସେ ମଣ୍ଡିରେ ମାତ୍ର ୨କୁଇଣ୍ଟାଲ ୭୩କେଜି ଧାନ ବିକ୍ରି କରିପାରିବେ। ଏ ନେଇ ସେ ଗତ ୧୩ ତାରିଖରେ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ସମବାୟ ସମିତି ସମୂହର ଉପନିବନ୍ଧକ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାପାଳ ଓ ସମବାୟ ଉପନିବନ୍ଧକଙ୍କ ତରଫରୁ ଏବାବଦରେ କୌଣସି ପଦକ୍ଷେପ ନିଆଯାଇନାହିଁ।

ଚାଷୀ ଶ୍ରୀ ବେହେରା ଜମି ପଞ୍ଜୀକରଣ ଅନୁଯାୟୀ ଧାନର ପରିମାଣ ବଢ଼ାଇବା ପାଇଁ ବାରମ୍ବାର ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସି ନିରାଶ ହେଇ ଫେରୁଛନ୍ତି। ଏହିଭଳି ବସ୍ତା ବ୍ଲକ୍ ଦରଡ଼ା ପଞ୍ଚାୟତ ପଳାସିଆ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଜମି ପରିମାଣ ଅନୁସାରେ ଟୋକନରେ ଧାନର ପରିମାଣ ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ବିଶ୍ୱନାଥ ସୁର ୨ ଏକର ଜଳସେଚିତ ଜମି ପଞ୍ଜୀକରଣ କରିଥିଲେ, ସେ ସରକାରୀ ନିୟମାନୁସାରେ ୩୮କୁଇଣ୍ଟାଲ ଧାନ ସୋସାଇଟିକୁ ବିକ୍ରି କରିବା କଥା। ମାତ୍ର ତାଙ୍କୁ ୨୧କୁଇଣ୍ଟାଲ ଧାନ ବିକିବା ପାଇଁ ଟୋକନ୍ ମିଳିଛି। ଏହିଭଳି ଜିଲ୍ଲାର ବିଭିନ୍ନ ବ୍ଲକର ଚାଷୀଙ୍କୁ ପଞ୍ଜୀକରଣ କରିଥିବା ଜମି ଅନୁଯାୟୀ ଟୋକନ ଦିଆଯାଇ ନ ଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ କହିଛନ୍ତି, ସମବାୟ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଟୋକନ୍ ଦିଆଯାଇଛି। କାହିଁକି ସମ୍ପୃକ୍ତ ବିଭାଗ ଏମିତି ଭୁଲଭାଲ ଟୋକନ ଚାଷୀଙ୍କୁ ଦେଉଛନ୍ତି ତାହା ମୁଁ କହିପାରିବି ନାହିଁ। ଜିଲ୍ଲା ସମବାୟ ସମିତି ସମୂହର ଉପନିବନ୍ଧକ ସରୋଜିନୀ ନାୟକ କହିଛନ୍ତି, ସମବାୟ ବିଭାଗ ଦ୍ୱାରା ଚାଷୀଙ୍କ ଜମି ପଞ୍ଜୀକରଣ କରାଯାଇଥାଏ। ମାତ୍ର ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ଅଧୀନ ସିଭିଲ ସପ୍ଲାୟ କର୍ପୋରେସନ୍ ପକ୍ଷରୁ ଚାଷୀମାନଙ୍କୁ ଟୋକନ୍ ଯୋଗାଇ ଦିଆଯାଉଛି। ତେଣୁ ସେ ବାବଦରେ ସେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି।

# ଢେଙ୍କାନାଳ ଜିଲ୍ଲାରେ ପକ୍ଷୀଗଣନା ନିମନ୍ତେ ମକ୍‌ଡ୍ରିଲ



**ଢେଙ୍କାନାଳ, ୧୭ ।୧(ସମିସ):**

ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଥିବା ଜଳାଶୟ, ନଦୀଗୁଡ଼ିକରେ ବିଦେଶୀ ପକ୍ଷୀମାନଙ୍କ ସୁରକ୍ଷା, ବଂଶବୃଦ୍ଧି ଏବଂ ଲୋପ ପାଇଯାଉଥିବା ପକ୍ଷୀମାନଙ୍କୁ ସୁରକ୍ଷା ଦେବାକୁ ଶନିବାରଠାରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନବିଭାଗ ତରଫରୁ କାମାକ୍ଷାନଗର କଦଳୀପାଳଠାରେ ପକ୍ଷୀଗଣନା ପାଇଁ ଛାତ୍ରଛାତ୍ରୀ, ଶିକ୍ଷକ, ବନବିଭାଗ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଏବଂ ମକଡ୍ରିଲ ଅନୁଷ୍ଠିତ ହୋଇଛି।

ଢେଙ୍କାନାଳ ବନଖଣ୍ଡରେ ମୋଟ ୧ ହଜାର ୭୩୭ ବର୍ଗ କିଲୋମିଟିର ଜଙ୍ଗଲ ସହିତ ୧ ହଜାର ୧୪୧ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ, ୫୯୬ ବର୍ଗ କିଲୋମିଟର କେଏଫ ଜଙ୍ଗଲ ରହିଛି। ଢେଙ୍କାନାଳ, ହିନ୍ଦୋଳ, ମହାବିରୋଡ, କାମାକ୍ଷାନଗର ପୂର୍ବ, ପଶ୍ଚିମ ସହିତ ଭୁବନ, ଷଡ଼ଙ୍ଗୀ, କପିଳାସ ଭଳି ୮ଟି ରେଞ୍ଜ ସହ ୩୭ଟି ସେକ୍ସନ ଏବଂ ୧୦୪ଟି ବିଟ୍ ରହିଛି। ଏହି ସବୁ ଜଙ୍ଗଲ ସହ ବ୍ରାହ୍ମଣୀ, ରାମିଆଳ, ସାପୁଆ ଆଦି ନଦୀ, ଦଣ୍ଡାଧର ଡ୍ୟାମ, ଦଦରାଘାଟି, କଦଳୀପାଳ, ହିନ୍ଦୋଳ ବ୍ଲକ ସରପା, ସାପୁଆ, ବେଡ଼ାପଡ଼ା ଡ୍ୟାମ, ବିଭିନ୍ନ ଜଳାଶୟ ଏବଂ ପୋଖରୀ ରହିଛି। ଶୀତଦିନ ଆସିଲେ ବଂଶବୃଦ୍ଧି, ପ୍ରଜନନ ଓ ଖାଦ୍ୟ ପାଇଁ ହଜାର ହଜାର ପକ୍ଷୀ ବିଭିନ୍ନ ଜଳାଶୟକୁ ଆସିଥାନ୍ତି। ସେମାନଙ୍କ ମଧ୍ୟରେ ଅଧିକ ବିଦେଶୀ ପକ୍ଷୀ ରହିଥାନ୍ତି। ସାଇବେରିଆନ ପକ୍ଷୀଙ୍କ ସହ ବିଭିନ୍ନ ପ୍ରଜାତିର ପକ୍ଷୀ ବିଭିନ୍ନ ଜଳାଶୟରେ ରହି ଖାଦ୍ୟ ସଂଗ୍ରହ କରିବା ସହ ବଂଶବୃଦ୍ଧି କରି ଗ୍ରୀଷ୍ମଋତୁ ପୂର୍ବରୁ ନିଜ ନିଜ ସ୍ଥାନକୁ ଚାଲିଯାଆନ୍ତି। ବ୍ରାହ୍ମଣୀ ନଦୀର ପର୍ଯ୍ୟାପ୍ତ ବାଲୁକା ଶଯ୍ୟା ଏବଂ ଜଳାଶୟରେ ପକ୍ଷୀମାନେ ଦଳ ଦଳ ହୋଇ ବସିଥିବା ଦେଖିବାକୁ ମିଳିଥାଏ। ଏହି ପକ୍ଷୀମାନଙ୍କୁ ସୁରକ୍ଷା ଦେବା ଆମର ପ୍ରାଥମିକ କର୍ତ୍ତବ୍ୟ ହୋଇଥିବା ବେଳେ ଅନେକ ସ୍ଥାନରେ ଶିକାରୀମାନଙ୍କ ଉପଦ୍ରବ ଦେଖିବାକୁ ମିଳିଥାଏ। ଏଭଳି ସମୟରେ ଜିଲ୍ଲାରେ ପକ୍ଷୀଗଣନା ଏବଂ ସେମାନଙ୍କ ସୁରକ୍ଷା ପାଇଁ ବନବିଭାଗ ତତ୍ପରତା ଦେଖାଇଛି। ସାରା ରାଜ୍ୟରେ ଜାନୁଆରୀ ୧୮ ତାରିଖରେ ପକ୍ଷୀ ଗଣନା ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ଢେଙ୍କାନାଳ ବନଖଣ୍ଡ ତରଫରୁ ମଧ୍ୟ ପକ୍ଷୀଗଣନା ପାଇଁ ବ୍ୟବସ୍ଥା କରାଯାଇଛି। ବନବିଭାଗ କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ କାମାକ୍ଷାନଗର ରେଞ୍ଜ ତରଫରୁ ପକ୍ଷୀଗଣନା ଉପରେ ମକଡ୍ରିଲ କରାଯିବା ସହ କିଭଳି ପକ୍ଷୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ ସେ ସମ୍ପର୍କରେ ସଚେତନ କରାଯାଇଥିଲା।

■ ଖାଦ୍ୟ ନିରାପତ୍ତା, ମାପ ଓଜନ ଓ ଯୋଗାଣ ବିଭାଗର ମିଳିତ ଚଢ଼ଉ

## ୪୩ ହଜାର ଟଙ୍କା ଜରିମାନା ଆଦାୟ



**ତାଳଚେରସଦର, ୧୭ ।୧(ସମିସ):** ଖାଦ୍ୟ ନିରାପତ୍ତା, ମାପ ଓଜନ ଓ ଯୋଗାଣ ବିଭାଗ ପକ୍ଷରୁ ଶୁକ୍ରବାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଅତର୍କିତ ଚଢ଼ଉ କରାଯାଇ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ଅସାଧୁ ବ୍ୟବସାୟୀ ମହଲରେ ଛନକା ପଶିଛି। ଡେପୁଟି କଲେକ୍ଟର ମଧୁସ୍ମିତା ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ସହର ସମେତ ଆଖପାଖ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢ଼ଉ କରଯାଇଥିଲା। ଅଧିକାରୀମାନେ ଏକାଧିକ ହୋଟେଲରୁ ଘରୋଇ ଗ୍ୟାସ୍ ଜବତ କରିଥିବା ବେଳେ ପଚାଶଢ଼ା ତଥା ବାସିଖାଦ୍ୟ ନଷ୍ଟ କରିଥିଲେ। ସେହିଭଳି କିଛି ମାଛ ବେପାରୀ ମଧ୍ୟ ଓଜନମାପରେ ଠକେଇ କରୁଥିବା ବେଳେ ପଚାଶଢ଼ା ଓ ଫର୍ମାଲିନ୍ ଦିଆ ମାଛ ବିକ୍ରି କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନ ଏସବୁକୁ ଦୃଷ୍ଟିରେ ରଖି ବାରମ୍ବାର ଚଢ଼ଉ କଲେ ଅସାଧୁ ବେପାରୀ ସାବାଡ଼ ହେବା ସହ ଗ୍ରାହକ ମଧ୍ୟ ଆଶ୍ୱସ୍ତି ପାଇବେ ବୋଲି ସାଧାରଣରେ ଦାବି ହେଉଛି। ଏହି ଚଢ଼ଉରେ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ଲିପ୍ସାରାଣୀ ରାଉତ, ଖାଦ୍ୟ ନିରାପତ୍ତା ଅଧିକାରୀ ସୁମିତ ପରିଡ଼ା ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

## କୋର୍ଟ ନିର୍ଦ୍ଦେଶରେ ଜବରଦଖଲ ଉଚ୍ଛେଦ

**ଗଁଦିଆ, ୧୭ ।୧(ସମିସ):** ଦୀର୍ଘଦିନ ଜବରଦଖଲରେ ଥିବା ଜାଗା ପ୍ରଶାସନ ଉପସ୍ଥିତିରେ ଉଚ୍ଛେଦ ହୋଇଛି। ଗଁଦିଆ ତହସିଲ କଳପଦା ମୌଜାରେ ଥିବା ବ୍ରାହ୍ମଣ ସମ୍ପ୍ରଦାୟର ୪୨ ଏକର ଜାଗାକୁ କିଛି ଏସସି ସମ୍ପ୍ରଦାୟର ପରିବାର ଜବରଦଖଲ କରିଥିଲେ। ଏ ନେଇ ୨୦୧୭ରୁ କୋର୍ଟରେ ମାମଲା ଚାଲୁଥିଲା। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ବିଗତ ଦିନରେ ୩ ଥର ପଦକ୍ଷେପ ନିଆଯାଇଥିଲା। ମାତ୍ର ଜବରଦଖଲକାରୀଙ୍କ ପ୍ରତିରୋଧ ଯୋଗୁଁ ପ୍ରଶାସନ ଏଥିରେ ବିଫଳ ହୋଇଥିଲା। ଶୁକ୍ରବାର ଗଁଦିଆ ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ଓ ନିହଳପ୍ରସାଦ ଥାନା ଅଧିକାରୀ ସୁଚିସ୍ମିତା ମହାନ୍ତିଙ୍କ ଉପସ୍ଥିତିରେ ପୁଲିସ ମୁତୟନ କରାଯାଇ ଦୁଇ ପକ୍ଷଙ୍କ ସହମତି ଭିତ୍ତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବ୍ରାହ୍ମଣ ସମ୍ପ୍ରଦାୟଙ୍କୁ ତାଙ୍କ ଜମି ହସ୍ତାନ୍ତର କରାଯାଇଛି।

● ମା' ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ବରିହାପୁର



**ପରଜଙ୍ଗ, ୧୭ ।୧(ସମିସ):** ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ତୋରଡ଼ାନାଳି ନୂଆସାହି ଖେଳପଡ଼ିଆରେ ମା' ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ରୋଜାଲିନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଯୁବନେତା ପ୍ରଶାନ୍ତ ଦଳବେହେରା ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ରୁଦ୍ର ମୋହନ ପ୍ରଧାନ, ଯୁଗଳ କିଶୋର ରଣା, ପ୍ରିୟରଞ୍ଜନ ଦାସ, ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦଘାଟନୀ ମ୍ୟାଚ୍ ପରଜଙ୍ଗ ବ୍ଲକ ବାରିହାପୁର କ୍ଲବ୍ ଓ ଖମାର ଇଞ୍ଜିଡ଼ି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିହାପୁର ବିଜୟୀ ହୋଇଚି। ଇଞ୍ଜିଡ଼ି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୮୫ ରନ ସଂଗ୍ରହ କରିଥିଲା। ଜବାବରେ ବାରିହାପୁର ଦଳ ୧୪.୨ ଓଭରରେ ୭ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନାଇଥିଲା। ଅମ୍ପାୟର ସୌଭାଗ୍ୟ ରଣା ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିବା ବେଳେ ରଣଜିତ୍ ସାହୁ ଓ ବିପିନ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମା' ତାରିଣୀ କ୍ରିକେଟ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

## ଅମୀୟ ଚାନ୍ଦଙ୍କୁ ରକ୍ଷା ରାଷ୍ଟ୍ରମନ୍ତ୍ରୀଙ୍କ ପ୍ରଶଂସା



**ଢେଙ୍କାନାଳ, ୧୭ ।୧(ସମିସ):** ଭାରତୀୟ ନୌସେନା ତରଫରୁ ଦକ୍ଷିଣ ମୁମ୍ବଇ ସାଗର ଇନ୍‌ଷ୍ଟିଚ୍ୟୁଟ୍‌ରେ ଜାତୀୟ ଭେଟେରାନ୍ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଯୋଗଦେଇଥିଲେ। ଓଡ଼ିଶାର ଖ୍ୟାତନାମା ଅନ୍ତର୍ଜାତୀୟ କ୍ରୀଡ଼ାଘୋଷକ ତଥା ସମାଜସେବୀ ଡ. ଅମୀୟ କୁମାର ଚାନ୍ଦ ବିଶ୍ୱ ସ୍ତରରେ ସମ୍ମାନିତ ହୋଇ ସୁସ୍ଥ ସମାଜ ଗଠନ ସହ ବିଶ୍ୱଶାନ୍ତି ବାର୍ତ୍ତା ଦେଇଥିବାରୁ ଏହି ଅବସରରେ ମନ୍ତ୍ରୀ ସେଠ ତାଙ୍କୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଥିଲେ। ସୂଚନାଯୋଗ୍ୟ, ଚାନ୍ଦଙ୍କୁ ପୂର୍ବରୁ ଲଣ୍ଡନଠାରେ ହାଉସ୍ ଅଫ୍ କମନ୍ସରେ ମହାତ୍ମା ଗାନ୍ଧୀ ଗ୍ଲୋବାଲ୍ ଆୱାର୍ଡ ଓ ଶ୍ରୀଲଙ୍କାର କଲମ୍ବୋରେ ଇଣ୍ଟର୍‌ନ୍ୟାସନାଲ୍ ଏକ୍ସଲେନ୍ସ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି।

## ଘରଭାଙ୍ଗି ଧାନ ଖାଇଲା ହାତୀ

**ଯୋରନ୍ଦା, ୧୭ ।୧(ସମିସ):** ଗଁଦିଆ ବ୍ଲକ ଷଡ଼ଙ୍ଗୀ ରେଞ୍ଜ ଯୋରନ୍ଦା ବନାଞ୍ଚଳ ଚବିଶକୁଦ ଗ୍ରାମର ଚାଷୀ ଦୀନବନ୍ଧୁ ଦାସଙ୍କ ଧାନ ରହୁଥିବା ଘରର ଆଜବେଷ୍ଟସ, ଖୁଣ୍ଟ ଏବଂ କବାଟ ଭାଙ୍ଗି ଏକ ଦନ୍ତାହାତୀ ୧୨ ବସ୍ତା ଧାନ ଖାଇବା ସହିତ ଏଣେତେଣେ ଫିଙ୍ଗି ନଷ୍ଟ କରିଛି। ଗୁରୁବାର ବିଳମ୍ବିତ ରାତିରେ ହାତୀଟି କପିଳାସ ଅଭୟାରଣ୍ୟରୁ ଆସି କାବରା, ଗୋଡ଼ିପାଟଣା ଓ ଚବିଶକୁଦ ଚାଷୀମାନଙ୍କ ଘରବାଡ଼ି ଓ ଖଳାରେ ପଶି ବ୍ୟାପକ ଧାନ ନଷ୍ଟ କରିଛି। ଚାଷୀମାନେ ଏ ନେି ବନବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ପହଞ୍ଚି ନ ଥିଲେ। ହାତୀଟି ଦୀନବନ୍ଧୁ ଦାସଙ୍କ ବାଡ଼ିରେ ପଶି ଧାନ ରହୁଥିବା ଘର ଭାଙ୍ଗିଥିଲା। ପରେ ୧୨ ବସ୍ତା ଧାନ ଖାଇବା ସହ ନଷ୍ଟ କରିଥିଲା। ଶୁକ୍ରବାର ସକାଳେ ହାତୀ ସ୍କ୍ୱାଡ୍ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଉକ୍ତ ଅଞ୍ଚଳରେ ପଥର ଘର କାନ୍ଥ ଓ କବାଟ ଭାଙ୍ଗି ହାତୀ ଧାନ ଖାଇବା ପ୍ରଥମ ଘଟଣା। ଏହି ଘଟଣା ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ହାତୀକୁ ଅନ୍ୟତ୍ର ଘଉଡ଼ାଇବା ପାଇଁ ଗ୍ରାମର ଶରତ ଦାସ, ଦେବରାଜ ଦାସ, ପ୍ରହଲ୍ଲାଦ ଦାସ, ଦୀନବନ୍ଧୁ ଦାସ, ପ୍ରମୋଦ ଭଞ୍ଜ ପ୍ରମୁଖ ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପାଲଲହଡ଼ା କପ୍ କ୍ରିକେଟ; ଫାଇନାଲରେ ଅନୁଗୋଳ



**ପାଲଲହଡ଼ା, ୧୭ ।୧(ସମିସ):** ପାଲଲହଡ଼ା କପ କ୍ରିକେଟ ଟୁର୍ନାମେଣ୍ଟର ପୁଲ-ଏ ପ୍ରଥମ ସେମିଫାଇନାଲ ମ୍ୟାଚ ଏସିସି ଅନୁଗୋଳ ଏବଂ ୟୁନିକ କ୍ଲବ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହେଇଛି। ଅନୁଗୋଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଅନୁଗୋଳ ଏକାଦଶ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। କେନ୍ଦୁଝର ୨୧.୩ ଓଭରରେ ସମସ୍ତ ୱିକେଟ ହରାଇ ୧୪୮ ରନ କରିଥିଲା। ଜବାବରେ ଅନୁଗୋଳ ୨୧ ଓଭରରେ ୬ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅନୁଗୋଳ ଅଧିନାୟକ ଆୟୁଷ ବାରିକ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଛନ୍ତି। ଅମ୍ପାୟର ରଞ୍ଜିତ କୁମାର ସାମଲ ଏବଂ ଭବ ନାରାୟଣ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର୍ ଭାବେ ଭୂପେନ କୁମାର ନାୟକ, ତ୍ରିପୁରାରୀ ବେହେରା ଦାୟିତ୍ୱ ତୁଲାଇଥିଲେ। ଭବାନୀ ଶଙ୍କର ବାରିକ, ଶୁଭ୍ରାଂଶୁ କୁମାର ଜେନା, ପୁରୁଷୋତ୍ତମ ନାଏକ, ରିତେଶ କୁମାର ବେହେରା, ଚିରଞ୍ଜୀବ ନାଏକ, ଶିବ ପ୍ରସାଦ ସାମଲ ସହଯୋଗ କରିଥିଲେ। ଶନିବାର ପୁଲ୍-ବିର ପ୍ରଥମ ଲିଗ ମ୍ୟାଚ କବ୍ସ କ୍ଲବ ପାଲଲହଡ଼ା ଓ ଝାରସୁଗୁଡ଼ା ଏକାଦଶ ମଧ୍ୟରେ ଖେଳାଯିବ।

## ତାଳଚେରରେ କାଉ ମଡ଼କ

**ତାଳଚେରସଦର, ୧୭ ।୧(ସମିସ):** ତାଳଚେର ପୌରାଞ୍ଚଳ ଦୈନିକ ମାଛ ମାର୍କେଟରେ ଶୁକ୍ରବାର କାଉ



ମଡ଼କ ଦେଖିବାକୁ ମିଳିଛି। ଦୁଇଟି କାଉ ମରିପଡ଼ିଥିବା ବେଳେ ଗୋଟିଏ କାଉ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥଲା। ତେବେ କାଉ କେଉଁ କାରଣରୁ ମଲେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ସେହିପରି କାଉ ମଡ଼କ ସ୍ଥାନରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚିନାହାନ୍ତି। ଦୈନିକ ମାଛ ମାର୍କେଟ ନିକଟରେ କୁକୁଡ଼ା ଦୋକାନ ମଧ୍ୟ ରହିଛି। ଯଦି କୌଣସି ରୋଗରେ ଆକ୍ରାନ୍ତ ହୋଇ କାଉଙ୍କ ମୃତ୍ୟୁ ହୋଇଥାଏ ତେବେ ଏହା କୁକୁଡ଼ା ଦୋକାନକୁ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଗତବର୍ଷଗୁଡ଼ିକ ଭଳି ଚଳିତବର୍ଷ ମଧ୍ୟ ଦେଉଳବେଢ଼ା ଡାକ୍ତରଖାନା ଆଖପାଖ ଅଞ୍ଚଳରେ ଏକାଧିକ କାଉ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। କେତେକ କାଉ ନିସ୍ତେଜ ଅବସ୍ଥାରେ ପଡ଼ିଥିବା ମଧ୍ୟ ଦେଖାଯାଇଥିଲା। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



**ଅନୁଗୋଳ, ୧୭ ।୧(ସମିସ):** ବରିଷ୍ଠ ଓଏଏସ୍ ଅଧିକାରୀ ମାୟାଧର ବେହେରା ଅନୁଗୋଳ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନୁଗୋଳ ଉପଖଣ୍ଡର ଜନସାଧାରଣଙ୍କୁ ଉପଯୁକ୍ତ ସେବା ଦେବା ପ୍ରାଥମିକତା ରହିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହା ପୂର୍ବରୁ ବେହେରା ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷର ସଚିବ ଭାବେ କାମ କରୁଥିଲେ। ସେହିପରି ବିଡିଏରେ ତାଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ଅନୁଗୋଳ ବିଡିଓ ଭାବେ ମଧ୍ୟ ସେ ଦେଢ଼ବର୍ଷ କାମ କରିଛନ୍ତି। ଦାୟିତ୍ୱଗ୍ରହଣ କରିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଦେଶୀ ବନ୍ଧୁକ ଜବତ; ତିନି ଗିରଫ

**ପାଲଲହଡ଼ା, ୧୭ ।୧(ସମିସ):** ଦେବଗଡ଼ ବନଖଣ୍ଡ ପାଲଲହଡ଼ା ବନାଞ୍ଚଳ ପକ୍ଷରୁ ଶୁକ୍ରବାର ପୁରୁଣାପାଉଡ଼ି ଜଙ୍ଗଲରେ ପାଟ୍ରୋଲିଂ କରାଯାଉଥିବା ବେଳେ ଦେଶୀ ବନ୍ଧୁକ, ଗୋଳାବାରୁଦ ଓ ଟାଙ୍ଗିଆ ଧରି ଜଙ୍ଗଲରେ ବୁଲୁଥିବା ତିନିଜଣଙ୍କୁ ଗିରଫ କରାଯାଇଛି। ଗିରଫ ତିନିଜଣ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ମରହା ଗ୍ରାମର ବଳ ଦେହୁରୀ (୫୬), ପାଲଲହଡ଼ା ଥାନା ଗଣେଶ୍ୱରପୁରର ବୀର ପ୍ରଧାନ (୫୭) ଏବଂ କାଲୁ ଦେହୁରୀ (୫୧)। ଶୁକ୍ରବାର ପାଲଲହଡ଼ା ବନାଞ୍ଚଳ ଅନ୍ତର୍ଗତ ଜମରଡିହ ସେକ୍ସନ ବନପାଳ ସୁଧାଂଶୁ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପୁରୁଣାପାଉଡ଼ି



ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ତିନିଜଣ ବ୍ୟକ୍ତି ସନ୍ଦିଗ୍ଧ ଅବସ୍ଥାରେ ଜଙ୍ଗଲରେ ବୁଲୁଥିବା ଦେଖି ସେମାନଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୧୦ଟି ଲୁହା ବଲ୍, ୨୦ ଗ୍ରାମ ବାରୁଦ, ଦୁଇଟି ଟାଙ୍ଗିଆ ଏବଂ ଗୋଟିଏ ଟର୍ଚ୍ଚ ଲାଇଟ ମିଳିଥିଲା। ପଚରାଉଚରା ବେଳେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଜନ୍ତୁ ଶିକାର ପାଇଁ ବୁଲୁଥିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି।

● ବାଜି ରାଉତ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ନରଣପୁର ପପୁଲାର କ୍ଲବ ଚାମ୍ପିଅନ



**କାମାକ୍ଷାନଗର, ୧୭ ।୧(ସମିସ):** କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମରେ ତିନିଦିନ ଧରି ଚାଲିଥିବା ସାଂସଦ କ୍ରୀଡ଼ା ମହୋତ୍ସବର ତୃତୀୟ ବାଜି ରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୩୨ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନରଣପୁର ପପୁଲାର କ୍ଲବ ଓ ଗୁଣ୍ଡିଚାପଡ଼ା ମଧ୍ୟରେ ଖେଳାଯାଇଥିଲା। ପପୁଲାର କ୍ଲବ ୨-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, ପୂର୍ବତନ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ ରାସବିହାରୀ ବେହେରା, ସରୋଜକାନ୍ତ ବେହେରା, ସଞ୍ଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। କାମାକ୍ଷାନଗରରେ ପ୍ରଥମ ଥର ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିବା ବେଳେ ଏହାକୁ ଉପଭୋଗ କରିବା ପାଇଁ ଦର୍ଶକଙ୍କ ପ୍ରବଳ ସମାଗମ ହୋଇଥିଲା।

### ଗଁଦିଆ ପଞ୍ଚାୟତ ସମିତି ବୈଠକ

## ଦଳରୁ ଊର୍ଦ୍ଧ୍ୱରେ ରହି ବିକାଶ ପାଇଁ କାମ କରିବାକୁ ପରାମର୍ଶ



**ଗଁଦିଆ, ୧୭ ।୧(ସମିସ):**

ଗଁଦିଆ ପଞ୍ଚାୟତ ସମିତି ସଭାଗୃହରେ ୬ଷ୍ଠ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବ୍ଲକର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସାମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମମତା ସାମଲ, ଢେଙ୍କାନାଳ ସାଂସଦଙ୍କ ବ୍ଲକ ପ୍ରତିନିଧି ଲଳିତ କୁମାର ଦାସ, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ଯୋଗଦେଇଥିଲେ। ସଭା ଆରମ୍ଭରେ ବିଡିଓ ଅତିଥି ଓ ଅଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ବ୍ଲକ ତଥା ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ପୁଙ୍ଖାନୁପୁଙ୍ଖ ତର୍ଜମା କରିଥିଲେ। ଯୋଜନାଗୁଡ଼ିକରୁ ପ୍ରକୃତ ହିତାଧିକାରୀ ଯେପରି ଲାଭ ପାଇପରିବେ ସେ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେପରି କେହି ଜଣେ ହେଲେ ହିତାଧିକାରୀ ଯୋଜନାଗୁଡ଼ିକରୁ ବଞ୍ଚିତ ନ ରହୁ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀ ଯେପରି ଅଯଥାରେ ହଇରାଣ ନ ହୁଅନ୍ତି ସେ ଦିଗରେ କର୍ମଚାରୀମାନେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ବ୍ଲକର ସମସ୍ତ ୨୯ ପଞ୍ଚାୟତରେ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ସରପଞ୍ଚମାନଙ୍କୁ ସହଯୋଗ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀମାନେ କାର୍ଯ୍ୟ କ୍ଷେତ୍ରରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସିଧାସଳଖ ତାଙ୍କ ସହିତ ଯୋଗାଯୋଗ କଲେ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପୋଖରୀକୁ ପୋତି ତାହାକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବାକୁ ସରପଞ୍ଚ ରତିକାନ୍ତ ସାହୁଙ୍କ ପ୍ରସ୍ତାବ ଉପରେ ସର୍ବସମ୍ମତ ମୋହର ବାଜିଥିଲା।

## ନାବାଳକଙ୍କୁ ଟାଙ୍ଗିଆରେ ଆକ୍ରମଣ

**ନାଲକୋନଗର, ୧୭ ।୧(ସମିସ):** ପାରିବାରିକ ଶତ୍ରୁତାକୁ କେନ୍ଦ୍ରକରି ନାଲକୋନଗର ଥାନା କୁଲାଡ଼ ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ନାବାଳକଙ୍କୁ ଟାଙ୍ଗିଆରେ ଆକ୍ରମଣ ହୋଇଛି। ନାବାଳକଙ୍କ କାନରେ ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ନାଲକୋ ଥାନା ପୁଲିସ ଆକ୍ରମଣକାରୀଙ୍କୁ କାବୁକରି ଥାନାରେ ଅଟକ ରଖିଛି। ତାଙ୍କଠାରୁ ପୁଲିସ ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି।

## ପରଙ୍ଗ ଶ୍ରମିକ କ୍ୟାମ୍ପରୁ ଯୁବକ ନିଖୋଜ

**ଅନୁଗୋଳ, ୧୭ ।୧(ସମିସ):** ନିଶା ଶିଳ୍ପାଞ୍ଚଳ ଥାନା ପରଙ୍ଗ ଗ୍ରାମରେ ଥିବା ଏକ ଶ୍ରମିକ କ୍ୟାମ୍ପରୁ ଜଣେ ଯୁବକ ନିଖୋଜ ହୋଇଯାଇଥିବା ତାଙ୍କ ପରିବାର ପକ୍ଷରୁ ଥାନରେ ଅଭିଯୋଗ ହୋଇଛି। ନିଖୋଜ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅଞ୍ଚଳର ବସନ୍ତ ମଳିକଙ୍କ ପୁଅ କେଶବ ମଳିକ (୩୨)। କେଶବ ପରଙ୍ଗରେ ରହି ବିଦ୍ୟୁତ ଠିକାସଂସ୍ଥାରେ କାର୍ଯ୍ୟ କରୁଥିଲେ। ଗତ ୧୨ ତାରିଖ ରାତିରେ ନିଜ ପୋଷାକପତ୍ର କ୍ୟାମ୍ପରୁ ବାହାରି ଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଫେରି ନ ସହକର୍ମୀମାନେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। କେଶବଙ୍କ ଭାଇ ବାବୁଲା ମଳିକ ଏଠାରେ ପହଞ୍ଚିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଶିକ୍ଷାଗୁରୁ ଚୈତନ୍ୟ ଚୌଧୁରୀଙ୍କ ଦେହାନ୍ତରେ ଶୋକ

ମଣିଜଙ୍ଗା,୧୭।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାଇଲୋ ଗ୍ରାମ ପଞ୍ଚାୟତର ରାଇଗଣ ଗ୍ରାମର ପୂର୍ବତନ ଶିକ୍ଷକ ଚୈତନ୍ୟ ଚୌଧୁରୀ(୭୯)ଙ୍କର ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ, ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା ।ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ତାଙ୍କର ଶେଷ ଦର୍ଶନ କରିଥିଲେ ।ମୃତ୍ୟୁଶଯ୍ୟା ନିକଟରେ ପୁତ୍ର - ଦୀପକ ଚୌଧୁରୀ, ସତ୍ୟଜିତ ଚୌଧୁରୀ, ପାର୍ଥ ଦେବାଶିଷ, ଚିନ୍ମୟୀ, ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ତାଙ୍କ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

## ଧାନମଣ୍ଡି ଉଦ୍‌ଘାଟିତ

ମଣିଜଙ୍ଗା,୧୭ ।୧(ସମିସ):ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ଗ୍ରାମପଞ୍ଚାୟତରେ ଜନ କଲ୍ୟାଣ ସେବା ସମିତିର ଆଜି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି ।ସରପଞ୍ଚ ରେବତୀ ମହାନ୍ତିଙ୍କ ସଭାପତିତ୍ୱରେ ଧାନ ମଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଥିଲା । ସରପଞ୍ଚ ଙ୍କ ପ୍ରତିନିଧି ସ୍ୱାଗତ ଭାଷଣ ଦେଇଥିଲେ ।ମୁଖ୍ୟ ଅତିଥି ଭାବରେ ତିର୍ତ୍ତୋଲ ବ୍ଲକ ଚେୟାରମାନ୍ ମନୋଜ କୁମାର ବେହେରା, ଉଷା ଦକ୍ଷ ,ଆରତୀ ମହାନ୍ତି ,ଜିଲ୍ଲା ପରିଷଦ ,ସୁନିଲ କୁମାର ବେହେରା ,ଯୁବସମାଜ ସେବୀ ଅଶୋକ କୁମାର ମହାନ୍ତି,କଟରା ଗ୍ରାମପଞ୍ଚାୟତର ସମିତି ସଭ୍ୟା ରୋଜାଲିନ ମହାନ୍ତି, ପୂର୍ବତନ ସିସିବି ବ୍ୟାଙ୍କର ମ୍ୟାନେଜର ଫକିର ଚରଣ ସ୍ୱାଇଁ ,ଜନକଲ୍ୟାଣ ସେବା ସମବାୟ ସମିତିର ସଭାପତି ଅଜୟ କୁମାର ରାଉତ ,ସମ୍ପାଦକ ପରମା ନନ୍ଦ ଦାସ ଚାଷୀମାନଙ୍କ ପ୍ରତି ଆକୃଷ୍ଟ ହୋଇ ମଣ୍ଡିରେ ଧାନ ଦେବା ପାଇଁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରର୍ମରେ ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ ।

## ମା’ ଇନ୍ଦ୍ରାଣୀ କ୍ରିକେଟ୍; କୃଷ୍ଣାନନ୍ଦପୁର ଚାମ୍ପିଅନ୍



ତିର୍ତ୍ତୋଲ, ୧୭।୧(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ବିଶନପୁର ପଞ୍ଚାୟତର ମଣପୁରଠାରେ ମା’ ଇନ୍ଦ୍ରାଣୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ୍‌ରେ କୃଷ୍ଣାନନ୍ଦପୁର ୧୫ ରନ୍‌ରେ ନର୍ଦ୍ଦେନ୍ ଇଲେଭେନ୍ ବିରିତୋଳ ଟିମ୍‌କୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ପ୍ରଥମେ କୃଷ୍ଣାନନ୍ଦପୁର ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର୍‌ରେ ୮ ୱିକେଟ ହରାଇ ୮୫ ରନ୍ ସଂଗ୍ରହ କରିଥିଲା । ଜବାବରେ ବିରିତୋଳ ଟିମ୍ ୭୦ ରନ୍ କରି ପରାସ୍ତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ସମ୍ମାନିତ ଅତିଥି କନିମୂଳ ସମିତି ସଭ୍ୟ ବସନ୍ତ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଗୋପୀନାଥ ଦାଶ, ବାବୁଲି ବାବୁ, ଅମୂଲ୍ୟ ମହାପାତ୍ର ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ । କୃଷାନନ୍ଦପୁର ଟିମ୍‌ର ଜାକିର ମ୍ୟାଚ୍ ଓ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । କ୍ଲବ୍‌ର ସୁମିତ ମହାନ୍ତି, ଶ୍ରୀତମ ମହାନ୍ତି, ବିଶ୍ୱରଞ୍ଜନ ଦାସ, ସପନ ଦାସ, ସୁଶୀଲ ଦାସ, ବରୁଣ ଦାସ, ଉମାଶଙ୍କର ମଲ୍ଲିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

## ସେଲିବ୍ରେସନ୍ ମଣ୍ଡପ ଉଦ୍‌ଘାଟିତ



ବାଲିକୁଦା,୧୭।୧(ସମିସ): ବାଲିକୁଦା ବ୍ଲକ ୫୫ନଂ ଜାତୀୟ ରାଜପଥ ଗୋପାଳପୁର ଠାରେ ଏକ ଅତ୍ୟାଧୁନିକ ଦି ଲାଇଟ ସେଲିବ୍ରେସନ ମଣ୍ଡପ ଉଦଘାଟିତ ହୋଇଯାଇଛି ।ବାଲିକୁଦା ଏରସମା ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା ଉଦଘାଟକ ଭାବେ ଯୋଗ ଦେଇ ଏହି ମଣ୍ଡପକୁ ଉଦଘାଟନ କରିଥିଲେ ।ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ସମ୍ମାନିତ ଅତିଥି ଭାବେ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବାଲିକୁଦା ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ୱଦା ପଲାଉରୀ, ଜିଲ୍ଲା ବିଜେଡ଼ି ଯୁବ ସଭାପତି ଆଦିତ୍ୟ ନନ୍ଦନ ଦାସ,ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ,ଜିଲ୍ଲାପରିଷଦ ଜଟାଧାରୀ ଦାସ, ଡଲି ପଣ୍ଡା, ରୁନିଲତା ବେହେରା, ତଟିନା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ଉପସ୍ଥିତ ଥିଲେ ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଡେରାବିଶ,୧୭।୧(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ୧୦ଦିନ ଧରି ଚାଲିଆସୁଥିବା ଏହି ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ପୌରହିତ୍ୟ କରିଥିବା ବେଳେ ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକାରିଣୀ ଅଧିକାରୀ ଡଃ ପଦ୍ମଜା ଶତପଥି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଜୀବବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ସ୍ମୃତି ଶ୍ରାବଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସୁଶ୍ରୀ ଆଦ୍ୟାଶା ଲେଙ୍କା ଓ ସୁଶ୍ରୀ ଅପର୍ଣ୍ଣା ସାମନ୍ତରାୟ ବିଦ୍ୟାଳୟର ଶତାଧିକ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ପ୍ରଶିକ୍ଷିତ ଛାତ୍ରୀମାନେ ଆଜିର ଉତ୍ସବରେ ଆତ୍ମରକ୍ଷାର କିଛି କୌଶଳ ପ୍ରଦର୍ଶନ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟାପିକା ଝରାଶ୍ରୀ ପରିଜା, ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତି, ମନିଷା ମହାରଣା, ଶାଶ୍ୱତୀପ୍ରଜ୍ଞା ସାହୁ, ଅଧ୍ୟାପକ ଶଶିଭୂଷଣ ଯେନା, ବିଶ୍ୱରଞ୍ଜନ ମିଶ୍ର, ବେଦପ୍ରକାଶ ନାୟକ, ଦେବାଶିଷ ମାହୁନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ । ଅଧ୍ୟାପିକା ମନିଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜଗତସିଂହପୁର ପୁସ୍ତକ ମେଳା

## ତୃତୀୟ ସନ୍ଧ୍ୟାରେ ମନମୋହିଲା ବ୍ୟଙ୍ଗକବି ସମ୍ମିଳନୀ




ଜଗତସିଂହପୁର, ୧୭।୧(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨୬ତମ ପୁସ୍ତକ ମେଳାର ତୃତୀୟ ଦିବସର ସାହିତ୍ୟ ଆସରଟି ସ୍ୱର୍ଗତାଃ ମିନତୀ ଦାସଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା । ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତିର୍ମୟୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସୁସାହିତ୍ୟିକା ରଶ୍ମୀ ମିଶ୍ର,ସ୍ତମ୍ଭକାର ଡଃ ରୀନା ରାଉତରାୟ,କବି ଡଃ ସଂଘମିତ୍ରା ଭଞ୍ଜ ଏବଂ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଡିଆ ସାହିତ୍ୟରେ ନାରୀ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟା ପ୍ରଜ୍ଞା ପାରମିତା ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କାର୍ଯ୍ୟକାରିଣୀ ସଦସ୍ୟା ବିଚୟଲକ୍ଷ୍ମୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ତେବେ ସାହିତ୍ୟ ଆସର ପରେ ଅନୁଷ୍ଠିତ ବ୍ୟଙ୍ଗ କବି ସମ୍ମିଳନୀ ତୃତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା । ଓଡିଶାର ସୁପ୍ରତିଷ୍ଠିତ ବ୍ୟଙ୍ଗ କବିମାନେ ଏଥିରେ ଯୋଗଦେଇ ବ୍ୟଙ୍ଗ କବିତା ମାଧ୍ୟମରେ ଦର୍ଶକ ମାନଙ୍କର ଭରପୂର ମନୋରଞ୍ଜନ କରିଥିଲେ । ସେହିପରି ସାହିତ୍ୟ ସଭା ପୂର୍ବରୁ କୁଇଜ୍ ,ତଥା ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ■ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍, ୩୦ ହଜାର ଜରିମାନା

ଜଗତସିଂହପୁର,୧୭ ।୧(ସମିସ): ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଥାନା ଅଞ୍ଚଳରେ ଗତ ୨୦୧୭ ମସିହାରେ ସଂଗଠିତ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଅଭିଯୁକ୍ତକୁ ଅଦାଲତ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୩୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ସୂଚନା ଅନୁସାରେ ଗତ ୨୦୧୭ ମସିହା ଡିସେମ୍ବର ୯ ତାରିଖରେ କୁଜଙ୍ଗ ଥାନା ଅଞ୍ଚଳର ଜଣେ ୧୫ବର୍ଷର ନାବାଳିକା ସ୍କୁଲ୍‌କୁ ଯାଉଥିବା ବେଳେ ଗୋଠଡିହ ଗୋପିଆକୁଦ ଗ୍ରାମର ରାକେଶ ବେହେରା ତାକୁ ଅପହରଣ କରି ବାଙ୍ଗାଲୋର ନେଇ ଯାଇଥିଲା । ସେଠାରେ ନାବାଳିକାର ଇଚ୍ଛା ବିରୋଧରେ ତାକୁ ବାରମ୍ବାର ଦୁଷ୍କର୍ମ କରିଥିଲା । ତେବେ ନାବାଳିକା ଗର୍ଭବତୀ ହେବାପରେ ତାଙ୍କୁ ଆଣି ଗାଁରେ ଛାଡି ଦେଇଥିଲା । ଘଟଣା ସମ୍ପର୍କରେ ପୀଡିତାର ମା’ କୁଜଙ୍ଗ ଥାନାରେ ଏତଲା ଦେବାପରେ ପୁଲିସ ରାକେଶ ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମୋଟ ୮ ଜଣଙ୍କ ଠାରୁ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁରର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ମୁଦାଲା ରାକେଶ ବେହେରାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି । ସେହିପରି ପୀଡିତାକୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ଦୋଳଗୋବିନ୍ଦ ଦାଶ ସୂଚନା ଦେଇଛନ୍ତି ।

## ଆଇବିଆର ଆଚିଭର ଆୱାର୍ଡ ପାଇଲେ ଅଢ଼େଇ ବର୍ଷର ଶିଶୁ




ପଟ୍ଟାମୁଣ୍ଡାଇ,୧୭।୧(ସମିସ): ଇଣ୍ଡିଆ ବୁକ ଅଫ ରେକର୍ଡସ ପକ୍ଷରୁ ଆୟୋଜିତ ଆଇବିଆର ଆଚିଭର ଆୱାର୍ଡ ପାଇଛନ୍ତି ଜଣେ ଅଢେଇ ବର୍ଷର ଶିଶୁ । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ରାଉଳିଆଡିଆ ଗ୍ରାମର ସତ୍ୟଜିତ ସୂତାର ଓ ରେବତୀ ଓଝାଙ୍କ ଅଢେଇ ବର୍ଷର ଶିଶୁ କନ୍ୟା କ୍ରିଶା ସୂତାର ଏହି ସମ୍ମାନ ଜନକ ଆଇବିଆର ଆଚିଭର ଆୱାର୍ଡର ଟାଇଟେଲ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । କ୍ରିଶାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଆଶୀର୍ବାଦ ମିଳିବାରେ ଲାଗିଛି । ଅଢେଇ ବର୍ଷର ଶିଶୁ କନ୍ୟା କ୍ରିଶା ମନୁଷ୍ୟ ଶରୀରର ୨୭ଟି ଅଙ୍ଗ ପ୍ରତ୍ୟଙ୍ଗକୁ ଚିହ୍ନଟ କରିପାରିଥିବା ବେଳେ, ୧୮ ଗୋଟି ପ୍ରାଣୀ, ୧୬ ଗୋଟି ଫଳ, ୧୭ ଗୋଟି ପନିପରିବା, ୧୧ ଗୋଟି ବିଭିନ୍ନ ଆକୃତି, ୨୦ ଗୋଟି ପକ୍ଷୀ, ୮ ଟି ରଙ୍ଗ, ୧୮ ଟି ଯାନବାହନର ନାମ । ସେହିପରି ସଂଖ୍ୟା ୧ ରୁ ୧୦ ପର୍ଯ୍ୟନ୍ତ ଇଂରାଜୀ ନର୍ସରୀ ରାଇମ ପଢିବା, ଗୋଟିଏ ବର୍ଷରେ ସମୁଦାୟ ମାସର ନାମ କହିବା, ଇଂରାଜୀ ବର୍ଣ୍ଣମାଳାର ଅକ୍ଷରଗୁଡ଼ିକର ସମ୍ପୃକ୍ତ ଶବ୍ଦ କହିବା, ସପ୍ତାହର ପ୍ରତ୍ୟେକ ଦିନର ନାମ କହିବା ସହିତ ୭ଟି ଜାତୀୟ ପ୍ରତୀକର ନାମ, ୩ ଟି ମନ୍ତ୍ର, ହନୁମାନ ଚାଳିଶାର କିଛି ଧାଡି ଏବଂ ୧ ରୁ ୩୦ ପର୍ଯ୍ୟନ୍ତ ଗଣନା କରିବା ଆଦି ଅତି ସହଜରେ କରିପାରିଥିଲେ । ଏତେ ଅଳ୍ପ ବୟସରେ କ୍ରିଶା ଏପରି ଯୋଗ୍ୟତାର ପ୍ରମାଣ ଦେଇ ଆଇବିଆର ଆଚିଭର ଆୱାର୍ଡର ଟାଇଟେଲ ହାସଲ କରିଛନ୍ତି ।

## ପିପିଏ ଦ୍ୱାରା କାର୍ଯ୍ୟଦକ୍ଷତା ରେକର୍ଡ

ପାରାଦୀପ, ୧୭।୧ (ସମିସ) : ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଚଳିତ ମାସ ୧୬ ତାରିଖରେ ୪୭ଟି ବିଓବିଆର ରେକ୍ ଅନଲୋଡ୍ କରି ଆଉ ଏକ ରେକର୍ଡ ସୃଷ୍ଟି କରିଛନ୍ତି ।
୨୦୨୨ ମସିହା ଜୁଲାଇ ମାସ ୧୫ ତାରିଖ ରେ ହାସଲ ହୋଇଥିବା ୩୯ ଟି ବିଓବିଆର ରେକ୍ ରେକର୍ଡକୁ ଅତିକ୍ରମ କରିଛି । ଗତ୧୬ ତାରିଖରେ ୪୫ ଟି ଥର୍ମାଲ କୋଇଲା ରେକ୍ ଅନଲୋଡ୍ ହୋଇଛି ଯାହା ସର୍ବାଧିକ ଏକ ଦିନରେ ଥର୍ମାଲ କୋଇଲା ଅନଲୋଡ୍ କରିବା ସଂଖ୍ୟା । ଏହା ପୂର୍ବରୁ ଗତ ୧୨ ତାରିଖରେ ସମ୍ପ୍ରତି ଅନଲୋଡ୍ ହୋଇଥିବା ୪୪ ଟି ଥର୍ମାଲ କୋଇଲା ରେକଡର୍ ମଧ୍ୟରୁ ପୂର୍ବ ରେକଡର୍‌କୁ ଅତିକ୍ରମ କରିଛି ।

## ‘ଦୀନବନ୍ଧୁ ଥିଲେ ଆଦର୍ଶବାଦ ଓ ତ୍ୟାଗର ପ୍ରତୀକ’




କୁଜଙ୍ଗ,୧୭।୧(ସମିସ): ବିଶିଷ୍ଟ ସାମ୍ୟବାଦୀ ଜନନେତା କୁଜଙ୍ଗ ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ତରାଇଙ୍କର ୨୫ତମ ଶ୍ରାଦ୍ଧ ବାର୍ଷିକୀରେ ନିଜ ଜନ୍ମମାଟି ମଙ୍ଗରାଜପୁର ଓ କର୍ମକ୍ଷେତ୍ର କୁଜଙ୍ଗରେ ଦୀନବନ୍ଧୁ ତରାଇ ସ୍ମୃତି କମିଟି ପକ୍ଷରୁ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ବାମପନ୍ଥୀ ନେତା ଶିକ୍ଷାବିତ୍ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପ୍ରାକ୍ତନ ସାଂସଦ ଡା. କୁଳମଣି ସାମଲ, କବି ପୀତାମ୍ବର ତରାଇ, ପ୍ରେସ୍ କ୍ଲବ ସଭାପତି ଡଃ ରଘୁନାଥ ସାହୁ, ପବିତ୍ର ମିଶ୍ର, ବିଷ୍ଣୁ ଚରଣ ମୁଦୁଲି, ଯାଦବ ନେତା ଏଏନ୍‌ଡି ଯାଦବ, ଡିକିଆର ପୂର୍ବତନ ସରପଞ୍ଚ ସଂଗ୍ରାମୀ ଶିଶିର ମହାପାତ୍ର ପ୍ରମୁଖ ଯୋଗଦେଇ ଦୀନବନ୍ଧୁ ତରାଇ ରାଜନୀତିକୁ ସମାଜସେବାର ମାଧ୍ୟମ ବାଛି ନେଇ ଭୂ ସଂସ୍କାର ଆଇନ, ଭାଗ ଚାଷୀ ଆଇନ ଆଣିବାରେ ଯେଉଁ ଦୁର୍ବାର ସଂଗ୍ରାମ କରିଥିଲେ ତାହା ଆଜି ଉପକୂଳ ଓଡିଶା ନୁହେଁ ସାରା ରାଜ୍ୟକୁ ଉଦ୍‌ବୃଦ୍ଧ କରିଛି ବୋଲି କହିଥିଲେ । ସେ ଆଦର୍ଶବାଦ ଓ ତ୍ୟାଗର ପ୍ରତୀକ ଥିଲେ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ସମ୍ପାଦକ ଅନଙ୍ଗ ମହାପାତ୍ର ବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିବା ବେଳେ ସୁଧାଂଶୁ ମହାପାତ୍ର,ପୂର୍ବତନ ସାଂସଦ ଡଃ ବିଭୂ ପ୍ରସାଦତରାଇ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଏହିଅବସରରେ ଗୀତା ଦାସଙ୍କ ସଂଯୋଜନାରେ ଆହୂତ କବିତା ପାଠରେ କବି ମାନସୀ ସ୍ୱାଇଁ, ରୁନିବାଳା ମଲିକ, ସୁରେଶ ପ୍ରଧାନ,ନବୀନ ପ୍ରଧାନ, ସୁଭାଷ ସାମନ୍ତରାୟ, ଗୌରହରି ବାରିକ, ସଙ୍କର ଦାସ, ନିରୁପମା ପାଣି, ମିରାଙ୍ଗିନୀ ଦେଇ, ଶିକ୍ଷାବିତ ନବୀନ ପ୍ରଧାନ କବିତା ପାଠ କରିବା ସହ ଦିବଙ୍ଗତ ଦୀନବନ୍ଧୁଙ୍କୁ ଦୀନଜନ ବନ୍ଧୁ ବୋଲି କହି ତାଙ୍କ ସଂଗ୍ରାମୀ ଜୀବନ ଆଜି କୁଜଙ୍ଗ ବାସୀଙ୍କୁ ଉଦ୍‌ବୃଦ୍ଧ କରୁଛି ବୋଲି କହିଥିଲେ । ବିଜୟ ଖଟେଇ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ କୁଜଙ୍ଗରେ ଲବଣ ସତ୍ୟାଗ୍ରହ ସ୍ମାରକୀ ସହ ଦୀନବନ୍ଧୁ ତରାଇଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରାଯାଇଥିଲା ।

## ପାରାଦୀପଗଡ଼ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ପାରାଦୀପ,୧୭ ।୧(ସମିସ) : ପାରାଦୀପ ସେବା ସମବାୟ ସମିତି, ପାରାଦୀପ ଗଡ ରେ ଆଜି ଧାନ ମଣ୍ଡି ଉଦ୍ଘାଟିତ ହୋଇଛି । ସମିତିର ସଭାପତି ସସ୍ମିତା ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଚଳିତ ଖରିଫ ଋତୁରେ ୨୦୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ସମିତି ତରଫରୁ ଆକଳନ କରାଯାଇଛି । ପାରାଦୀପ ଗଡ ଓ ନୂଆଗଡ ଗ୍ରାମ ପଞ୍ଚାୟତର ୬୧ ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜିକରଣ କରିବା ସହିତ ସେମାନଙ୍କ ପାଖକୁ ଅନଲାଇନ୍ ଟୋକନ ମଧ୍ୟ ପଠାଇଦିଆଯାଇଛି । ଉନ୍ନତ କିସମ ଧାନର କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ଟ ୨୩୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ଇନିପୁଟ ସହାୟତା ୮୦୦ ଟଙ୍କା ମିଶାଇ ମୋଟ ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ଅଦିନିଆ ବର୍ଷା ସତ୍ତ୍ୱେ ଧାନର ମୂଲ୍ୟ ଅଧିକ ଥିବାରୁ ଚାଷୀ ମାନେ ଉତ୍ସାହିତ ଅଛନ୍ତି । ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସମ୍ପାଦକ କୁଳମଣି ମହାପାତ୍ର, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ବିଷ୍ଣୁ ଚରଣ ସାହୁ, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥୀ, ରମେଶ ବେହେରା, ପ୍ରଦୀପ ବେହେରା, ସନ୍ତୋଷ ଦୋରା, ରଞ୍ଜିତା ସାହୁ, ରଶ୍ମି ବାଳା ସିଂହ, ଶ୍ରୀପତି ସ୍ୱାଇଁ, ସୁଶାନ୍ତ ସାମଲ, ଦେବ ଦୁର୍ଲ୍ଲଭ କର ପ୍ରମୁଖ ଅଂଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସମିତିର ସହ ସମ୍ପାଦକ ପ୍ରଦୀପ ରାଉତ, ତନ୍ମୟ ମଳିକ, ସ୍ୱର୍ଣ୍ଣ ପ୍ରଭା ଚୌଧୁରୀ, ସତ୍ୟକିଶୋର ପରିଜା ପ୍ରମୁଖ ପରିଚାଳନା କରିଥିଲେ ।

### ବାଆଁବରଡ଼ାରେ ଜାତୀୟ ଯୁବ ଦିବସ

## ‘ବିବେକାନନ୍ଦଙ୍କ ଦର୍ଶନରେ ଅନୁପ୍ରାଣିତ ହେଲେ ସୁନାଗରିକ ହୋଇପାରିବେ’




ତିର୍ତ୍ତୋଲ,୧୭ ।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରା ପଞ୍ଚାଯତ ବାଆଁବରଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ସମିତି ତରଫରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି କଟକ ରାମକୃଷ୍ଣ ମିଶନର ବରିଷ୍ଠ ସନ୍ୟାସୀ ଶ୍ରୀମତ ଜୀବନନାଥା ନନ୍ଦ ମହାରାଜ ଓ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଡ଼ ଅକ୍ଷୟ କୁମାର ମିଶ୍ର ଯୋଗଦେଇ ସ୍ୱାମୀଜୀଙ୍କ ଜୀବନ ଦର୍ଶନରେ ଅନୁପ୍ରାଣିତ ହୋଇ ପାରିଲେ ଯୁବକମାନେ ସୁ ନାଗରିକ ହୋଇପାରିବେ ବୋଲି କହିଥିଲେ । ସମିତିର ସଭାପତି ତଥା ସେବା ନିବୃତ୍ତ ଶିକ୍ଷକ ସାରଦା ପ୍ରସାଦ ଚଇନି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ରଞ୍ଜନ ଆଚାର୍ଯ୍ୟ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।୨୮ ଟି ବିଦ୍ୟାଳୟରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାକ୍ତନ ଆଦର୍ଶ ଶିକ୍ଷକ ଧୀରେନ୍ଦ୍ର ନାଥ ସ୍ୱାଇଁ କାର୍ଯକ୍ରମ ପରିଚାଳନା ଓ ମାଲଣ୍ଡ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ସହଯୋଗ କରିଥିଲେ । ଏହି ଅବସରରେ ୨୦ଟି ୱାର୍ଡର ଭିନ୍ନକ୍ଷମ ଓ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ, ଅଙ୍ଗ ବସ୍ତ୍ର ଆଦି ପ୍ରଦାନ କରାଯାଇଥିଲା । ସୁଜିତ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ପଙ୍କପାଳରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୁଜଙ୍ଗ,୧୭।୧(ସମିସ): ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ତରଫରୁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମ ପଞ୍ଚାୟତରେ ସଡ଼କ ସୁରକ୍ଷା ସଚେତନତା ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ସମାଜସେବୀ ଡ଼ଃ ସୁନାକର ବେହେରା ରାଜ୍ୟ ଅଧ୍ୟକ୍ଷ ମଦର ଟେରେସା ଫାଉଣ୍ଡେସନ ଓଡିଶା ।ପଙ୍କପାଳ ଗ୍ରାମପଞ୍ଚାୟତର ସମସ୍ତ "ଏସଏଚଜି" ସ୍ୱୟଂ ସହାୟିକା ଭଉଣୀମାନେ ଯୋଗଦେଇଥିଲେ । ମୁଖ୍ୟ ଅତିଥିଭାବେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି , ମୁଖ୍ୟବକ୍ତା ଭାବେ କୁଜଙ୍ଗ ଥାନାର ଆରକ୍ଷୀ ଅଧିକାରୀ ତପନ କୁମାର ନାହାକ, ସ୍ୱତନ୍ତ୍ର ଅତିଥିଭାବେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦିପକ ପ୍ରସାଦ ସ୍ୱାଇଁ, ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ,ଏମବିକେ ଶ୍ରୀମତୀ ମିନାର୍ଭା ଚୌଧୁରୀ, ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, ଯୋଗଦେଇଥିଲେ ।ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସଡ଼କ ସୁରକ୍ଷା ଦିଗରେ ସଡ଼କ ଦୁର୍ଘଟଣା ଏଡାଇବା ନିମନ୍ତେ ମାର୍ଗଦର୍ଶକ ପତ୍ରିକା ବଣ୍ଟନ କରାଯାଇଥିଲା । ମୁଖ୍ୟ ଅତିଥି ତାଙ୍କର ଅଭିଭାଷଣରେ ଉପସ୍ଥିତ ଏସଏଚଜି ଭଉଣୀ ଓ ଜନସାଧାରଣମାନଙ୍କୁ ହେଲମେଟ ନପିନ୍ଧି,ସିଟ ବେଲ୍ଟ ନ ଦେଇ କାର ଡ୍ରାଇଭିଂ, ନିଶାଶକ୍ତ ହୋଇ,ମୋବାଇଲରେ କଥା ହୋଇ ଗାଡି ନଚଲାଇବାକୁ ପରାମର୍ଶ ଦେଇଥିଲେ ।୧୮ ବର୍ଷ ରୁ କମ୍ ବୟସ ପୁଅ ଝିଅଙ୍କୁ ଗାଡି ଚଲାଇ ବାକୁ ନଦେବା ନିମନ୍ତେ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କୁ ସରପଞ୍ଚ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜଗତସିଂହପୁର ସାଂସ୍କୃତିକ ପରିଷଦ ତରଫରୁ ପ୍ରଥମ ମିଡିଆ କନ୍‌କ୍ଲେଭ୍



ଜଗତସିଂହପୁର,୧୭।୧(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨୬ତମ ପୁସ୍ତକମେଳା ଅବସରରେ ଆଦିକବି ସାରଳାଦାସ ସଂସ୍କୃତିଭବନ ପରିସରରେ ପ୍ରଥମ ମିଡିଆ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ଧରିତ୍ରୀର ସଂପାଦକ ତଥାଗତ ଶତପଥୀ, ବରିଷ୍ଠ ସାମ୍ବାଦିକ ସନ୍ଦୀପ୍ ସାହୁ ଏବଂ ଦୟାନିଧି ଦାଶ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ର,ଗଣମାଧ୍ୟମ ଓ ଯୁବପିଢୀ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଯେଉଁ ଦେଶର ଗଣମାଧ୍ୟମ ଯେତେ ସ୍ୱାଧୀନ ଓ କ୍ରିୟାଶୀଳ ସେହି ଦେଶ ସେହିଭାବରେ ସମୃଦ୍ଧ ଓ ସଶକ୍ତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଜେ, ସୋନାଲ ଏଥିରେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ । ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡଃ ପ୍ରଦୀପ ଶତପଥୀ ବେଦପାଠ ଏବଂ ଶେଷରେ ପରିଷଦର ସଂପାଦକ ସାରଦା ପ୍ରସାଦ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ସାମ୍ବାଦିକ ପରେଶ ନାଥ,ଗୁରୁକଲ୍ୟାଣ ମହାପାତ୍ର ଏବଂ ରବି ଦାସ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଗଣମାଧ୍ୟମର ଭୂମିକା ଏବଂ ଯୁବପୀଢୀ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ଜଗତସିଂହପୁର ଜିଲ୍ଲାର ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଅତିଥି ମାନେ ଉଦାହରଣ ମାଧ୍ୟମରେ ଉତ୍ତର ରଖିଥିଲେ ।

# ବିଦେଶାଗତ ପକ୍ଷୀଙ୍କ ଗଣନା ପାଇଁ ପ୍ରଶିକ୍ଷଣ ଶିବିର



**ରାଜନଗର, ୧୭।୧(ସମିସ):** ରାଜ୍ୟର ଅନ୍ୟତମ ପକ୍ଷୀବିହାର ରୂପେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ଓ ଏଥିରେ ଥିବା ଆର୍ଦ୍ରଭୂମିରେ ଏବେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ବିଦେଶାଗତ ପକ୍ଷୀଙ୍କ କାକଳିରେ ମୁଖରିତ ହେବାରେ ଲାଗିଛି ଜାତୀୟ ଉଦ୍ୟାନ। ଆସନ୍ତାକାଲି ଆଗନ୍ତୁକ ବିଦେଶାଗତ ପକ୍ଷୀଙ୍କ ଗଣନା ଆରମ୍ଭ କରାଯିବ। ଏଥିପାଇଁ କନିକା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିବା ସହିତ ଆଗନ୍ତୁକ ପକ୍ଷୀଙ୍କ ଗଣନା କରିବା ସମୟରେ ସେମାନଙ୍କର ଜୀବନ ଶୈଳୀ ଓ କେଉଁ କେଉଁ ସ୍ଥାନରୁ ଆସିଛନ୍ତି, ସେମାନଙ୍କର ଖାଦ୍ୟ ସମ୍ପର୍କରେ ଟିକିନିକି ତଥ୍ୟ ସଂଗ୍ରହ କରିବା ପାଇଁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏସିଏଫ ମାନସ କୁମାର ଦାସ ପରିଚାଳନା କରିଥିବାବେଳେ ଡା. ସୁଧାକର କର, ଡିସିଏଫ ସମ୍ୟକ ସାମନ୍ତରାୟ, ପକ୍ଷୀ ବିଶାରଦ ବିକ୍ରାନ୍ତ ବିଜୟ ପାଟିଲ, ଏସିଏଫ ଗଗନ ବିହାରୀ ମଲ୍ଲିକ, ଏସିଏଫ ପୁନମହୀରା ହାଁସଦା, ପ୍ରାଣୀ ବିଜ୍ଞାନୀ ପ୍ରଫେସର ଶିବପ୍ରସାଦ ପରିଡ଼ା ଅତିଥି ଭାବେ ଯୋଗଦେଇ କିପରି ପକ୍ଷୀ ଗଣନା ହେବ, ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ବିଦେଶାଗତ ପକ୍ଷୀଙ୍କ ଗଣନା ପାଇଁ ୧୮ଟି ଟିମ୍ ଗଠନ କରାଯାଇଛି। ଆସନ୍ତାକାଲି ସକାଳ ୬ରୁ ଦିନ ୧ଟା ଯାଏଁ ବିଦେଶାଗତ ପକ୍ଷୀଙ୍କ ଗଣନା କରାଯିବ ବୋଲି ସୂଚନା ଦିଆଯାଇଛି।

# ବ୍ରାହ୍ମଣୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର



**ପଟ୍ଟାମୁଣ୍ଡାଇ, ୧୭।୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହିସ୍ଥ ବ୍ରାହ୍ମଣୀ କଲେଜରେ ୧୦ଦିନିଆ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଗୌରୀ କୁମାର ସାମଲଙ୍କ ପୌରୋହିତ୍ୟ ଓ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ମମତାମୟୀ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ନଟବର ସୂତାର, ଅଧ୍ୟାପକ ଶିବଚରଣ ଦାସ ଯୋଗ ଦେଇ ବାଳିକା ଆତ୍ମରକ୍ଷା ତାଲିମ ଶିବିରର ଗୁରୁତ୍ୱ ଓ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ଅଧ୍ୟାପିକା ସଂଘମିତ୍ରା ମହାନ୍ତି, ଅଧ୍ୟାପିକା ସୋନାଲି ଚୌଧୁରୀ, ଅଧ୍ୟାପିକା ସୁମିତ୍ରା ସେଠୀ, ଅଧ୍ୟାପକ ଡଃ ଚିନ୍ମୟ ପ୍ରଧାନ, ଅଧ୍ୟାପକ ଡଃ ମନୋରଞ୍ଜନ ସାହୁ, ଅଧ୍ୟାପକ ଗୌତମ ବେହେରା, ଅଧ୍ୟାପକ ନିରଞ୍ଜନ ବାରିକ, ଅଧ୍ୟାପକ ସତ୍ୟଜିତ ବେହେରା, ଅଧ୍ୟାପକ ମାନସ ନାୟକ ଓ ଅଧ୍ୟାପକ ସୁଧାଂଶୁ ସାମଲ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୨ ଜଣ ପ୍ରଶିକ୍ଷିକା ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ମମତାମୟୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ପଟ୍ଟାମୁଣ୍ଡାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

**ପଟ୍ଟାମୁଣ୍ଡାଇ, ୧୭।୧(ସମିସ):** ପଟ୍ଟାମୁଣ୍ଡାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ୮ଦିନ ଧରି ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ପଟ୍ଟାମୁଣ୍ଡାଇ କଲେଜ ଆଡ଼ମିନଷ୍ଟ୍ରେଟିଭ ବର୍ଷର ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ, ଏନସିସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ମହିଳା ଏନସିସି ଅଫିସର ଅଧ୍ୟାପିକା ଆର ଏନ ମଧୁସ୍ମିତା ପରିଡ଼ା ଯୋଗ ଦେଇ ବାଳିକା ଆତ୍ମରକ୍ଷାର ଆବଶ୍ୟକତା, ଗୁରୁତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଶିବିର ସଂଯୋଜିକା ଅଧ୍ୟାପିକା ସୀମାଙ୍ଗିନୀ ଦାସ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସହସଂଯୋଜିକା ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ପଟ୍ଟାମୁଣ୍ଡାଇ କଲେଜର ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଯୋଗ ଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# 'ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା କରାଯାଉ'

## ମାନ୍ୟତା ପ୍ରଦାନ ପାଇଁ ରହିଛି ଭିତ୍ତିଭୂମି

**ପଟ୍ଟାମୁଣ୍ଡାଇ, ୧୭।୧(ସମିସ):**

ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା କରିବା ପାଇଁ ଦଳମତ ନିର୍ବିଶେଷରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଛି। ଇତିମଧ୍ୟରେ ପଟ୍ଟାମୁଣ୍ଡାଇଠାରେ ଏଡିଜେ କୋର୍ଟ ପ୍ରତିଷ୍ଠା ହୋଇସାରିଛି। ଏଡିଜେ କୋର୍ଟ ପ୍ରତିଷ୍ଠା ପରେ ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପାଇଁ ପଥ ପରିଷ୍କାର ହୋଇଛି। ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲ୍ଲାର ଜନସଂଖ୍ୟା ୧୬ ଲକ୍ଷରୁ ଅଧିକ। କିନ୍ତୁ ଜିଲ୍ଲାରେ ସବ୍‌ଡିଭିଜନ ନ ଥିବାରୁ ଜିଲ୍ଲା ମୁଖ୍ୟାଳୟରୁ ଉପାନ୍ତ ଅଞ୍ଚଳକୁ ପ୍ରଶାସନିକ ସେବା ପହଞ୍ଚିବାରେ ସମସ୍ୟା ଦେଖାଦେଉଛି। ପଟ୍ଟାମୁଣ୍ଡାଇ, ରାଜନଗର, ଆଳି ଓ ରାଜକନିକା ଅଞ୍ଚଳର ଜନସାଧାରଣଙ୍କ ନିକଟରେ ତ୍ୱରିତ ପ୍ରଶାସନିକ ସେବା ପହଞ୍ଚାଇବା ପାଇଁ ପଟ୍ଟାମୁଣ୍ଡାଇର ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଗଠନ କରି ଦୀର୍ଘ ୧୫ ବର୍ଷ ଧରି ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା କରିବା ଦାବିରେ ଆନ୍ଦୋଳନ, ଅନଶନ, ଧାରଣା, ପ୍ରତିବାଦ ସଭା ଜାରି ରଖିଛନ୍ତି। ପଟ୍ଟାମୁଣ୍ଡାଇକୁ ସବଡିଭିଜନ ମାନ୍ୟତା ପ୍ରଦାନ ଦାବି ହାସଲ ପାଇଁ ପୁନର୍ବାର ଶ୍ରୀ ସ୍ୱାଇଁଙ୍କୁ ପୂର୍ବ ସଂଗଠନ ମାଧ୍ୟମରେ ଆନ୍ଦୋଳନ କରିବାକୁ ପଡ଼ିବ। ପୂର୍ବରୁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ସବ୍‌ଡିଭିଜନ ପ୍ରତିଷ୍ଠା ଆନ୍ଦୋଳନକୁ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସମର୍ଥନ ରହିଥିଲା। ବିଭିନ୍ନ ସମୟରେ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା ଦାବି ରାଜ୍ୟ ବିଧାନସଭାରେ ଉଠିଛି। ଉଚିତ ସମୟରେ ପଦକ୍ଷେପ ନେବେ ବୋଲି ମଧ୍ୟ ସରକାର ଉତ୍ତର ରଖିଛନ୍ତି। କିନ୍ତୁ ଫଳ କିଛି ହୋଇନାହିଁ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୩ରେ ରାଜ୍ୟର ୧୩ ଜିଲ୍ଲାକୁ ୩୦ ଜିଲ୍ଲାରେ ପରିବର୍ତ୍ତନ କରିଥିଲେ। ୨୦୧୧ ଜନଗଣନା ଅନୁସାରେ କଟକ ଜିଲ୍ଲାର ଜନସଂଖ୍ୟା ୨୬ ଲକ୍ଷ ୨୪ ହଜାର ୪୭୦ ହୋଇଥିବାବେଳେ ୩ଟି ସବ୍‌ଡିଭିଜନ ରହିଛି। ସେହିପରି ପୁରୀ ଜିଲ୍ଲାରେ ୧୬ ଲକ୍ଷ ୯୮ ହଜାର ୭୩୦ ଜନସଂଖ୍ୟା ରହିଥିବାବେଳେ ଏଠାରେ ଗୋଟିଏ ସବ୍‌ଡିଭିଜନ ରହିଛି। ମୟୂରଭଞ୍ଜ ଜିଲାରେ ୨୫ ଲକ୍ଷ ୧୯ ହଜାର ୭୩୮ ଜନସଂଖ୍ୟା ଥିବାରୁ ୩ଟି ସବ୍‌ଡିଭିଜନ ରହିଛି। କେନ୍ଦ୍ରାପଡ଼ା ଜିଲାରେ ୧୬.୨ ଲକ୍ଷ ଜନସଂଖ୍ୟା ରହିଥିବାବେଳେ ଏଠାରେ ଗୋଟିଏ ମଧ୍ୟ ସବ୍‌ଡିଭିଜନ ନ ଥିବାରୁ ଲୋକେ ପ୍ରଶାସନିକ ସେବାରୁ ବଞ୍ଚିତ ହେଉଛନ୍ତି। ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, ଆଳି ଓ ମହାକାଳପଡ଼ା କେନ୍ଦ୍ରସ୍ଥଳ ଭାବେ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ମିଳିଲେ ୭ ଲକ୍ଷରୁ ଅଧିକ ଅଧିବାସୀ ଉପକୃତ ହେବେ ବୋଲି ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକା, ମହାକାଳପଡ଼ା ବୁଦ୍ଧିଜୀବୀ ମତ ରଖିଛନ୍ତି।

ପଟ୍ଟାମୁଣ୍ଡାଇରେ ସବଡିଭିଜନ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ରହିଛି। ପଟ୍ଟାମୁଣ୍ଡାଇରେ ସବ୍‌ଡିଭିଜାଲ ହସ୍ପିଟାଲ, ଏଡିଜେ କୋର୍ଟ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବିଦ୍ୟୁତ୍, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସବ୍‌ଡିଭିଜନ କାର୍ଯ୍ୟାଳୟ, କୃଷି ଜିଲ୍ଲା କାର୍ଯ୍ୟାଳୟ, ୪ଟି ମହାବିଦ୍ୟାଳୟ, ୨ଟି ମହିଳା କଲେଜ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ, ୧୪ରୁ ଅଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିଛି। ଏଥିସହ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ହାସଲ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ-ରାଜନଗରର ଜନସାଧାରଣ ଦଳଗତ ନିର୍ବିଶେଷରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ମଧ୍ୟ ଜାରି ରଖିଛନ୍ତି। ଜନସାଧାରଣଙ୍କ ଏହି ଦାବିକୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅଣରାଜନୈତିକ ସଂଗଠନ ସମର୍ଥନ ଜଣାଇଛନ୍ତି।

୧୯୫୧ରେ ପଟ୍ଟାମୁଣ୍ଡାଇକୁ ନିର୍ବାଚନମଣ୍ଡଳୀର ମାନ୍ୟତା ମିଳିଥିଲା। ସର୍ବପୁରାତନ ଏହି ନିର୍ବାଚନମଣ୍ଡଳୀକୁ ୨୦୦୯ ନିର୍ବାଚନ ପୂର୍ବରୁ ସୀମା ପୁନଃନିର୍ଦ୍ଧାରଣ ଆଳରେ ସଂରକ୍ଷିତ ପଟ୍ଟାମୁଣ୍ଡାଇ ନିର୍ବାଚନ ଆସନକୁ ବିଲୋପ କରିଦିଆଯାଇଥିଲା। ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା, ଆଳି ବିଧାନସଭା ଆସନ ମଧ୍ୟରେ ମିଶାଇ ଦିଆଯାଇଥିଲା। ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାଭିମାନର ସୁରକ୍ଷା ଓ ଗୌରବ ଫେରାଇ ଆଣିବାକୁ ସେବେଠାରୁ ଅଣରାଜନୈତିକ ଗଣସଂଗଠନ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା ଦାବି କରିଆସୁଥିବାବେଳେ ସମ୍ପ୍ରତି ଏହି ସଂଗଠନ ବିଲୋପ ପରେ ଏହି ଆନ୍ଦୋଳନରେ ସ୍ଥାଣୁତା ଦେଖାଦେଇଛି। ତେବେ ପଟ୍ଟାମୁଣ୍ଡାଇର ସ୍ୱାଭିମାନ ରକ୍ଷା କରିବା ପାଇଁ ସବ୍‌ଡିଭିଜନ ଦାବି ହାସଲ କରିବାକୁ ବିଭିନ୍ନ ଗଣସଂଗଠନ ପୁଣିଥରେ ଅଣ୍ଟା ଭିଡିଲେଣି। ରାଜ୍ୟ ସରକାର ପଟ୍ଟାମୁଣ୍ଡାଇକୁ ଅବିଳମ୍ବେ ସବ୍‌ଡିଭିଜନ ଘୋଷଣା କରିବା ପାଇଁ ପଦକ୍ଷେପ ନେବାକୁ ପଟ୍ଟାମୁଣ୍ଡାଇ କୋର୍ଟ ବାର୍ ଆସୋସିଏସନ ସଭାପତି ତପନ ମିଶ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ଶିକ୍ଷାବିତ ଡଃ ନୀଳମଣି ଲେଙ୍କା, ସମାଜସେବୀ ଡା. ମନୋରଞ୍ଜନ ଦାଶ, କୃଷକ ନେତା ପାରେଶ୍ୱର ବିଶ୍ୱାଳ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଆନ୍ତର୍ଜାତିକ ମାନବାଧିକାର ପରିଷଦ ଜିଲ୍ଲା ସଭାପତି ପ୍ରତାପ ପାଢ଼ୀ, ନାଟ୍ୟକାର ଗୋଲେକ ମହାରଣା, ଇଂ ତପନ ପାତ୍ର ଓ ଯୁବ ଆଇନଜୀବୀ ଅଶ୍ୱନୀ ଚୌଧୁରୀ ପ୍ରମୁଖ ଦାବି କରିଛନ୍ତି।

# ବିସ୍ଥାପିତଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ସାଂସଦଙ୍କ ପ୍ରତିଶ୍ରୁତି



**ପାରାଦୀପ, ୧୭।୧ (ସମିସ):** ବଉରିଆ ପାଳନ୍ଦା ବସ୍ତିବାସିନ୍ଦାଙ୍କ ସମସ୍ୟା ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ ବିଭୁପ୍ରସାଦ ତରାଇ। ସାଂସଦ ଶ୍ରୀ ତରାଇ ପାରାଦୀପ ପୌର ପରିଷଦ ଅଧୀନ ୬ ନମ୍ବର ୱାର୍ଡ ବଉରିଆ ପାଳନ୍ଦା ବସ୍ତି ଅଞ୍ଚଳ ଗସ୍ତ କରି ବସ୍ତିରୁ ବିସ୍ଥାପିତ ହେବାକୁ ଥିବା ପରିବାରଙ୍କର ଥିବା ମୌଳିକ ସୁବିଧା ସମ୍ପର୍କରେ ବୁଝିଥିଲେ। ସେଠାକାର ଅଧିବାସୀଙ୍କ ନିମନ୍ତେ ସରକାରଙ୍କ ବିସ୍ଥାପିତ ଆଇନ ଅନୁସାରେ ପିପିଏଲ ଛକରେ ପାରାଦୀପ ବନ୍ଦର ପକ୍ଷରୁ ଆବଣ୍ଟନ କରାଯାଇଥିବା ବସ୍ତିବାସିନ୍ଦାଙ୍କ ପାଇଁ ଫ୍ଲାଟ୍ ବୁଲି ଦେଖିଥିଲେ। ବସ୍ତିର ମାଆ, ଭାଇ ଓ ଭଉଣୀଙ୍କଠାରୁ ଆବଣ୍ଟନ ପ୍ରକ୍ରିୟା ଠିକ୍ ଭାବେ ହୋଇ ନ ଥିବା ଅଭିଯୋଗ ଶୁଣିଲା ପରେ ଏହାର ଯଥାସମ୍ଭବ ପ୍ରତିକାର କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ମାଧ୍ୟମରେ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସେଠାରେ ବାଦ୍ ପଡ଼ିଥିବା କିଛି ପରିବାରଙ୍କୁ କିଭଳି ସାମିଲ କରାଯିବ, ସେନେଇ ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବ। ୧୫ ଫୁଟରେ ୨୦ ଫୁଟ ବଣ୍ଟାଯାଇଥିବା ଜାଗା ଯଥେଷ୍ଟ ନୁହେଁ। ତା'ସହିତ ୬ ଫୁଟର ଯେଉଁ ରାସ୍ତା ସେମାନଙ୍କୁ ଦିଆଯାଇଛି, ତାହା ମଧ୍ୟ ଯାତାୟାତ ପାଇଁ ଯଥେଷ୍ଟ ନୁହେଁ ବୋଲି ସାଂସଦଙ୍କ ନିକଟରେ ଅଭିଯୋଗ କରିଥିଲେ ବସ୍ତିବାସିନ୍ଦା। ତେବେ ବସ୍ତିରେ ମୁରବିଙ୍କୁ ନେଇ ଏକ ବସ୍ତି କମିଟି ଗଠନ କରାଯାଇ ସମସ୍ତ ସମସ୍ୟା ସମ୍ପର୍କରେ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ବସ୍ତିବାସିନ୍ଦାଙ୍କ ସମସ୍ତ ମୌଳିକ ସମସ୍ୟାକୁ ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇ ନିର୍ଯ୍ୟାସ ବାହାରିବା ନେଇ ସାଂସଦ ପ୍ରତିଶ୍ରୁତି ଦେଇଥିଲେ।

# ରେଲୱେ ଅଣ୍ଡରପାସ୍‌ରେ ଜମିରହୁଛି ପାଣି

**ପଞ୍ଚୁପାଣ୍ଡବ, ୧୭।୧(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂଶାରି ପାଟଣା ଗ୍ରାମ ଦେଇ ଯାଇଥିବା ଟ୍ରେନ ଲାଇନ ବ୍ରିଜ ତଳେ ଦୀର୍ଘ ଦିନ ଧରି ପାଣି ଜମୁଥିବାର ଦେଖିବାକୁ ମିଳୁଛି। ଏହି ବ୍ରିଜ ତଳେ ଯାଇଥିବା ପାଣି ପାଇପ ଫାଟି ଦୀର୍ଘ ଦିନ ହେଲା ପାଣି ଜମୁଥିଲେ ସୁଦ୍ଧା ଏହାର ମରାମତି ହେଉନାହିଁ। ଏ ବାବଦରେ ଯେତେ କହିଲେ ସୁଦ୍ଧା ଫାଟିଥିବା ପାଣି ପାଇପ ମରାମତି ହେଉ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯେତେ ଶୀଘ୍ର ପାଇପ ମରାମତି ନହେଲେ ଟ୍ରେନ୍ ଲାଇନ ବ୍ରିଜ ପାଇଁ ବିପଦ ଥିବା ଏବଂ ଲୋକମାନଙ୍କ ଯିବା ଆସିବା କରିବାପାଇଁ ଅସୁବିଧାର ସମ୍ମୁଖିନ ହେଉଥିବା ସ୍ଥାନୀୟ ଗ୍ରାମର ଲୋକେ କହିଛନ୍ତି। ଏ ବାବଦରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ



କହିଛନ୍ତି ଆମେ ପାଇପ ଫାଟିଥିବାର ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଛୁ। ମରାମତି କରିବା ପାଇଁ କହିଛନ୍ତି। ଏହାର ତଦନ୍ତ କରାଯାଇ ଯେତେ ଶୀଘ୍ର ପାଣି ପାଇପ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମଣିନାଗେଶ୍ୱର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ମାର୍ଶାଘାଇ, ୧୭।୧(ସମିସ):** ମାର୍ଶାଘାଇ ବ୍ଲକ ଶିଳିପୁର ମଣିନାଗେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ୪୧ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକକ୍ରୀଡ଼ା ଉଦ୍‌ଘାଟନ ଉତ୍ସବ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ପ୍ରାକ୍ତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ ଯୋଗଦେଇ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ପଦ୍ମଲୋଚନ ପଣ୍ଡା, ଅଙ୍ଗଦ ପାଇଟାଲ, କେଶବ ବେହେରା, ଶିକ୍ଷୟିତ୍ରୀ ପଲ୍ଲବୀ ରାଉତ, ପ୍ରଜ୍ଞାପାରମିତା ଚୌଧୁରୀ, ଫକୀରଦୋସ ବେଗମ୍, ମୀନତୀ ବଳ ପ୍ରମୁଖ ବିଭିନ୍ନ କ୍ରୀଡ଼ା ଲମ୍ବଡ଼ିଆ, ଉଚ୍ଚ ଡ଼ିଆ, ୧୦୦ମି, ୨୦୦ମି ଦୌଡ଼, ଜାଭିଲିନ୍ ସଟ୍‌ପୁଟ, ଡ଼ିସ୍‌କସ ଥ୍ରୋ, ମ୍ୟୁଜିକ୍ ଚେୟାର, ମ୍ୟୁଜିକ୍ ସାଇକଲ, ପ୍ରଭୃତି ପ୍ରତିଯୋଗିତାରେ ୭୫ ଜଣ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବାଳିକା ବିଭାଗରେ ଛାତ୍ରୀ ଅଙ୍କିତା ପରିଡ଼ା ଓ ବାଳକ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ପଦ୍ମଲାଭ ସାମଲ ଚମ୍ପିଆନ ହୋଇ ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷା କର୍ମୀ ପ୍ରଣତୀ ସ୍ୱାଇଁ, ଦିଲ୍ଲୀପ୍ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।



# ସିଙ୍ଗିଡ଼ି ପାକ୍ସରେ ଧାନକିଣା ଆରମ୍ଭ



**ରାଜକନିକା, ୧୭।୧(ସମିସ):** ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ଆଜି ସରକାରୀ ସ୍ତରରେ ଚାଷୀ ସେମାନଙ୍କ ଅମଳ ଧାନକୁ ମଣ୍ଡିରେ ବିକ୍ରୀ କରିଛି। ସାରା କେନ୍ଦ୍ରାପଡ଼ା ଜିଲ୍ଲାରେ ଗତ ୧୦ ତାରିଖଠାରୁ ସରକାରୀ ଧାନ ମଣ୍ଡିରେ ଧାନ କିଣିବାର ଶୁଭାରମ୍ଭ କରାଯାଇଥିଲା। ଦାନା ବାତ୍ୟା ପ୍ରଭାବରେ ଚାଷୀ ମାନଙ୍କ ଶାରଦ ଧାନ ଅମଳ ହେବାରେ ସମୟ ଲାଗିବା ଏବଂ ପଞ୍ଜିକୃତ ଚାଷୀଙ୍କ ମଧ୍ୟରେ ଟୋକନ ପାଇଥିବା ଚାଷୀଙ୍କଠାରୁ କାଟଣାଠାରେ ଥିବା ସିଙ୍ଗିଡ଼ି ପାକ୍ସ ଆଜି ଧାନ କିଣିଛି। ଧାନ କିଣାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପରେ ନିୟମ ମୁତାବକ ଧାନ ସଂଗ୍ରହ କରାଯାଉଛି। ଆଜି ପ୍ରଥମେ ପଟ୍ଟାମୁଣ୍ଡାଇର ପ୍ରଶାନ୍ତି ରାଇସ ମିଲ ଏହି ମଣ୍ଡିରୁ ଧାନ କିଣିଛି। ଆଜି ଏହି ପାକ୍ସର ଚାଷୀ ଗୟାଧର ସାମଲ, ମନୋରଞ୍ଜନ ଦାସ, ବ୍ରଜ ସୁନ୍ଦର ନାୟକ, ବିଶ୍ୱରଞ୍ଜନ ଦାସ, ବିଜୟ କୁମାର ଦାସ ପ୍ରମୁଖ ଟୋକନ ଅନୁସାରେ ଧାନ ବିକିଛନ୍ତି। ପ୍ରକାଶ ଥାଉ କି ଏହି ପାକ୍ସର ୩୩୪ ଜଣ ଚାଷୀ ସେମାନଙ୍କର ଅମଳ ଶାରଦ ଧାନକୁ ମଣ୍ଡିରେ ଦେବା ପାଇ ଆଗୁଆ ପଞ୍ଜିକୃତ କରିଛନ୍ତି। ଆଜି ପ୍ରଥମ ଥର ପାଇଁ ଚଳିତ ଶାରଦ ଧାନ ସଂଗ୍ରହ କରିବା ବେଳେ ପାକ୍ସର ସିଇଓ ଶୈଳେନ୍ଦ୍ର ନାଥ ଦାସଙ୍କ ସହ ପଞ୍ଚାୟତର ପିଇଓ ଉପସ୍ଥିତ ଥିଲେ। ପ୍ରତି ସପ୍ତାହର ସୋମବାର, ବୁଧବାର ଓ ଶନିବାର ୩ ଦିନ ଟୋକନ ପାଇଥିବା ଚାଷୀଙ୍କଠାରୁ ପର୍ଯ୍ୟାୟକ୍ରମେ ଧାନ ସଂଗ୍ରହ କରାଯିବ ବୋଲି ସିଇଓ କହିଛନ୍ତି।

## ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ୍

# କେନ୍ଦ୍ରାପଡ଼ାକୁ ହରାଇ ଫାଇନାଲ୍‌ରେ ଭୁବନେଶ୍ୱର

**ରାଜନଗର, ୧୭।୧(ସମିସ):**



ରାଜନଗର ବ୍ଲକର ବଡ଼ପଲ୍ଲୀ ଚଞ୍ଚଳା ମିନି ଷ୍ଟାଡ଼ିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଜିସିସି କେନ୍ଦ୍ରାପଡ଼ାକୁ ୫ ୱିକେଟ୍‌ରେ ହରାଇ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍, ଭୁବନେଶ୍ୱର ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି।

ଉକ୍ତ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଜିସିସି ନିର୍ଦ୍ଧାରିତ ୨୫ ଓଭରରୁ ୨୩ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୮୦ ରନ୍ କରିଥିଲା। ଦଳ ପକ୍ଷରୁ ଗୌରବ ଚୌଧୁରୀ ୪୦ ବଲରୁ ୪ଟି ଚୌକା ଓ ୮ଟି ଛକା ସହାୟତାରେ ୭୯ ରନ କରିଥିଲେ। ୧୮୧ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଏମସିସି କ୍ରିକେଟ ଟିମ୍ ୨୩.୫ ଓଭରରେ ୫ ୱିକେଟ ହରାଇ ୧୮୧ ରନ କରି ବିଜୟୀ ହୋଇଥିଲା। ଦଳର ରମଣୀ ଜେନା ୪୪ ବଲରୁ ୬ଟି ଚୌକା ଓ ୨ଟି ଛକା ସହାୟତାରେ ୫୪ ରନ, ବିସ୍ମୟ ରାଉତ ୪୫ ବଲରୁ ୧୧ଟି ଚୌକା ଓ ୧ଟି ଛକା ସହାୟତାରେ ୬୨ ରନ କରିଥିଲେ। ଏମସିସିର ବିସ୍ମୟ ରାଉତ ୬୨ ରନର ଚିତ୍ତାକର୍ଷକ ଇନିଂସ ଖେଳିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୁବ ସମାଜସେବୀ ଦିଲ୍ଲୀପ ରଞ୍ଜନ ପାଳ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆସନ୍ତାକାଲି ମହିଳା ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ତାପସ କୁମାର ରଥ, ହଳଧର ପ୍ରଧାନ ସ୍କୋରର ଥିବାବେଳେ ବିଜୟ କୁମାର ବଳ, ସୁରେଶ ଚନ୍ଦ୍ର ପ୍ରଧାନ ଭାଷ୍ୟକାର ଥିଲେ। ପଲ୍ଲିଶ୍ରୀ ଯୁବକ ସଂଘର ତପନ କୁମାର ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ, ବଂଶୀଧର ସ୍ୱାଇଁ, ନିରୋଦ ବଳ ଖେଳ ପରିଚାଳନା କରିଥିଲେ। ୧୯ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ଅସହାୟ ବ୍ୟକ୍ତିଙ୍କୁ ଜୀବନରୁ ମାରିଦେବାକୁ ଧମକ ଅଭିଯୋଗ

**ରାଜନଗର, ୧୭।୧(ସମିସ):** ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶେଖର ଶାସନ ଗ୍ରାମର ଜଣେ ଭୂମିହୀନ ବ୍ୟକ୍ତିଙ୍କୁ ଜଣେ ପ୍ରଭାବଶାଳୀ ଲୋକ ଜୀବନରୁ ମାରିଦେବା ଓ ନିଆଁ ଲଗାଇ ଘର ଜାଳିଦେବାକୁ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ପ୍ରଫୁଲ୍ଲ ଦାସଙ୍କ କୌଣସି ଜମିବାଡ଼ି ନ ଥିବାରୁ ସେ ଗାଁରେ ଥିବା ସରକାରୀ ଜମିରେ ଘର କରି ପରିବାର ସହ ଦୀର୍ଘଦିନ ଧରି ବସବାସ କରୁଛନ୍ତି। ପ୍ରଫୁଲ୍ଲ ସେହି ଜମିରେ କୁଟାଗଦା କରିଛନ୍ତି। ଗତକାଲି ରାଜନଗର ଗ୍ରାମର ବାବାଜୀ ମିଶ୍ର ହଠାତ୍ ପ୍ରଫୁଲଙ୍କ ଘର ନିକଟରେ ପହଞ୍ଚି ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ଘର ପୋଡ଼ିଦେବା ଓ ସେଠାରେ ରକ୍ତର ନଦୀ ବୁହାଇବେ ବୋଲି କହିଥିଲେ। ଏ ନେଇ ପ୍ରଫୁଲ୍ଲ ଆଜି ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଧମକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

# ସାରସ୍ୱତ ପରିଷଦ ପକ୍ଷରୁ 'ଆସ ଭେଟିବା ଆମ ପିଲାଙ୍କୁ' କାର୍ଯ୍ୟକ୍ରମ



**ଜଗତସିଂହପୁର, ୧୭।୧(ସମିସ):** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଗୁରୁବାର ଏକ ନିଆରା ବୌଦ୍ଧିକ କାର୍ଯ୍ୟକ୍ରମ 'ଆସ ଭେଟିବା ଆମ ପିଲାଙ୍କୁ' ସ୍ଥାନୀୟ ଅଳସୁଧାସ୍ଥ ପାର୍ବତୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରବନ୍ଧ 'ଆମ ଭାଷା, ଆମ ପରିଚୟ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ଅନୁଷ୍ଠାନର ଶିକ୍ଷକ ନିରଞ୍ଜନ ପଣ୍ଡା, ସୁଦର୍ଶନ ଷଡ଼ଙ୍ଗୀ ଓ ଶିକ୍ଷୟିତ୍ରୀ ଲତା ଦେଇ ଯୋଗଦେଇ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି ଓ ଶିକ୍ଷୟିତ୍ରୀ ସ୍ମିତା ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ପ୍ରବନ୍ଧ ଲେଖିବାର କୌଶଳ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଆମ ଭାଷା ହିଁ ଆମର ଅସଲ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀ ଦେବସ୍ମିତା ସ୍ୱାଇଁ, ଜୟପ୍ରକାଶ ବାରିକ, ବିଭୁଦତ୍ତ ସ୍ୱାଇଁଙ୍କୁ ପରିଷଦ ପକ୍ଷରୁ ହାଇସ୍କୁଲ ପ୍ରବନ୍ଧ ଓ ପତ୍ରମାଳା ପୁସ୍ତକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ହୀରାଲାଲ ବାରିକ ଧନ୍ୟବାଦ ଦେଇଥିଲେ।




# ସୁମନ



## ଠିକିଲେ ଜାଣିବ, ଜାଣିଲେ କରିବ



ପାୟଲର ସାନ ଭାଇ ବିଟୁ। ଦୁଇ ଭାଇ ଭଉଣୀ ଏକାଠି ପାଠ ପଢ଼ନ୍ତି, ଖେଳନ୍ତି ଆଉ ଖୁବ୍ ମଜା କରନ୍ତି। ଗୋଟିଏ ବୋଲି ସାନ ଭାଇ ବୋଲି ପାୟଲ ବିଟୁକୁ ଖୁବ୍ ଗେହ୍ଲା କରେ ଆଉ ତା'ର ସବୁ କାମ କରିଦିଏ। ପାୟଲ ନୂଆ କରି ଏବେ କଲେଜ ଯାଉଛି ଆଉ ବିଟୁ ପାଖ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଛି। ବିଟୁ ବହିଖାତାରେ ମଲାଟ ମଡ଼େଇବା, ଜୋତା ପଲିସ୍, ହସ୍ତାକ୍ଷର ଖାତାରେ ଗାର ପକେଇବା, ପଢ଼ା ଟେବୁଲ୍‌କୁ ସଜାଡ଼ି ଦେବାରେ ପାୟଲ ଆଦୌ ମନଉଣା କରେନି। ଆଉ ଭଲ ଭଲ ଖାଇବା ତା' ପାଇଁ ତିଆରି କରିଦିଏ। ରବିବାରିଆ ତା' ସ୍କୁଲ ୟୁନିଫର୍ମ ବି ଧୋଇଧାଇ ଦିଏ। ବାପା ବୋଉ କିନ୍ତୁ ସବୁବେଳେ ପାୟଲକୁ ବୁଝାନ୍ତି ଆରେ ବିଟୁର ତୁ ସବୁ କାମ କରିଦେଲେ ସେ ମନମୋଟିଆ ହେଇଯିବ। ତା' ନିଜ କାମ ନିଜକୁ କରିବାକୁ ଦେ। ପାୟଲ କୁହେ, ବିଟୁ ନିଜେ କଲେ କାମକୁ ବିକାମ କରିକି ଥୋଇବ। ଏଣୁ ତାକୁ କିଛି ନ କହିବା ଭଲ। ତାପରେ ବି ମୋ' ପଢ଼ାପଢ଼ି ପରେ ହାତରେ ସମୟ ବଳେ, କାହିଁ ନଷ୍ଟ କରିବି ତା' କାମ ଗୁଡ଼ିକ ସାରିଦିଏ। ବାପା କୁହନ୍ତି, ସେ ଠିକିଲେ ଜାଣିବ ଆଉ ଜାଣିଲେ ସିନା କରିବ। ବୋଉ ପାୟଲକୁ ଚିଡ଼େଇକି କୁହନ୍ତି, ତୁ ଶାଶୂ ଘରକୁ ଗଲେ ବିଟୁକୁ ବି ସାଙ୍ଗରେ ନେଇଯିବୁ। ଜେଜେ ବାପା, ଜେଜେମା ବି ବହୁତ ପ୍ରକାର ବୁଝାନ୍ତି। ଯେତେ ଯିଏ ଯାହା ବୁଝାଇଲେ ବି ବିଟୁର ସ୍ୱଭାବ କିନ୍ତୁ ଆଦୌ ବଦଳେ ନାହିଁ। ଯେତେବେଳେ ଦେଖ, 'ନାନୀ ନାନୀ' ଡାକଛାଡ଼ି କାମ ଆଦାୟ କରିଦିଏ। ସେଦିନ ସକାଳୁ ସ୍କୁଲ ବାହାରିଲା ବେଳକୁ ତା' ସାଇକେଲ ଚେନ୍ ଖସିଗଲା। ବିଟୁର ଅକଲ ଗୁଡୁମ୍ ଏବେ କ'ଣ କରିବ ! ନାନୀ ଟିକେ ଆଗରୁ କଲେଜ ବାହାରି ଗଲା। ବାପା ବି ଅଫିସ୍ ବାହାରିଗଲେଣି। ଟିକେ ସମୟ ବୁଦ୍ଧି ଖଟେଇଲା ହେଲେ ପାରିଲା ନାହିଁ। ଏବେ ତା'ର ବାପଙ୍କ କଥା ମନେ ପଡ଼ିଲା। ବାପା କୁହନ୍ତି, ଶିଖିଲେ ସିନା କରିବୁ ନ ଶିଖିଲେ କେମିତି କରିବୁ। ଆଦୌ ମନ ନ ଦେଲେ କେହି କେବେ କିଛି ଶିଖିବ ନାହିଁ। ବିଟୁ ଶେଷରେ ସାଇକେଲ ଗଡ଼େଇ ଗଡ଼େଇ ଛକ ଉପର ସାଇକଲ ଦୋକାନକୁ ନେଲା। ଦୋକାନ ଫିଟି ନ ଥାଏ, ଏଣୁ ଅପେକ୍ଷା କଲା। ସେଦିନ ବିଟୁ ବହୁତ୍ ଡେରିରେ ସ୍କୁଲରେ ପହଞ୍ଚିଲା। କ୍ଲାସ ଗୁରୁମା ଯେତିକି ନ ରାଗିଲେ ପ୍ରଧାନଶିକ୍ଷକ ତା'ଠାରୁ ଅଧିକ ଗାଳି କଲେ। ସାଇକେଲ ଚେନ୍‌ରୁ ହାତରେ ଲାଗିଥିବା କଳା, ୟୁନିଫର୍ମ ଆଉ କିଛି ବହିଖାତାରେ ଲାଗିଗଲା। ବିଟୁ ସନ୍ଧ୍ୟାରେ ଫେରି ଘରେ ଆସି ସବୁକଥା କହିଲା। ପାୟଲ ତାକୁ ସଙ୍ଗେ ସଙ୍ଗେ ସାଇକେଲ ଚେନ୍ ଖସିଗଲେ କେମିତି ଲଗେଇବ, ବତାଇ ଦେଲା। ଏଇ ସମୟରେ ବାପା ଆସି ପହଞ୍ଚି ଗଲେ ଆଉ ସବୁ କଥା ଶୁଣିଲେ। ଆଉ କହିଲେ, ଆଜି ଯାହା ହେଲା ସେଇଆ ହିଁ ଠିକିବା। ଆମେ ଯେକୌଣସି ବି କାମ ଆନ୍ତରିକ ମନରେ କଲେ ନିଶ୍ଚୟ ପାରିବା। ତୁ ଚେନ୍ ଲଗେଇବା ଶିଖିଥିଲେ ଆଜି ଏମିତି ଅସୁବିଧା ହେଇ ନ ଥାନ୍ତା ! ବିଟୁ ମୁଁ ତତେ ସବୁବେଳେ ବୁଝାଏ, ନିଜ କାମ ନିଜେ କରିବାକୁ ଚେଷ୍ଟା କର, ତୁ କଲେ ସିନା ଜାଣିବୁ। ଆଉ କିଏ କରିଦେଲେ ତୁ ସେ କାମଟା ଶିଖିବୁ କେମିତି। ଭୁଲ୍ ହେବ ପୁଣି ଠିକ୍ ହେବ, ଏହା ତ ନିରନ୍ତର ପ୍ରକ୍ରିୟା। କିନ୍ତୁ କଥା ହେଉଛି, ଆମେ ନିଜେ ସବୁବେଳେ ସବୁ କାମ କରିବାକୁ ଚେଷ୍ଟା ନିଶ୍ଚିତ କରିବା ଉଚିତ୍। ବିଟୁ ନିଜ ଭୁଲ ବୁଝି ଚୁପ୍ ରହିଲା। ବାପା ପୁଣି କହିଲେ ଆଗକୁ ତୋର ବଡ଼ କ୍ଲାସ୍ ହେବ। ଦାୟିତ୍ୱ ବି ବଢ଼ିବ, ଏଣୁ ତୁ ସବୁ କାମରେ ଯେତେ ତତ୍ପର ରହିବୁ, ଆଗ୍ରହୀ ହେବୁ ତୋ ନିଜ ପାଇଁ ଭଲ। ବିଟୁ କଥା ଦେଲା ଏଥର ମନଦେଇ ସବୁକାମ କରିବ, ଦରକାର ପଡ଼ିଲେ ପଚାରି ବୁଝିବ। ପାୟଲ ତାକୁ ଚେନ୍ ଖସିଗଲେ କେମିତି ଲାଗିବ ଶିଖେଇଦେଲା। ମୁଁ ଶିଖିଗଲି ମୁଁ ଶିଖିଗଲି ବିଟୁ ଖୁସି ମନରେ ଗାଇଗାଇ ଘରେ ଯାଇଁ ସମସ୍ତଙ୍କୁ କହି ଆସିଲା। ■




ଦେବେନ୍ଦ୍ର କର

ମଙ୍ଗଳାବାଗ, କଟକ-୧

ମୋ- ୯୯୩୭୯୭୩୯୧୦

## ଆସିଛି ମାଘ




ସୁଧାକର ରାଉତ

ପୁଷ ପରେ ପରେ ମାଘ
କାଠୁଆ ଜାଡ଼କୁ ସାଙ୍ଗରେ ଧରିଣ
ମାଡ଼ି ଆସେ ଯେହ୍ନେ ବାଘ।
ତା' ସଙ୍ଗେ କୋହଲା ପାଗ
ହାଡ଼ ଭଙ୍ଗା ଶୀତରେ ଥରାଇ ଦେହ
ଶୁଝାଏ କି ତା'ର ରାଗ।
ଉଷ୍ମତାର ଖୋଜା ପଡ଼େ
ଗରମ ପୋଷାକ ପିନ୍ଧଇ କିଏ ସେ
ନିଆଁରେ କା ଜାଡ଼ ଛାଡ଼େ।
କଅଁଳ ଖରାଟା ଆସି
ଶୀତେ ଥରୁଥିବା ବୁଢ଼ାବୁଢ଼ୀଙ୍କର
ମନେ ଭରିଦିଏ ଖୁସି।
କୁହୁଡ଼ି ଚାଦର ପଡ଼ି
ପଥିକକୁ କେତେ ହଇରାଣ କରେ
ଯାଏ ଟି ସେ ପଥ ହୁଡ଼ି।
ମା ସରସ୍ୱତୀ ପୂଜା
ମାଘ ପଞ୍ଚମୀରେ ହୁଅଇ ପାଳିତ
ଉଡ଼େ ବାଗଦେବୀଙ୍କ ଧ୍ୱଜା।
ଚନ୍ଦ୍ରଭାଗା ସ୍ନାନ ସଙ୍ଗେ
ଯୋରନ୍ଦା ମେଳାର ନିଆରା ଉତ୍ସବ
ପାଳନ୍ତି କେ କେତେ ଢଙ୍ଗେ।
ଅଗ୍ନ୍ୟୁତ୍ସବ ମାସ ଶେଷେ
ପାଳନ୍ତି ସଭିଏଁ ପୂଜି ଅଗ୍ନିଦେବ
ସୁଦୟା ଲଭିବା ଆଶେ।
ଧୀରେ ଧୀରେ ଶୀତ କୋପ
କମି କମି ଯାଏ ଦିନ ହୁଏ ବଡ଼
ବଢ଼େ ରବିଙ୍କର ତାପ।
ମାନିଲେ ପ୍ରକୃତି ବିଧି
ଋତୁ ପରେ ଋତୁ ସମୟେ ଆସିବେ
କୃପା କରି ଦୟାନିଧି। ■

ପ୍ରତାପ ନଗରୀ, କଟକ

ମୋ-୮୨୪୯୯୩୨୭୯୨

## କୁନି ତାରକା




## ପ୍ରହେଳିକା

- ପରିବାଟିଏ ସେ ଶୀତ ଦିନର
  ମାଡ଼ିଥାଏ ସିଏ ଚାଳ ଉପର
  ନାଲି ଧଳା ଅବା ସବୁଜ ବର୍ଣ୍ଣେ
  ପେନ୍ଥା ପେନ୍ଥା ଝୁଲି ମନକୁ କିଣେ
  ଚେପେଟା ଶରୀର ତାହାର ମିତ
  ଭଜା ରାଇ ପାଇଁ ସିଏ ବିଖ୍ୟାତ
  ଏବେ କହିଦିଅ ନାମଟି ତା'ର
  ପୋଷକତତ୍ତ୍ୱରେ ସେ ଭରପୂର।

ଉତ୍ତର-ଶିମ୍ବ



- ଶୀତଦିନ ଯେବେ ରାଇଜେ ଆସେ
  ସଞ୍ଜ ଓ ସକାଳେ ତା'ରୂପ ଦିଶେ
  ଧଳା ଚାଦରକୁ ଦିଏ ବିଛେଇ
  ବୁନ୍ଦା ବୁନ୍ଦା ପାଣି ଖସି ପଡ଼ଇ
  ତା' ପାଇଁ ଲୁଚଇ ବାଟ ଓ ଘାଟ
  କହି ପାରିବକି ତା'ନାମ ମିତ।

ଉତ୍ତର-କୁହୁଡ଼ି

- ଧାନ କଟା ବେଳ ଯେବେ ଆସଇ
  ବାଡ଼ିରେ ସେ ଜାଗା ଲିପା ହୁଅଇ
  ଚଷାପୁଅ ଧାନ ହଳାକୁ ଆଣି
  ସେଇଠି ଗଦାଏ ହରଷେ ପୁଣି
  ଭାରି ପରିଷ୍କାର ଜାଗାଟି ସିଏ
  କୁନା ବସି ସେଠି ଖରାକୁ ପୁଏଁ
  ଏବେ କୁହ ସେହି ଜାଗାର ନାମ
  ବେଙ୍ଗଳା ପଡ଼ଇ ସେଇଠି ଜାଣ।

ଉତ୍ତର-ଖଳା



## ସକାଳ ଶିଶୁ କୁଇଜ୍-୧୫୦

(୧) ବିଶ୍ୱ ହିନ୍ଦୀ ଦିବସ କେବେ ପାଳନ କରାଯାଏ?

ଉତ୍ତର : ______________________

(୨) ସ୍ୱର୍ଣ୍ଣ ମନ୍ଦିର ଭାରତର କେଉଁ ରାଜ୍ୟରେ ଅଛି?

ଉତ୍ତର : ______________________

(୩) ନାଗାବଳୀ ନଦୀରୁ କେଉଁ ଜଳପ୍ରପାତ ସୃଷ୍ଟି ହୋଇଛି?

ଉତ୍ତର : ______________________

(୪) ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ?

ଉତ୍ତର : ______________________

(୫) ମହାତ୍ମା ଗାନ୍ଧୀଙ୍କୁ କିଏ ମହାତ୍ମା ଉପାଧି ଦେଇଥିଲେ?

ଉତ୍ତର : ______________________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା

- ସ୍ଥିତିପ୍ରଜ୍ଞା ମହାପାତ୍ର, ଢେଙ୍କାନାଳ
- ଓମ୍ ପ୍ରକାଶ ରାଣା, ଚକେଇସିହାଣି, ଭୁବନେଶ୍ୱର
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ଼

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଇଚ୍ଛା ଦେଇଛି ସଫଳତା

### କୁନି ମଡେଲ ବିପ୍ରାତ୍

ଶିଶୁ ପ୍ରତିଭା

**ଗ୍ଲାମର୍ ଓ ଫେଶନ୍ ଦୁନିଆର ଚାକଚକ୍ୟ ପ୍ରତି ଆଜିକାଲିର ଯୁବପିଢ଼ି ବେଶ୍ ଆଗ୍ରହ ଦେଖାଉଛନ୍ତି। ମଡେଲିଂ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାକୁ ସେମାନେ ମନ ବଳାଉଛନ୍ତି। କେବଳ ଯୁବ ପିଢ଼ି ନୁହଁନ୍ତି, ଅନେକ କୁନି କୁନି ପିଲାମାନେ ମଧ୍ୟ ଛୋଟ ବେଳୁ ଗ୍ଲାମର୍ ଦୁନିଆରେ ବେଶ୍ ନାଁ କମାଉଛନ୍ତି। ମଡେଲିଂ ଦୁନିଆରେ ସଫଳତାର ପଥେ ଆଗେଇ ଚାଲିଥିବା ଜଣେ କୁନି ମଡେଲ ହେଉଛନ୍ତି ବିପ୍ରାତ୍ ଜୋଏଲ। ବୟସ ମାତ୍ର ୮ ବର୍ଷ। ଏତେ କମ୍ ବୟସରେ ବି ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ଏହି କୁନି ଝିଅ ଜଣକ ପାଲଟିଛନ୍ତି ଏବେ ଜାତୀୟସ୍ତରର ଜଣେ ଶିଶୁ ମଡେଲ।**



ବଲାଙ୍ଗିର ଲୋଇସିଂହା ଜଡାମୁଣ୍ଡାର ବି. ନିବେଦିତା ଓ ଜୀବନ ଜ୍ୟୋତି ବାଗଙ୍କ ଏକମାତ୍ର ଝିଅ ହେଉଛନ୍ତି ବିପ୍ରାତ୍। ସେ ଲୋଇସିଂହାର ଝାରମୁଣ୍ଡାସ୍ଥିତ ବେଥାନୀ କନ୍‌ଭେଣ୍ଟ ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ତାଙ୍କ ବାପା ଜୀବନ ଜ୍ୟୋତିଙ୍କ କହିବା ଅନୁସାରେ, 'ବିପ୍ରାତ୍ ପିଲାଦିନେ ୟୁଟ୍ୟୁବ୍‌ରେ ଅନେକ ଶିଶୁ ମଡେଲଙ୍କ ଭିଡିଓ ଦେଖୁଥିଲେ। ଧୀରେ ଧୀରେ ସେ ଏହି କୁନି ମଡେଲମାନଙ୍କ ଭଳି ର୍‍ୟାମ୍ପ୍ ୱାକ୍ କରିବା ପାଇଁ ଭାବିଲେ। ସେହି ସମୟରେ ବିପ୍ରାତ୍‌ଙ୍କୁ ବଲାଙ୍ଗିରର ଏକ ହୋଟେଲରେ 'ପପୁଲାର ମଡେଲ' ନାମକ ଏକ ଛୋଟ ଇଭେଣ୍ଟରେ ଭାଗ ନେବାର ସୁଯୋଗ ମିଳିଥିଲା। ସେହି ଇଭେଣ୍ଟରେ ତାଙ୍କ ପ୍ରଦର୍ଶନ ଦେଖି ସମସ୍ତେ ପ୍ରଶଂସା କରିବା ସହ ଏକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ। ଏହାପରେ ସେ ବିଭିନ୍ନ ଇଭେଣ୍ଟଗୁଡ଼ିକରେ ଭାଗ ନେବାକୁ ଲାଗିଲେ। ତାଙ୍କର ମଡେଲିଂ ପ୍ରତି ଥିବା ନିଷ୍ଠା ଯୋଗୁଁ ଆଜି ସେ ଜାତୀୟ ସ୍ତରରେ ଜଣେ ଶିଶୁ ମଡେଲ ହୋଇପାରିଛନ୍ତି।' ଗତ ବର୍ଷ ଡିସେମ୍ବର ୧୫ ତାରିଖରେ ମହାରାଷ୍ଟ୍ରର ପୁଣେସ୍ଥିତ ଏଲ୍‌ପ୍ରୋ ସିଟି ସ୍କୋୟାରରେ ଗ୍ଲୋବାଲ ମଡେଲ ଇଣ୍ଡିଆ ତରଫରୁ ଆୟୋଜିତ ହୋଇଥିବା ଲିଟିଲ ମିସ୍ ଇଣ୍ଡିଆ ମଡେଲିଂ ପ୍ରତିଯୋଗିତାର ବିଜୟିନୀ ହୋଇଥିଲେ ବିପ୍ରାତ୍। ସେହିଭଳି ଆସନ୍ତା ମାର୍ଚ୍ଚ ୨୯ରେ ନେପାଳରେ ଅନୁଷ୍ଠିତ ହେବାକୁଥିବା ଅନ୍ତର୍ଜାତୀୟ ସ୍ତରର ମଡେଲିଂ ପ୍ରତିଯୋଗିତାରେ ବିପ୍ରାତ୍ ଭାରତରୁ ପ୍ରତିନିଧିତ୍ୱ କରିବେ। ଅନ୍ୟପକ୍ଷରେ ବିପ୍ରାତଙ୍କ ଏହି ସଫଳତା ପାଇଁ ତାଙ୍କ ପରିବାର ସହ ନିକଟ ସମ୍ପର୍କୀୟ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ସହପାଠୀମାନେ ଖୁସି ପ୍ରକାଶ କରିଛନ୍ତି। ଏତେ କମ୍ ବୟସରୁ ନିଜ ଅଞ୍ଚଳର ନାମକୁ ଗୌରବାନ୍ୱିତ କରିଥିବାରୁ ଏଥିପାଇଁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଛି। ■




- ଅଭିଳାଷ ହୋତା, ବଲାଙ୍ଗିର

## ପତ୍ରିକା ପରିଚୟ


### ମୋ ଆଶା

ସଂପାଦକ: ସୁମନ୍ତ ମହାରଣା
ପାଟପୁର, ଝିମାପଡ଼ା, ପୁରୀ-୭୫୨୦୦୭
ମୂଲ୍ୟ: ୨୦ ଟଙ୍କା




ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଜାନୁଆରୀ-ମାର୍ଚ୍ଚ ୨୦୨୫ ସଂଖ୍ୟା ପ୍ରକାଶ ପାଇଛି। ସୁମନ୍ତ ମହାରଣାଙ୍କ ସଂପାଦିତ 'ମୋ ଆଶା'ର ଏହି ସଂଖ୍ୟାଟି ଓଡ଼ିଶାର ଅନେକ ପ୍ରସିଦ୍ଧ ଶିଶୁ ସାହିତ୍ୟିକଙ୍କ ଲେଖାରେ ସମୃଦ୍ଧଶାଳୀ ହୋଇଛି। ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କ 'ପକ୍ଷୀ କଲୋନୀ', ତନ୍ମୟ ମିଶ୍ରଙ୍କ 'ଚତୁର ଶିଆଳ ଓ ବାଘ କଥା', ଅର୍ଜୁନ ଦାସଙ୍କ 'ନିଆରା ନୂଆବର୍ଷ', ମହେନ୍ଦ୍ର କୁମାର ଘଡ଼େଇଙ୍କ 'ତୋ ବୁଦ୍ଧିକୁ ମାନିଲି', କାଳିକିଙ୍କରଙ୍କ 'ପୁନଶ୍ଚ ଧର୍ମରାଜ୍ୟ', ଇଂ. ପ୍ରେମାନନ୍ଦ ନାୟକଙ୍କ 'ସଭିଙ୍କର ପ୍ରିୟ ବନ୍ଧୁ', ସମ୍ବେଦନା ମିଶ୍ରଙ୍କ 'ପରିଶ୍ରମର ଫଳ', ଲକ୍ଷ୍ମୀପ୍ରିୟ ଦାଶଙ୍କ 'ସୁନା ଝିଅ ଲୁଲିନା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ସେହିପରି କମଳିନୀ ମଲ୍ଲିକଙ୍କ 'ନୂଆ ବରଷ ନୂଆ ଚେତନା', ଅଶୋକ କୁମାର ବେହେରାଙ୍କ 'ପ୍ରିୟ ଗୁରୁଜୀ', ଶରତ କୁମାର ନାୟକଙ୍କ 'ବିଚରା ମୂଷା', ଡକ୍ଟର ସୁଷମା ମିଶ୍ରଙ୍କ 'ସାଧାରଣତନ୍ତ୍ର ଦିବସ', ଝରଣା ବାରିକଙ୍କ 'ଶୀତ ଆସିଛି', ପ୍ରଦୀପ ମଲ୍ଲିକଙ୍କ 'ଜଗତର ମାଲିକ', ପ୍ରଭାସିନୀ ବରାଡ଼ଙ୍କ 'ହାଟ ବଜାର' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି। 'ଅଭୁଲା ଦେଶ ପ୍ରେମ ଗୀତ'ରେ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ 'ଜାତୀୟ ସଙ୍ଗୀତ', କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ', କବିବର ରାଧାନାଥ ରାୟଙ୍କ 'ସର୍ବେଷାଂ ନୋ ଜନନୀ ଭାରତ', ମହମ୍ମଦ ଇକ୍‌ବାଲ୍‌ଙ୍କ 'ସାରେ ଜହାଁସେ ଅଚ୍ଛା', ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ବନ୍ଦେ ମାତରଂ', ରାମକୃଷ୍ଣ ନନ୍ଦଙ୍କ 'ଆହେ ଦୟାମୟ ବିଶ୍ୱ ବିହାରୀ', ଭକ୍ତକବି ମଧୁସୂଦନ ରାଓଙ୍କ 'ତୁହି ମା' ଜନ୍ମଭୂମି' ଆଦି ଦେଶାତ୍ମବୋଧ କବିତା ନିଶ୍ଚୟ ପାଠକଙ୍କ ମନରେ ଦେଶପ୍ରେମ ଓ ଜାତୀୟ ଭାବନା ସୃଷ୍ଟି କରିବ। 'ଆମ ପ୍ରତିଭା', 'ତୁମ ପାଇଁ କାମ', 'କୁନି ମଡେଲ୍', 'ଆମ ହାତ ଅଙ୍କା ଛବି' ଆଦି ନିୟମିତ ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇଛି। 'ମୋ ଆଶା'ର ଶୀତ ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।





ସାଇ ଅର୍ପିତା ସାହୁ
ସପ୍ତମ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୧
ଭୁବନେଶ୍ୱର





ସାଇ ନମ୍ରତା ମହାପାତ୍ର
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





ସ୍ତୋତ୍ରୀ ଷଡ଼ଙ୍ଗୀ
ସପ୍ତମ ଶ୍ରେଣୀ
ହ୍ୱାଇଟ ଫିଲ୍ଡ ଗ୍ଲୋବାଲ ସ୍କୁଲ୍
ବେଙ୍ଗାଲୁରୁ





ଅଂଶୁମାନ ସାହୁ
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଢେଙ୍କାନାଳ

■ ଜାତୀୟ ମହିଳା ଟି-୨୦

## ସେମିରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୧୭।୧(ସମିସ):କେରଳରକୋଚିଠାରେଚାଲିଥିବାଜାତୀୟମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ଓଡ଼ିଶା ପରାଜିତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି।ଓଡ଼ିଶାକୁ ୨୫ ରନ୍‌ରେ ହରାଇଥିବା ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।ଅନ୍ୟ ଏକ ସେମିଫାଇନାଲରେ କର୍ଣ୍ଣାଟକଠାରୁ ୮ ୱିକେଟରେ ରାଜସ୍ଥାନ ପରାଜିତ ହୋଇଥିଲା। ଆସନ୍ତାକାଲି ଏମ୍‌ପି ଓ କର୍ଣ୍ଣାଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।

● ଉତ୍କଳ ଓପନ୍ ଟେନିସ୍ ଆରମ୍ଭ

## ଅମୃତଜୟ, ପ୍ରିଶା ଟପ୍ ସିଡ୍

ଭୁବନେଶ୍ୱର,୧୭।୧(ସମିସ): ଏସ୍ ଟେନିସ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଟେନିସ ସେଣ୍ଟରରେ ଶୁକ୍ରବାର ଆରମ୍ଭ ହୋଇଛି ଏକାଦଶ ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି କାଟେଗୋରୀରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିଲାବେଳେ ଓପନ କାଟାଗୋରୀରେ ଅମୃତଜୟ ମହାନ୍ତି ପୁରୁଷ ଓ ପ୍ରିଶା ଦାସ ମହିଳା ବିଭାଗରେ




ଟପ୍ ସିଡ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ପୂର୍ବତନ ମୁଖ୍ୟଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର ଓ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଉତ୍କଳବିଲ୍ଡର୍ସ ଚେୟାରମ୍ୟାନ୍ ସୁବାସ ଚନ୍ଦ୍ର ଭୁରା, ଏସ୍ ଟେନିସ କ୍ଲବ୍ ସଭାପତି ସଭାପତି ପ୍ରକାଶଚନ୍ଦ୍ର ଭୁରା ଓ ଆୟୋଜକ କମିଟି ଚେୟାରମ୍ୟାନ୍ ଡାକ୍ତର ବିଶ୍ୱଜିତ୍ ମିଶ୍ର ଉପସ୍ଥିତ ଥିଲେ।

## ମାର୍ଚ୍ଚ ୫ରୁ ଭୁବନେଶ୍ୱର ଟେନିସ କ୍ରିକେଟ୍ ଲିଗ୍

ଭୁବନେଶ୍ୱର,୧୭ ।୧(ସମିସ): ଭୁବନେଶ୍ୱର ଟେନିସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କେଶୁରା ପଡିଆରେ ଆସନ୍ତା ମାର୍ଚ୍ଚ ମାସ ୫ରୁ ୯ ତାରିଖ ମଧ୍ୟରେ ଭୁବନେଶ୍ୱର ଟେନିସ କ୍ରିକେଟ ଲିଗ୍ (ବିଟିସିଏଲ୍) ଆୟୋଜନ ହେବ। ଗୁରୁବାର ଲିଗ୍‌ର ଖେଳାଳି ନିଲାମ ଶେଷ ହୋଇଛି। ୮ଟି ଫ୍ରାଞ୍ଚାଇଜ୍ ଏଥିରେ ଅଂଶଗ୍ରହଣ କରିବେ। ଫ୍ରାଞ୍ଚାଇଜ୍‌ଗୁଡିକ ହେଲା ଆଭେଶ ୱାରିୟର୍ସ, ଭାମ୍ପାୟର ଇନଭିଜିବଲ, ଆରଆର ୱାରିୟର୍ସ, ଖ୍ରୀଷ୍ଟ ଆଣ୍ଡା, ତନଭି ୱାରିୟର୍ସ, ଆଞ୍ଚୋଲ ଭୁବନେଶ୍ୱର, ଥାର୍ଡ ଆଏ ଓ ଜେଏମ୍‌ଡି। କଟକ ଓ ଭୁବନେଶ୍ୱରର ଖେଳାଳିମାନେ ଫ୍ରାଞ୍ଚାଇଜଗୁଡିକରେ ସାମିଲ ହୋଇଛନ୍ତି। ଚାମ୍ପିଅନ ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯିବ। ଖେଳାଳି ନିଲାମୀରେ କ୍ୟାପଡିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଶକ୍ତି ମିଶ୍ର ଏବଂ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟିର ସଦସ୍ୟ ସନ୍ତୋଷ ପ୍ରଧାନ, ସ୍ୱୟମ ଖାଡଙ୍ଗା, ମାନସ ସାହୁ ଓ ପୁଷ୍ପମିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ପ୍ରିୟବ୍ରତ ସ୍ମାରକୀ ସ୍ନୁକର

## ଆଶୁତୋଷ ଦ୍ୱିତୀୟ ଥର ଚାମ୍ପିଅନ



ଭୁବନେଶ୍ୱର,୧୭।୧(ସମିସ): ଗୁରୁ ସୁବ୍ରତ ଦାସ୍‌ଙ୍କୁ ୫-୨ ଫ୍ରେମ୍‌ରେ ହରାଇ ଶିଷ୍ୟ ତଥା ରାଜ୍ୟର ନଂ-୧ ଖେଳାଳି ଆଶୁତୋଷ ପାଢ଼ୀ ତୃତୀୟ ପ୍ରିୟବ୍ରତ ସ୍ମାରକୀ ୧୦ରେଡ୍‌ବଲ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଆଶୁତୋଷ ଏହି ଟୁର୍ଣ୍ଣାମେଣ୍ଟକୁ ଦ୍ୱିତୀୟଥର ଜିତିବା ସହ କ୍ୟାରିୟରରେ ୧୬ତମ ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସୁବ୍ରତ କ୍ରମାଗତ ଦ୍ୱିତୀୟବର୍ଷ ଲାଗି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ଖେଳ ଶେଷରେ ଭୁବନେଶ୍ୱର କ୍ଲବ୍ ସଭାପତି ଅସିତ ତ୍ରିପାଠୀ, ସ୍ୱର୍ଗତ ପ୍ରିୟବ୍ରତ ପଟ୍ଟନାୟକଙ୍କ ପତ୍ନୀ ଲିପ୍‌ସା ମିଶ୍ର, ଆୟୋଜକ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ସଭାପତି ତାରାରଞ୍ଜନ ପଟ୍ଟନାୟକ, ସମ୍ପାଦକ ସମୀର ଅଲି, ପୂର୍ବତନ ସମ୍ପାଦକ ଶ୍ରୀମୟ କରପ୍ରମୁଖଅତିଥିଭାବେଉପସ୍ଥିତଥିଲେ।ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଚାମ୍ପିଅନ ଆଶୁତୋଷଙ୍କୁ ଟ୍ରଫି ସହ ୨୦,୦୦୦ ଟଙ୍କା ଓ ରନର୍ସ ଅପ୍ ସୁବ୍ରତଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଛି।

### ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

# 'ଖେଳରତ୍ନ', 'ଅର୍ଜୁନ'ରେ ୩୬ କ୍ରୀଡ଼ାବିତ୍ ସମ୍ମାନିତ

ନୂଆଦିଲ୍ଲୀ,୧୭ ।୧(ଏଜେନ୍ସି): କେନ୍ଦ୍ର କ୍ରୀଡ଼ାମନ୍ତ୍ରାଣାଳୟ ଆନୁକୂଲ୍ୟରେ ଶୁକ୍ରବାର ରାଷ୍ଟ୍ରପତି ଭବନରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ ପାଇଁ ଗୌରବ ଆଣିଦେଇଥିବା କ୍ରୀଡ଼ାବିତମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ରାଷ୍ଟ୍ରପତି ପ୍ରଥମେ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା ବିଶ୍ୱ ସର୍ବକନିଷ୍ଠ ଚେସ୍ ଚାମ୍ପିଅନ ଡି ଗୁକେଶଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ ସମ୍ମାନୀତ କରିଥିଲେ।



ପ୍ୟାରିସ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ମହିଳା ସୁଟର ମନୁ ଭାକର, ଅଲିମ୍ପିକ୍ସ କାଂସ୍ୟ ପଦକ ହାସଲ କରିଥିବା ଭରାତୀୟ ହକି ଦଳ ଅଧିନାୟକ ହରମନପ୍ରୀତ ସିଂହ ଓ ପାରା ଆଥଲେଟ୍ ତଥା ହାଇଜମ୍ପର ପ୍ରବୀଣ କୁମାରଙ୍କୁ ଖେଳରତ୍ନ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ପ୍ୟାରିସ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଜାଭେଲିନ ଫିଙ୍ଗାଳୀ ନବଦୀପଙ୍କ ସମେତ ୩୪ଜଣ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ୧୭ ପାରା ଆଥଲେଟ୍ ସାମିଲ ରହିଥିବା ବେଳେ ଓ ଦୁଇଟି ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପାଇଁ ଉଦିଷ୍ଟ ଥିଲା। ଏହାବ୍ୟତୀତ ୫ ଜଣ କୋଚ୍‌ଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଗତବର୍ଷ ୨୬ଜଣ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର, ୫ କୋଚ୍‌ଙ୍କୁ ଦ୍ରୋଣଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପୁରୁଷ ବ୍ୟାଡ୍‌ମିଣ୍ଟନ ଯୋଡି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କୁ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଜାତୀୟ କ୍ରୀଡ଼ା ପୁରସ୍କାର ପାଇଥିବା କ୍ରୀଡ଼ାବିତ:**

**ଖେଳରତ୍ନ ପୁରସ୍କାର:** ମନୁ ଭାକର (ସୁଟିଂ), ଡି ଗୁକେସ(ଚେସ୍), ହରମନପ୍ରୀତ ସିଂହ(ହକି), ପ୍ରବୀଣ କୁମାର (ପାରା ହାଇଜମ୍ପ)।

**ଅର୍ଜୁନ ପୁରସ୍କାର:** ଜ୍ୟୋତି ୟାରାଜୀ (ଦୌଡ଼କୁଦ), ଅନୁ ରାନୀ (ଦୌଡ଼କୁଦ), ନୀତୁ (ବକ୍ସିଂ), ସ୍ୱିଟି (ବକ୍ସିଂ), ବନ୍ତିକା ଅଗ୍ରୱାଲ (ଚେସ୍), ସଲିମା ଟେଟେ, ଅଭିଷେକ , ସଞ୍ଜୟ, ଜରମନପ୍ରୀତ ସିଂହ , ସୁଖଜିତ ସିଂହ (ସମସ୍ତେ ହକି), ରାକେଶ କୁମାର (ପାରା ତୀରନ୍ଦାଜୀ), ପ୍ରୀତି ପାଲ, ଜୀବାଞ୍ଜୀ ଦିପ୍ତୀ, ଅଜିତ ସିଂହ, ସଚିନ ସରଜେରାଓ ଖିଲାରୀ, ଧରମବୀର, ପ୍ରଣବ ସୁରମା, ଏଚ୍ ହୋକାତୋ ସେମା, ସିମରନ, ନବଦୀପ ( ସମସ୍ତେ ପାରା ଦୌଡ଼କୁଦ), ନୀତୀଶ କୁମାର, ଥୁଲସିମତି ମୁରଗେସେନ, ନିତ୍ୟା (ସମସ୍ତେ ପାରା ବ୍ୟାଡ୍‌ମିଣ୍ଟନ), କପିଲ ପରମାର (ପାରା ଜୁଡେ), ମୋନା ଅଗ୍ରୱାଲ (ପାରା ସୁଟିଂ), ରୁବିନା ଫ୍ରାନ୍ସିସ (ପାରା ସୁଟିଂ), ଅଭୟ ସିଂ (ସ୍କ୍ୱାସ), ସଜନ ପ୍ରକାଶ (ସନ୍ତରଣ), ଅମନ ସେହରାୱତ୍ (କୁସ୍ତି), ସୁଚା ସିଂ (ଦୌଡ଼କୁଦ) ଓ ମୁରଲୀକାନ୍ତ ରାଜାରାମ ପେଟ୍‌କର (ପାରା ସନ୍ତରଣ)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର:** ସୁଭାସ ରାଣା (ପାରା ସୁଟିଂ), ଦିପ୍ତୀ ଦେଶପାଣ୍ଡେ (ସୁଟିଂ), ସନ୍ଦୀପ ସାଙ୍ଗୱାନ (ହକି), ଏସ୍ ମୁରଲୀଧରନ (ବ୍ୟାଡମିଣ୍ଟନ) ଓ ଅରମାଣ୍ଡୋ କୋଲାକୋ (ଫୁଟବଲ)।

■ ଖୋ ଖୋ ବିଶ୍ୱକପ୍: ଓଡ଼ିଶାର ମାଗାଇ ବେଷ୍ଟ ଆଟାକର

## ସେମିରେ ଭାରତ-ଦକ୍ଷିଣ ଆଫ୍ରିକା




ନୂଆଦିଲ୍ଲୀ,୧୭।୧(ଏଜେନ୍ସି): ଆୟୋଜକ ଭାରତ ଏଠାରେ ଚାଲିଥିବା ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଉଭୟ ମହିଳା ଓ ପୁରୁଷ ବିଭାଗ ସେମିଫାଇନାଲରେ ପ୍ରବେଶ କରିଛି।ଶନିବାର ଉଭୟ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏଥିରେ ମଧ୍ୟ ଭାରତର ଉଭୟ ଦଳ ସହ ଦକ୍ଷିଣ ଆଫ୍ରିକାର ମୁକାବିଲା ହେବ। ମହିଳା ବିଭାଗର ଅନ୍ୟ ଏକ ସେମିଫାଇନାଲରେ ନେପାଳ ସହ ଇରାନର ମୁକାବିଲା ହେବ। ପୁରୁଷ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଇରାନ ଓ ନେପାଳ ମଧ୍ୟରେ ଖେଳାଯିବ। ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ୧୦୯-୧୬ ପଏଣ୍ଟରେ ବାଂଲାଦେଶକୁ ପରାସ୍ତ କରିଛି। ଏହା ଫଳରେ ଭାରତ କ୍ରମାଗତ ଚତୁର୍ଥ ମ୍ୟାଚ୍‌ରେ ସେଞ୍ଚୁରୀ ପଏଣ୍ଟ ହାସଲ କରିଛି। ଏହି ମ୍ୟାଚ୍‌ରେ ଓଡ଼ିଆ ଖେଳାଳି ମାଗାଇ ମାଝୀ ବେଷ୍ଟ ଆଟାକର ଓ ଅଶ୍ୱିନି ସିନ୍ଦେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ଅନ୍ୟ ଏକ କ୍ୱାର୍ଟରରେ ନେପାଳ ମଧ୍ୟ ଇରାନ୍‌କୁ ୧୦୩-୮ ପଏଣ୍ଟରେ ହରାଇଛି। ଭାରତର ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା ୫୧-୪୬ ପଏଣ୍ଟରେ ଉଗାଣ୍ଡାକୁ ହରାଇଥିଲା। ପୁରୁଷ ବିଭାଗରେ ଭାରତ ୧୦୦-୪୦ ପଏଣ୍ଟ ବ୍ୟବଧାନରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଦକ୍ଷିଣ ଆଫ୍ରିକା ପୁରୁଷ ଦଳ ୫୮-୩୮ ପଏଣ୍ଟରେ ଇଂଲଣ୍ଡକୁ, ନେପାଳ ୬୭-୧୮ରେ ବାଂଲାଦେଶକୁ, ଇରାନ ୮୬-୧୮ ପଏଣ୍ଟରେ କେନିୟାକୁ ହରାଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

● କ୍ରିକେଟ ଓ ରାଜନୀତିର ମହାମିଳନ

## ଜୀବନସାଥୀ ହେବେ ରିଙ୍କୁ-ପ୍ରିୟା



ଜୋନ୍‌ପୁର,୧୭ ।୧(ଏଜେନ୍ସି): ପୁଣି ଥରେ କ୍ରିକେଟ ଓ ରାଜନୀତିର ମିଳନ ହେବାକୁ ଯାଉଛି। କ୍ରିକେଟର ରିଙ୍କୁ ସିଂ ଖୁବ୍‌ଶୀଘ୍ର ଜଣେ ରାଜନେତ୍ରୀଙ୍କୁ ବିବାହ କରିବାକୁ ଯାଉଛନ୍ତି। ସେ ଉତ୍ତରପ୍ରଦେଶର ମଛଲିସହର ସାଂସଦ ତଥା ସମାଜବାଦୀ ପାର୍ଟି ଯୁବାନେତ୍ରୀ ପ୍ରିୟା ସରୋଜଙ୍କୁ ବିବାହ କରିବେ। ଦୁହିଁଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଛି। ଦୁହିଁଙ୍କୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ଚାଲିଛି। ତେବେ ଏ ନେଇ ଦୁହିଁଙ୍କ ପରିବାର ତରଫରୁ କିଛି ସ୍ପଷ୍ଟ କରାଯାଇନାହିଁ। ରିଙ୍କୁ ୨୦୨୪ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ଥିଲେ। ପ୍ରିୟା ହେଉଛନ୍ତି ୩ଥର ସାଂସଦ ତଥା ଏବେକାର ବିଧାୟକ ତୁଫାନୀ ସରୋଜଙ୍କ ଝିଅ। ୨୬ ବର୍ଷୀୟ ସରୋଜ ହେଉଛନ୍ତି ଲୋକସଭାର ଅନ୍ୟତମ ଯୁବା ସାଂସଦ। ୨୭ ବର୍ଷୀୟ ରିଙ୍କୁ ଭାରତ ପାଇଁ ୨୦ ଟି-୨୦, ଦୁଇଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ୨୦୨୩ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ଦମ୍‌ଦାର ବ୍ୟାଟିଂ କରି ସମସ୍ତଙ୍କ ନଜରକୁ ଆସିଥିଲେ।

## ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର,୧୭ ।୧(ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୩୧ତମ ରାଜ୍ୟସ୍ତରୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରାଜ୍ୟର ୨୨ଟି ଜିଲ୍ଲାରୁ ୨୫୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତଯୋଗୀ ଏବଂ ୫୦ରୁ ଉର୍ଦ୍ଧ୍ୱ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ପୁରୁଷ ୫୩, ୫୯ ଓ ୫୫ କେଜି ବର୍ଗର ସବ୍‌ଜୁନିଅର, ଜୁନିଅର, ସିନିଅର ଓ ମାଷ୍ଟର୍ସ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ପ୍ରତିଯୋଗିତାକୁ ପ୍ରଦୀପ କୁମାର ପାତ୍ର, ରାନୁ ମହାନ୍ତି, କୀର୍ତ୍ତନ ବେହେରା, ଚନ୍ଦ୍ରଶେଖର ସାହୁ, ଜାଭେଦ ଅର୍ଶଦ, ବିଶ୍ୱଜିତ ଜେନା ପ୍ରମୁଖ ପରିଚାଳନା କରୁଛନ୍ତି।

## ଚତୁର୍ଥ ରାଉଣ୍ଡରେ ଜୋକୋଭିଚ୍, ଜ୍ୱେରେଭ

**ଅଷ୍ଟ୍ରେଲିଆନ୍ ଓପନ୍**

ମେଲବୋର୍ଣ୍ଣ,୧୭ ।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ୧୦ଥର ଟାଇଟଲ ହାସଲ କରିଥିବା ସର୍ବିଆର ନୋଭାକ ଜୋକୋଭିଚ୍, ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ତୃତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୭ମ ସିଡ୍ ଜୋକୋଭିଚ୍ ୬-୧, ୬-୪, ୬-୪ ସେଟ୍‌ରେ ଚେକ ଗଣରାଜ୍ୟର ଟୋମାସ ମକାକଙ୍କୁ ହରାଇଛନ୍ତି। ସେହିପରି ଜ୍ୱେରେଭ ୬-୩, ୬-୪, ୬-୪ ସେଟ୍‌ରେ ବ୍ରିଟେନର ଜ୍ୟାକବ ଫିର୍ଣ୍ଣଲିଙ୍କୁ, ଆଲକାରାଜ ୬-୨, ୬-୪, ୬-୭, ୬-୨ ସେଟ୍‌ରେ ପର୍ତ୍ତୁଗାଲର ନୁନୋ ବୋର୍ଗେସଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଗଫ୍‌ଙ୍କ ଅଗ୍ରଗତି: ପେଗୁଲାଙ୍କ ବିପର୍ଯ୍ୟୟ

ମହିଳା ଏକକରେ ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍, ସ୍ପେନ୍‌ର ପାଉଲା ବଡୋସା ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଗଫ୍ ୬-୪, ୬-୨ ସେଟ୍‌ରେ ୩୦ତମ ସିଡ୍ କାନାଡର ଲେଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ, ୧୧ତମ ସିଡ୍ ବଡୋସା ୬-୪, ୪-୬, ୬-୩ ସେଟ୍‌ରେ ୧୭ତମ ସିଡ୍ ମାର୍ଟା କୋଷ୍ଟିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ତେବେ ୭ମ ସିଡ୍ ଆମେରିକାର ଜେସିକା ପେଗୁଲା ୬-୭, ୧-୬ ସେଟ୍‌ରେ ସର୍ବିଆର ଓଲଗା ଡାନିଲୋଭିକଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି।

### ମିଶ୍ରିତ ଯୁଗଳ ଦ୍ୱିତୀୟ ରାଉଣ୍ଡରେ ବୋପାନ୍ନା

୪୪ ବର୍ଷୀୟ ଭାରତୀୟ ତାରକା ରୋହନ ବୋପାନ୍ନା ଓ ତାଙ୍କ ଚୀନ୍ ସାଥି ଝାଙ୍ଗ ସୁଆଇ ମିଶ୍ରିତ ଯୁଗଳ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଏହି ଯୋଡି ୬-୪, ୬-୪ ସିଧାସଳଖ ସେଟ୍‌ରେ କ୍ରୋଏସିଆର ଇଭାନ ଡୋଡିଗ୍ ଓ ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିକଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। କ୍ରମାଗତ ଭାବେ ବୋପାନ୍ନାଙ୍କ ଖେଳରେ ଉନ୍ନତି ହୋଇଛି।

■ ହକି ଇଣ୍ଡିଆ ମହିଳା ଲିଗ୍

## ଖାତା ଖୋଲିଲା ଦିଲ୍ଲୀ ପାଇପର୍ସ

ରାଉରକେଲା,୧୭ ।୧(ସମିସ): ଚଳିତ ମହିଳା ହକି ଇଣ୍ଡିଆ ଲିଗ୍ ପ୍ରଥମ ସଂସ୍କରଣରେ ଶୁକ୍ରବାର ଖେଳାଯାଇଥିବା ମୁକାବିଲାରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ୨-୦ ଗୋଲ୍‌ରେ ଟେବଲ୍ ଟପ୍ପର ସୁରମା ହକି କ୍ଲବକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିବା ସହ ଅଙ୍କ ତାଲିକାରେ ଖାତା ଖୋଲିଛି। ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ ତରଫରୁ ୨୫ତମ ମିନିଟ୍‌ରେ ସଂଗୀତା କୁମାରୀ ଓ ୪୭ତମ ମିନିଟ୍‌ରେ ଦୀପିକା ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ସ୍କୋର କରିଥିଲେ। ବଲ ପେଜସନ, ସର୍କଲ ଏଣ୍ଟ୍ରି ଓ ପେନାଲ୍ଟି କର୍ଣ୍ଣର ପାଇବାରେ ଦିଲ୍ଲୀ ଆଗରେ ରହିଥିଲା। ସୁରମା ସଟ୍ସରେ ଆଗରେ ରହିଥିଲା। ଦିଲ୍ଲୀ ୧୦ ଓ ସୁରମା ୭ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ପୂର୍ବରୁ ଦିଲ୍ଲୀ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଥିଲା।

## ପାକିସ୍ତାନୀ ବଂଶୋଦ୍ଭବଙ୍କୁ ବିଳମ୍ବରେ ମିଳିଲା ଭିସା



ଲଣ୍ଡନ,୧୭।୧(ଏଜେନ୍ସି): ଇଂଲଣ୍ଡରେ ଦଳରେ ସାମିଲ ୨୭ ବର୍ଷୀୟ ଫାଷ୍ଟ ବୋଲର ସାକିବ ମହମ୍ମଦ୍‌ଙ୍କୁ ଭାରତ ଗସ୍ତରେ ଆସିବା ଲାଗି ବିଳମ୍ବରେ ଭିସା ମିଳିଛି। ଯାହା ଫଳରେ ସେ ଭାରତ ଗସ୍ତ ପୂର୍ବରୁ ୟୁଏଇରେ ଅନୁଷ୍ଠିତ ପେସ୍ ବୋଲିଂ କ୍ୟାମ୍ପରେ ଭାଗନେବାକୁ ବଞ୍ଚିତ ହୋଇଥିଲେ। ଜାନୁଆରୀ ୨୨ରୁ ଭାରତରେ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍ ଖେଳାଯିବ। ପାକିସ୍ତାନୀ ବଂଶୋଦ୍ଭବ ହୋଇଥିବାରୁ ସାକିବଙ୍କୁ ବିଳମ୍ବରେ ଭାରତୀୟ ଭିସା ମିଳିଥିଲା। ଇଂଲଣ୍ଡ ଦଳ ୟୁଏଇରେ କ୍ୟାମ୍ପ ପରେ ଭାରତ ଗସ୍ତରେ ଆସିବେ। ଏହି ଗସ୍ତ ଲାଗି ଇଂଲଣ୍ଡ ଦଳରେ ମନୋନୀତ ଅନ୍ୟ ଦୁଇ ଖେଳାଳି ଆଦିଲ ରଶିଦ୍ ଓ ରେହାନ ଅହମ୍ମଦ୍‌ଙ୍କ ନିର୍ଦ୍ଧାରିତ ସମୟରେ ଭିସା ମିଳିଥିଲା।

ଇଂଲଣ୍ଡ ଦଳରେ ସାମିଲ ହେଉଥିବା ପାକିସ୍ତାନୀ ଖେଳାଳିଙ୍କୁ ବିଳମ୍ବରେ ଭିସା ମିଳିବା ନୂଆକଥା ନୁହେଁ। ପୂର୍ବରୁ ୨୦୧୯ରେ ସାକିବ୍‌ଙ୍କୁ ମଧ୍ୟ ଭିସା ମିଳିବାରେ ବିଳମ୍ବ ହୋଇଥିଲା। ଭିସା ମିଳିବାରେ ବିଳମ୍ବ ହେବାକୁ ତାଙ୍କୁ ଏ' ଟୁର ଲାଗି ଇଂଲଣ୍ଡ ଦଳରୁ ପ୍ରତ୍ୟାହାର କରିନିଆଯାଇଥିଲା। ଗତବର୍ଷ ଅଫ୍ ସ୍ପିନର ସୋଏବ ବଶିର ଭାରତରେ ପହଞ୍ଚିଥିଲେ ମଧ୍ୟ ଭିସା ପାଇବା ଲାଗି ଲଣ୍ଡନ ଫେରିଯାଇଥିଲେ। ଫଳରେ ହାଇଦ୍ରାବାଦ୍ ଟେଷ୍ଟରେ ସେ ଖେଳି ପାରି ନ ଥିଲେ। ପାକିସ୍ତାନ ବଂଶୋଦ୍ଭବ ଖେଳାଳି ହୁଅନ୍ତୁ କିମ୍ବା ଅନ୍ୟ କାହାରିକୁ ତନ୍ନ ତନ୍ନ ନ କରିବା ଯାଏ ଇଂଲଣ୍ଡରେ ଥିବା ଭାରତୀୟ ଦୂତାବାସ ଭିସା ଦେଇ ନ ଥାଏ।

## ନେତୃତ୍ୱ ନେବାକୁ ମନାକଲେ ପନ୍ତ

ନୂଆଦିଲ୍ଲୀ, ୧୭।୧(ଏଜେନ୍ସି): ବିସିସିଆଇ ନିର୍ଦ୍ଦେଶାବଳୀ ପରେ ୱିକେଟରକ୍ଷକ ଋଷଭ ପନ୍ତ୍‌ଙ୍କୁ ଦିଲ୍ଲୀ ରଣଜୀ ଦଳରେ ଶେଷ ୨ ରାଉଣ୍ଡ ମୁକାବିଲା ଲାଗି ସାମିଲ କରାଯାଇଛି। କିନ୍ତୁ ସେ ଦଳର ନେତୃତ୍ୱ ନେବାକୁ ମନା କରିବାରୁ ଆୟୁଷ ବଦୋନୀ ପୂର୍ବପରି ଦଳର ଅଧିନାୟକ ରହିବେ। ବିରାଟ କୋହଲିଙ୍କ ମଧ୍ୟ ଦଳରେ ସାମିଲ କରାଯାଇଛି, କିନ୍ତୁ ସେ ମ୍ୟାଚ୍‌ବେଳେ ଉପସ୍ଥିତ ରହିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଗତକାଲି ବିସିସିଆଇ ପକ୍ଷରୁ ରାଜିନାମା କରିଥିବା ଖେଳାଳିଙ୍କ ଲାଗି ଏକ ୧୦ ସୂତ୍ରୀ ନିର୍ଦ୍ଦେଶନାମା ଜାରି କରିଛି। ଏଥିରେ ଶୃଙ୍ଖଳା, ଏକତା, ସକରାତ୍ମକ ଦଳୀୟ ମନୋଭାବ, ଘରୋଇ କ୍ରିକେଟରେ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯାଇଛି।

**ଆଇସିସି ଚାମ୍ପିଅନ୍ସ ଟ୍ରଫି**

## ଭାରତୀୟ ଦଳ ଘୋଷଣା ଆଜି

ମୁମ୍ବଇ,୧୭ ।୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫି ପାଇଁ ଶନିବାର ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯିବ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ ରୋହିତ ଅପରାହ୍ନ ୧୨.୩୦ରେ ଦଳ ଘୋଷଣା କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ

**ସାମି ଫେରିବେ: ସୂର୍ଯ୍ୟ, ଶାର୍ଦ୍ଦୁଳ ବାଦ୍ ପଡ଼ିବା ସମ୍ଭାବନା**




ସୂଚନା ଦିଆଯାଇଛି। ଦଳରେ ୨୦୨୩ ଦିନିକିଆ ବିଶ୍ୱକପ୍ ହିରୋ ତଥା ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ସ୍ଥାନ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ସୂର୍ଯ୍ୟକୁମାର ଯାଦବ ଓ ଶାର୍ଦ୍ଦୁଳ ଠାକୁର ଦଳର ବାଦ ପଡିପାରନ୍ତି। ଚାମ୍ପିଅନ୍ସ ଟ୍ରଫିର ଏହି ୯ମ ସଂସ୍କରଣ ପାକିସ୍ତାନ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆସନ୍ତା ଫେବୃଆରୀ ୧୯ ଓ ମାର୍ଚ୍ଚ ୯ ମଧ୍ୟରେ ଆୟୋଜନ ହେବ। ପାକିସ୍ତାନର ୩ଟି ସହର ଲାହୋର, କରାଚୀ, ରାୱଲପିଣ୍ଡି ସମେତ ଦୁବାଇରେ ମ୍ୟାଚ ଆୟୋଜନ ହେବ। ଭାରତ ତାହାର ମ୍ୟାଚ୍ ଗୁଡ଼ିକ ଦୁବାଇରେ ଖେଳିବ। ଭାରତ ତାହାର ପ୍ରଥମ ଲିଗ୍ ମ୍ୟାଚ୍ ଫେବୃଆରୀ ୨୦ରେ ବାଂଲାଦେଶ, ୨୩ରେ ପାକିସ୍ତାନ ଓ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ • ପାଉଣ୍ଡ ୧୦୫.୫୫
- ୟୁରୋ ୮୯.୧୭ • ୟେନ୍ ୦.୫୫

**ସୁନା, ରୁପା ଦର**




୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୪,୦୬୦ (ନୂଆଦିଲ୍ଲୀ)
- ରୁପା : ୯୫,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୧୯.୦୦
- ନିଫ୍ଟି ୨୩,୨୦୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ଆରଆଇଏନଏଲ୍‌ର ହେବ ପୁନରୁଦ୍ଧାର ଏବଂ ପୁନର୍ଗଠନ

# ୧୧,୪୪୦ କୋଟିର ପୁନରୁଦ୍ଧାର ଯୋଜନାକୁ କ୍ୟାବିନେଟ ମଞ୍ଜୁରି

**ନୂଆଦିଲ୍ଲୀ,୧୭।୧(ଏଜେନ୍ସି):** ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ (ଆରଆଇଏନଏଲ)ର ୧୧,୪୪୦ କୋଟି ଟଙ୍କାର ପୁନରୁଦ୍ଧାର ଯୋଜନାକୁ ଆଜି କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆରଆଇଏନଏଲକୁ ବିଶାଖାପାଟଣା ଇସ୍ପାତ କାରଖାନା (ଭିଏସପି) ପରିଚାଳନା କରିଥାଏ, ଯାହା ଆନ୍ଧ୍ର ପ୍ରଦେଶ ରାଜ୍ୟର ସରକାରୀ କ୍ଷେତ୍ର ଅଧୀନରେ ଥିବା ଏକମାତ୍ର ଅଫଶୋର ଇସ୍ପାତ କାରଖାନା। ୧୧,୪୪୦ କୋଟି ଟଙ୍କାର ଏହି ପ୍ୟାକେଜରେ, ୧୦,୩୦୦ କୋଟି ଟଙ୍କାର ନୂତନ ଇକ୍ୱିଟି ନିବେଶ ନିବେଶ ରହିଛି ଏବଂ ପ୍ରିଫରେନ୍ସ ଶେୟାର କ୍ୟାପିଟାଲରେ କାର୍ଯ୍ୟଶୀଳ ପୁଞ୍ଜି ଋଣର ରୂପାନ୍ତର ଦ୍ୱାରା ୧୧୪୦ କୋଟି ଟଙ୍କା ମିଶିଲେ ଏହି ପ୍ୟାକେଜ ପରିମାଣ ୧୧,୪୪୦ କୋଟି ଟଙ୍କା ହେବ। ଖୁବଶୀଘ୍ର ଆରଆଇଏନଏଲ ଦୁଇଟି ବ୍ଲାଷ୍ଟ ଫର୍ଣ୍ଣେସ୍ ସହିତ କାର୍ଯ୍ୟ ଆରମ୍ଭ କରିବ ଏବଂ ଅଗଷ୍ଟ ସୁଦ୍ଧା ସମସ୍ତ ତିନୋଟି ବ୍ଲାଷ୍ଟ ଫର୍ଣ୍ଣେସ୍ ଆରମ୍ଭ କରିବାକୁ ଯୋଜନା କରାଯାଇଛି। ଏହାର ସ୍ଥାପିତ କ୍ଷମତା ବାର୍ଷିକ ତରଳ ଇସ୍ପାତରେ ୭.୩ ନିୟୁତ ଟନ ରହିଛି। ଆରଆଇଏନଏଲରେ ୧୦,୩୦୦ କୋଟି ଟଙ୍କାର ଇକ୍ୱିଟି ନିବେଶ ଜରିଆରେ ଆରଆଇଏନଏଲ ଚଳିତମାସ ସୁଦ୍ଧା ଦୁଇଟି ବ୍ଲାଷ୍ଟ ଫର୍ଣ୍ଣେସ ଏବଂ ଅଗଷ୍ଟ ୨୦୨୫ ସୁଦ୍ଧା ତିନୋଟି ବ୍ଲାଷ୍ଟ ଫର୍ଣ୍ଣେସ ସହିତ ସମ୍ପୂର୍ଣ୍ଣ ଉତ୍ପାଦନ ଆରମ୍ଭ କରିବାକୁ ପୁନରୁଦ୍ଧାର ଯୋଜନାରେ ପରିକଳ୍ପନା କରାଯାଇଛି।

# ବିଦେଶୀ ମୁଦ୍ରା ଭଣ୍ଡାରରେ ବୃହତ୍ ହ୍ରାସ

### ୧୦ ମାସର ସର୍ବନିମ୍ନ ସ୍ତରକୁ ଖସିଲା ଭଣ୍ଡାର ସ୍ଥିତି

### ସପ୍ତାହକରେ ୮.୭୧ ବିଲିୟନ୍ ଡଲାର ହ୍ରାସ



**ନୂଆଦିଲ୍ଲୀ,୧୭।୧(ଏଜେନ୍ସି)**

ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ଘରୋଇ ମୁଦ୍ରା 'ଟଙ୍କା'। ଭାରତୀୟ ମୁଦ୍ରା ଦୁର୍ବଳ ହେବା ଯୋଗୁ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ ଧାରା ଜାରି ରହିଛି। ଜାନୁଆରୀ ୧୦ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୮.୭୧ ବିଲିୟନ ଡଲାର ହ୍ରାସ ଘଟିଛି। ମୁଦ୍ରା ଭଣ୍ଡାର ୧୦ ମାସର ସର୍ବନିମ୍ନ ସ୍ତର ୬୨୫.୮୭ ବିଲିୟନ ଡଲାରକୁ ହ୍ରାସ ପାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର କହିଛି ଯେ ବୈଦେଶିକ ମୁଦ୍ରା ଭଣ୍ଡାର ପୂର୍ବ ସପ୍ତାହରେ ୫.୬୯ ବିଲିୟନ ଡଲାର ହ୍ରାସ ପାଇ ୬୩୪.୫୮ ବିଲିୟନ ଡଲାର ରହିଥିଲା।

ଗତ କିଛି ସପ୍ତାହ ଧରି ଦେଶର ମୁଦ୍ରା ଭଣ୍ଡାରରେ ହ୍ରାସ ଧାରା ଲାଗି ରହିଛି। ଏହି ହ୍ରାସ ପାଇଁ ଟଙ୍କା ମୂଲ୍ୟରେ ହ୍ରାସ ଏବଂ ଏହାର ଅବମୂଲ୍ୟାୟନକୁ ହ୍ରାସ କରିବା ପାଇଁ ବିଦେଶୀ ମୁଦ୍ରା ବଜାରରେ ଆର୍‌ବିଆଇର ହସ୍ତକ୍ଷେପକୁ ଦାୟୀ କରାଯାଉଛି। ସେପ୍ଟେମ୍ବର ମାସର ଶେଷ ଭାଗରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବାଧିକ ୭୦୪.୮୮ ବିଲିୟନ ଡଲାରରେ ପହଞ୍ଚିଥିଲା। ଶୁକ୍ରବାର ଆର୍‌ବିଆଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଜାନୁଆରୀ ୧୦ ତାରିଖରେ ଶେଷ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାରର ଏକ ପ୍ରମୁଖ ଅଂଶ ବୈଦେଶିକ ମୁଦ୍ରା ସମ୍ପତ୍ତି(ଏଫ୍‌ସିଏ)ରେ ୯.୪୭ ବିଲିୟନ ଡଲାର ହ୍ରାସ ଘଟି ତାହା ୫୩୬.୦୧ ବିଲିୟନ ଡଲାରରେ ପହଞ୍ଚିଛି। ଉଲ୍ଲେଖିତ ବିଦେଶୀ ମୁଦ୍ରା ସମ୍ପତ୍ତିରେ ବିଦେଶୀ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ ଭଳି ଅଣ-ଆମେରିକୀୟ ମୁଦ୍ରାର ମୂଲ୍ୟ ବୃଦ୍ଧି କିମ୍ବା ହ୍ରାସର ପ୍ରଭାବ ଅନ୍ତର୍ଭୁକ୍ତ। ସମୀକ୍ଷାଧୀନ ସପ୍ତାହରେ ଦେଶର ସୁନା ଭଣ୍ଡାରରେ ୭୯.୨ ଡଲାର ନିୟୁତ ବୃଦ୍ଧି ଘଟି ୬୭.୮୮ ବିଲିୟନ୍ ଡଲାରରେ ପହଞ୍ଚିଛି। ବିଲିୟନ ହୋଇଛି। ସ୍ୱତନ୍ତ୍ର ଡ୍ରଇଂ ରାଇଟ୍ସ (ଏସ୍‌ଡିଆର୍) ୩୩ ଡଲାର ନିୟୁତ ହ୍ରାସ ପାଇ ୧୭.୭୮ ଡଲାର ବିଲିୟନ ହୋଇଛି। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ସମୀକ୍ଷାଧୀନ ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପାଖରେ ଭାରତର ରିଜର୍ଭ ଷ୍ଟକ୍ ୪୦ ଡଲାର ନିୟୁତ ହ୍ରାସ ପାଇ ୪.୧୯ ଡଲାର ବିଲିୟନ ହୋଇଛି।

# ସହଜ ହେଲା ପିଏଫ୍ ଆକାଉଣ୍ଟ ସ୍ଥାନାନ୍ତରଣ

### ପ୍ରକ୍ରିୟା ସରଳ କଲା ଇପିଏଫ୍ଓ

### ନୂଆ-ପୁରୁଣା ନିଯୁକ୍ତିଦାତାଙ୍କଠାରୁ ଅନ୍‌ଲାଇନ୍ ଅନୁମତି ଦରକାର ନାହିଁ

**ନୂଆଦିଲ୍ଲୀ,୧୭।୧(ଏଜେନ୍ସି)**




ଘରୋଇ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ଏକ ଖୁସି ଖବର। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ଚାକିରି ପରିବର୍ତ୍ତନ କରୁଥିବା ଇପିଏଫ୍ ସଦସ୍ୟଙ୍କ ପାଇଁ ଭବିଷ୍ୟନିଧି ପାଣ୍ଠି (ପିଏଫ୍) ଆକାଉଣ୍ଟ ସ୍ଥାନାନ୍ତର ପ୍ରକ୍ରିୟାକୁ ବହୁତ ସହଜ କରିଛି। ବୁଧବାର ଇପିଏଫ୍ଓ ଦ୍ୱାରା ଜାରି କରାଯାଇଥିବା ଏକ ସର୍କୁଲାର ଅନୁଯାୟୀ, କିଛି ବିଶେଷ କ୍ଷେତ୍ରରେ ପିଏଫ୍ ଆକାଉଣ୍ଟ ସ୍ଥାନାନ୍ତର ପାଇଁ ପୁରୁଣା କିମ୍ବା ନୂତନ କମ୍ପାନୀରୁ ଅନଲାଇନ୍ ଆବେଦନ ପଠାଇବାର ଆଉ ଆବଶ୍ୟକତା ରହିବ ନାହିଁ।

ଇପିଏଫ୍ଓର ଏହି ସର୍କୁଲାର ଅନୁଯାୟୀ, ଏଣିକି ପିଏଫ୍ ଆକାଉଣ୍ଟ ସ୍ଥାନାନ୍ତର ପାଇଁ ପୁରୁଣା କିମ୍ବା ନୂତନ କମ୍ପାନୀରୁ ଅନଲାଇନ୍ ଆବେଦନ ପଠାଇବାର ଆବଶ୍ୟକତା ରହିବ ନାହିଁ। ଏହାର ଅର୍ଥ ହେଉଛି ଯେ ସଦସ୍ୟମାନେ ଏଣିକି ନିଜେ ଆକାଉଣ୍ଟ ସ୍ଥାନାନ୍ତର ପାଇଁ କ୍ଲେମ୍ କରିପାରିବେ। ଇପିଏଫ୍ଓ ର ସର୍କୁଲାର ଦ୍ୱାରା କେତେକ ସଦସ୍ୟ ଲାଭ ପାଇବେ । ନିମ୍ନରେ ପ୍ରଦତ୍ତ କିଛି ମାମଲାରେ ସଦସ୍ୟ ସିଧାସଳଖ ଭାବେ ପିଏଫ୍ ଆକାଉଣ୍ଟ ସ୍ଥାନାନ୍ତରଣ ପାଇଁ କ୍ଲେମ୍ କରିପାରିବେ।

**ସମାନ ୟୁଏଏନ୍ ମଧ୍ୟରେ ପିଏଫ୍ ଆକାଉଣ୍ଟ ସ୍ଥାନାନ୍ତର (୦୧/୧୦/୨୦୧୭) କିମ୍ବା ତା'ପରେ ଜାରି ହୋଇଥିବା ୟୁଏଏନ୍)**

ଯଦି ସମାନ ୟୁଏଏନ୍ (ୟୁନିଭର୍ସାଲ୍ ଆକାଉଣ୍ଟ ନମ୍ବର) ଏକାଧିକ ମେମ୍ବର ଆଇଡି ସହିତ ଲିଙ୍କ୍ ହୋଇଛି ଏବଂ ଆଧାର ସହିତ ଲିଙ୍କ୍ ହୋଇଛି।

**ବିଭିନ୍ନ ୟୁଏଏନ୍ ମଧ୍ୟରେ ସ୍ଥାନାନ୍ତର (ଉଭୟ ୦୧/୧୦/୨୦୧୭ କିମ୍ବା ତା'ପରେ ଜାରି କରାଯାଇଛି)**

ଯଦି ଜଣେ କର୍ମଚାରୀଙ୍କର ସମାନ ଆଧାର ସହିତ ଏକାଧିକ ୟୁଏଏନ୍ ଲିଙ୍କ୍ ଥାଏ, ତେବେ ସିଷ୍ଟମ ସେମାନଙ୍କୁ ସମାନ ବ୍ୟକ୍ତି ଭାବରେ ଚିହ୍ନଟ କରେ, ଯାହା ନିଯୁକ୍ତିଦାତାଙ୍କ ସମ୍ପୃକ୍ତି ବିନା ସହଜରେ ପିଏଫ୍ ଆକାଉଣ୍ଟ ସ୍ଥାନାନ୍ତର ଅନୁମତି ଦେଇଥାଏ।

**ସମାନ ୟୁଏଏନ୍ ମଧ୍ୟରେ ଆକାଉଣ୍ଟ ସ୍ଥାନାନ୍ତର (୦୧/୧୦/୨୦୧୭ ପୂର୍ବରୁ ଜାରି ହୋଇଥିବା ୟୁଏଏନ୍)**

ପୁରୁଣା ୟୁଏଏନ୍ ପାଇଁ, ପିଏଫ୍ ଟ୍ରାନ୍ସଫର କେବଳ ସେତେବେଳେ କାମ କରିବ ଯଦି ୟୁଏଏନ୍ ଆଧାର ସହିତ ଲିଙ୍କ୍ ହୋଇଥାଏ ଏବଂ ସଦସ୍ୟ ଆଇଡିରେ ଥିବା ନାମ, ଜନ୍ମ ତାରିଖ ଇତ୍ୟାଦି ବିବରଣୀ ମେଳ ଖାଏ।

**ବିଭିନ୍ନ ୟୁଏଏନ୍ ମଧ୍ୟରେ ଆକାଉଣ୍ଟ ସ୍ଥାନାନ୍ତର (ଅତି କମ୍‌ରେ ଗୋଟିଏ (୦୧/୧୦/୧୭ ପୂର୍ବରୁ ଜାରି ହୋଇଥିବ)**

ଯଦି ଉଭୟ ୟୁଏଏନ୍ ସମାନ ଆଧାର ସହିତ ଲିଙ୍କ୍ ହୋଇଥାଏ ଏବଂ ବ୍ୟକ୍ତିଗତ ବିବରଣୀ (ନାମ, ଜନ୍ମ ତାରିଖ, ଲିଙ୍ଗ) ମେଳ ଖାଏ, ତେବେ ଏକାଧିକ ୟୁଏଏନ୍ (ଗୋଟିଏ ପୁରୁଣା) ମଧ୍ୟରେ ସ୍ଥାନାନ୍ତର ଅନୁମତିପ୍ରାପ୍ତ।

ସମସ୍ତ କ୍ଷେତ୍ରରେ ୟୁଏଏନ୍‌କୁ ଆଧାର ସହିତ ଲିଙ୍କ୍ କରିବା ଏବଂ ବ୍ୟକ୍ତିଗତ ବିବରଣୀ ମେଳ କରିବା ଦ୍ୱାରା ନିଯୁକ୍ତିଦାତାଙ୍କ ଯାଞ୍ଚ ବିନା ଶୀଘ୍ର ପିଏଫ୍ ସ୍ଥାନାନ୍ତର ହେବ।

# ମାଲାବାରରେ 'ରତ୍ନପଥର ଜୁଏଲେରୀ ଉତ୍ସବ'

**ଭୁବନେଶ୍ୱର, ୧୭।୧(ଏଜେନ୍ସି)**



ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ 'ରତ୍ନପଥର ଜୁଏଲେରୀ ଉତ୍ସବ' ଆରମ୍ଭ ହୋଇଛି। ଏହି ଉତ୍ସବରେ ଶୋ' ରୁମ୍ ଗ୍ରାହକମାନଙ୍କ ଲାଗି ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକ ଶୋ' ରୁମ୍‌ରୁ ସୁନା ଏବଂ ମୂଲ୍ୟବାନ ରତ୍ନପଥର, ଅନ୍‌କଟ୍ ଡାଏମଣ୍ଡ ଏବଂ ପୋଲ୍‌କି କ୍ରୟ କରିବାକୁ ସୁଯୋଗ ପାଇପାରିବେ। 'ରତ୍ନପଥର ଜୁଏଲେରୀ ଉତ୍ସବ'କୁ ଅଭିନେତ୍ରୀ ମିଠି ଶୁଭାରମ୍ଭ କରିଥିଲେ। ଏଥିରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍‌ର ପରିଚାଳନା ଟିମ୍ ଉପସ୍ଥିତ ଥିଲେ। ଉତ୍ସବ ସମୟରେ ଗ୍ରାହକ ରତ୍ନପଥର ଏବଂ ଅନ୍‌କଟ୍ ଜୁଏଲେରୀର ଗଢ଼ା ମଜୁରିରେ ୨୫% ପର୍ଯ୍ୟନ୍ତ ଏବଂ ପୋଲ୍‌କୀ ଜୁଏଲେରୀର ଷ୍ଟୋନ୍ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିଆତି ପାଇପାରିବେ। ଏହି ସବୁ ଏକ୍ସକ୍ଲୁସିଭ୍ ଅଫର ମାଲାବାରର ଲୋକପ୍ରିୟ ଏରା, ପ୍ରିସିଅସ୍ ଏବଂ ଭିରାଜ୍ ଆଦି କଲେକ୍ସନ୍‌ରେ ଉପଲବ୍ଧ। ଏହି ଅଫର ଫେବୃଆରୀ ୧୬ ପର୍ଯ୍ୟନ୍ତ ଜାରି ରହିବ। ଗ୍ରାହକ ନିଜର ପସନ୍ଦଯୋଗ୍ୟ ଜୁଏଲେରୀକୁ ୧୦% ଅଗ୍ରୀମ ଅର୍ଥ ଦେଇ ବୁକିଂ କରିପାରିବେ। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି ଯେ, ନିର୍ଭରଶୀଳତା, ସ୍ୱଚ୍ଛତା ଏବଂ କ୍ୱାଲିଟି ବଜାୟ ରଖି ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ସବୁଠାରୁ ବିଶ୍ୱାସଯୋଗ୍ୟ ଜୁଏଲରର ମାନ୍ୟତା ହାସଲ କରିଛି। 'ରତ୍ନପଥର ଜୁଏଲେରୀ ଉତ୍ସବ' ପାଳନ ଅବସରରେ ଆମେ ଏହି ଆକର୍ଷଣୀୟ ଅଫର ସବୁ ଆଣିଛୁ।

# 'ମେଡ୍ ଇନ୍ ଇଣ୍ଡିଆ' ବିଏମ୍‌ଡବ୍ଲ୍ୟୁ ଏକ୍ସ ୧ ଲଙ୍ଗ ହ୍ୱିଲ୍‌ବେସ୍ ଅଲ୍ ଇଲେକ୍ଟ୍ରିକ୍ କାର୍ ବଜାରରେ

**ନୂଆଦିଲ୍ଲୀ,୧୭।୧(ଏଜେନ୍ସି):** ବିଏମଡବ୍ଲ୍ୟୁ ଇଣ୍ଡିଆ ଅଟୋ ଏକ୍ସପୋ ୨୦୨୫ରେ ଫାଷ୍ଟ-ଏଭର ବିଏମଡବ୍ଲ୍ୟୁ ଏକ୍ସ ୧ ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍ କାରର ଶୁଭାରମ୍ଭ କରିଛି। ଆଜିଠାରୁ ସାରା ଭାରତରେ ଥିବା ବିଏମଡବ୍ଲ୍ୟୁ ଡିଲରସିପରେ ଏହି କାର ବୁକ୍ କରାଯାଇପାରିବ।



ବିଏମଡବ୍ଲ୍ୟୁ ଏକ୍ସ ୧ ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ୍ ବିଏମଡବ୍ଲ୍ୟୁ ର ପ୍ରଥମ ଭାରତ ନିର୍ମିତ ଇଲେକ୍ଟ୍ରିକ୍ ଯାନ। ଚେନ୍ନାଇସ୍ଥିତ ବିଏମଡବ୍ଲ୍ୟୁ ଗ୍ରୁପ୍ ପ୍ଲାଣ୍ଟରେ ସ୍ଥାନୀୟ ଭାବେ ନିର୍ମିତ ବିଏମଡବ୍ଲ୍ୟୁ ଏକ୍ସ ୧ ଲଙ୍ଗ ହ୍ୱିଲେବେସ ଅଲ୍ ଇଲେକ୍ଟ୍ରିକ୍ କେବଳ ଇ ଡ୍ରାଇଭ୨୦ଏଲ ରେ ସ୍ୱତନ୍ତ୍ର ରୂପେ ଉପଲବ୍ଧ। ଏ ସମ୍ପର୍କରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ଅଧ୍ୟକ୍ଷ ତଥା ସିଇଓ ବିକ୍ରମ ପୱା କହିଛନ୍ତି ଯେ, ଆଧୁନିକ ଜୀବନଶୈଳୀ ଥିବା ବ୍ୟକ୍ତିମାନଙ୍କ ପାଇଁ ଫାଷ୍ଟ-ଏଭର ଏକ୍ସ ୧ଲଙ୍ଗ ହ୍ୱିଲବେସ୍ ଏକ ଆଦର୍ଶ, ଯେଉଁମାନେ ସର୍ବଦା ଆଗରେ ରୁହନ୍ତି ଏବଂ ସାଲିସ କରନ୍ତି ନାହିଁ। ଫାଷ୍ଟ-ଏଭର ବିଏମଡବ୍ଲ୍ୟୁ ଏକ୍ସ ୧ଲଙ୍ଗ ହ୍ୱିଲବେସ୍ ଅଲ୍ ଇଲେକ୍ଟ୍ରିକ ଡ୍ରାଇଭ ୨୦ଏଲଏମ ସ୍ପୋର୍ଟର ଏକ୍ସ-ଶୋରୁମ ମୂଲ୍ୟ ୪୯,୦୦,୦୦୦ ଟଙ୍କା ରହିଛି।

# ଏସ୍‌ବିଆଇ ଲାଇଫ୍‌ର ୨୬,୨୫୬ କୋଟିର ନୂଆ ପ୍ରିମିୟମ୍ ହାସଲ

**ମୁମ୍ବଇ,୧୭।୧(ଏଜେନ୍ସି):** ଦେଶର ଅନ୍ୟତମ ଅଗ୍ରଣୀ ବୀମା ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ଶେଷ ତ୍ରୈମାସିକରେ ୨୬,୨୫୬ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରିଛି, ଯାହା ୨୦୨୩ ଡିସେମ୍ବର ୩୧ ସୁଦ୍ଧା ଅବଧିରେ ୨୬,୦୦୦ କୋଟି ଟଙ୍କା ଥିଲା। ଆଲୋଚ୍ୟ ଅବଧିରେ ନିୟମିତ ପ୍ରିମିୟମ୍ ୧୨% ବୃଦ୍ଧି ପାଇଛି। ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ଏସବିଆଇ ଲାଇଫ୍ର ସୁରକ୍ଷା ନୂଆ ବ୍ୟବସାୟ ପ୍ରିମିୟମ୍ ୨,୭୯୨ କୋଟି ଟଙ୍କା ହୋଇଛି। ସୁରକ୍ଷା ବ୍ୟକ୍ତିଗତ ବ୍ୟବସାୟ ପ୍ରିମିୟମ୍ ସେହି ସମୟରେ ୫୧୯ କୋଟି ଟଙ୍କା ରହିଛି। ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ସେହି ସମୟରେ ୧୨% ବୃଦ୍ଧି ପାଇ ୧୯,୮୫୭ କୋଟି ଟଙ୍କା ହୋଇଛି।

# 'ସଂଚାର ସାଥୀ' ମୋବାଇଲ ଆପ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ସମଗ୍ର ଦେଶରେ ଟେଲିକମ୍ ଉପଲବ୍ଧତା, ନିରାପତ୍ତା ଏବଂ ସଶକ୍ତୀକରଣ ବୃଦ୍ଧି ଦିଗରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣକରି କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ସଂଚାର ସାଥୀ ମୋବାଇଲ ଆପ୍, ନ୍ୟାସନାଲ୍ ବ୍ରଡବ୍ୟାଣ୍ଡ ମିଶନ (ଏନବିଏମ୍) ୨.୦ ଏବଂ ଡିବିଏନ୍ ପାଣ୍ଠିପ୍ରାପ୍ତ ୪ଜି ମୋବାଇଲ୍ ସାଇଟରେ ଇଣ୍ଟ୍ରା-ସର୍କଲ୍ ରୋମିଂ ସୁବିଧାର ଶୁଭାରମ୍ଭ କରିଛନ୍ତି। ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମ ପାଇଁ ଉପଲବ୍ଧ ଯୋଗାଯୋଗ ସାଥୀ ମୋବାଇଲ୍ ଆପ୍ ଉପଭୋକ୍ତାଙ୍କୁ ସେମାନଙ୍କ ଟେଲିକମ୍ ତଥ୍ୟକୁ ସୁରକ୍ଷିତ କରିବା ଏବଂ ଟେଲିକମ୍ ଠକେଇର ମୁକାବିଲା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ। ଏଥିରେ ଥିବା ଚକ୍ଷୁ ବୈଶିଷ୍ଟ୍ୟ ଜରିଆରେ ଉପଭୋକ୍ତାମାନେ ଆପ୍ ବ୍ୟବହାର କରି ଏବଂ ସିଧାସଳଖ ମୋବାଇଲ୍ ଫୋନ୍ ଲଗ୍ ରୁ ସନ୍ଦେହଜନକ କଲ୍ ଏବଂ ଏସ୍‌ଏମ୍‌ଏସ୍ ସଂପର୍କରେ ରିପୋର୍ଟ କରିପାରିବେ। ନିଜ ନାମରେ ଜାରି ହୋଇଥିବା ସମସ୍ତ ମୋବାଇଲ୍ ସଂଯୋଗକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେଇପାରିବେ ଏବଂ ସୁନିଶ୍ଚିତ କରିପାରିବେ ଯେପରି କୌଣସି ଅନଧିକୃତ ବ୍ୟବହାର ହୋଇନାହିଁ। ଜାତୀୟ ବ୍ରଡବ୍ୟାଣ୍ଡ ମିଶନ (ଏନବିଏମ୍) ୨.୦ର ଭିଜନ ଡକ୍ୟୁମେଣ୍ଟର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଦେଶର ଅବଶିଷ୍ଟ ୧.୭ ଲକ୍ଷ ଗ୍ରାମକୁ ସଂଯୋଗ କରିବା ଏବଂ ଉଚ୍ଚାକାଂକ୍ଷୀ ଲକ୍ଷ୍ୟ ହାସଲ କରିବା। ଇ-ଗଭର୍ଣ୍ଣାନ୍ସଠାରୁ ଆରମ୍ଭ କରି ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟନ୍ତ ଏନବିଏମ୍ ୨.୦ ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନଆଣିବାକୁ ପ୍ରତିଶ୍ରୁତି ଦେଇଛି ଏବଂ ସମଗ୍ର ଦେଶରେ ସକାରାତ୍ମକ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି।

# ୨୦୨୪ରେ ରିଲାଏନ୍ସ ରିଟେଲ ଖୋଲିଛି ୭୭୯ ନୂଆ ଷ୍ଟୋର

**ମୁମ୍ବାଇ, ୧୭।୧(ଏଜେନ୍ସି):** ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ (ଆରଆରଭିଏଲ) ୨୦୨୪ ବର୍ଷରେ ମୋଟ ୭୭୯ ଟି ନୂଆ ଷ୍ଟୋର ଖୋଲିଛି। ଏହାର ଅର୍ଥ ହେଉଛି କମ୍ପାନୀ ଗତ ବର୍ଷରେ ପ୍ରତିଦିନ ୨ ରୁ ଅଧିକ ନୂଆ ଷ୍ଟୋର ଖୋଲିଥିଲା, ଯାହା ଏକ ରେକର୍ଡ ଅଟେ। ସାରା ଦେଶରେ ରିଲାଏନ୍ସ ରିଟେଲ ଷ୍ଟୋର ସଂଖ୍ୟା ବର୍ତ୍ତମାନ ୧୯,୧୦୨ କୁ ବୃଦ୍ଧି ପାଇଛି। ଯେଉଁଥିରେ ଗତ ବର୍ଷ ୨୯ କୋଟି ୬୦ ଲକ୍ଷ ଗ୍ରାହକ ସପିଂ ପାଇଁ ଆସିଥିଲେ। ଏହି ତଥ୍ୟ ରିଲାଏନ୍ସର ତ୍ରୈମାସିକ ଆର୍ଥିକ ଫଳାଫଳରେ ପ୍ରକାଶ ପାଇଛି। ଅକ୍ଟୋବରରୁ ଡିସେମ୍ବର ଯାଏଁ ରହିଥିବା ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ ୯୦,୩୩୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ୮.୮% ଅଧିକ ରହିଛି। ତୃତୀୟ ତ୍ରୈମାସିକ ଫଳାଫଳ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀ କହିଛନ୍ତି, "ଖୁଚୁରା ବିଭାଗର ସମସ୍ତ ଫର୍ମାଟ୍ ମହତ୍ତ୍ୱପୂର୍ଣ୍ଣ ଅବଦାନ ସହିତ ଦୃଢ଼ ପ୍ରଦର୍ଶନ କରିଛି। ରିଲାଏନ୍ସ ରିଟେଲ ଏହାର ବ୍ୟାପକ ସମ୍ପ୍ରସାରଣ ଏବଂ ବିବିଧ ଉତ୍ପାଦ ମାଧ୍ୟମରେ ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ଉନ୍ନତ କରିବାକୁ କ୍ରମାଗତ ଭାବରେ ଚେଷ୍ଟା ଜାରି ରଖିଥିବା ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି।

**ବଜେଟ ୨୦୨୫-୨୬**

# ମଧ୍ୟବିତ୍ତଙ୍କୁ ନେଇ ଚିନ୍ତା ବଢ଼ିଲା

**ନୂଆଦିଲ୍ଲୀ,୧୭।୧(ଏଜେନ୍ସି)**



### ନିଯୁକ୍ତି ନ ଥିବାରୁ ମଧ୍ୟବିତ୍ତ କ୍ଷତିରେ: ରାଜନ୍

### ୬% ଅଭିବୃଦ୍ଧି ଭାରତ ପାଇଁ ପର୍ଯ୍ୟାପ୍ତ ନୁହେଁ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ଚଳିତବର୍ଷ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୪ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି, ଯାହା ବିଗତ ୪ ବର୍ଷ ମଧ୍ୟରେ ସର୍ବନିମ୍ନ। ଏହାର ସବୁଠାରୁ ବଡ଼ କାରଣ ହେଉଛି ଲୋକମାନଙ୍କ ଦ୍ୱାରା ଉପଯୋଗିତାରେ ହ୍ରାସ, ବିଶେଷକରି ସହରାଞ୍ଚଳରେ। ଏହି ସମୟରେ, ପୂର୍ବତନ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ରଘୁରାମ ରାଜନ ଦେଶରେ ବଜାର ଚାହିଦା ଏବଂ ଉପଯୋଗିତାର ତାଞ୍ଚା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଥିଲେ ଯେ ଦେଶରେ ଚାକିରି ଅଭାବରୁ ମଧ୍ୟବିତ୍ତ ବର୍ଗ କ୍ଷତିଗ୍ରସ୍ତ ହେଉଥିବାରୁ ସେ ସେମାନଙ୍କୁ ନେଇ ଚିନ୍ତିତ। ଏହି ସମସ୍ୟା ଏବେ ବି କିଛି ପରିମାଣରେ ରହିଛି।

ରାଜନ କହିଛନ୍ତି, ଜିଡିପି କାହାଣୀର ମୂଳ ତଥ୍ୟ ପରିବର୍ତ୍ତନ ହୋଇନାହିଁ। ସେ ଏହାକୁ ଚିନ୍ତିତ ଯେ ବଜାର ଚାହିଦା ଏବଂ ଗ୍ରାହକଙ୍କ ଲଉପଯୋଗିତା ଦୃଢ଼ ଭାବରେ ବଢୁନାହିଁ। ଏହା କେବଳ ଉପର ଭାଗରେ ଭଲ ପ୍ରଦର୍ଶନ କରୁଥିଲା। ଚାକିରି ଅଭାବରୁ ନିମ୍ନ ମଧ୍ୟବିତ୍ତ ବର୍ଗ କଷ୍ଟ ପାଉଛନ୍ତି। କିଛି ପରିମାଣରେ, ସମସ୍ୟା ଏବେ ବି ଜାରି ରହିଛି। ସମ୍ପ୍ରତି କେନ୍ଦ୍ରୀୟ ପରିସଂଖ୍ୟାନ ମନ୍ତ୍ରଣାଳୟ (ସିଏସଓ) କହିଛି ଯେ ଆର୍ଥିକବର୍ଷ ୨୫ରେ ଭାରତର ଜିଡିପି ଅଭିବୃଦ୍ଧି ୬.୪% ହାରରେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି, ଯାହା ଚାରି ବର୍ଷ ମଧ୍ୟରେ ସବୁଠାରୁ ଧୀର ଗତି। ସଦ୍ୟତମ ତଥ୍ୟ ଅନୁଯାୟୀ, ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଘରୋଇ ଅନ୍ତିମ ଉପଯୋଗିତା ବ୍ୟୟ ୬% କୁ ହ୍ରାସ ପାଇଛି।

ରାଜନ କହିଛନ୍ତିକ ଯେ, ବର୍ତ୍ତମାନ ଏହା ଚିନ୍ତାଜନକ କାରଣ ହେଉଛିଯେ, ୬ପ୍ରତିଶତ ଅଭିବୃଦ୍ଧି ଆମ ପାଇଁ ଯଥେଷ୍ଟ ନୁହେଁ। ଆମକୁ ଆହୁରି ଅଧିକ ଅଭିବୃଦ୍ଧି ଦରକାର। ଆମେ ଜନସଂଖ୍ୟା ଲାଭାଂଶର ଫଳାଫଳ ପାଇବା ଉଚିତ। ଘରୋଇ କ୍ଷେତ୍ରକୁ ଆଗକୁ ବଢ଼ିବାକୁ ପଡିବ। ସରକାର ସବୁବେଳେ ଏହି କାମ କରିପାରିବେନାହିଁ। ଗତ ପାଞ୍ଚଟି ତ୍ରୈମାସିକ ଧରି ଦେଶର ସହରାଞ୍ଚଳରେ ଚାହିଦା ହ୍ରାସ ପାଉଛି। ମଧ୍ୟବିତ୍ତ ଏବଂ ନିମ୍ନ ଆୟକାରୀ ପରିବାରଗୁଡ଼ିକ କମ୍ ଖର୍ଚ୍ଚ କରୁଛନ୍ତି। ବିଶେଷକରି ସହରାଞ୍ଚଳରେ ଖାଦ୍ୟ ସାମଗ୍ରୀର ଉଚ୍ଚ ମୁଦ୍ରାସ୍ଫୀତି, ସାବୁନ ଏବଂ ସାମ୍ପୁଠାରୁ ଆରମ୍ଭ କରି କାର ଏବଂ ଦୁଇଚକିଆ ଯାନ ପର୍ଯ୍ୟନ୍ତ ସବୁକିଛିର ଚାହିଦାରେ ହ୍ରାସ ଘଟୁଛି। ଜାପାନୀ ବ୍ରୋକରେଜ୍ ନୋମ୍ୟୁରା ବୁଧବାର ଦିନ କହିଛି ଯେ ଚଳିତବର୍ଷ ପର୍ବପର୍ବାଣୀ ବ୍ୟବହାରରେ ଅଭିବୃଦ୍ଧି ଅଧା ହୋଇ ୧୫% ହୋଇଛି। ବଜାର ବିଶ୍ଳେଷକଙ୍କ କହିବାନୁଯାୟୀ, ଏହି ଅଭିବୃଦ୍ଧି ୨୦୨୩ ରେ ୩୨% ଏବଂ ୨୦୨୨ରେ ୮୮ ପ୍ରତିଶତ ରହିଥିଲା।

# ଆଦିତ୍ୟ ଆଲୁମିନିୟମର ଇଭି ବଲ୍‌କରସ୍ ଓ ଚାର୍ଜିଂ ଷ୍ଟେସନ ଉଦ୍‌ଘାଟିତ

**ଭୁବନେଶ୍ୱର,୧୭।୧(ସମିସ):** ଆଲୁମିନିୟମ ଓ ତମ୍ବାରେ ବିଶ୍ୱରେ ଅଗ୍ରଣୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏକ ସହଯୋଗୀ କମ୍ପାନୀ ଆଦିତ୍ୟ ଆଲୁମିନିୟମ ତାହାର ଲପଙ୍ଗାସ୍ଥିତ କାରଖାନାରୁ ଫ୍ଲାଏ ଆଶ୍ ନିକଟସ୍ଥ ସିମେଣ୍ଟ ପ୍ଲାଣ୍ଟକୁ ଯୋଗାଣ ନିମନ୍ତେ ଏକ ୫-ବର୍ଷିଆ ଚୁକ୍ତି ସ୍ୱାକ୍ଷର କରିଛି। କମ୍ପାନୀ ମଧ୍ୟ ଫ୍ଲାଏ ଆଶ୍ ବୋଝେଇ ସ୍ଥଳ ନିକଟରେ ଦୁଇଟି ବଲ୍‌କର ରିଚାର୍ଜ ଷ୍ଟେସନ ଉଦ୍‌ଘାଟନ କରିଛନ୍ତି, ଯାହା ଏହାର ଇତିହାସରେ ପ୍ରଥମ ପଦକ୍ଷେପ। ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାରର ଫଳସ୍ୱରୂପ କମ୍ପାନୀ ୩୫୦୦ ଟନ୍ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା ଆଶା ରଖିଛି, ଏବଂ ଏହା ପରିବହନ ଖର୍ଚ୍ଚ ବାବଦରେ ୧.୫ କୋଟି ଟଙ୍କା ସଞ୍ଚୟ କରିବାରେ ସହାୟକ ହେବ। ଏଥିସହିତ ଦୀର୍ଘସ୍ଥାୟିତା ଏବଂ କାର୍ବନ ନ୍ୟୁଟ୍ରାଲିଟି ତ୍ୱରାନ୍ୱିତ କରିବା ଦିଗରେ ବିଶ୍ୱସ୍ତରରେ ପ୍ରୟାସର ଅଂଶ ଭାବରେ ଆଦିତ୍ୟ ଆଲୁମିନିୟମ ତ୍ୱରିତ ଭାବରେ ତାହାର ଡିଜେଲ



ଯାନଗୁଡିକ ସ୍ଥାନରେ ଇଭି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ନେଟ୍-ଜିରୋ ନିର୍ଗମନ ଲକ୍ଷ୍ୟ ହାସଲ ଦିଗରେ ହିଣ୍ଡାଲ୍‌କୋର ପ୍ରତିବଦ୍ଧତା ସହିତ ମେଳ ଖାଉଛି ଏବଂ ଫ୍ଲାଏ ଆଶ୍ ଭଳି ବର୍ଜ୍ୟ ପଦାର୍ଥକୁ ସିମେଣ୍ଟ ଉତ୍ପାଦନରେ ବ୍ୟବହାର କରି ଏକ ଆବର୍ତ୍ତୀ ଅର୍ଥନୀତି ନିମନ୍ତେ ଏହାର ଉତ୍ସର୍ଗୀକୃତ ଭାବକୁ ପ୍ରଦର୍ଶନ କରୁଥିବା ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର (ମୁଖ୍ୟ) ସମ୍ବଲପୁର କ୍ଲଷ୍ଟର କୈଳାସ ପାଣ୍ଡେ କହିଛନ୍ତି।